


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-126 ◆SUNDAY ◆2 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୬ ◆ରବିବାର ◆୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ମନ୍ଦିରରେ ଦଳାଚକଟା ୧୨ ଶ୍ରଦ୍ଧାଳୁ ମୃତ





**୫୦ରୁ ଉର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ୍, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୧୦

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ।ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।ଖବରପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

# ବିଶ୍ୱକପ୍ ଫାଇନାଲ ଆଜି

ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଫାଇନାଲରେ ବିଜୟୀ ଦଳ ପ୍ରଥମଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିବ।

ଅଧିକ ବିବରଣୀ ପୃଷ୍ଠା-୧୨




### ଏମିତି ବି ଆସେ ମୃତ୍ୟୁ ...

## ବସ୍‌ରେ ଚାଳକଙ୍କୁ ହୃଦ୍‌ଘାତ




**ଅଳ୍ପକେ ବର୍ତ୍ତିଗଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ**

■ **ବୋଲଗଡ଼, ୧।୧୧ (ସମିସ):** ଏମିତି ବି ଆସେ ମୃତ୍ୟୁ! ବସ୍ ଚଳାଉ ଚଳାଉ ହୃଦ୍‌ଘାତରେ ଟଳିପଡ଼ିଲେ ଚାଳକ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡ ବଜାରଠାରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ତେବେ ବସ୍‌ରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ମୃତ ବସ୍ ଚାଳକ ହେଲେ, ସ୍ଥାନୀୟ ଗୋଡ଼ିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁଅ ଶରତ ଚନ୍ଦ୍ର ମାର୍ଥା (୫୫)। ତାଙ୍କ ଘର ଗୋଡ଼ିଆଳି ଗ୍ରାମରେ। ଦୀର୍ଘ ବର୍ଷ ହେଲା ସେ ସପରିବାର ଚୂଡ଼ା ଗ୍ରାମରେ ରହି ଆସୁଥିଲେ।

ସୂଚନାନୁଯାୟୀ, 'ବିଶାଖା' (ଓଡ଼ି-୦୨ ଏବି ୦୫୯୯) ନାମକ ବସ୍‌ଟି ମହିଳା, ପୁରୁଷ ଓ ଛୋଟ ଛୁଆଙ୍କ ସମେତ ପ୍ରାୟତଃ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ସୋରଡ଼ା ଭଞ୍ଜନଗର ଯାଉଥିଲା। ବୋଲଗଡ଼ ଷ୍ଟାଣ୍ଡରେ ଗାଡ଼ିଟି ରହଣି କରିଥିଲା। ଏହି ସମୟରେ ବସ୍ ଚାଳକ ▶ପୃଷ୍ଠା-୧୦

**ପୁଲିସ ଚାକିରି ବେପାର**

## ନେପାଳ ସୀମାରୁ ମାଷ୍ଟରମାଇଣ୍ଡ ଶଙ୍କର ଗିରଫ




**ଗିରଫଦାରୀ ସଂଖ୍ୟା ୧୨୪ ଛୁଇଁଲା**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଶେଷରେ ଧରାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଶନିବାର ବିଳମ୍ବିତ ରାତିରେ ତାକୁ ଉତ୍ତରାଖଣ୍ଡ-ନେପାଳ ସୀମାବର୍ତ୍ତୀ ଏକ ଅଞ୍ଚଳରୁ ଗିରଫ କରିଛି। ଚାକିରି କେଲେଙ୍କାରୀ ସାମ୍ନାକୁ ଆସିବା ପରଠାରୁ ସେ ଫେରାର୍ ଥିଲା। ଏକାଧିକ ଠିକଣା ବଦଳାଇ ଶେଷରେ ଉତ୍ତରାଖଣ୍ଡରେ ଲୁଚିଥିଲା। ଏଠାରୁ ସେ ନେପାଳ ଖସିଯିବାକୁ ମଉକା ଖୋଜୁଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାର ଗୁପ୍ତ ଠିକଣାରେ ଚଢ଼ଉ କରିଥିଲା। ତାକୁ ସେଠାରୁ ଗିରଫ କରାଯାଇଛି। ନେପାଳରୁ ସେ ଦୁବାଇ ଖସିଯିବାକୁ ଯୋଜନା କରୁଥିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି। ଶଙ୍କରକୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବ। ଚାକିରି ବିକ୍ରି ମାମଲାର ପର୍ଦ୍ଦାଫାସ କରିବାକୁ କ୍ରାଇମ୍‌ବ୍ରାଞ୍ଚ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରିଛି। ଶଙ୍କର ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ମୋଟ ୧୨୪ରେ ପହଞ୍ଚିଛି।

ଏହି ଜାଲିଆତି କିପରି ହେଲା। କେଉଁ ପର୍ଯ୍ୟାୟରେ କେଉଁମାନେ ତାଙ୍କ ସହ ସାମିଲ ହୋଇ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବାକୁ ଷଡଯନ୍ତ୍ର ରଚିଥିଲେ। ଗିରଫ ହୋଇଥିବା ଆଶାୟୀଙ୍କୁ ବିଶାଖାପାଟଣା ରଖିବା ପାଇଁ କିଏ ▶ପୃଷ୍ଠା-୧୦

## ଜାଭେଦ ଅଖତର୍‌ଙ୍କୁ ସୋଆ ସାହିତ୍ୟ ସମ୍ମାନ



■ **ଭୁବନେଶ୍ୱର, ୧।୧୧ (ସମିସ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ ଜଗତକୁ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସୋଆ 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର୍ ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି। ▶ପୃଷ୍ଠା-୧୦

### ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ

## ରାଜଧାନୀରେ ବି ଗୁଣିଗାରେଡ଼ି ପାଇଁ ହତ୍ୟା




**ଧରାପଡ଼ିଲେ ଦୁଇ ଅଭିଯୁକ୍ତ**

**'ବାପାଙ୍କ ମୃତ୍ୟୁ ପାଇଁ ସେ ଦାୟୀ'**

■ **ଭୁବନେଶ୍ୱର, ୧।୧୧ (ସମିସ):** ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ତାଙ୍କୁ ହତ୍ୟା କରି ପୋତିଦେଇଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)। ଗୁଣିଗାରେଡ଼ି ସନ୍ଦେହରେ ବଳରାମଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୁକ୍ତ ଦ୍ୱୟ ପ୍ରକାଶ କରିଛନ୍ତି। ସେମାନଙ୍କର ଏଭଳି ସ୍ୱୀକାରୋକ୍ତି ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି। ପଛୁଆ ଓ ଦୁର୍ଗମ ଅଞ୍ଚଳରେ ଘଟୁଥିବା ଏଭଳି ବୀଭତ୍ସ କାଣ୍ଡ ରାଜଧାନୀକୁ ଛୁଇଁଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ▶ପୃଷ୍ଠା-୧୦

# ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

### ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ▶ପୃଷ୍ଠା-୧୦




## ଆଳି-ପୋଡ଼ାମରାଇ ରାସ୍ତା ଶୋଚନୀୟ

# ଜମି ରହୁଛି ପାଣି; ଯାତାୟାତରେ ସମସ୍ୟା

**ଆଳି, ୧।୧୧(ସମିସ)**



ଆଳି ଆଠକୋଣିଆ ଛକରୁ ମେଣ୍ଟପୁର ପଞ୍ଚାୟତର ପୋଡ଼ାମରାଇ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ଦେଖାଯାଇଛି। ମୁଖ୍ୟତଃ ଆଳି ଆଠକୋଣିଆ ଛକ ନିକଟରୁ କଳାପାହାଡ଼ ଓ ସେହିଠାରୁ ଉକ୍ତ ଗ୍ରାମର ଶେଷ ପର୍ଯ୍ୟନ୍ତ ବହୁ ସ୍ଥାନରେ ବର୍ଷା ଜଳ ଜମି ରହିବା ସହ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଜମି ରହିବା ଫଳରେ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ରାସ୍ତା ପାଖରେ ଥିବା ଘର ମୁହଁରେ ପାଣି ଜମି ରହିବା ଫଳରେ ସରୀସୃପ ଘର ଭିତରକୁ ପଶିଯିବା ଭୟରେ ଲୋକେ ରହୁଛନ୍ତି।

ରାସ୍ତାରେ ପାଣି ଜମି ରହିବା ଫଳରେ ସେହି ବାଟ ଦେଇଯାଉଥିବା ଯାତ୍ରୀ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ଆଗରୁ ରସ୍ତା କଡ଼ ଖାଲି ଥିଲା। ତେଣୁ ଜଳ ନିଷ୍କାସନ ହେବାରେ ଅସୁବିଧା ହେଉ ନ ଥିଲା। ଧୀରେ ଧୀରେ ବାସଗୃହ ଗଢି ଉଠିବା ଫଳରେ ଜଳ ନିଷ୍କାସନ ବାଟ ବନ୍ଦ ହୋଇଯାଇଛି। ବର୍ଷାଋତୁ ଆସିଲେ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତରେ ହୀନସ୍ତା ଭୋଗୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି। ଏହି ରାସ୍ତା ୫ଟି ପଞ୍ଚାୟତର ମୁଖ୍ୟରାସ୍ତା। ଦୈନିକ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟାତ କରନ୍ତି। ଏପରିକି ଏହି ରାସ୍ତା ଦେଇ ରାଜନଗରକୁ ଯିବାକୁ ବାଟ କମ୍ ହେଉଥିବାରୁ ଏହି ବାଟ ଦେଇ ଦୂରଦୂରାନ୍ତର ଲୋକେ ଯାତାୟାତ କରନ୍ତି। ହେଲେ ରାସ୍ତା ଖରାପ ଥିବାରୁ ଯାତାୟାତ କଷ୍ଟକର ହୋଇପଡ଼ିଛି। ପୂର୍ତ୍ତ ବିଭାଗକୁ ବାରମ୍ବାର ଦାବି କରିବା ପରେ କେହି ଶୁଣୁ ନ ଥିବା ନେଇ ଅଭିଯୋଗ ହୋଇଛି। ରାସ୍ତାରୁ ଜଳ ନିଷ୍କାସନ ହେଉ ନ ଥିବାରୁ ପରିସ୍ଥିତି ଏପରି ହେଉଥିବା ସ୍ଥାନୀୟ ଅଞ୍ଚଳର ସେକ ରିଜା ଏହମଦ, ସେକ ଲୁତଫାନ, ରାସିଦ, ଏକବାଲ ଖାନ, ସେକ ସାକିବ, ଗୁଲଫାମ ଖାନ, ସେକ ନଜିମ, ସେକ ତଫିଜ, ସେକ ଆବିଦ, ଫିରୋଜ ଖାନ, ମହମ୍ମଦ ତାରିକ ଆଜିଜ୍, ଆଜିମ ଖାନ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନେଇ ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ କୃପାସିନ୍ଧୁ ଧଳଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ପାର୍ଶ୍ୱରେ ଉଚ୍ଚା କୋଠା ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ସେ ସ୍ଥାନୀୟ ସରପଞ୍ଚ ଓ ଆଳି-ମହୁ ରାସ୍ତା ଠିକାଦାରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

## ବଳଦେବଜୀଉଙ୍କ ମଧୁଦାନବ ବଧ ବେଶ



**କେନ୍ଦ୍ରାପଡ଼ା, ୧।୧୧(ସମିସ):** ଆଜି ପବିତ୍ର କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ମହାପ୍ରଭୁ ବଳଦେବଜୀଉ ମଧୁଦାନବ ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ସମୟରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ଏହି ମନୋରମ ବେଶ ଦେଖିବାକୁ ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଶଙ୍ଖଧ୍ୱନି, ଘଣ୍ଟା ଓ ଜୟଧ୍ୱନିରେ ମନ୍ଦିର ପରିସର ପରିପୂର୍ଣ୍ଣ ହୋଇଯାଇଥିଲା। ପୌରାଣିକ କିମ୍ବଦନ୍ତୀ ଅନୁସାରେ, ମଧୁ ନାମକ ଦାନବ କନ୍ଦରାସୁରର ସେନାପତି ଥିଲା ଓ ଅଧର୍ମ ଓ ବେଧର୍ମି କାର୍ଯ୍ୟରେ ଲିପ୍ତ ଥିଲା। ତା'ର ଅତ୍ୟାଚାର ଦେଖି ପ୍ରଭୁ ବଳଦେବଜୀଉ ହଳ ଓ ମୁଷଳ ଧାରଣ କରି ମଧୁଙ୍କୁ ବଧ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ମଧୁ ଦାନବର ବଧ ପରେ ସାଗରର ଏକ ଅଂଶକୁ 'ମଧୁ ସାଗର' ନାମ ଦିଆଯାଇଥିଲା। ଏହି ବେଶ ମାଧ୍ୟମରେ ପ୍ରଭୁ ବଳଦେବଜୀଉଙ୍କ ଶକ୍ତି, ଧର୍ମ ପ୍ରତି ସମର୍ପଣ ଓ ଅଧର୍ମ ଉପରେ ବିଜୟର ସନ୍ଦେଶ ଭକ୍ତଙ୍କ ମନକୁ ସ୍ପର୍ଶ କରିଥିଲା।

## କବିସୂର୍ଯ୍ୟବ୍ରହ୍ମାଙ୍କ ମଠରେ ଶ୍ରୀରାଧାଙ୍କ ପାଦଦର୍ଶନ



**ଡେରାବିଶ, ୧।୧୧(ସମିସ):** ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳସ୍ଥ ସଦାନନ୍ଦ କ ବି ସୂ ର୍ଯ ୍ୟବ୍ର ହ୍ମା ଙ୍କ ମଠରେ ରାସେଶ୍ୱରୀ ଦେବୀ (ରାଧାରାଣୀ)ଙ୍କ ପାଦ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ରାଧେ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ରାସେଶ୍ୱରୀ ରସିକରା ନିତ୍ୟସେବା ସମିତି ପବିତ୍ରପଡ଼ା ଆନୁକୂଲ୍ୟରେ ମା' ରାସେଶ୍ୱରୀ ଦେବୀଙ୍କ ଓଡ଼ିଆଣୀ ବେଶ ଓ ଶ୍ରୀପାଦ ଦର୍ଶନ ଉତ୍ସବ ପବିତ୍ର ଅଁଳା ନବମୀରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ଶ୍ରୀଜୀଉଙ୍କ ଶୋଡ଼ଷ ଉପଚାରରେ ପୂଜା, ଅଁଳା ବୃକ୍ଷ ପୂଜା, ହୋମଯଜ୍ଞ, ଅନ୍ନନୀତି, ଆରତୀ ଇତ୍ୟାଦି ଅନୁଷ୍ଠିତ ହେବା ପରେ ମଠ ପରିସରରେ ଥିବା ମା ରାସେଶ୍ୱରୀ ଦେବୀଙ୍କ ଓଡ଼ିଆଣୀ ବେଶରେ ଶ୍ରଦ୍ଧାଳୁ ଶ୍ରୀପାଦ ଦର୍ଶନ କରିଥିଲେ। ଏଥିଅବସରରେ ଭଜନ ପରିବେଶଣ କରାଯାଇଥିଲା। ଏହି ଉତ୍ସବକୁ ନିତ୍ୟାସେବା ସଭାପତି ଧିରେନ ମହାନ୍ତି, ସମ୍ପାଦକ ରଘୁନାଥ ଦାସ, ଉପଦେଷ୍ଟା ଗୁଣନିଧି ତ୍ରିପାଠୀ, ଜାନକୀବଲ୍ଲଭ ଦାସ, ଟ୍ରଷ୍ଟି ବିଜୟ ନାୟକ, ସୁଧିର ମହାନ୍ତି, ରାଜେନ୍ଦ୍ର ସିଂ ପ୍ରମୁଖ ପରିଚାଳନା କରିଥିଲେ।

## କୃଷକ ନେତା ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ, ୧।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୧୮ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କ ପିତା ଉତ୍ତିକଣ ଅଞ୍ଚଳ ତଥା ଶାସନ ଗ୍ରାମର ବିଶିଷ୍ଟ କୃଷକ ନେତା ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଚିତ୍ତରଞ୍ଜନ, ସୁଦର୍ଶନ, ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଶାସନ ସରପଞ୍ଚ ସଂଗ୍ରାମ ବାରିକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପରିଡ଼ା, ଅଶୋକ ପରିଡ଼ା, ପୂର୍ବତନ ସମିତି ସଭ୍ୟ ଲଳିତ ଧଳ, ଭବାନୀ ଦାଶ, ଗଗନ ଭୂୟାଁ, ନିମପୁର-ଶାସନ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ତପନ ରାୟ, ରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ନେତା ଡା ବାସୁଦେବ ପାତ୍ର, ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, ସଞ୍ଜୟ ସ୍ୱାଇଁ, ଅର୍ଜୁନି ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଉତ୍ତିକଣ ସଂଗ୍ରାମ ପରିଷଦ ଆବାହକ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କଖାରୁଣୀରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ପଟ୍ଟାମୁଣ୍ଡାଇ, ୧।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଗ୍ରାମର ଧନେଶ୍ୱର ଜେନାଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସମେତ ସମସ୍ତ ଆସବାବପତ୍ର, ଧାନ ଚାଉଳ, ମୁଗବିରି, ସୁନା ରୁପା ଅଳଙ୍କାର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇରୁ ଦମକଳ ଗାଡ଼ି ଯାଇ ନିଆଁକୁ ଆୟତ୍ତ କରିଥିଲା। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## କ୍ଲଷ୍ଟରସ୍ତରୀୟ ଶିକ୍ଷକଙ୍କ ମାସିକ ବୈଠକ





**ପଞ୍ଚୁପାଣ୍ଡବ, ୧।୧୧(ସମିସ):** ଡେରାବିଶ ବ୍ଲକ ଅଧୀନ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର କ୍ଲଷ୍ଟରସ୍ତରୀୟ ଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ୮ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସିଆରସିସି ମାମୁନି ସିଂ ଶ୍ରେଣୀ ଶିକ୍ଷାଦାନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଲିଲିମା ପୃଷ୍ଟି, ଉର୍ମିଳା ସାହୁ, ହୃଷିକେଶ ମହାରଣା, ମିର୍ ମୋଜିବୁର ରହେମାନ, ମମତା ସାହୁ, ପ୍ରଦୀପ ବେହେରା, କାଳନ୍ଦୀ ନାୟକ, ଯମୁନା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ



**ରାଜକନିକା, ୧।୧୧(ସମିସ):** ଜୟନଗର ପଞ୍ଚାୟତ କୁଜିପୁର ଗ୍ରାମର ଯୁବ ସମାଜସେବୀ ନରୋତ୍ତମ ଦାସ (୪୨)ଙ୍କ ଅକାଳ ବିୟୋଗ ଘଟିଛି। ନରୋତ୍ତମ ଶୁକ୍ରବାର ଦିନ ଘରକୁ ଫେରି ଶନିବାର ସକାଳେ ବାଡ଼ ବାନ୍ଧୁଥିବାବେଳେ ହୃଦ୍‌ଘାତରେ ଶିକାର ହୋଇଥିଲେ। ପରିବାର ଲୋକ ତାଙ୍କୁ ରାଜକନିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଦାସ ସ୍ଥାନୀୟଅଞ୍ଚଳର ସମସ୍ୟା ନେଇ ସ୍ୱର ଉତ୍ତୋଳନ କରିଆସୁଥିବାବେଳେ ଗ୍ରାମୀଣ ବିକାଶ ଦାବିରେ ବହୁବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ। କୃଷିଜାତ ଦ୍ରବ୍ୟର ପରିଚାଳନା ପାଇଁ ସ୍ଥାନୀୟ ହାଟର ଉନ୍ନତି, ଜନସଚେତନତା ସୃଷ୍ଟି କରିବା ସହ ଜଣେ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଜିଲ୍ଲା କଂଗ୍ରେସ ଅଧ୍ୟକ୍ଷା ଦେବସ୍ମିତା ଶର୍ମା ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ସାମ୍ବାଦିକ ସୁକାନ୍ତ ଦାଶ, ଆଡଭୋକେଟ ଶେଷଦେବ ନାୟକ, ପର୍ଶୁରାମ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାଞ୍ଛାନିଧି ସୂତାର, ବେଣୁଧର ସାହୁ, ପୁଲିସ ଅଧିକାରୀ ରଞ୍ଜନ ମଲ୍ଲିକ, ପ୍ରଫେସର ସୁବାସ ଜେନା, କମଳାକାନ୍ତ ବିଶ୍ୱାଳ, ଚନ୍ଦ୍ରମଣି ମଲ୍ଲିକ, ମନୋରମା ପଡ଼ିହାରୀ, ଆଡଭୋକେଟ ଦେବେନ୍ଦ୍ର ପ୍ରଧାନଙ୍କ ଆଳି କନିକା ଉନ୍ନୟନ ପରିଷଦର ସଦସ୍ୟ ଶୋକ ପ୍ରକାଶ କରିଛନ୍ତି।

## ସାମ୍ବାଦିକ କରୁଣାକର କରଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୧।୧୧(ସମିସ):** ସାମ୍ବାଦିକ କରୁଣାକର କରଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଦୀପଦାନ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହିମାଂଶୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାମ୍ବାଦିକ ସ୍ୱର୍ଗତ କରଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ କର ଡେରାବିଶ ଅଞ୍ଚଳରେ ସାମାଜିକ, ସାଂସ୍କୃତିକ ଓ ସ୍ଥାନୀୟ ଅଞ୍ଚଳର ବିକାଶ କରିବା ପାଇଁ ନିୟମିତ ସମ୍ବାଦ ପରିବେଷଣ କରୁଥିଲେ। ସାମ୍ବାଦିକ ସଂଘର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଧାକାନ୍ତ ମହାନ୍ତି, ମନୋଜ ସ୍ୱାଇଁ, ମାତୃଦତ୍ତ ମହାନ୍ତି, ରବିନାରାୟଣ ପତି, ଦୁର୍ଗାପ୍ରସାଦ ପତି, ସନ୍ତୋଷ ପଣ୍ଡା, ସୋମନାଥ ସାହୁ, ଉମାକାନ୍ତ ମହାପାତ୍ର, ସରୋଜ ପରିଡ଼ା, ନୟନମଣି ସାମଲ, ବୀରେନ ଦାସ, ନମିତା ନାୟକ, ରଞ୍ଜନ ସାହୁ, ପିନାକୀ ସାମନ୍ତରାୟ, ସନ୍ତୋଷ ପୋଥାଳ, ମାନସ ମଲ୍ଲ, ଲକ୍ଷ୍ମୀକାନ୍ତ ନାୟକ, ମହେଶ ପାଢ଼ୀ, ଆଇନଜୀବୀ ବିଦ୍ୟୁଭୂଷଣ ମହାପାତ୍ର ଓ ନଗେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଦାନପୁରରେ ବିଏସ୍‌ଏନ୍‌ଏଲ୍ ସେବାରେ ବିଭ୍ରାଟ

**ଡେରାବିଶ, ୧।୧୧(ସମିସ):** ଡେରାବିଶ ବ୍ଲକ ଦାନପୁର ଅନ୍ତର୍ଗତ ଦାନପୁର ଟେଲିଫୋନ୍ ଏକ୍ସଚେଞ୍ଜ ଅଧୀନରେ ବିଏସଏନଏଲ ମୋବାଇଲ୍ ସେବାରେ ଗୁରୁତର ବିଭ୍ରାଟ ହେଉଥିବା ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଦାନପୁର ବିଏସଏନ୍‌ଏଲ ଟାୱାର ନିକଟରୁ ମାତ୍ର ୫୦୦ ମିଟର ଦୂରରେ ରହୁଥିବା ଗ୍ରାହକ ଉମେଶ ଚନ୍ଦ୍ର ପଣ୍ଡା ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଫଳଶୂନ। ଏହି ଅଞ୍ଚଳରେ ରହିଥିବା ବିଏସ୍‌ଏନ୍‌ଏଲ ଗ୍ରାହକଙ୍କ ମୋବାଇଲରେ ନେଟୱାର୍କ ବହୁ ସମୟରେ ଆସୁ ନ ଥିବାବେଳେ ମୋବାଇଲରେ ସଠିକ୍ ଭାବେ ସଂଯୋଗ ହୋଇପାରୁନାହିଁ। ଏପରିକି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ କଟିଗଲେ ସେହି ସମୟରେ ମୋବାଇଲ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଇଣ୍ଟରନେଟ୍ ସେବା କଥା ନ କହିଲେ ଭଲ। ଏ ଅଞ୍ଚଳରେ ଗ୍ରାହକଙ୍କ ମୋବାଇଲ୍‌ରେ ଇଣ୍ଟରନେଟର ବେଗ ଖୁବ୍ ଧୀର ହୋଇଥିବାବେଳେ ସମୟ ସମୟରେ ଆଦୌ ଆସୁନାହିଁ। ଏପରିକି ବହୁ ଗ୍ରାହକ ବିଏସଏନ୍‌ଏଲ୍ ସେବାରେ ଅତିଷ୍ଠ ହୋଇ ସେମାନଙ୍କ ସିମ୍‌କୁ ଅନ୍ୟ କମ୍ପାନୀ ଅଧୀନକୁ ନେଇଯିବେ ବୋଲି ପ୍ରକାଶ କରିଛନ୍ତି। ତୁରନ୍ତ ବିଏସଏନ୍‌ଏଲ୍ କର୍ତ୍ତୃପକ୍ଷ ଦାନପୁର ଟାୱାରରେ ହେଉଥିବା ଯାନ୍ତ୍ରିକ ତ୍ରୁଟିରେ ସୁଧାର ଆଣି ଲୋକଙ୍କୁ ସଠିକ୍ ସେବା ଯୋଗାଇ ଦୋବାକୁ ଅଞ୍ଚଳର ବିଏସଏନଏଲ୍ ଗ୍ରାହକ ଦାବି କରିଛନ୍ତି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

## ଜିଲ୍ଲାସ୍ତରୀୟ ସଚେତନତା ସଭା ଓ ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ୧।୧୧(ସମିସ):** ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶନିବାର ଜିଲ୍ଲାସ୍ତରୀୟ ସାଧାରଣ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ଯୋଗ ଦେଇଥିଲେ। ଭିଜିଲାନ୍ସ ବିଭାଗ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଓ ପ୍ରଫେସର ନନ୍ଦକିଶୋର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ପରିଡ଼ା ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ବିଷୟରେ ଆଲୋଚନା କରି ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସତ୍ୟନିଷ୍ଠା ହେଉଛି ପ୍ରଗତିର ମୂଳାଧାର। ବିଶ୍ୱାସ, ଦାୟିତ୍ୱବୋଧ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦେଇ କାର୍ଯ୍ୟ କଲେ ଦୁର୍ନୀତି ହ୍ରାସ ପାଇପାରିବ ବୋଲି ଅତିଥିମାନେ କହିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣେଇ ସମାଜକୁ ସଚେତନ କରିବା ଆବଶ୍ୟକ। ସଭା ଶେଷରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଦକ୍ଷତା ଦେଖାଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗ କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ସକାଳେ ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ଏକ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା।

## ବିପର୍ଯ୍ୟୟ ପରିଚାଳନା ନେଇ ପିଇଓ ତାଲିମ ଶିବିର



**ପଟ୍ଟାମୁଣ୍ଡାଇ, ୧।୧୧(ସମିସ):** ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ଭାବେ ପରିଚିତ ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା, ଜିରୋ କାଜୁଆଲିଟି ଓ କ୍ଷୟକ୍ଷତି ହ୍ରାସ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନା ୨ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସଡମା ତାଲିମଦାତା ଅନନ୍ତ କର, ବାବୁଲାଲ କର, ନିରଞ୍ଜନ ସ୍ୱାଇଁ ପ୍ରମୁଖ ବିପର୍ଯ୍ୟୟ ଆଇନ ୨୦୦୫, ବିପର୍ଯ୍ୟୟ ସମୟରେ ପଞ୍ଚାୟତ, ଗୋଷ୍ଠୀର ଭୂମିକା, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ, ବିପର୍ଯ୍ୟୟ କ୍ଷୟକ୍ଷତି ସହାୟତା ଓ କ୍ଷୟକ୍ଷତି ହ୍ରାସ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବିଶ୍ୱାଳ, ଜ୍ୟୋତିରଞ୍ଜନ ସାମଲ, ସର୍ବେଶ୍ୱର ବରାଳ, ଅଶୋକ ଜେନା, ପ୍ରଭାତ ମଲିକ, ସୁରେନ୍ଦ୍ର ଦାସ, ପ୍ରକାଶ ସିଂହ, ମାଧବ ଦଳାଇ, ତପନ ପ୍ରଧାନ, ରଞ୍ଜିତ ପରିଡ଼ା, ରାଜନନ୍ଦିନୀ ବିଶ୍ୱାଳ, ଶୁଭଶ୍ରୀ ନାୟକ, ମମତା ମଲିକ, କୌଶଲ୍ୟା ଲେଙ୍କା ପ୍ରମୁଖ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ୪୮ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ତାଲିମ ନେଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସାର୍ଟିଫିକେଟ ଓ ତାଲିମ ପ୍ରାପ୍ୟ ପ୍ରଦାନ କରିଥିଲେ। ରଞ୍ଜିତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଚନ୍ଦନନଗରରେ ରାଷ୍ଟ୍ରୀୟ ଏକତା ଗଣଦୌଡ଼




**ପଟ୍ଟାମୁଣ୍ଡାଇ, ୧।୧୧(ସମିସ):** ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠ ଓ ଗ୍ରାମାଞ୍ଚଳ ଥାନା ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଓ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଓ ଚନ୍ଦନନଗର ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ ରାଉତଙ୍କ ଉଦ୍ୟମରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠଠାରୁ ଗଣଦୌଡ ଆରମ୍ଭ ହୋଇ ନୂତନ ଥାନା ନିକଟରେ ଶେଷ ହୋଇଥିଲା। ଏଥିରେ ସ୍କୁଲ ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଚନ୍ଦନନଗର ପିଏଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ହେମନ୍ତ ରାଉତ, ନିମପୁର-ଶାସନ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ତପନ ରାୟ, ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ, ସମାଜସେବୀ ନଳିନୀକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଗହୀରମଥାରୁ ଟ୍ରଲର ଜବତ; ୮ ମସ୍ୟଜୀବୀ ଗିରଫ




**ରାଜନଗର, ୧।୧୧(ସମିସ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସଞ୍ଜୀବ ଦାଶ, ମହନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ଏକକୂଳା ନିକଟରେ ଭାରତୀ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୨୫ କେଜି ମାଛ, ୧ଟି ଜିପିଏସ, ୨ଟି ଭିଏଚଏଫ, ୭ଟି ଜାଲ ଜବତ କରାଯାଇଛି। ଟ୍ରଲର ଥିବା ନଗେନ୍ଦ୍ର ମାଝୀ, ପୁରସ୍ତମ୍ ଜେନା, ବିମ୍ବାଧର ମାଝୀ, ଭରତ ଜେନା, ରାଜେଶ ଖଟୁଆ, ଅଜୟ ମାଝୀ, ଦୁଃଶାସନ ତରାଇ, ନନ୍ଦୁ ସିଂଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମସ୍ୟଜୀବୀ ବାଲେଶ୍ୱର ସଦର ଜିଲ୍ଲାର ବୋଲି ଜଣାପଡ଼ିଛି।

## ଜୁଆର ମାଡ଼ରେ ପେଣ୍ଠ ପଥର ବନ୍ଧ କ୍ଷତିଗ୍ରସ୍ତ

# ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ସ୍ଥିତି ଅନୁଧ୍ୟାନ

**ରାଜନଗର, ୧।୧୧(ସମିସ):** ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିଲା। ଫଳରେ ରାଜନଗର ବ୍ଲକର ପେଣ୍ଠ ନିକଟରେ ଉଚ୍ଚ ଜୁଆର ଉଠି ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ୱାଲ ଉପରେ ମାଡ଼ ହୋଇଥିଲା। ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବାକୁ ବାମ ଓ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥର ବନ୍ଧ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପଥର ବନ୍ଧ ଧସିବା ସହିତ ତାର ଜାଲି ଭିତରୁ ପଥର ବାହାରି ଯାଇଥିଲା ଓ ବନ୍ଧ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଜିଓ ସିନ୍ଥେଟିକ ୱାଲର ବାମ ପାର୍ଶ୍ୱରେ ପ୍ରାୟ ୧୫୦ ଫୁଟ ପଥର ବନ୍ଧ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦକ୍ଷିଣ ପାର୍ଶ୍ୱରେ ପାଖାପାଖି ୨୦ ଫୁଟ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିପଡ଼ିଛି। ଦୁଇଦିନ ତଳେ ଜିଲ୍ଲାପାଳ ରଘୁରାମ ଆର ଆୟାର ଆଳି ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ସାହୁଙ୍କ ସହ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ଜିଓ ସିନ୍ଥେଟିକ ୱାଲ ଓ ପଥର ବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ଜୁଆର ମାଡ଼ରେ ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଦେଖିବା ପରେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ କଥା ହୋଇଥିଲେ। ଆଜି ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ସାହୁ ପେଣ୍ଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଏହାର ମରାମତି କରାଯିବ ଓ ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏହି ଟିମ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ସ୍ୱାଇଁ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାମଲ, ଜୟଚନ୍ଦ୍ର ଜେନା, ନାରାୟଣ ମଲ୍ଲ, ଆଶିଷ କୁମାର ଜେନା ପ୍ରମୁଖ ସାମିଲ ଥିଲେ।





## ଐତିହାସିକ କଟକ ବାଲିଯାତ୍ରା-୨୦୨୫ ପ୍ରସ୍ତୁତି











# ଉପର ପଡ଼ିଆରେ ଯାତ୍ରା ପ୍ରସ୍ତୁତିକୁ ନେଇ ଅସନ୍ତୋଷ



କଟକ,୧।୧୧(ସମିସ):

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ। ତଳପଡିଆରେ ଏବେ ଜୋରଦାର୍ କାର୍ଯ୍ୟ ଜାରି ରହିଛି; କିନ୍ତୁ ଉପର ବାଲିଯାତ୍ରା ପଡ଼ିଆରେ ସେମିତି କୌଣସି ପ୍ରସ୍ତୁତି ହେଉ ନଥିବା ଦେଖିବାକୁ ମିଳିଛି। ଉପରପଡ଼ିଆକୁ ସିଧାସଳଖ ଭାବେ ପାର୍କିଂ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ କଟକବାସୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ଏହି ଘଟଣା ସମ୍ପର୍କରେ ଆଜି ମେୟର ସୁବାସ ସିଂ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଐତିହାସିକ ବାଲିଯାତ୍ରାର ଗୌରବକୁ ନେଇ କୌଣସି ପ୍ରକାରର ସାଲିସ କରାଯିବ ନାହିଁ। ଉପରପଡ଼ିଆରେ ଆଦୌ ଭାବେ ପାର୍କିଂ ହୋଇପାରିବ ନାହିଁ। ଉପରପଡ଼ିଆରେ କ'ଣ କାମ କରାଯିବ ତାହାର ସମୀକ୍ଷା କରାଯିବ। ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନ ଏଭଳି କୌଣସି ତ୍ରୁଟି ନ କରିବାକୁ ଅନୁରୋଧ କରାଯାଇଛି। ଉପରପଡ଼ିଆ ସହ ବାଲିଯାତ୍ରା ଜଡ଼ିତ ରହିଛି, ଏହାର ଗୌରବକୁ ବଜାୟ ରଖାଯାଉ ବୋଲି ଶ୍ରୀ ସିଂ କହିଛନ୍ତି। ଉପରବାଲିଯାତ୍ରା ପଡ଼ିଆରେ ୨୦୦ଟି ଷ୍ଟଲ କରାଯିବା ପାଇଁ ଯୋଜନା କରାଯାଇଥିବାବେଳେ ଏବେ ଯାଏଁ ମାତ୍ର ୧୮ ଟି ଷ୍ଟଲ୍‌ର ବୁକିଂ କରାଯାଇଛି। ଯେଉଁ ବ୍ୟବସାୟୀ ସେଠାରେ ଷ୍ଟଲ ନେବାକୁ ଚାହୁଁଛନ୍ତି ସେମାନେ ଆସିପାରିବେ ଏବଂ ଆବଶ୍ୟକଠାରୁ କମ୍ ଟଙ୍କାରେ ପ୍ଲଟ ଦିଆଯିବ। ଏଥିସହ ଉପରପଡ଼ିଆରେ ଦୋକି ବ୍ୟବସାୟୀଙ୍କ ପାଇଁ ବନ୍ଦୋବସ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## କଟକ କଲ୍‌ଚରାଲ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକ,୧।୧୧(ସମିସ): କଟକ କଳା ବିକାଶ କେନ୍ଦ୍ରଠାରେ ମା' ମଙ୍ଗଳା ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ପ୍ରଥମ କଟକ କାଲଚରାଲ ଫେଷ୍ଟିଭାଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ସଂଜୀତ କୁମାର



ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମାଜସେବୀ ତଥା ପରିବେଶବିତ୍ ସନ୍ତୋଷ କୁମାର ବେହେରା ଉଦ୍‌ଘାଟକ ଭାବେ ଏବଂ ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡାକ୍ତର ସମ୍ବିତ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୁରୁ ବିଭୁଦତ୍ତ ମଲ୍ଲ ସମ୍ପାଦକ ବିବରଣୀ ପ୍ରଦାନ କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଡ କ୍ଷମାମୟୀ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଙ୍କିତା ମଲ୍ଲ ଓ ଅନନ୍ୟା ମଲ୍ଲ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଗୁରୁ ବିନ୍ଦୁସାଗର ମହାପାତ୍ର, ଗୁରୁ ପ୍ରଦୀପ ମହାରଣା, ଗୁରୁ ସର୍ବେଶ୍ୱର ସ୍ୱାଇଁ, ଗୁରୁ କେଦାର ସ୍ୱାଇଁ, ଗୁରୁ ରବିନାରାୟଣ ସାମନ୍ତରାୟ, ଗୁରୁ ଶୁଭ୍ରାଙ୍ଗିନୀ ମାଲିକ, ଗୁରୁ କପିଳେଶ୍ୱର ମହାନ୍ତି, ଗୁରୁ ଲିଙ୍ଗରାଜ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଉତ୍ସବକୁ ଅନନ୍ୟା ମଲ୍ଲ, ଅଙ୍କିତା ମଲ୍ଲ,ଅମ୍ରିତା ନାୟକ, ସ୍ମୃତିରେଖା ବେହେରା,ଆନନ୍ଦିତା ଦାସ, ସଂବର୍ଦ୍ଧିକା ମିଶ୍ର, ଅନସୂୟା ପାତ୍ର ଓ ରିଦ୍ଧାଣି ସେନାପତି ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ କଳାକାରଙ୍କ ଦ୍ୱାରା ଓଡିଶୀ, ଲୋକ ନୃତ୍ୟ ଓ ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏସ୍‌ସିବିରେ ଚିକିତ୍ସା ଅବହେଳାରୁ ରୋଗୀମୃତ୍ୟୁ ଅଭିଯୋଗ

କଟକ,୧।୧୧(ସମିସ): ଏସ୍‌ସିବି ମେଡିକାଲରେ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଉଛନ୍ତି ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ରଶ୍ମିରଞ୍ଜନ ସାମଲ (୧୮)। ରଶ୍ମିରଞ୍ଜନ ଥାଲାସେମିଆ ରୋଗରେ ପୀଡ଼ିତ ଥିଲେ। ସେ ଗୁରୁତର ହୋଇପଡ଼ିବାରୁ କଟକ ବଡ଼ ଡାକ୍ତରଖାନା ହେମାଟୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ସନ୍ଧ୍ୟା ସମୟରେ ରଶ୍ମିରଞ୍ଜନ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ବାପା ଡାକ୍ତରଙ୍କୁ ଡାକିଥିଲେ। ମାତ୍ର ଜଣେ ସେବିକା ସେଠାକୁ ଆସି ଅକ୍ସିଜେନ୍ ଲଗାଇ ଦେଇ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ରଶ୍ମି ରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ତେବେ ଉପଯୁକ୍ତ ସମୟରେ ଡାକ୍ତର ଆସିଥିଲେ ହୁଏତ ପୁଅ ବଞ୍ଚିଯାଇଥାନ୍ତା ବୋଲି ବାପା ଅଭିଯୋଗ କରିଛନ୍ତି।

## ବିଡ଼ାନାସୀ ଥାନାକୁ ଶ୍ରେଷ୍ଠ 'ଶିଶୁମିତ୍ର ଥାନା ସମ୍ମାନ'



କଟକ,୧।୧୧(ସମିସ): କମିଶନରେଟ ପୁଲିସର ବିଡ଼ାନାସୀ ଥାନା ରାଜ୍ୟର ଶ୍ରେଷ୍ଠ ଶିଶୁମିତ୍ର ଥାନା ଭାବେ ସମ୍ମାନ ହାସଲ କରିଛି। ଥାନାରେ ମହିଳା ଓ ଶିଶୁଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା ଏବଂ କାର୍ଯ୍ୟପ୍ରକ୍ରିୟାକୁ ଆଧାର କରି ଏହି ଘୋଷଣା ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଡାନାସୀ ଥାନାଧିକାରୀ ଅସିତ କୁମାର ବଳନ୍ତରାୟଙ୍କୁ ଟ୍ରଫି, ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



କଟକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସରେ ଉପନିର୍ଦ୍ଦେଶକଙ୍କ ସହ କର୍ମଚାରୀଙ୍କ ସମୂହ ଶପଥପାଠ

## ଅନୁକମ୍ପା ନିଯୁକ୍ତି ପ୍ରଦାନ ନେଇ ଅଦାଲତଙ୍କ ନିର୍ଦ୍ଦେଶ ଅବମାନନା

କଟକ, ୧।୧୧(ସମିସ): ଅନୁକମ୍ପା ନିଯୁକ୍ତି ପ୍ରଦାନ ମାମଲାରେ ଏକ ନିର୍ଦ୍ଦେଶକୁ ପାଳିତ ହୋଇ ନଥିବା ନେଇ ରୁଜୁ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କ୍ଷମପ୍ରଭା ନାୟକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଅଦାଲତଙ୍କ ଗତ ଅଗଷ୍ଟ ୧୮ର ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କହିଛନ୍ତି। ଆବେଦନକାରୀଙ୍କ ସ୍ୱାମୀ ଏକ ସରକାରୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରାଣ ହରାଇଥିଲେ। ୮ ବର୍ଷର ଝିଅ ଏବଂ ୭୨ ବର୍ଷର ବିଧବା ମା'ଙ୍କ ପଛରେ ରହିଥିବାରୁ ମହିଳା ଜଣକ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଆବେଦନ ଦାଖଲ କରିବାରେ ବିଳମ୍ବ ପାଇଁ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ଗତ ୧୨.୦୪.୨୦୨୪ରେ ଦାବି ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ମହିଳା ହାଇକୋର୍ଟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ। ହାଇକୋର୍ଟ ଗତ ଅଗଷ୍ଟ ୧୮ ରେ ଆବେଦନକାରୀଙ୍କୁ ଆଠ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା କାର୍ଯ୍ୟକାରୀ ନହେବାରୁ ସେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ସାରଳା ଭବନରେ ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା

# ସଚ୍ଚି ରାଉତରାୟ ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ

କଟକ,୧।୧୧(ସମିସ):

ସାରଳା ଭବନଠାରେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦର ମିଳିତ ସହଯୋଗରେ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ବିଶିଷ୍ଟ ସାହିତ୍ୟିକ ଜଷ୍ଟିସ ଶଶିକାନ୍ତ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଦବପୁର ବିଶ୍ୱ ବିଦ୍ୟାଳୟର ଇଂରାଜୀ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଶାଶ୍ୱତୀ ହାଲଦାର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ



ଏକାଡେମୀର ସଚିବ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେବା ସହିତ ସଚ୍ଚି ରାଉତରାୟଙ୍କ ସାରସ୍ୱତ ପ୍ରତିଭା ଉପରେ କହିଥିଲେ। ସେ ସଚ୍ଚି ବାବୁଙ୍କୁ ଏକାଧାରରେ ଜଣେ ଅସାଧାରଣ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ ଭାବେ ଅଭିହିତ କରିଥିଲେ। ସ୍ମାରକୀ ବକ୍ତୃତା ପ୍ରଦାନ କରି ପ୍ରଫେସର ହାଲଦାର କହିଲେ ଯେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ତାଙ୍କ କାବ୍ୟଜଗତ ଥିଲା ବହୁ ବର୍ଣ୍ଣବିଭାରେ ସମୁଜ୍ଜ୍ୱଳ। ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ସେ ଯେଉଁ ପରୀକ୍ଷା ନିରୀକ୍ଷା କରି ଯାଇଛନ୍ତି, ତାହା ଆଗାମୀ ପିଢ଼ିପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ମୁଖ୍ୟ ଅତିଥି ଜଷ୍ଟିସ ମିଶ୍ର କହିଲେ, ସଚ୍ଚି ରାଉତରାୟଙ୍କ କାବ୍ୟ ପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। ସେ ସଚ୍ଚି ବାବୁଙ୍କୁ ଜଣେ ଜୀବନଧର୍ମୀ କବି ରୂପେ ଅଭିହିତ କରିଥିଲେ ଓ ସାମ୍ୟବାଦୀ ଚେତନାର ଭଗୀରଥ ବୋଲି କହିଥିଲେ। ତାଙ୍କ ଗଳ୍ପ ସଂକଳନ 'ମଶାଣିର ଫୁଲ', 'ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ' ପ୍ରଭୃତି ଓଡ଼ିଆ ସାରସ୍ୱତ ଜଗତରେ ଏକ ମାଇଲ ସ୍ତମ୍ଭ ସଦୃଶ। ସମ୍ମାନିତ ଅତିଥି ସଚ୍ଚି ରାଉତରାୟଙ୍କ ସୁପୁତ୍ର ଶ୍ରୀହର୍ଷ ରାଉତରାୟ ପିତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଡକ୍ଟର ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ, ସଚ୍ଚି ରାଉତରାୟ ଆନ୍ତର୍ଜାତୀୟ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ଓଡ଼ିଆ ଭାଷାରେ ଯେଉଁ କବିତା ରଚନା କରିଛନ୍ତି, ତାହା ସର୍ବକାଳୀନ ହୋଇପାରିଛି। ସଚ୍ଚି ବାବୁଙ୍କ ବାଜି ରାଉତ କାବ୍ୟ ହରିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ହୋଇ ବିଶ୍ୱ ସାହିତ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ମଞ୍ଚ ସଞ୍ଚାଳନରେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକଙ୍କ ସହ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ସାଂସ୍କୃତିକ ସଂଗଠକ ବ୍ରହ୍ମାନନ୍ଦ ମହାନ୍ତି, ଡଃ ଅକ୍ଷୟ ଦାଶ, କବୀ ଛବିରାଣୀ ପତି, କବୀ ପ୍ରିୟତମା ସାହୁ, କବୀ କାନ୍ତିବାଳା ନାୟକ, ଅଧ୍ୟାପକ କ୍ଷୀରୋଦ ସାହୁ, ବ୍ରଜକିଶୋର ବେଉରା ସହାୟତା କରିଥିଲେ। ସଂସଦର ସଂପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଅଟୋ ଚାଳକଙ୍କୁ ଛୁରାମାଡ଼ ଘଟଣା: ୨ ଗିରଫ

କଟକ,୧।୧୧(ସମିସ): ଭଡ଼ାରେ ନଯିବାକୁ କେନ୍ଦ୍ରକରି ଜଣେ ଅଟୋ ଚାଳକଙ୍କୁ ଛୁରାମାଡ଼ ଘଟଣାରେ ବାଦାମବାଡି ଥାନା ପୁଲିସ ଆଜି ୨ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ରାଜାବଗିଚା ଅଞ୍ଚଳର ବାବୁଲା ବେହେରା ଓ ଅଜିତ ବେହେରା। ଅଭିଯୁକ୍ତଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ରାଜାବଗିଚା ଅଞ୍ଚଳର ଦୀପ୍ତିରଞ୍ଜନ ବେହେରା ଏକ ଅଟୋ ଚଲାନ୍ତି। ସେହି ସାହିର ବାବୁଲା ବେହେରା କୌଣସି ଏକ କାମରେ ତାଙ୍କ ଅଟୋକୁ ଭଡ଼ାରେ ନେବ ବୋଲି ଗତ ଗୁରୁବାର କହିଥିଲା। ମାତ୍ର ସେ ଠିକ ସମୟରେ ଭଡାରେ ଯିବାକୁ ମନା କରିଦେଲେ। ଫଳରେ ବାବୁଲା ହଇରାଣ ହୋଇଥିଲା। ଠିକ ସମୟରେ ତାର କାମ ହୋଇପାରି ନଥିଲା। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ବାବୁଲା ଓ ତାର ସାଙ୍ଗ ଅଜିତ ଚାଲିଚାଲି ବାଦାମବାଡ଼ି ଛକ ଅଭିମୁଖେ ଯାଉଥିଲେ। ବାଟରେ ଲେବର କଲୋନୀ ଗଡ଼ା ପାଖରେ ସେ ଦୀପ୍ତିରଞ୍ଜନଙ୍କୁ ଦେଖିଥିଲା। ସେଠାରେ ଭଡ଼ା କଥାକୁ ନେଇ ଉଭୟଙ୍କ ମଧ୍ୟରେ ଜୋରଦାର ବଚସା ହୋଇଥିଲା। ରାଗରେ ବାବୁଲା ପାଖରେ ଲୁଚାଇ ରଖିଥିବା ଏକ ଛୁରିରେ ଦୀପ୍ତିରଞ୍ଜନଙ୍କ ପେଟକୁ ଆକ୍ରମଣ କରିଥିଲା। ତାଙ୍କ ହାତକୁ ବାବୁଲାର ସାଙ୍ଗ ଅଜିତ ଧରିନେଇଥିଲା। ଏଥିରେ ଦୀପ୍ତିରଞ୍ଜନ ଗୁରୁତର ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକ ଚିତ୍କାର କରିବାରୁ ବାବୁଲା ଓ ଅଜିତ ସେଠାରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ବାଦାମବାଡ଼ି ଥାନା ପୁଲିସ ପହଞ୍ଚି ଆହତଙ୍କୁ ଏସ୍‌ସିବି ମେଡିକାଲ ନେଇଯାଇଥିଲା। ଚିକିତ୍ସା ହୋଇ ଫେରିବା ପରେ ଦୀପ୍ତିରଞ୍ଜନ ଥାନାରେ ଏତଲା ଦେଇଥିଲେ। ତଦନ୍ତକ୍ରମେ ଆଜି ବାଦାମବାଡି ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

# ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ସମସ୍ତଙ୍କର ଦାୟିତ୍ୱ: ଡିଆଇଜି

ରାଉରକେଲା, ୧।୧୧(ସମିସ)



ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତେ ଦାୟିତ୍ୱବାନ ହେବା ଉଚିତ୍ ବୋଲି ଜିଲ୍ଲା ପ୍ରଶାସନ ଓ ରାଉରକେଲାର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିତ ଭାବେ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଶୀର୍ଷକ ରହିଥିଲା 'ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ'। ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଆଇଜି ଶ୍ରୀ ରାଏ କହିଲେ ଦୁର୍ନୀତି ଓ ଭ୍ରଷ୍ଟାଚାର ହିଁ ଦେଶର ବିକାଶରେ ବାଧକ ସାଜିଥାଏ। ସମାଜରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବା ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକବ୍ୟକ୍ତି ଦୁର୍ନୀତିଠାରୁ ନିବୃତ ରହିବା ସହିତ ସଚୋଟତାର ସହିତ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ବିଭିନ୍ନ ଗଳ୍ପ ମାଧ୍ୟମରେ କହିଥିଲେ। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ, ବିତର୍କ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅତିରକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ, ଡେପୁଟି କେଲକ୍ଟର ନିବେଦିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଯୋଗେଶ ପ୍ରସାଦ ପଟେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ସକାଳେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ଠାରୁ ଆଇଟିଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପାନପୋଷ କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀ, ମ୍ୟୁନିସିପାଲ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ।

## ପୁଲିସର ସାଇବର ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା :** ସେକ୍ଟର-୧୯ ଥାନା ଆମ ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ଦେଜାଲିନ୍ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ ପୁଲିସର ମୁଖ୍ୟ ସୁମନ ଦତ୍ତ ସ୍ୱାଗତ ଭାଷଣ ସହ ସାଇବର ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଇନ୍ସପେକ୍ଟର ଶ୍ରୀମତୀ ଜେନା, ସବ୍‌ଇନ୍ସପେକ୍ଟର ପ୍ରିୟମ ଦାସ, ଏଏସ୍‌ଆଇ ସୁରେଶ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବ୍ୟାଙ୍କ ଠକେଇ, ଡିଜିଟାଲ୍ ଆରେଷ୍ଟ, ଓଟିପି ନମ୍ବର କାହାକୁ ନଦେବା, ଅପରିଚିତଙ୍କ ଫୋନ୍ ଗ୍ରହଣ ନକରିବା, ସାଇବର ଠକେଇ ହେଲେ ସ୍ୱର୍ଣ୍ଣ ମୁହୂର୍ତ୍ତ ଏକ ଘଣ୍ଟା ମଧ୍ୟରେ ୧୯୩୦ ନମ୍ବରକୁ କଲ୍ କରି ଜଣାଇବା, ମୋବାଇଲ ହ୍ୟାକ୍‌ରୁ ବଞ୍ଚିବା ପାଇଁ ସାଇବର ହେଲ୍ପଲାଇନ ୮୭୬୩୧ ୪୬୪୭୭ ର ସାହାଯ୍ୟ ନେବା ଓ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମ ପୁଲିସର ସଦସ୍ୟ କୁଞ୍ଜବିହାରୀ ରାଉତ, ସୁଶାନ୍ତ ସ୍ୱାଇଁ, ପ୍ରଦୀପ କୁମାର ସାହୁ, ପ୍ରସନ୍ନ କୁମାର ସାହାଣୀ, ଏମ୍‌ଡି ଅମଜାଦ୍, ବାସୁଦେବ ସ୍ୱାଇଁ, ମନୋଜ କୁମାର ନାୟକ, ଥାନା ପକ୍ଷରୁ ସବ୍‌ଇନ୍ସପେକ୍ଟର ରାଜେଶ ବେହେରା, ଏଏସ୍‌ଆଇ ମନୋରଞ୍ଜନ ପରିଡ଼ା, ନିଖିଳ ଡୁଙ୍ଗୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରାଜଗାଙ୍ଗପୁର:** ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ଏବଂ ଏହାର ସୁରକ୍ଷା ବ୍ୟବସ୍ଥା ବିଷୟରେ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁରର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ ଯୋଗଦେଇ ଛାତ୍ରୀଙ୍କୁ ସାଇବର ଅପରାଧ ବିଷୟରେ ସଚେତନତା କରାଇଥିଲେ। ଆଇଆଇସି ରାଜଗାଙ୍ଗପୁର ବିଜୟ କୁମାର ଦାଶ ଛାତ୍ରୀଙ୍କୁ ଏଆଇ(କୃତ୍ରିମ ବୁଦ୍ଧିମତା)ର ଉପକାରିତା ବିଷୟରେ କହିଥିଲେ। ରାଜଗାଙ୍ଗପୁର ସବ-ଇନ୍ସପେକ୍ଟର ପ୍ରଜ୍ଞାନ ପ୍ରୀତମ୍ ଜେନା ଛାତ୍ରୀଙ୍କୁ ପରିଚୟପତ୍ର ଚୋରି, ଆକାଉଣ୍ଟ ହ୍ୟାକିଂ ଏବଂ ବିଭିନ୍ନ ସନ୍ଦିଗ୍ଧ ଲିଙ୍କ ଭଳି ସାଇବର ଅପରାଧର ବର୍ତ୍ତମାନର ପରିସ୍ଥିତି ବିଷୟରେ କହିଥିଲେ। ରାଜଗାଙ୍ଗପୁର ସବ-ଇନ୍ସପେକ୍ଟର ଝରଣା ସ୍ୱାଇଁ ଛାତ୍ରୀଙ୍କୁ ଏଆଇ ମାଧ୍ୟମରେ ହେଉଥିବା ଯୌନ ଶୋଷଣ ଏବଂ ବ୍ଲାକମେଲିଂ ବିଷୟରେ କହିଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ଏକ କାହାଣୀ ମାଧ୍ୟମରେ ଛାତ୍ରୀଙ୍କୁ ପ୍ରଯୁକ୍ତିର ବିଭିନ୍ନ ପ୍ରଭାବ ବିଷୟରେ ବୁଝାଇଥିଲେ। ପରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ସେବା ସଂଘର ଅଧିକାରୀ ସସ୍ମିତା ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହେମାକାନ୍ତି ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆର୍‌ଏସ୍‌ପି କର୍ମଚାରୀଙ୍କ ଘରୁ ଚୋରି

## ଦୁଇ ପେଶାଦାର ଅପରାଧୀ ଗିରଫ




**ରାଉରକେଲା, ୧।୧୧(ସମିସ):** ଆର୍‌ଏସ୍‌ପି କର୍ମଚାରୀଙ୍କ ଘରୁ ଚୋରି କରିବା ଅଭିଯୋଗରେ ସେକ୍ଟର -୭ ଥାନା ପୁଲିସ ୨ ଜଣ ପେଶାଦାର ଅପରାଧୀଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଦ୍ୱୟ ହେଲେ, ଜାମସେଦପୁର ଡୁଇଲାଡୁଙ୍ଗୁରି କମ୍ୟୁନିଟି ସେଣ୍ଟର୍ ନିକଟର ସମ୍ଭୁ କୁମାର ସିଂ (୪୫) ଓ ରାମନଗର ବାଗବେରା ବଜରଙ୍ଗବାଲି ମନ୍ଦିର ନିକଟର ଅଙ୍କିତ ରାଜ କୁମାର (୨୧)। ସେମାନଙ୍କ ଠାରୁ ଗୋଟିଏ କାର୍, ନକଲି ନମ୍ବର ପ୍ଲେଟ, କଟର, ରଡ଼, ରେଞ୍ଚି, ସୁନା ରୁପା ଗହଣା, ଘଡି ଓ ୨୯ ହଜାର ଟଙ୍କା ଜବତ କରାଯାଇଛି।

ଶନିବାର ଅପରାହ୍ଣରେ ଏନେଇ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୋନ୍ ୧ ଡିଏସପି ଯୋଗେଶ୍ୱର ପଣ୍ଡା କହିଛନ୍ତି, ସେକ୍ଟର -୭ ଏ/୯୦ରେ ବାସକରୁଥିବା କୈଳାସ ଚନ୍ଦ୍ର ନାଏକ ଗତ ଅଗଷ୍ଟ ୮ ତାରିଖ ସକାଳେ ଘର କବାଟ ତାଲା ପକାଇ ସ୍ତ୍ରୀ ରେଣୁକା ଅମାତଙ୍କୁ ନେଇ କୌଣସି କାମରେ ବିଶ୍ରା ଛକରେ ନେଇ ଛାଡ଼ିଥିଲେ। ଏହାପରେ ସେ ଆରଏସପିକୁ ଡ୍ୟୁଟିରେ ପଳାଇ ଯାଇଥିଲେ। ରାତିରେ ଘରକୁ ଫେରିବା ପରେ କବାଟ ତାଲା ଭଙ୍ଗାଥିବା ବେଳେ ଆଲମାରି ଖୋଲାଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚଳାଇଥିଲା। ଉଲ୍ଲେଖନୀୟ ଯେ ଗିରଫ ଶମ୍ଭୁ ନାଁରେ ପୂର୍ବରୁ ରାଉରକେଲା ଓ ଝାଡ଼ଖଣ୍ଡରେ ୧୨ଟି ଓ ଅଙ୍କିତ ନାଁରେ ରାଉରକେଲାରେ ୪ଟି ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସେକ୍ଟର-୭ ଥାନା ଇନ୍ସପେକ୍ଟର ରବୀନ୍ଦ୍ର ନାଥ ପାତ୍ର, ସେକ୍ଟର -୧୯ ଥାନା ଇନ୍ସପେକ୍ଟର ରଞ୍ଜନ ନାୟକ, ଏସଆଇ ସୌମ୍ୟ ରଞ୍ଜନ ଗିରି ମଧ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ସଞ୍ଚୟ ଆର୍ଥିକ ସେବା ବିଭାଗ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ




**ରାଉରକେଲା, ୧।୧୧(ସମିସ):** ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଉପଲକ୍ଷେ ରାଉରକେଲାର ସାରନଗରୀଠାରେ ସୁନ୍ଦରଗଡ଼ ଜିଲ୍ଲା ସଞ୍ଚୟ ଆର୍ଥିକ ସେବା ବିଭାଗ ପକ୍ଷରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁନ୍ଦରଗଡ଼ ବିକାଶ ଭବନରେ ଆୟୋଜିତ ଏହି ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ରାଉରକେଲା ସାରନଗରୀ ଆଦର୍ଶ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ସୋନାପର୍ବତ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ମନିସା ଦୁବେ ଦ୍ୱିତୀୟ ଏବଂ ଜ୍ଞାନୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଡାକ ବିଭାଗ ଅଧିକ୍ଷକ ନିଳମଣି ଜାନି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲାବେଳେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଡିଏସପି ଏଏନ ମହାନ୍ତି, ସୁନ୍ଦରଗଡ଼ ସାଇବର ଥାନା ଅଧିକାରୀ ମୁକେଶ ସାହାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେଯୋଗ ଦେଇଥିଲେ। ପ୍ରିୟଙ୍କା ଜେନା ମଞ୍ଚ ପରିଚାଳନା କରିଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ଯୋଜନାର ନିର୍ଦ୍ଦେଶିକା କୌଶଲ୍ୟା ଭିତିରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଗଣ ଦୌଡ଼



**ରାଉରକେଲା, ୧।୧୧(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ସୁନ୍ଦରଗଡ଼ରେ ଗଣଦୌଡ଼ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ବିଧାୟକ ତଳସରା ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ସୁନ୍ଦରଗଡ଼ ବିଜେପି ସଭାପତି ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ଥିଲେ। ଏହି ଗଣଦୌଡ଼ଟି ବିର୍ସାମୁଣ୍ଡା ଛକ (ଏନ୍‌କେକେ) ଠାରୁ ଆରମ୍ଭ ହୋଇ ରାଉରକେଲା ଛକ, ବିଏସ୍ ହାଇସ୍କୁଲ ଛକ, ଷ୍ଟେଟବ୍ୟାଙ୍କ ଛକ, ଡିଆରଡିଏ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ, ସ୍ୱେଚ୍ଛାସେବୀ ଦିଲ୍ଲୀପ ପଟେଲ, ଜୟନ୍ତ ନାଏକ, କ୍ରିକେଟ କୋଚ୍ ସୁଶିଲ କୁମାର ମିଶ୍ର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ା ବିଭାଗର ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।

## ଫଟୋଗ୍ରାଫର୍ ଆସୋସିଏସନ୍‌ର ପ୍ରଶିକ୍ଷଣ ଶିବିର



**ରାଉରକେଲା, ୧।୧୧(ସମିସ):** ଫଟୋଗ୍ରାଫର୍‌ମାନଙ୍କ ଦକ୍ଷତା ବୃଦ୍ଧି ଓ ଆଧୁନିକ ଟେକ୍ନୋଲୋଜି ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ରାଉରକେଲା ଫଟୋଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ସେକ୍ଟର - ୧୯ର ଏକ ହୋଟେଲରେ ଆୟୋଜିତ ଏକ ଦିନିଆ କ୍ୟାମେରା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶତାଧିକ ଫଟୋଗ୍ରାଫର୍ ଅଂଶଗ୍ରହଣ କରି ନୂତନ କ୍ୟାମେରା କୌଶଳ ଓ ସିନେମାଟିକ୍ ଭିଡିଓଗ୍ରାଫି ବିଷୟରେ ଅବଗତ ହୋଇଥିଲେ। ସୂଚନାଯୋଗ୍ୟ ଯେ କୋଲକାତାରୁ ଆସିଥିବା ଦକ୍ଷମେଣ୍ଟର ଓ ଭୁବନେଶ୍ୱରରୁ ଆସିଥିବା କମ୍ପାନୀ ପ୍ରତିନିଧିମାନେ ଅଂଶଗ୍ରାହୀମାନଙ୍କୁ ନୂତନ ଟେକ୍ନୋଲୋଜି, କ୍ୟାମେରା ପ୍ରୟୋଗ କୌଶଳ, ଲେନ୍ସ ବ୍ୟବହାର ଓ ଆଲୋକ ବ୍ୟବସ୍ଥାପନା ସମ୍ବନ୍ଧିତ ଦିଗରେ ପ୍ରାୟୋଗିକ ଶିକ୍ଷା ପ୍ରଦାନ କରିଥିଲେ। ଅଂଶଗ୍ରାହୀମାନେ ବିଭିନ୍ନ ମଡେଲ୍‌ର କ୍ୟାମେରା ଓ ଫୋଟୋଗ୍ରାଫି ସାଧନସାମଗ୍ରୀ ପରୀକ୍ଷା କରିବାର ସୁଯୋଗ ପାଇଥିଲେ।

## ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ହକି ଆରମ୍ଭ



**ରାଉରକେଲା/ଭୁବନେଶ୍ୱର, ୧।୧୧ (ସମିସ):** ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ବାଳକ ହକି ତୃଣମୂଳ ଚାମ୍ପିଅନସିପ୍‌ର ୪ର୍ଥ ସଂସ୍କରଣ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ବିଭିନ୍ନ ହକି ତାଲିମ କେନ୍ଦ୍ର (ଏଚ୍‌ପିସି) ଓ ତୃଣମୂଳ କେନ୍ଦ୍ରରୁ ୩୫ ଦଳର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଝାଡ଼ଖଣ୍ଡର ଏକ ଦଳ ଭାଗନେଇଛି। ମୋଟ୍ ୮ଟି ପୁଲ୍ କରାଯାଇ ମ୍ୟାଚ୍ ଖେଳାଯାଉଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଉପ ନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ମୁଖ୍ୟ ଅତିଥି, ହକି ପ୍ରଶିକ୍ଷକ ପିଟର ସୋରେଙ୍ଗ ଓ କାଳୁ ଚରଣ ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଚାମ୍ପିଅନସିପ୍ ନଭେମ୍ବର ୮ ତାରିଖରେ ଉଦ୍‌ଯାପିତ ହେବ।

## ଆର୍‌ଏସ୍‌ପିର ବିଓଏଫ୍ ସ୍ଲାଗ୍ ନିଷ୍କାସନରେ କ୍ରମାଗତ ରେକର୍ଡ




**ରାଉରକେଲା, ୧।୧୧(ସମିସ):** ସେଲ୍‌ର ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପୁନରୁଦ୍ଧାର ବିଭାଗ କ୍ରମାଗତ ଦିନରେ ଏକଦିବସୀୟ ସ୍ଲାଗ୍ ନିଷ୍କାସନରେ ଦୁଇଟି ରେକର୍ଡ ସ୍ଥାପନ କରିଛି। ଉକ୍ତ ବିଭାଗ ଅକ୍ଟୋବର ୨୯ରେ ସର୍ବକାଳୀନ ଶ୍ରେଷ୍ଠ ସମୁଦାୟ ୬୪୨୩.୫୪ ଟନ ଓଜନର ୨୨୧ ଟ୍ରିପ ବିଓଏଫ ସ୍ଲାଗ୍ ନିଷ୍କାସନ ହାସଲ କରି ରେକର୍ଡ ସ୍ଥାପନ କରିଥିଲା। ଅଧିକ ଦକ୍ଷତା ଏବଂ ସମନ୍ୱୟ ପ୍ରଦର୍ଶନ କରି, ବିଭାଗ ଏହାର ଠିକ ପରଦିନ ଅର୍ଥାତ୍ ଅକ୍ଟୋବର ୩୦ ତାରିଖରେ ବିଓଏଫ ସ୍ଲାଗ୍ ନିଷ୍କାସନରେ ସମୁଦାୟ ୬୫୫୨.୦୧ ଟନ ଓଜନ ୨୨୩ ଟ୍ରିପରେ ସମ୍ପନ୍ନ କରି ପୂର୍ବଦିନର ସଫଳତାକୁ ଅତିକ୍ରମ କରି ବିଓଏଫ ସ୍ଲାଗ୍ ନିଷ୍କାସନରେ ନୂତନ ଏକଦିବସୀୟ ରେକର୍ଡ ସ୍ଥାପନ କରିଥିଲା। ସାମଗ୍ରୀ ପରିଚାଳନା ବିଭାଗର ବିପଣନ ଶାଖା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଏଜେନ୍ସିଗୁଡ଼ିକର ଘନିଷ୍ଠ ସହଯୋଗରେ ଟିମ୍ ଏମଆରଡିର ସାମୂହିକ ପ୍ରତିବଦ୍ଧତା, ନିରବଚ୍ଛିନ୍ନ ଦଳଗତ କାର୍ଯ୍ୟ ଏବଂ ଅକ୍ଲାନ୍ତ ପ୍ରୟାସ ଦ୍ୱାରା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ଭବ ହୋଇପାରିଥିଲା। ଶୀର୍ଷ ପରିଚାଳନାର ନିରନ୍ତର ପ୍ରୋତ୍ସାହନ ଏବଂ ରଣନୈତିକ ମାର୍ଗଦର୍ଶନ ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।" ଉଲ୍ଲେଖନୀୟ ଯେ, ବିଓଏଫ ସ୍ଲାଗ୍ ଭଳି ଉପ-ଉତ୍ପାଦଗୁଡ଼ିକୁ ଦକ୍ଷତାର ସହିତ ପରିଚାଳନା କରି ଏମଆରଡି ଆରଏସପିର ସ୍ଥାୟୀତ୍ୱ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରଭାବଶାଳୀ ନିଷ୍କାସନ ପ୍ରକ୍ରିୟା ନା କେବଳ ପରିବେଶଗତ ଭାରକୁ ହ୍ରାସ କରୁଛି ବରଂ କମ୍ପାନୀ ପାଇଁ ମୂଲ୍ୟବାନ ରାଜସ୍ୱ ମଧ୍ୟ ସୃଷ୍ଟି କରୁଛି। ଏହା ବ୍ୟତୀତ, ଏହା ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ଏବଂ କାରଖାନାର ସବୁଜ ଇସ୍ପାତ ନିର୍ମାଣ ଦୃଷ୍ଟିକୋଣ ସହିତ ସମନ୍ୱିତ ମଧ୍ୟ ରହିଛି।

## ସମ୍ପ୍ରଦାୟସ୍ତରୀୟ ହିତାଧିକାରୀଙ୍କ ସହିତ ପରାମର୍ଶ ବୈଠକ

**ରାଉରକେଲା, ୧।୧୧(ସମିସ):** ପ୍ରଗତି ମଣ୍ଡପ, ସୁନ୍ଦରଗଡ଼ ପରିସରରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ସମ୍ପ୍ରଦାୟ ସ୍ତରୀୟ ହିତାଧିକାରୀମାନଙ୍କ ସହିତ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଆଲୋଚନା ବୈଠକରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନ୍ମୟା ମିଶ୍ର, ପ୍ରତିମା ପିଙ୍ଗ, କ୍ରୀଷ୍ଟା କୁମାରୀ ନନ୍ଦ, ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଉପ ଆରକ୍ଷୀ ଅଧିକ୍ଷକ କାଦମ୍ବିନୀ ସାମଲ, ଝାରସୁଗୁଡା ଜିଲ୍ଲା ପୁଲିସ ଉପ ଆରକ୍ଷୀ ଅଧିକ୍ଷକ କମଳଲୋଚନ ବେହେରା, ସବଡେଗା ମେଡିକାଲର ଡାକ୍ତର ସିଲି ପଟେଲ, ସ୍ନିଗ୍ଧା ରାଣୀ ମହାପାତ୍ର, ମିନାକ୍ଷୀ ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତପସ୍ୱିନୀ ବେସେନେ, ବରିଷ୍ଠ ଆଇନଜୀବୀ ସୁପ୍ରଭା ପଟେଲ, ଦିଶା ଏନଜିଓର ସମ୍ପାଦକ ଶେଖ ଅବଦୁଲ ଆଜାଦ, ସେହାଦ ଝାରସୁଗୁଡାର ପରିଚାଳକ ଜୟଶ୍ରୀ ସାହୁ, ଦମୟନ୍ତୀ ସିଂ, ନଳିନୀ ପ୍ରଭା ବେହେରାଙ୍କ ସହ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ଜିଲ୍ଲା ଓ ବ୍ଲକସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ସମାଜସେବୀ, ଗୃହିଣୀ, ପୀଡିତା, ପୂଜକ ପ୍ରମୁଖ ଅଂଶଗ୍ରହଣକାରୀମାନେ ସମ୍ପ୍ରଦାୟସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ସଙ୍କଟରେ ପଡ଼ିଥିବା ମହିଳାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ବିଭିନ୍ନ ସରକାରୀ ଯୋଜନା, ସୁବିଧାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଦେଇଥିଲେ।

## ନୂଆଗାଁରେ ବ୍ଲକ୍‌ସ୍ତରୀୟ 'ସୁରଭି' ଉଦ୍‌ଯାପିତ



**ରାଉରକେଲା, ୧।୧୧(ସମିସ):** ନୂଆଗାଁ ବ୍ଲକ ଅଧୀନ ଝାରବେଡ଼ାସ୍ଥିତ ଗଜାଧର ମାଝୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଧମୁଣ୍ଡା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମନୋଜ କୁମାର ସାମଲ, ସମ୍ମାନିତ ଅତିଥି ଭାବରେ ଜାହାଡିଟୋଲୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷା ତଥା ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସାଲଗିମୁନି ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାନେ କେଛୁଆ, ବନମାଳୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁ, ମଙ୍ଗଲ କେର୍କେଟା, ଅଶୋକ କୁମାର ସିଂ, ପ୍ରଶାନ୍ତ କେର୍କେଟା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରର ୧୩୭ଟି ସ୍କୁଲରୁ ୪୯୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ସୁରଭି କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ୩୧ ଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗଜାଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଏମ. ଡି ଆକବର, ସୋରଡା ସିଆରସିସି ଅଜୟ କୁମାର ସେଠୀ, ମହାଦେବ ବଡାଇକ ମଙ୍ଗଲଦାସ ଖାଲକ, ଅଘନୁ ବାରୁଆ, ଅଜିତ ହେମ୍ବ୍ରମ, ଭୋଳା ବାରିକ, ଜୀତନାଥ ଟପ୍ପୋ, ବରିଷ୍ଠ ଶିକ୍ଷକ ଅରୁଣ ବେହେରା, ସଞ୍ଜୟ ରଥ, ଶଙ୍କର୍ଷଣ ବେହେରା, ରଞ୍ଜିତ ଏକା, ଅନ୍ନଦା ଶଙ୍କର ପାଢ଼ୀ, ବାସୁଦେବ ତ୍ରିପାଠୀ, ମଧୁସୂଦନ କରିଆଲି, କାହ୍ନୁଚରଣ ସାହୁ, ରୋସନ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ।

## ତରକେରା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

କୁତ୍ରା, ୧।୧୧(ସମିସ)



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତରକେରା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତରକେରା ସରପଞ୍ଚ ବୁଧବାରୀ ଏକ୍କା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସଂଯୁକ୍ତା ସୁନ୍ୟାନୀ, ସମାଜସେବୀ ବିଦ୍ୟାଧର ସାହୁ, ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ସୁକାନ୍ତ ଶେଖର ଦେଓ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡ଼ା, ବିଇଓ ଅନନ୍ତ କୁମାର ନାଏକ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳୀନିକାନ୍ତ ଶାସନୀ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ଏବିଇଓ ନିରଞ୍ଜନ ରାଉଳ, ଡବ୍ଲୁଇଓ ବିନିରାନୀ ସୋରେନ, ସମାଜସେବୀ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଭାର ବିକାଶ କେବଳ ବିଦ୍ୟାଳୟ କିମ୍ବା ଅଭିଭାବକଙ୍କ ଦାୟିତ୍ୱ ନୁହେଁ ଏହା ସମାଜର ସମୂଦାୟିକ ଦାୟତ୍ୱ ଅଟେ ବୋଲି ସେମାନେ ଉଲ୍ଲେଖ କରିଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଡ଼.ବିଭୀଷଣ ବାରିକ ଓ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଜିତିଥିବା କୃତୀ ଶିଶୁମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଧର ରାଉତ୍, ଅଜୟ ମହାରଣା, ଗଙ୍ଗାଧର କୁଜୁର, କେଦାରଚନ୍ଦ୍ର ସାହୁ, ଶୁଶିଲ ଲାକଡ଼ା, ସୁରେନ ଏକ୍କାଙ୍କ ସମେତ ସମସ୍ତ ସିଆରସିସି ଓ ପ୍ରଧାନଶିକ୍ଷକ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା କମିଟିର ୪୬ତମ ବୈଠକ

# 'ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱାରୋପ'

ଭଦ୍ରକ, ୧।୧୧(ସମିସ)



ଜିଲ୍ଲାପାଳଙ୍କ ସଦଭାବନା ଗୃହ ରେ ସଡ଼କ ସୁରକ୍ଷା କମିଟିର ୪୬ ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଜିଲ୍ଲା ମେଡିକାଲ ଅଫିସର ଡାକ୍ତର ମିନତୀଲତା ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ସଭ୍ୟ ରୋଟାରିଆନ ଅତିସ ବେହେରା, ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ୧୬ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁର ଓ ବାରିକପୁର ରାସ୍ତା ନିର୍ମାଣ, ଗେଲପୁରରୁ ଜ୍ୟୋତି କନଭେଣ୍ଟ ସ୍କୁଲ ରାସ୍ତା ନିର୍ମାଣ, ନୂଆ ବସ୍‌ଷ୍ଟାଣ୍ଡରୁ ଡାହାଣିଗଡ଼ିଆର ପର୍ଯ୍ୟନ୍ତ ଆଲୋକୀକରଣ, ନଭେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ଜିରୋ ଫାଟିଲିଟି ବା ଶୂନ୍ୟ ମୃତାହତ ପାଳନ କରିବା ଉପରେ ଆଲୋଚନା କରାଯାଇଥିଲା। ବେଆଇନ ଭାବେ ରାସ୍ତା ରେ ପାର୍କିଂ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ପଲ୍ୟୁସନ ନ ଥିବା ବାଇକ କିମ୍ବା ଚାରିଚକିଆ ଯାନ ପାଇଁ ୧୦ହଜାର ଟଙ୍କା ଜରିମାନା ମୋଟର ଭେଇକଲ ଆକ୍ଟ ଅନୁଯାୟୀ ରଖାଯାଇଛି। ସମସ୍ତ ବାଇକ ଓ ଚାରି ଚକିଆ ଯାନ ପଲ୍ୟୁସନ ସାର୍ଟିଫିକେଟ କରିବା ଉଚିତ ବୋଲି ଆର.ଟି.ଓ ସୂଚନା ଦେଇଥିଲେ। ଜାତୀୟ ରାଜପଥର ବାମ ପାର୍ଶ୍ୱ ଭଦ୍ରକରୁ ବାରିକପୁର ଯାଏଁ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ୭ଦିନ ଭିତରେ ଓ ଡାହାଣ ପାର୍ଶ୍ୱ ନଭେମ୍ବର ମାସ ଶେଷ ସୁଧା ଶେଷ କରିବାକୁ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ନଭେମ୍ବର ଶେଷ ସୁଦ୍ଧା ରାସ୍ତା ଆଲୋକୀକରଣ ଓ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହେବ ବୋଲି ଏନଏଚ ଅଧିକାରୀ ବିଶ୍ୱଜିତ ମହନ୍ତ କହିଥିଲେ। ଜାତୀୟ ରାଜପଥର ସର୍ଭିସ ରୋଡରେ ମହତାବ ଛକରୁ ଆରଡ଼ି ଛକ ରାସ୍ତା ରେ ବର୍ଷା ଜଳ ନିଷ୍କାସନ ନ ହେବାରୁ କମିଟିର ସଭ୍ୟମାନେ କ୍ଷୋଭ ପ୍ରକାଶ ପ୍ରକାଶ କରିଥିଲେ। ଜାତୀୟ ରାଜପଥର ନଳାଙ୍ଗ ନିକଟ, ଓରିୟନ ହୋଟେଲ ପାଖ, ବନ୍ତ ଛକ ନିକଟରେ ବେଆଇନ ଅଟୋ ଓ ବସ୍ ପାର୍କିଂ ବନ୍ଦ କରିବା ପାଇଁ ମଧ୍ୟ ସଭ୍ୟମାନେ ଜିଲ୍ଲାପାଳ ଓ ଅତିରିକ୍ତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସିସିଟିଭି ଲଗାଇବା, ହେଲମେଟ ପିନ୍ଧିବା, ମୋବାଇଲ ଧରି ଗାଡି ଚଳାଇବା, ଦ୍ରୁତ ଗାଡି ଚାଳନା ଉପରେ କାର୍ଯ୍ୟାନୁଷ୍ଠାନ, ସ୍କୁଲ ଗାଡି, ଅଟୋ ଗୁଡ଼ିକ ଯାଞ୍ଚ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦୁର୍ଘଟଣା ହ୍ରାସ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ। ଏହି ସୂଚନାନୁଯାୟୀ, ଚଳିତ ବର୍ଷ ଅପ୍ରେଲରୁ ସେପଟେମ୍ବର ମାସ (୫ମାସ)ରେ ୫୫୬୩ଟି ଚାଲାଣ କଟାଯାଇଛି। ବିନା ହେଲମେଟରେ ୨ଚକିଆ ଚଳାଇବା, ଦ୍ରୁତଗତି, ମଦ୍ୟପାନ କରି ଗାଡିଚାଳନା, ବିନା ସିଟ୍‌ବେଲ୍ଟରେ ଗାଡି ଚାଳନା, ୩ଜଣିଆ ବାଇକ୍ ଚାଳନା, ନାବାଳକ ବାଇକ ଚାଳନା ଆଦି ବାବଦକୁ ୭୮ଲକ୍ଷ ୫୮ହଜାର ୮୬୦ଟଙ୍କା ଫାଇନ୍ କଟାଯାଇଛି। ୨୯୧ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି।

**୫ମାସରେ ୨୯୧ଜଣଙ୍କ ଡିଏଲ ସସ୍‌ପେଣ୍ଡ ଓ ୭୮.୫୮ ଲକ୍ଷ ଜରିମାନା ଆଦାୟ**

**ନଭେମ୍ବର ଶେଷ ସୁଦ୍ଧା ସରିବ ରାସ୍ତା ଆଲୋକୀକରଣ ଓ ନିର୍ମାଣ କାର୍ଯ୍ୟ**

## ଆଖଣ୍ଡଳମଣିଙ୍କ ମନ୍ଦିରରେ ପଞ୍ଚୁକ ବ୍ରତ ଆରମ୍ଭ

# ୫ଦିନ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବାମଣି

**ଭଦ୍ରକ/ଆରଡି, ୧।୧୧(ସମିସ):** କାର୍ତ୍ତିକମାସ ଅବସରରେ ଶନିବାରଠାରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଏହି ବ୍ରତ ରାହାସ ପୂର୍ଣ୍ଣିମା ଯାଏଁ ମଧ୍ୟାହ୍ନ ଧୂପରେ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବା ଆଖଣ୍ଡଳମଣି। ଏଥିସହ ରାହାସ ପୂର୍ଣ୍ଣିମା ଦିନ ଭୋର ସମୟରେ ହବିଷ୍ୟାଳୀ ଭକ୍ତ ବାବାଙ୍କ ପୁଣ୍ୟତୋୟା ଶିବଗଙ୍ଗା ପୁଷ୍କରିଣୀରେ ବୁଡ ପକାଇବା ସହ ବୋଇତ ଭସାଇବେ। ପରେ ଚଉଁରା ମୂଳରେ କାର୍ତ୍ତିକ ମହାତ୍ମ୍ୟ ପଠନ ସହ ଆକାଶ ଦୀପ ପ୍ରଜ୍ୱଳିତ କରିବେ। ଅନ୍ୟପଟେ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି କାନ୍ତି ସହ ବାବାଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯିବ। ସେହିପରି ଅଁଳା ନବମୀଠାରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ପ୍ରାଙ୍ଗଣରେ ଭାଗବତ ସପ୍ତାହ ସହ ଜଗନ୍ନାଥଙ୍କ ମଣ୍ଡପରେ ଭାଗବତ ପଠନ ସହ ରୀତିନୀତି ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା।



# ଦୋଳସାହି-ବୋଡକ ରାସ୍ତା ମରାମତି ଦାବି



**ଦୋଳସାହି, ୧।୧୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି-ବୋଡକ ରାସ୍ତାଟି ମରଣଯନ୍ତା ପାଲଟିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ରେ ରହୁଥିବା ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଦୋଳସାହିରୁ ବୋଡକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରେ ତିହିଡି ବ୍ଲକର ୭ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟିହୋଇଛି। ଫଳରେ ଯାତାୟାତ କରୁଥିବା ଦୁଇଚକିଆ ଯାନବାହାନ ଦୈନନ୍ଦିନ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ସେହିପରି ଏହି ରାସ୍ତାର ଦୁଇ ପାର୍ଶ୍ୱକୁ ଜବରଦଖଲ କରାଯାଉଥିବାରୁ ରାସ୍ତା ସଂକୁଚିତ ହେଉଥିବା ଦେଖିବାକୁ ମିଳୁଛି। ଏଥିସହ ଏହି ରାସ୍ତା ରେ ବିଗତ ୧୦ ବର୍ଷ ଭିତରେ ୧୦ରୁ ଅଧିକ ଲୋକଙ୍କ ଦୁର୍ଘଟଣା ରେ ପ୍ରାଣହାନୀ ହୋଇଥିବା ଅଭିଯୋଗ ହେଉଥିଲା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ନୂତନ ପଞ୍ଚାୟତ ନିମନ୍ତେ ତରାଗୋବାସୀଙ୍କ ଆବେଦନ

**ବନ୍ତ/ଆଗରପଡ଼ା, ୧।୧୧(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ତରାଗୋ ଗ୍ରାମକୁ ଏକ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ତରାଗୋ ବାସିନ୍ଦା ଆବେଦନ କରିଥିବା ଜଣାପଡ଼ିଛି। ସେମାନେ ତାଙ୍କ ଆବେଦନ ପତ୍ର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଗୋବିନ୍ଦପୁର ପଞ୍ଚାୟତର ତରାଗୋ, ଚାରିଘରିଆ, ସୁନା ଗଡିଆ ଓ ପଙ୍ଗିରା ଆଦି ୭ଟି ୱାର୍ଡର ଅଧିବାସୀ ତାଙ୍କ ଆବେଦନ ପତ୍ରରେ ତରାଗୋ ଏକ ରେଭିନ୍ୟୁ ମୌଜା ଯାହା କି ୩ଟି ୱାର୍ଡକୁ ନେଇ ଗଠିତ। ବହୁ ପୂର୍ବରୁ ଏହା ଏକ ପଞ୍ଚାୟତ ଥିଲା। ରାଜନୈତିକ କୋଣରେ ଶିକାର ହୋଇ ତାହା ବଦଳାଇ ହୋଇ କ୍ଷେଣ୍ଟତୀରା ପଞ୍ଚାୟତ ଗଠନ ହେଲା। କାଳ କ୍ରମେ କ୍ଷେଣ୍ଟତୀରା ପଞ୍ଚାୟତକୁ ଭାଗ କରାଯାଇ ଗୋବିନ୍ଦପୁର ଏକ ନୂତନ ପଞ୍ଚାୟତ ହେଲା। ସେତେବେଳେ ବି ତରାଗୋକୁ ଅବହେଳିତ କରି ରଖାଗଲା। ଏବେ ତରାଗୋର ତିନୋଟି ୱାର୍ଡର ଭୋଟର ସଂଖ୍ୟା ୧୮୦୦ ରୁ ୨୦୦୦ ଏବଂ ଅନ୍ୟ ୪ଟି ତିନି ଗୋଟି ୱାର୍ଡ ଚାରିଘରିଆ, ସୁନାଗଡିଆ, ଗଭିଗଡିଆ ଓ ପଙ୍ଗିରାର ୨୫୦୦ ଭୋଟର। ଏହିପରି ତରାଗୋର ସମୁଦାୟ ୩୫୦୦ ରୁ ୪୦୦୦ ହଜାର ଭୋଟର ହେବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୫୦୦ରୁ ଊର୍ଦ୍ଧ୍ୱଭୋଟର ହେଲେ ଏକ ନୂତନ ପଞ୍ଚାୟତ ହୋଇପାରିବ ଯାହାକି ତରାଗୋ ଓ ଅନ୍ୟ ୪ଟି ୱାର୍ଡର ଭୋଟର ସଂଖ୍ୟା ମିଶି ୪୦୦୦। ଅନ୍ୟପକ୍ଷରେ ଗୋବିନ୍ଦପୁର ପଞ୍ଚାୟତ ଠାରୁ ତରାଗୋ ୩ କି.ମି., ସୁନାଗଡିଆ, ଚାରିଘରିଆ ୪ କି.ମି. ଏବଂ ଗଲିଗଡିଆ ଓ ପଙ୍ଗିରା ୫କି.ମି. ଦୂରରେ ଅବସ୍ଥିତ। ଯାହାକି ପଞ୍ଚାୟତକୁ କୌଣସି କାମରେ ଯିବାକୁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି; ଯେହେତୁ ତରାଗୋ ୭ଗୋଟି ୱାର୍ଡ଼ର ମଧ୍ୟ ସ୍ଥଳରେ ଅବସ୍ଥିତ ତେଣୁ କୌଣସି ୱାର୍ଡ଼ବାସୀଙ୍କୁ ତରାଗୋକୁ ଯିବା ଆସିବାରେ କୌଣସି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିବ ନାହିଁ। ଏହାକୁ ବିଚାରକୁ ନେଇ ତରାଗୋକୁ ତଦନ୍ତ ଭୁକ୍ତ କରାଇ ଏକ ନୂତନ ପଞ୍ଚାୟତ ଗଠନ କରିବା ନିମନ୍ତେ ଅନୁମତି ପ୍ରଦାନ ପାଇଁ ନିବେଦନ କରିଛନ୍ତି।

# ପରିତ୍ୟକ୍ତ ସ୍ଥାନରେ ପଡ଼ିରହିଛି ଚାଷୀଙ୍କ ଭାଗ୍ୟ



**ବାରିକପୁର, ୧।୧୧(ସମିସ):** ଚଳିତବର୍ଷ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଇତିମଧ୍ୟରେ ଶେଷ ହୋଇ ଯାଇଛି। ବିଭିନ୍ନ ବ୍ଲକରେ ଥିବା ସମବାୟ ସମିତି ଓ ଏସଏଚଜି ନିକଟରେ ଭଦ୍ରକ ଜିଲ୍ଲାର ହଜାର ହଜାର ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିସାରିଛନ୍ତି। ଆଉ ଦିନ କେଇଟା ପରେ ମଣ୍ଡି ଖୋଲିବା ସହିତ ଚାଷୀ ଧାନ ବିକ୍ରି କରିବେ। ତେଣୁ ମଣ୍ଡି କର୍ତ୍ତୃପକ୍ଷଙ୍କ ନିକଟରେ କୃଷକ ନାମ ପଞ୍ଜିକରଣ ପାଇଁ ଯେଉଁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ ସେଗୁଡିକ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଏବେ କଂପ୍ୟୁଟର ହାର୍ଡଡିସ୍କ ଓ ଅନଲାଇନରେ ମଣ୍ଡି କର୍ତ୍ତୃପକ୍ଷ ଚାଷୀଙ୍କ ତଥ୍ୟକୁ ପଞ୍ଜିକୃତ କରି ସିଲ କରିଥିବା ବେଳେ ଅସଲି ନଥିପତ୍ର କିନ୍ତୁ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟରେ ରହିଛି। ହେଲେ ପରିତାପର ବିଷୟ ଯେ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟର ପରିତ୍ୟକ୍ତ ସ୍ଥାନରେ ହଜାର ହଜାର ପଞ୍ଜୀକରଣ କାଗଜପତ୍ର ବନ୍ଧାହୋଇ ପଡ଼ିରହିଛି। ଯେଉଁ କାଗଜପତ୍ର ଗୁଡିକ ପଞ୍ଜିକରଣରେ ବ୍ୟବହାର ହୋଇଥିଲା ତାହାର ନକଲ ମଣ୍ଡି ନିକଟରୁ ଯୋଗାଣ ବିଭାଗକୁ ପ୍ରେରଣ କରାଯାଇଥିଲା; ଯାହାକୁ ଯୋଗାଣ ବିଭାଗ ଅଦରକାରୀ ଭାବେ କାର୍ଯ୍ୟାଳୟର ପରିତ୍ୟକ୍ତ ସ୍ଥାନରେ କୋଣଠେସା ଭଳି ରଖିଛି। ଯେଉଁଠି ପାନୀୟ ଜଳ ବ୍ୟବସ୍ଥା ରହିଛି ସେଠାରେ କାଗଜ ପତ୍ର ପଡ଼ିଥିବା ଦେଖାଯାଇଛି। ଚାଷୀଙ୍କ ଭାଗ୍ୟ ଏବେ କାଗଜ ବଣ୍ଡଲରେ ଜରାଜୀର୍ଣ୍ଣ ଭାବେ ରହିଥିବା ବେଳେ ଦରକାର ପଡ଼ିଲେ ପ୍ରଶାସନ ସେଗୁଡିକୁ ପୁନଃ ଯାଞ୍ଚ କରିବା ପାଇଁ ବିଫଳ ହେବ। ଅତି ଦାୟିତ୍ୱହୀନ ଭାବେ ଯୋଗାଣ ବିଭାଗ ଅଧିକାରୀ ମାନେ ଗୁରୁତ୍ୱପୂର୍ଣ୍ଣ କାଗଜକୁ ରଖି ଥିବାବେଳେ ତାହା ଧୀରେ ଧୀରେ ନଷ୍ଟ ହୋଇଯିବ। ଏପରିକି କୌଣସି ଆପତ୍ତି ଅଭିଯୋଗ ହେଲେ କାଗଜପତ୍ର ବିନା ଚାଷୀଟିଏ ତାର ହକରୁ ବଞ୍ଚିତ ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ପ୍ରଶାସନର ଏଭଳି ବେପରୁଆ କାର୍ଯ୍ୟ ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବଣିକସଂଘ ପକ୍ଷରୁ ଚା' ବିତରଣ



ବାରିକପୁର, ୧।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଜନସାଧାରଣଙ୍କୁ ମାଗଣା ଲେମ୍ବୁ ରସ ମିଶ୍ରିତ ନାଲି ଚା' ବିତରଣ କରାଯାଇଛି। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଓ ସମ୍ପାଦକ ରାଜେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ପ୍ରତ୍ୟକ ଦିନ ପ୍ରାତଃ ଓ ସନ୍ଧ୍ୟାରେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ଏହି ଚାହା ବ୍ୟବସ୍ଥା କରାଯାଇଛି। ଏବେ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଥିବା ବେଳେ ବଜାର ନିକଟସ୍ଥ ଛୋଟେଶ୍ୱର ମହାଦେବ ପୀଠ, ତିଆଡ଼ିସାହି ସ୍ଥିତ ଧବଳେଶ୍ୱର ପୀଠ ଓ ନପଙ୍ଗ ସ୍ଥିତ ୧୦୮ ମହାଦେବ ପୀଠକୁ ସକାଳେ ଓ ସନ୍ଧ୍ୟାରେ ଅନେକ ବ୍ରତଧାରୀ ହବିଷ୍ୟାଳି ଶ୍ରଦ୍ଧାଳୁ ଆସୁଛନ୍ତି। ବିଶେଷ କରି ସେମାନଙ୍କ ପାଇଁ ଲେମନ ଚା' ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାଛଡା ଅନ୍ୟାନ୍ୟ ଲୋକ ମାନଙ୍କୁ ମଧ୍ୟ ବିତରଣ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମ ପଞ୍ଚୁକ ଯାଏଁ ଚାଲିବ ବୋଲି ଜଣାପଡ଼ିଛି। ଏଥିରେ ସମସ୍ତ ବ୍ୟବସାୟୀ ମାନେ ପର୍ଯ୍ୟାୟକ୍ରମେ ଉପସ୍ଥିତ ରହି ସକାଳ ଓ ସନ୍ଧ୍ୟା ବେଳେ ଜନସାଧାରଣଙ୍କୁ ଚାହା ବିତରଣ କରୁଥିବା ଦେଖିବାକୁ ମିଳିଛି।

# ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



**ଅସୁରାଳି, ୧।୧୧(ସମିସ):** ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଘନଶ୍ୟାମ ଦାସ (୭୮)ଙ୍କ ଶୁକ୍ରବାର ପରଲୋକ ଘଟିଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତିନିଘରିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସୁଶାନ୍ତ ଦାସ ମୁଖାଗ୍ନି ଦେଇଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା





**ଭଦ୍ରକ, ୧।୧୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସର ଏକ ସଚେତନତା ପଦଯାତ୍ରା ସହର ପରିକ୍ରମା କରିଥିଲା। ଏହି ପଦଯାତ୍ରା ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନରେ ସମାପ୍ତ ହୋଇଥିଲା। ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତିକ ନାଥ ମଣ୍ଡଳ ପତାକା ଦେଖାଇ ଉକ୍ତ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନଗର ପରିକ୍ରମା କରି ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ସବୁ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜିଲ୍ଲା ସଂସ୍କୃତି ଭବନ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଶ୍ରୀ ରାଉତରାଏ, ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମଣ୍ଡଳ, ଭିଜିଲାନ୍ସ ଡି.ଏସ.ପି ଦୁଷ୍ମନ୍ତ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଜଗବନ୍ଧୁ ସାହୁ, ଡାକ୍ତର ସଙ୍ଗୀତା ବଳ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଇନ୍ସପେକ୍ଟର ସବିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଦୁର୍ନୀତିକୁ ରୋକିବା ସହ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ସେବା ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଦୁର୍ନୀତି କରୁଥିବା ବ୍ୟକ୍ତି ଏବଂ ଦୁର୍ନୀତି ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ସମଭାବେ ଦଣ୍ଡିତ ହେବା ଆବଶ୍ୟକ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଏନ୍‌ଏସିର ୧୦ମ ସାଧାରଣ ଅଧିବେଶନ

# ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ

ଧାମନଗର, ୧।୧୧(ସମିସ)



ଧାମନଗର ଏନଏସିରେ ବିଗତ ୧ ବର୍ଷ ହେଲା ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ଏସବୁ ବିଶୃଙ୍ଖଳା ମୂଳରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ରହିଥିବା ନେଇ ସାଧାରଣରେ ମଧ୍ୟ ଆଲୋଚନା ହେଉଛି। ପ୍ରକାଶ ଯେ, ଅଧିକାରୀ ଶ୍ରୀ ନାୟକଙ୍କ ଅସହଯୋଗ ପାଇଁ ଦୀର୍ଘ ୯ ମାସ ହେବ ଏନ୍‌ଏସିର ସାଧାରଣ ଅଧିବେଶନ ହୋଇ ପାରୁ ନଥିଲା। ଗତ ୨୫.୧.୨୫ରେ ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ପରେ ବିଭିନ୍ନ ମାସରେ ବୈଠକ ପାଇଁ ଅଧିକାରୀ ଶ୍ରୀ ନାୟକ ଜାଣିଶୁଣି ଅସହଯୋଗ କରି ଆସୁଥିଲେ। ୩୧ ଅକ୍ଟୋବର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଧାମନଗର ଏନଏସିର ୧୦ମ ଅଧିବେଶନ ଅନୁଷ୍ଠିତ ହେବା ପାଇଁ ୨୫ ତାରିଖରେ ବିଧାୟକ, ସାଂସଦ ଓ କାର୍ଯ୍ୟାଳୟର ସମସ୍ତ ସହଯୋଗୀଙ୍କୁ ସୂଚନା ଦିଆଯାଇଥିଲା। ଏପରିକି ସଭିଙ୍କୁ ସୂଚନା ଦେବାକୁ ସେହି ୨୫ ତାରିଖରେ ବଡ଼ବାବୁ ନିଜ ଦସ୍ତଖତ ଓ ଇଓଙ୍କ ମୋହର ମାରି ନୋଟିସର ଏକ କପି ଦେଇଥିଲେ। ମାତ୍ର ଆଜି ବୈଠକ ଆରମ୍ଭ ହେବାକୁ ଥିବା ବେଳେ କିଛି ପାରିଷଦ ବୈଠକରେ ଅନୁପସ୍ଥିତ ଥିଲେ। ଏପରିକି ନିଜେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ମଧ୍ୟ ସରକାରୀ କ୍ଷମତା ଚାପରେ ଚାପିହୋଇ ଏହି ବୈଠକକୁ ଭଣ୍ଡୁର କରିବା ପାଇଁ ଦେହ ଖରାପ କଥା କହି ଅନୁପସ୍ଥିତ ଥିଲେ। ଏଣୁ ନିର୍ବାହୀ ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏକଦାନି କାଦରିଙ୍କ ସହ ୪ ଜଣ ପରିଷଦକୁ ନେଇ ନିଜ କାର୍ଯ୍ୟାଳୟରେ ବୈଠକ କରିଥିବା ଦେଖାଦେଇଛି। ଏହି ବୈଠକରେ ଏନଏସିର କାଉନସିଲର ରହେମା ଖାତୁନ, ନଜମା ଖାଟୁନ, ଏମଜି ଜୟନୂଲ ହକ ଓ ଉପାଧକ୍ଷ ଓସୀମ ଏକଦାନି କାଦରି ପ୍ରମୁଖ ଉପସ୍ଥିତ ରହି ବିବରଣୀ ପାଠ ସହ ସହରୀ ଅଲୋକିକରଣ, ପରିମଳ, ରାସ୍ତାଘାଟ, ଡ୍ରେନେଜ ଆଦି ବିଭିନ୍ନ ସମସ୍ୟା ଓ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଇଓ ଶ୍ରୀ ନାୟକ ଅନୁମୋଦିତ ୩୩ଟି ପ୍ରକଳ୍ପକୁ ଦୀର୍ଘ ମାସ ହେବ ଅନୁମୋଦନ ନ କରିବା, ପାରିଷଦଙ୍କ ୱାର୍ଡ ପ୍ରକଳ୍ପ ଅନୁମୋଦନ ନ କରିବା, ନୋଟିସ ପାଇ ମଧ୍ୟ ସାଧାରଣ ଅଧିବେଶନରେ ଅନୁପସ୍ଥିତ ରହିବା ଆଦି ଉପରେ ଅଧିବେଶନରେ ଆଲୋଚନା ପରେ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନିର୍ବାହୀ ଅଧିକାରୀ ଶ୍ରୀ ନାୟକଙ୍କ ଅସହଯୋଗ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ, ସଚିବ, ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ଜେନା ଅଧିବେଶନରେ ସୂଚନା ଦେଇଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଏନଏସି ଅଞ୍ଚଳରେ ଉନ୍ନତି ମୂଳକ କାର୍ଯ୍ୟରେ ଅସହଯୋଗ ସହରବାସୀଙ୍କ ଉନ୍ନତିରେ ବାଧା ସୃଷ୍ଟି କରିବା ନେଇ ଅଧିକାରୀ ଶ୍ରୀ ନାୟକଙ୍କ ଉଦ୍ଦେଶ୍ୟରେ ଉକ୍ତ ବୈଠକରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଏପଟେ ପାରିଷଦର ୧୧ ଜଣ ସଭ୍ୟ ଥିବାବେଳେ ୪ଜଣ ବୈଠକରେ ଯୋଗ ଦେଇଥିବାରୁ ସରକାରୀ ଦଳର କିଛି ଛାମୁଆ କର୍ମୀ କାର୍ଯ୍ୟାଳୟ ଠାରେ ପହଞ୍ଚି ସେଠାରେ ଉପସ୍ଥିତ ରହି ବୈଠକକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କଲେ ମଧ୍ୟ ଅଧକ୍ଷାଙ୍କ ରୁମରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏନେଇ ଅଧିକାରୀ ଶ୍ରୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସମ୍ଭବ ହୋଇପାରିନାହିଁ।

## ବାନ୍ଧୁପାଲି-ଦହିଗାଁ ରାସ୍ତା ନିର୍ମାଣ ଦାବି

ଦହିତା, ୧।୧୧(ସମିସ): ପଦ୍ମପୁର ଉପଖଣ୍ଡ କଂସର ପଞ୍ଚାୟତର ବାନ୍ଧୁପାଲିରୁ ତେନ୍ତୁଲିଖୁଟି ଦହିଗାଁକୁ ସଂଯୋଗ କରିଥିବା ରାସ୍ତା ବହୁ ପୁରୁଣା। ପୂର୍ବରୁ ଲୋକେ ଏହିରାସ୍ତା ଦେଇ ଗାଇସିଲେଟ ଏବଂ ବଲାଙ୍ଗିରକୁ ଯିବା ଆସିବା କରୁଥିଲେ ହେଲେ ଏହିରାସ୍ତା ଏବେ କଦର୍ଯ୍ୟ ହୋଇପଡ଼ିଛି। ଅଣ ଓସାରିଆ ରାସ୍ତାଟି ଖାଲଖମାରେ ପରିଣତ ହୋଇଛି। ଯାତାୟତରେ ନାହିଁ ନ ଥିବା ଅସୁବିଧା ଦେଖାଦେଉଛି। ବର୍ଷା ହେଲେ ଖାଲରେ ପାଣି ଭର୍ତ୍ତି ହୋଇ ରହୁଥିବା ଯୋଗୁଁ ଛୋଟବଡ ଦୁର୍ଘଟଣା ଘଟୁଛି। ଏହିରାସ୍ତାକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବାରୁ ବହୁ ଦିନରୁ ଦାବି ହୋଇ ଆସୁଛି। ହେଲେ ଅଦ୍ୟାବଧି କୌଣସି ସୁଫଳ ମିଳୁନଥିବାରୁ ପ୍ରଶାସନ ପ୍ରତି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜନସାଧାରଣଙ୍କ ଆଡେଇ ଦେଇ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

## ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବାକୁ ଆପ୍‌ର ଦାବି

ବରଗଡ଼, ୧।୧୧(ସମିସ): ଚଳିତ ବର୍ଷ ୨୦୨୫-୨୬ ଖରିଫ ଓ ରବି ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୬୯ ଟଙ୍କା ବୃଦ୍ଧି ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ମୂଲ୍ୟ ଧାର୍ଯ୍ୟ କରା ଯାଇଛି। ହେଲେ ଓଡ଼ିଶା ଚାଷୀଙ୍କୁ ଏହାର ଫାଇଦା ମିଳିବ କି ନାଇଁ ବୋଲି ଆମ୍ ଆଦମୀ ପାର୍ଟି ପ୍ରଶ୍ନ କରିଛି। ଚଳିତ ବର୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବାକୁ ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଦାବି କରିଛନ୍ତି। ଗତବର୍ଷ ଏମଏସପି ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାର ୮୦୦ ଟଙ୍କା ଇନପୁଟ ସହାୟତା ଦେଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଆସୁଛନ୍ତି। ହେଲେ ଏହି ଖରିଫ ଋତୁରେ ବର୍ଦ୍ଧିତ ୬୯ ଟଙ୍କା ଏମଏସପି ଦିଆ ଯିବକି ନାହିଁ ତାହା ରାଜ୍ୟ ସରକାର ସ୍ପଷ୍ଟ କରି ନାହାଁନ୍ତି। ଅନ୍ୟପଟେ ଅନେକ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ି ଥିବାରୁ ତୁରନ୍ତ ସେମାନଙ୍କୁ ଏଥିରେ ସାମିଲ କରାଯାଉ ବୋଲି ଶ୍ରୀ ସାହୁ କହିଛନ୍ତି। ସେହିପରି ଚାଷ ପାଇଁ ବ୍ୟବହୃତ ସାରର ସଙ୍କଟ ଓ କଳାବଜାରୀ ଅନେକ ମାତ୍ରାରେ ଅସନ୍ତୋଷ ସୃଷ୍ଟି କରିଥିଲା ବୋଲି ଶ୍ରୀ ସାହୁ କହିଛନ୍ତି।

## ମାଣ୍ଡୋସିଲରେ ଏଟିଏମ୍ ଦାବି

ପାଇକମାଲ, ୧।୧୧(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲରେ ଏଟିଏମ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗାଁରେ ପାଖାପାଖି ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁରେ ସ୍କୁଲ, କଲେଜ, ଡାକ୍ତରଖାନା ଭଳି ସରକାରୀ ତଥା ବେସରକାରୀ ଅନୁଷ୍ଠାନ ରହିଛି। ପ୍ରତିଦିନ ମାଣ୍ଡୋସିଲକୁ ଆଖପାଖରୁ ଶହ ଶହ ଲୋକ ନିର୍ଭର କରିଥାନ୍ତି। ବହୁ କଲେଜ ଛାତ୍ରଛାତ୍ରୀ ସ୍କୁଲ କଲେଜ ପାଠ ପଢ଼ିବାକୁ ଆସିଥାନ୍ତି। ମାଣ୍ଡୋସିଲ ଅଞ୍ଚଳ ପାଇଁ ଏକ ବ୍ୟବସାୟ ସ୍ଥଳୀ ମଧ୍ୟ। ଏଠାରେ ଏଟିଏମ୍ ନଥିବାରୁ ଲୋକମାନଙ୍କୁ ହଟହଟା ହେବାକୁ ପଡ଼ିଥାଏ। ଏନେଇ ଜାମସେଠ ଷ୍ଟେଟ ବ୍ୟାଙ୍କ ତରଫରୁ ଏକ ଏଟିଏମ୍ ଖୋଲାଗଲେ ଅଞ୍ଚଳର ବହୁ ଲୋକ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

## ଦହିତା ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ

ଦହିତା, ୧।୧୧(ସମିସ): ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ସଭାପତିତ୍ୱରେ ଉତ୍ସବରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ବିଦ୍ୟାଳୟ ପରିଚାଳନା କମିଟି ଉପେନ୍ଦ୍ର ପଟେଲ ଯୋଗ ଦେଇଥିଲେ। ନବମ-ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ଲେଖାଏଁ ପୋଷାକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କ୍ଷୀରୋଦ୍ର ନାଥ ସାହୁ ପରିଚାଳନା କରିଥିବା ବେଳେ ସୋନାଲିକା ଶବର ସହଯୋଗ କରିଥିଲେ।

## ରକ୍ତଦାନ ଶିବିର; ୭୧ ୟୁନିଟ୍ ସଂଗୃହୀତ

ବରଗଡ଼, ୧।୧୧(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରିଗିଡା ଗ୍ରାମରେ ଜୀବନ ସଂଯୋଗ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବରାହଗୋଡା ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବରେ ଓ ନିମନ୍ତ୍ରିତ ଅତିଥି ଭାବରେ ଆରୋଗ୍ୟ ମନ୍ଦିର ତାଲଶ୍ରିଗିଡା ଡାକ୍ତର ନବୀନ ବେହେରା ଓ ସରପଞ୍ଚ ରିକନ ସାହୁ ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ସର୍ବମୋଟ ୭୧ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାର ଓ ଜୀବନ ସଂଯୋଗ ପରିବାରର ସଦସ୍ୟ ଓ ତାଲଶ୍ରିଗିଡା ଗ୍ରାମବାସୀ ସହଯୋଗ କରିଥିଲେ। ଶିବିର ଆୟୋଜନ ପାଇଁ ଜୀବନ ସଂଯୋଗ ପରିବାରକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଝାରବନ୍ଧରେ ରେଜିଷ୍ଟ୍ରି ଅଫିସ ଶୁଭାରମ୍ଭ

ଝାରବନ୍ଧ, ୧।୧୧(ସମିସ): ଓଡ଼ିଶାର ୧୩ ଜିଲ୍ଲାର ୪୪ଟି ତହସିଲ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ଅଫିସର ଉଦ୍‌ଘାଟନ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ କରିଛନ୍ତି। ଝାରବନ୍ଧ ବ୍ଲକ ସଭାଗୃହ ଠାରେ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ତହସିଲରେ ମଧ୍ୟ ରେଜିଷ୍ଟ୍ରି ଅଫିସର ଶୁଭାରମ୍ଭ ହୋଇଛି। ଝାରବନ୍ଧ ତହସିଲ ଅଧୀନରେ ଥିବା ଗାଁର ଜନସାଧାରଣ ପାଇକମାଳ ରେଜିଷ୍ଟ୍ରି ଅଫିସକୁ ଯାଇ ଜମି କିଣାବିକା ତଥା ରେଜିଷ୍ଟ୍ରି କାର୍ଯ୍ୟାଳୟରେ ହେଉଥିବା ଅନ୍ୟାନ୍ୟ କାର୍ଯ୍ୟ କରୁଥିଲେ। ଏବେ ଝାରବନ୍ଧ ତହସିଲର ରେଜିଷ୍ଟ୍ରି କାର୍ଯ୍ୟାଳୟରେ ସୁବିଧାରେ କରିପାରିବେ ବୋଲି ଝାରବନ୍ଧ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। କାର୍ଯ୍ୟକ୍ରମରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ଟେଲିକମ ଉପଦେଷ୍ଟା କମିଟି ସଦସ୍ୟ ହରିହର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ସରପଞ୍ଚ ଚିନ୍ତାମଣୀ ରାଉତ, ବିଜେପି ନେତା ଡାକ୍ତର ମୋହନ ପ୍ରସାଦ ନାୟକ, ସରପଞ୍ଚ ସୁନୀଲରାୟ, ଅମଠି ସରପଞ୍ଚ ଶାନ୍ତି ଥପା, ରାଜସ୍ୱ ପରିଦର୍ଶକ ନବୀନ ରାଉତଙ୍କ ସହିତ ତହସିଲ କର୍ମଚାରୀ ବୃନ୍ଦ ତଥା ଜନପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ।

# ‘ସୁରଭି’ ଲୋକକଳା ବଞ୍ଚାଇ ରଖିବାର ଉତ୍ତମ ମାଧ୍ୟମ






ଭଟଲି, ୧।୧୧(ସମିସ)

‘ସୁରଭି’ ଶିଶୁ ମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉନ୍ମୁକ୍ତ କରିବାର ପ୍ରକୃଷ୍ଟ ମାଧ୍ୟମ ହେବା ସହିତ ବୁଡି ଯାଉଥିବା ଲୋକକଳାକୁ ପୁଣିଥରେ ସମସ୍ତଙ୍କ ସମ୍ମୁଖକୁ ଆଣିପାରିବ। ଏହାସହିତ ଚଳିତ ବର୍ଷର ବିଷୟବସ୍ତୁ ‘ମୋ ସ୍ୱପ୍ନର ଓଡ଼ିଶା-୨୦୩୬’ ଭଳି କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାର ଆଗାମୀ ଭବିଷ୍ୟତ ପାଇଁ ତଥା ଯୁବାବର୍ଗ ପାଇଁ ଅଧିକରୁ ଅଧିକ ପ୍ରେରଣାଦାୟୀ ହୋଇପାରିବ ବୋଲି ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସତିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଳିତ ଭାବେ ମତ ପ୍ରକାଶ ପାଇଛି। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଭଟଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ରଶ୍ମିତା ସୁନା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣି ତ୍ରିପାଠୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କନକଲତା ପ୍ରଧାନ ପ୍ରମୁଖ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କନିଷ୍ଠ, ବରିଷ୍ଠ (ମାଧ୍ୟମିକ) ଓ ବରିଷ୍ଠ (ଉଚ୍ଚ ମାଧ୍ୟମିକ) ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୧ଟି କ୍ଲଷ୍ଟରର ନୃତ୍ୟ ଦଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶରଧାପାଲି ସେବାଶ୍ରମର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନେ ଦ୍ୱିତୀୟ ଓ ଭୋଜପୁରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ, ଭଟଲି ସରପଞ୍ଚ ପ୍ରମୋଦିନି ପ୍ରଧାନ, ଭଟଲି ଥାନା ଅଧିକାରୀ ବିଭୂତି ଭୂଷଣ ଦଳେଇ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କନକଲତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଯୋଗେଶ୍ୱର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ କୈଳାଶ ଚନ୍ଦ୍ର ଦାଶ, ବୈରାଗୀ ସାହୁ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପ୍ଲାନିଂ ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ବିଦ୍ୟାଳୟର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ଲଷ୍ଟର ସାଧନ ସଂଯୋଜକ ସୁଶାନ୍ତ ସୁନା, ଲୋକନାଥ ମେହେର, ଶୁକ୍ର ଗଡ଼ିଆ, ଜୟରାଜ୍ ନାଏକ, ରୋହିତ ମହାନନ୍ଦ, ସୁଦାମ ସାହୁ, ସୁଜିତ ନନ୍ଦ, ଆଦିତ୍ୟ ସାହୁ, ବିରେନ୍ଦ୍ର ପାଣ୍ଡେ, ସଞ୍ଜୟ ସାହୁ, ଗୁପ୍ତ ଚନ୍ଦ୍ରରାୟଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀଙ୍କ ସମେତ ବିଦ୍ୟାଳୟ କମିଟି ସହଯୋଗ କରିଥିଲେ।

ଝାରବନ୍ଧ: ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବିଇଓ ଅଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ୟାମ ସୁନ୍ଦର ବେହେରା, ଜିତେନ୍ଦ୍ର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟ ଏକତା ଦିବସର ଶପଥ ଗ୍ରହଣ ହୋଇଥିଲା। ସ୍ୱର୍ଗତ ଶିକ୍ଷକ ଲୋକେଶ୍ୱର ନାୟକଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିଲେ। ଝାରବନ୍ଧ ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଜୁନିୟର ଗ୍ରୁପ, ସିନିୟର ଗ୍ରୁପ ଏବଂ ସିନିୟର ଉଚ୍ଚ ମାଧ୍ୟମିକ ଗ୍ରୁପ ମାଧ୍ୟମରେ ନୃତ୍ୟ, ଗୀତ ସମେତ ଦଶ ପ୍ରକାରର ପ୍ରତିଯୋଗିତାରେ ୨୯୭ ଜଣ ଭାଗ ନେଇ ଥିଲେ। ୪୦ ଜଣ ବିଚାରକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଝାରବନ୍ଧ ସିଡିପିଓ ସୁଷମା ପଟେଲ ଅତିଥି ଭାବେ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ଦକ୍ଷତା ବିକାଶର ବଳିଷ୍ଠ ମାଧ୍ୟମ ବୋଲି ମତାମତ ଦେଇ ଥିଲେ। ସମସ୍ତ ବିଭାଗର ପ୍ରଥମ ସ୍ଥାନ ଗ୍ରହଣ କରିଥିବା ୩୫ ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବାର ସୂଚନା ରହିଛି। କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇ ଥିଲା। ଗୋପାଳ ହରିଜନ ଉଦ୍‌ଯାପନୀ ଉତ୍ସବ ମଞ୍ଚ ପରିଚାଳନା କରିଥିଲେ।

## ପାଇକମାଳରେ ବରିଷ୍ଠ ନାଗରିକ ଦିବସ

ପାଇକମାଳ, ୧।୧୧(ସମିସ): ପାଇକମାଳ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ତରଫରୁ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଗୁରୁବାର ମାଉସୀ ମା ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏଥିରେ ଅନିଲ କାଳିଆ ସଭାପତିତ୍ୱ କରିଥିବାବେଳେ ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଡ୍ରୁ, ତହସିଲଦାର ସିନ୍ଧୁସୁତା ପାତ୍ର, ବିଇଓ ଅଦନ ସୁନା, ଥାନାଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଆକାଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ପାଇକମାଳ, ଟେମରୀ ଓ ମାଣ୍ଡୋସିଲ ଜୋନର ପ୍ରାୟ ୭୦ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ଥାନା ଅଧିକାରୀ ଶ୍ରୀ ପ୍ରଧାନ ବରିଷ୍ଠ ନାଗରିକ ମାନଙ୍କ ପାଇଁ ପରିଚୟ ପତ୍ର ସମ୍ପର୍କରେ ବରଗଡ଼ ଏସ୍‌ପିଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକ ଫର୍ମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତହସିଲଦାର ପାତ୍ର ମଧ୍ୟ ଅବସର କର୍ମଚାରୀ ମାନଙ୍କ ଗୃହ ନିର୍ମାଣ ପାଇଁ ଗୋଟିଏ ଉପଯୁକ୍ତ ଜାଗା ଯୋଗାଇ ଦେବାପାଇଁ ଚେଷ୍ଟା କରିବା ପାଇଁ କହିଥିଲେ। ଦୋଳମଣି ମାହାର ସଭା ପରିଚାଳନା କରିଥିଲେ.। ମାଣ୍ଡୋସିଲ ଜୋନ ସମ୍ପାଦକଙ୍କ ଦ୍ୱାରା ବରିଷ୍ଠ ନାଗରିକ ଦିବସ ଶୀର୍ଷକରେ ଲିଖିତ କବିତା ପାଠ କରାଯାଇଥିଲା। ଶଙ୍କର ପ୍ରସାଦ ଦାଶ, ଜନାର୍ଦ୍ଦନ ପଣ୍ଡା, ଗିରୀଶ ଚନ୍ଦ୍ର ନାୟକ, ପ୍ରସନ୍ନ ପଟ୍ଟନାୟକ, ମହେନ୍ଦ୍ର ସାହୁ ପ୍ରମୁଖ ନିଜ ଅଭିଜ୍ଞତା, ଅନୁଭୂତି ବର୍ଣ୍ଣନା କରିବା ସହ ସାମୂହିକ ବୃକ୍ଷରୋପଣ, ସଫେଇ, ନିଶା ନିବାରଣ, ଜନ ସଚେତନା ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନେବାକୁ ମତାମତ ଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ନନ୍ଦଲାଲ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଏକତା ଦିବସ ଉପଲକ୍ଷେ ଗଣଦୌଡ଼






ବରଗଡ଼, ୧।୧୧(ସମିସ): ବରଗଡ଼ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବରଗଡ଼ ଗାନ୍ଧୀ ଛକରୁ ଶୋଭାଯାତ୍ରାରେ ବାହାରି ଭଟଲି ଛକ, ଥାନା ଛକ, ଦେଇ ଏସପି ଅଫିସ ପର୍ଯ୍ୟନ୍ତ ଦୌଡ ହୋଇଥିଲା। ଏଥିରେ ପୁଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ଅତିରିକ୍ତ ଏସପି ଇନ୍ଦୁଲେଖା ପଶ୍ଚିମ କବାଟ, ଡିଏସପି ସିପ୍ରା, ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ଡିଏସପି ସୁମନ୍ତ କିସାନ, ଟାଉନ୍ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ଟ୍ରାଫିକ ଇନ୍‌ଚାର୍ଜ ମଙ୍ଗଳ କିସ୍କୋଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସହିତ ପୁଲିସ ପକ୍ଷରୁ ସାଇବର ସେଫଟି ଚାମ୍ପିଅନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବରଗଡ଼: ବିକାଶ ଲ’ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। ଏହି ଅବସରରେ ବିଏ ଏଲ୍‌ଏଲ୍‌ବି ଶେଷ ବର୍ଷର ଛାତ୍ର ଅଦ୍ୱେଧନ୍ଦୁ ଶେଖର ମିଶ୍ର ଓ ତୃତୀୟ ବର୍ଷର ଛାତ୍ର ସାଇ ସୌମ୍ୟରଞ୍ଜନ୍ ଭୋଇ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସନ୍ତୋଷୀ ସାହୁ, ସାଗତିକା ସାହୁ, ଅଞ୍ଜନା ପୂଜାରୀ, ସାଗରିକା ବିଶ୍ୱାଳ ଓ ଲ’ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତେ ଏକଜୁଟ୍ ହୋଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ଉତ୍‌ଥାନ ପାଇଁ ପ୍ରଚେଷ୍ଟା କରିବାକୁ ଶପଥ ନେଇଥିଲେ।

ପଦ୍ମପୁର: ସମଗ୍ର ଦେଶ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରୁଥିବା ବେଳେ ଆଦର୍ଶ ଥାନା ପଦ୍ମପୁର ତରଫରୁ ସହରରେ ଆୟୋଜିତ ହୋଇଥିଲା ଗଣଦୌଡ କାର୍ଯ୍ୟକ୍ରମ। ଥାନାଧିକାରୀ ମମତା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ପଦ୍ମପୁର ସହର ଅଞ୍ଚଳ ମହାବିଦ୍ୟାଳୟ, ଯେନିଥ ଗୁରୁକୁଳ ପଦ୍ମପୁରର ଶିକ୍ଷକ ଓ ଛାତ୍ରଛାତ୍ରୀ, ଶତାଧିକ ନାଗରିକ, ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇ ଜାତୀୟ ଏକତା ଓ ଅଖଣ୍ଡତାର ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରିଥିଲେ।

ଝାରବନ୍ଧ: ଝାରବନ୍ଧ ପୁଲିସ ତରଫରୁ ଜାତୀୟ ଏକତା ଦିବସ ପାଳନ ଉପଲକ୍ଷେ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଥାନା ଅଧିକାରୀ କେ.ସମାରିଆ, ଏଏସଆଇ କୌଶିକ ସାହୁଙ୍କ ସମେତ ଝାରବନ୍ଧର ଯୁବ ବର୍ଗ, ସମସ୍ତ ପୁଲିସ କର୍ମଚାରୀ ଥାନାରୁ ଦୌଡରେ ବାହାରି ଝାରବନ୍ଧ ସହର ପରିକ୍ରମା କରି ଭାରତ ମାତାର ଜୟଗାନ କରିଥିଲେ।

ପାଇକମାଳ: ପାଇକମାଳ ଥାନା ପକ୍ଷରୁ ଶୁକ୍ରବାର ଥାନା ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଥାନା ପରିସରରୁ କୋକନରା ଛକ ପର୍ଯ୍ୟନ୍ତ ଦୌଡ ହୋଇଥିଲା। ଏଥିରେ ପୁଲିସ କର୍ମଚାରୀଙ୍କ ସମେତ ୧୦୦ ଜଣ ଅଂଶଗ୍ରହଣ କରିଥିଲେ। ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଏସଆଇ ବିରେନ୍ଦ୍ର ବାଗ, ଏଏସଆଇ ସଚ୍ଚିଦାନନ୍ଦ ପ୍ରଧାନ, ଏଏସଆଇ ମାନଭଞ୍ଜନ ପ୍ରଧାନ, ଏଏସଆଇ ଶଶିକାନ୍ତ ବାରିକ, ଏଏସଆଇ ବୃନ୍ଦାବତୀ ଭୋଇ ସମେତ ସମସ୍ତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସହିତ ପୁଲିସ ପକ୍ଷରୁ ସାଇବର ସେଫଟି ଚାମ୍ପିଅନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଅତାବିରା: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଅତାବିରା ପୁଲିସ ପ୍ରଶାସନ ପକ୍ଷରୁ ଏକ ମିନି ମାରାଥନ ହୋଇଯାଇଛି। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଥାନାଧିକାରୀ ପ୍ରକାଶ କର୍ଣ୍ଣ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ମାରାଥନରେ ବହୁ ଯୁବକ ଭାଗ ନେଇ ଥାନାରୁ ବସଷ୍ଟାଣ୍ଡକୁ ପୁଣି ଯାଇ ଥାନାକୁ ଫେରିଥିଲେ।

ଅମ୍ବାଭୋନା: ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଜୁନିଅର୍ ରେଡ୍‌କ୍ରସ କାଉନସେଲର୍ ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଏକତା ଦିବସର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀ ଅଙ୍କିତ ମହନ୍ତ, ଆଶୁତୋଷ ଭୋଇ, ଈଶ୍ୱର ପଧାନ, ଶ୍ରୀପତି ସାହୁ, ରଞ୍ଜିତ ସାହୁ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଆଶିଷ ପୁରୋହିତ, ରୁକୁଣୀ ସେଠ, ଅନୀଲସିଦାରଙ୍କ ସମେତ ବିଦ୍ୟାଳୟର ଜୁନିୟର୍ ରେଡ୍‌କ୍ରସ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଏବଂ ନେତାଜୀ ସ୍କାଉଟର ସଦସ୍ୟ ତଥା ସମସ୍ତ ଶିକ୍ଷକ ଓ ଶିକ୍ଷାର୍ଥୀ ରାଷ୍ଟ୍ରୀୟ ଏକତା ଶପଥ ପାଠ କରିଥିଲେ। ପ୍ରଧାନଶିକ୍ଷକ ନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

ଅତାବିରା: ବାବେବିରା ହାଇସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଟି ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ବାରିକ, ପଦ୍ମପୁର ଅଞ୍ଚଳ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଡ.ସରୋଜ ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅମୃତ ବାରି ସଭା ପରିଚାଳନା କରିଥିବା ବେଳେ ମହେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶପଥ ପାଠ ଓ ଏକତା ଦୌଡ଼ ହୋଇଥିଲା।

# ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ପକ୍ଷ

### ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୧।୧୧(ସମିସ)



ବରଗଡ଼ ଜିଲ୍ଲାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ପକ୍ଷ ଶନିବାର ଠାରୁ ଆରମ୍ଭ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ ପତାକା ଦେଖାଇ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ। ୧ ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଜନସାଧାରଣଙ୍କୁ ସଚେତନ କରାଯିବ। ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବିଗତ କିଛି ବର୍ଷରେ ଉଦ୍‌ବେଗ ଜନକ ଭାବେ ବୃଦ୍ଧି ପାଇଛି। ଗତବର୍ଷ ରାଜ୍ୟରେ ମୃତ୍ୟୁ ସଂଖ୍ୟା ହାର ଶତକଡା ୭.୦୬% ବୃଦ୍ଧି ପାଇଛି। ଏଣୁ ମୃତ୍ୟୁ ସଂଖ୍ୟା ହାରକୁ କମାଇବା ପାଇଁ ରାଜ୍ୟ ସରକାର ମୃତ୍ୟୁ ଶୂନ୍ୟ ପକ୍ଷ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ଅତ୍ୟଧିକ ବେଗରେ ଗାଡ଼ି ଚଳାନ୍ତୁ ନାହିଁ, ଗାଡ଼ିଚାଳନା ସମୟରେ ଅନ୍ୟ ଯାନ ସହ ପ୍ରତିଯୋଗିତା କରନ୍ତୁ ନାହିଁ, ଦୁଇଚକିଆ ଯାନରେ ହେଲ୍‌ମେଟ୍ ବ୍ୟବହାର କରନ୍ତୁ, ଚାରିଚକିଆ ଯାନରେ ସିଟ୍ ବେଲ୍ଟର ହ୍ୟବହାର, ଇଣ୍ଡିକେଟର ବ୍ୟବହାର, ଯାନ ଚାଳନା ବେଳେ ମଦ୍ୟପାନ ନ କରିବା, ଘାଟି ରାସ୍ତା, ବୁଲାଣି, ଓଭରଟେକ୍ ମସୟରେ ସାବଧାନତା ଅବଲମ୍ବନ, ସବୁବେଳେ ଟ୍ରାଫିକ ନିୟମ ପାଳନ, ୧୮ ବର୍ଷରୁ କମ୍ ପିଲାଙ୍କୁ ଯାନ ନଦେବା ଆଦି ପାଇଁ କୁହାଯାଇଥିଲା। ଗାଡ଼ି ଚାଳକ ନିଜ ଯାନକୁ ଠିକ୍ ଅବସ୍ଥାରେ ରଖିବା, ଆବଶ୍ୟକ ସ୍ଥଳେ ମରାମତି କରିବା, ପ୍ରଦୂଷଣ ମୁକ୍ତ ପ୍ରମାଣ ପତ୍ର ହାସଲ କରିବା ପାଇଁ ମଧ୍ୟ କୁହାଯାଇଥିଲା। ମଦ୍ୟପାନ କରି ଗାଡ଼ି ଚଳାଇଲେ ଚାଳକଙ୍କର ଲାଇସେନ୍ସ ରଦ୍ଦ କରାଯିବ, ଜରିମାନା ଆଦାୟ ଏବଂ ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରାଯିବ ବୋଲି କୁହାଯାଇଛି। ନମ୍ବର ପ୍ଲେଟ୍ ଠିକ୍ ଭାବେ ଲେଖାଯାଇ ନଥିଲେ କିମ୍ବା ନମ୍ବର ପ୍ଲେଟକୁ ଦେଖିବାରେ ଅସୁବିଧା ହେଉଥିଲେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ କହିଛନ୍ତି। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ, ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହରେ ନିୟମକୁ କଡାକଡି ଭାବେ ପାଳନ କରାଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ କହିଥିଲେ। କାର୍ଯ୍ୟକ୍ରମରେ ଏଇ ମିଶନ ସ୍କୁଲ ଚେୟାରମ୍ୟାନ ଜସ୍ୱିର୍ ସିଂ, ବିନୋଦ ଦାଶ, ରାକେଶ ବେହେରା, ବର୍ଷାରାଣୀ ମୁଣ୍ଡା, ସତିଶ ତାଣ୍ଡି, ଏସ ଅରୁନ୍ଧତୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୧୬ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

ପାଇକମାଳ, ୧।୧୧(ସମିସ): ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ଲଉଡମାଲ ସ୍ଥିତ ହନୁମାନ ରାଇସ ମିଲରେ ଶନିବାର ୧୬ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବେ ଆଶୁତୋଷ ସାହୁ ଓ ଧର୍ମପତ୍ନୀ ହିମାଦ୍ରି ସାହୁ, କ୍ରିଷ୍ଣା ଅଗ୍ରୱାଲ ଓ ଧର୍ମପତ୍ନୀ ଆରତୀ ଅଗ୍ରୱାଲ ବସିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କୁନୁ ତ୍ରିପାଠୀ ଓ ସହ ପୂଜକ ଭାବେ ରୋଶନ ମିଶ୍ର, ମାନସ ତ୍ରିପାଠୀ, ସମରେନ୍ଦ୍ର ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ମହେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, ପୁସ୍ତମ ଅଗ୍ରୱାଲ, ସୁନୀଲ ନାଗ, ରାକେଶ ଅଗ୍ରୱାଲ, ନକୁଳ ବହିଦାର, ଦୁର୍ଯ୍ୟୋଧନ ବରିହା, କୁନୁ ଥପା, ଯଜ୍ଞ କମିଟି ତଥା ଲଉଡମାଲ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ



ବରଗଡ଼, ୧।୧୧(ସମିସ): ପୌର ପରିଷଦ ଅଧୀନ ୱାର୍ଡ ନ ୧ ନିଗମାନନ୍ଦ ବିହାରର ବରିଷ୍ଠ ନାଗରିକ ବୃନ୍ଦ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ତାଙ୍କର ପାଠପଢ଼ା, ଶାନ୍ତି ଶୃଙ୍ଖଳା, ଭୋଜନ ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଦେଖି ଆନନ୍ଦ ବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ କିଶୋର ସାହୁ ଏବଂ ଅଭୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଟିକେଲାଲ ପ୍ରଧାନ, ବିବେକାନନ୍ଦ ବହିଦାର, ଅର୍ଜୁନ ମହାପାତ୍ର ପ୍ରମୁଖଙ୍କ ସମେତ ବରିଷ୍ଠ ନାଗରିକଙ୍କ ଏକ ପ୍ରତିନିଧି ମଣ୍ଡଳୀଙ୍କୁ ବିଦ୍ୟାଳୟ ପରିସର ବୁଲାଇ ଦେଖାଇଥିଲେ। ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ। ତେବେ ବରିଷ୍ଠ ନାଗରିକ ବୃନ୍ଦ କୁନିକୁନି ଛାତ୍ରଛାତ୍ରୀଙ୍କ ଗହଣରେ ଆତ୍ମସନ୍ତୋଷ ଲାଭ କରିଥିବା ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଏଥର କଳିଙ୍ଗ ବାଲିଯାତ୍ରା ୭ ଦିନ

# ଲାଗିଛି ୭୦ ସିସିଟିଭି, ମୁତୟନ ହେବେ ୧୦ ପ୍ଲାଟୁନ୍ ଫୋର୍ସ

ପାରାଦୀପ, ୧।୧୧ (ସମିସ)




୪ରୁ ପାରାଦୀପ ବିଜୁ ମଇଦାନରେ ଆରମ୍ଭ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ସାତଦିନ ଧରି ଚାଲିବ। ଏହି ଐତିହାସିକ ବାଲିଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବାଲିଯାତ୍ରାକୁ ଶୃଙ୍ଖଳିତ କରିବାକୁ ୭୦ ସିସିଟିଭି ଲଗାଯିବା ସହ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ମେରାଇନ ରାସ୍ତା ପାଖରେ ଥିବା କମ୍ପାନୀ ଷ୍ଟଲ୍‌କୁ ଉଠାଇ ଦିଆଯାଇଛି। ଯେପରି ମେରାଇନ ରାସ୍ତା ଉପରୁ ଲୋକେ ସିଧାସଳଖ ଷ୍ଟେଜର ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖିପାରିବେ। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ସହିତ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ମନ୍ତ୍ରୀ ଓ ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ବାଲିଯାତ୍ରା ପଡ଼ିଆରେ ହଜାରରୁ ଅଧିକ ଷ୍ଟଲ୍ ଏବେ ସୁଦ୍ଧା ଲାଗି ସାରିଥିବାବେଳେ ଫୁଟପାଥ ଓ ବୁଲା ବିକାଳିଙ୍କୁ ମିଶାଇଲେ ଏହି ସଂଖ୍ୟା ୨ ହଜାର ଟପିବ ବୋଲି ଅନୁମାନ କରାଯାଉଛି। ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଲକ୍ଷ୍ୟରେ ରଖି ପରିମଳ ବ୍ୟବସ୍ଥା ମଧ୍ୟ ବିଭିନ୍ନ ସ୍ଥାନରେ ସଜ୍ଜିତ ରହିଛି। ଏଣୁ ପାରାଦୀପ ପୌରପାଳିକା ପକ୍ଷରୁ ଯଥାସମ୍ଭବ ପଦକ୍ଷେପ ନିଆଯାଇଛି। ସେପଟେ କର୍ମଚାରୀଙ୍କୁ ବାଲିଯାତ୍ରା ପଡ଼ିଆ ଓ ପାଖାପାଖି ଅଞ୍ଚଳରେ ସଫେଇ ଦାୟିତ୍ୱ ଦିଆଯାଇଛି। ବ୍ୟବସାୟୀ ପଲିଥିନ ବ୍ୟବହାର ନ କରିବାକୁ ପୌରପାଳିକା ପକ୍ଷରୁ ଆଗୁଆ ସୂଚନା ଦିଆଯାଇଛି। ବ୍ୟବସାୟୀଙ୍କ ପାଇଁ ନଳକୂପ ଖୋଳାଯାଇଛି। ସେଠାରେ ଏକ ଗୋଷ୍ଠୀ ଶୌଚାଳୟ ରହିଥିବାରୁ ଆଉ କେତେକ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଇଛି। ମହିଳାଙ୍କ ପାଇଁ ପୂର୍ବରୁ ଏକ ବସ୍ ରହିଥିଲାବେଳେ ଏବେ ସ୍ୱତନ୍ତ୍ର ଭାବେ ମହିଳା ଶୌଚାଳୟର ବ୍ୟବସ୍ଥା କରାଯାଇଛି। ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବାକୁ ଥିବାବେଳେ ୭୦ଟି ସିସିଟିଭି ବାଲିଯାତ୍ରା ପଡ଼ିଆରେ ଲଗାଯାଇଛି। ସିସିଟିଭି ମାଧ୍ୟମରେ ଲୁଚେରୋଙ୍କ ଗତିବିଧି ପୁଲିସର ଅସ୍ଥାୟୀ କଣ୍ଟ୍ରୋଲ ରୁମରୁ ଜଣାପଡ଼ିବ। ଏଥର ସ୍ୱତନ୍ତ୍ର ନୃତ୍ୟ ଗ୍ରୁପ ନୃତ୍ୟ ପରିବେଷଣ କରିବା ସହ ଓଲିଉଡ ଗାୟକ ସଙ୍ଗୀତ ପରିବେଷଣ କରିବେ।

## ଗୋଠିଣା ମହିମା ଆଶ୍ରମରେ ବ୍ରହ୍ମଧୂନୀ

**ରଘୁନାଥପୁର, ୧।୧୧(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋଠିଣାସ୍ଥ ମହିମା ଆଶ୍ରମରେ ଆଜି ବ୍ରାହ୍ମ ମୁହୂର୍ତ୍ତରେ ମହିମା ଧର୍ମର ଯଥା ବିଧିବିଧାନ ଅନୁସାରେ ଅଖଣ୍ଡ ବଟୀ ଅର୍ପଣ ପୂର୍ବକ ମହିମା ମହାପ୍ରଭୁଙ୍କ ଅମଣିଆ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ୫ଟା ସମୟରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ସାନ୍ଧ୍ୟ ଘୃତବତୀ ଅର୍ପଣ ଓ ବ୍ରହ୍ମଧୁନି ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମ ଅବଧୂତ ସନ୍ନ୍ୟାସୀ ବେଣୁଧର ବାବାଙ୍କ ତତ୍ତ୍ୱାବଧାନରେ ଅତିଥି ପୂଜ୍ୟ ସାଧୁଚରଣ ଦାସ, ସାଧୁ ହରମୋହନ ଦାସ ଓ ସାଧୁ ହୃଷିକେଶ ଦାସ, ଉକ୍ତ ସମ୍ପାଦନା କରିଥିବାବେଳେ ସାଧୁ ଅନନ୍ତ ଚରଣ ଦାସ ପରିଚାଳନା କରିଥିଲେ। ଭକ୍ତ ଓ ଗୋଠିଣା ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଭକ୍ତ ଯୋଗ ଦେଇଥିଲେ।

## ଶ୍ରୀଗଣେଶଙ୍କ ପୀଠରେ ପଞ୍ଚକ ବ୍ରତ ଆରମ୍ଭ

**ବାଲିକୁଦା, ୧।୧୧(ସମିସ):** ବାଲିକୁଦା ମଧୁ ବୈଶ୍ୟ ସମିତି ପକ୍ଷରୁ ପ୍ରଭୁ ଶ୍ରୀଗଣେଶଙ୍କ ପୀଠରେ ପଞ୍ଚକ ବ୍ରତ ଓ ହବିଷ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ମନ୍ଦିରରେ ମଙ୍ଗଳ ଆଳତୀ ସହ ନାମ ସଂକୀର୍ତ୍ତନ କରାଯାଇଥିଲା। ସମିତି ମୁଖ୍ୟ ଅମୀୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଶ୍ରୀନିବାସ ଦାଶଙ୍କ ଦ୍ୱାରା ସମସ୍ତ ରୀତିନୀତି ସମ୍ପନ୍ନ ପରେ ପ୍ରସାଦ ସେବନ କରାଯାଇଥିଲା। ଏଥିରେ ଶରତ ସାହୁ, ହେମନ୍ତ ସାହୁ, ବିଜୟ ସାହୁ, ଚିତ୍ତରଞ୍ଜନ ସାହୁ, ହଟକିଶୋର ସାହୁ, ବିଜୟ ସାହୁ, ଝାଟୁ ସାହୁ, କବିନ୍ଦ୍ର ପରିଡ଼ା, କଣ୍ଠ ସାହୁ, ମାନସ ସାହୁ ସହଯୋଗ କରିଥିବାବେଳେ ଆଖପାଖ ଗ୍ରାମର ଶତାଧିକ ମହିଳା ହବିଷ ବୁଡ଼ ପକାଇଥିଲେ।

## ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା

**ପାରାଦୀପ, ୧।୧୧(ସମିସ):** ପାରାଦୀପର ସର୍ବପୁରାତନ ସଂଘ କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ବାଲିପ୍ଲଟରେ କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଛି। କାର୍ତ୍ତିକେଶ୍ୱରଙ୍କ ନାମ ଅନୁସାରେ ଏହି ବ୍ୟବସାୟୀ ସଂଘ ଗଠନ କରାଯାଇଥିବାରୁ ଏହି ପୂଜାକୁ ବ୍ୟବସାୟୀ ୫ ଦିନ ଧରି ପାଳନ କରିଥା'ନ୍ତି। ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ହେବ। ଏହି ପୂଜାରେ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୁଏ। ଗତକାଲି ଦଶମୀରେ କଳସ ଯାତ୍ରା ହୋଇ ପୂଜା ଆରମ୍ଭ ହୋଇଥିବାବେଳେ ଆଜି ଏକାଦଶୀ ତିଥିରେ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା ସଂଘର କର୍ମକର୍ତ୍ତା, ସଦସ୍ୟ ଓ ମହିଳାଙ୍କୁ ନେଇ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ପରେ ଭଜନ ସମାରୋହ ୫ ଦିନ ଧରି ଚାଲିବ। ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପୁରୋହିତ ଭାବେ ନିମନ୍ତ୍ରଣ କରାଯାଇଛି। ପୁରୋହିତଙ୍କ କହିବା ଅନୁଯାୟୀ ଏହି ଯଜ୍ଞ ଉତ୍ସବରେ ଶିବପାର୍ବତୀଙ୍କ ସହିତ ଗଣେଶ, ଲକ୍ଷ୍ମୀନାରାୟଣ ଓ ନବଗ୍ରହ ପୂଜା ପାଇବେ।

## ଓଡ଼ିଶା ପୁଲିସର ସାଇବର ସୁରକ୍ଷା ସଚେତନତା

**ତିର୍ତ୍ତୋଲ, ୧।୧୧(ସମିସ):** ତିର୍ତ୍ତୋଲସ୍ଥ ଜାଭିୟର ସ୍କୁଲ ପ୍ରାଙ୍ଗଣରେ ଓଡ଼ିଶା ପୁଲିସର ସାଇବର ସେଲ ପକ୍ଷରୁ ଏକ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣ କିପରି ସାଇବର ଠକେଇର ଶିକାର ନ ହେବେ, ସେ ସମ୍ପର୍କରେ ନାଟକ ମାଧ୍ୟମରେ ଅଭିନୟ ଦ୍ୱାରା ସଚେତନତା ସୃଷ୍ଟି କରଯାଇଥିଲା। ଏହି ଶିବିରରେ ତିର୍ତ୍ତୋଲ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତ ସେଠୀ, ଅନୁଷ୍ଠାନର ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁ, ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ମହାନ୍ତି, ଗୀତାଞ୍ଜଳି ଦାସ, ଇତିଶ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାରାଦୀପ, ୧।୧୧(ସମିସ):** ପାରାଦୀପଗଡ଼ ଶ୍ରୀମା ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କୁନି ଦେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ମୁଖ୍ୟବକ୍ତା ଭାବେ ସିଆରସିସି ସମୀର ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ବିଷ୍ଣୁ ଚରଣ ମଙ୍ଗରାଜ, ବିଶ୍ୱନାଥ ମହାପାତ୍ର, ମନୋରଞ୍ଜନ ସାହୁ ଓ ସ୍କୁଲ ଅଭିଭାବକ କମିଟି ସଭାପତି ଜୀବନଧନ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ କୁନି ଦେଇ ଚାକିରୀ ଜୀବନୀ ଛାତ୍ର, ଛାତ୍ରୀ ଙ୍କୁ ଭଲପାଇବା ଉପରେ ବକ୍ତବ୍ୟ ରଖିଥିଲେ। କୁନି ଦେଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ବେହେରା, ବିଷ୍ଣୁପ୍ରିୟା ସ୍ୱାଇଁ, ଏଲିନା ମହାନ୍ତି, ସାଗରିକା ସ୍ୱାଇଁ, ମିନର୍ଭା ସ୍ୱାଇଁ, ଆୟସ୍ମିତା ସାହୁ, ଦୀପିକା ସୋରେନ, ସୁମିତ୍ରା ମୁର୍ମୁ, ବିଜୟଲକ୍ଷ୍ମୀ ସ୍ୱାଇଁ, ପ୍ରଭାତୀ ବେହେରା, ମିନର୍ଭା ପଣ୍ଡା, ଶିକ୍ଷକ ସମ୍ପଦ ମୁଦୁଲି, ରମାକାନ୍ତ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷୟିତ୍ରୀ ରଞ୍ଜିତା ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିରିଡ଼ି, ୧।୧୧(ସମିସ):** ବିରିଡ଼ି ବ୍ଲକ ଜନତା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷୟିତ୍ରୀ ରଞ୍ଜିତା ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ରଥଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ସୟଦ ଆଜାଦ ରାଜଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ସରପଞ୍ଚ କନକଲତା ବେହେରା, ବ୍ଲକ ଶିକ୍ଷାଧିକାରୀ ମିହିର ପାଲ, ଏବିଇଓ ପ୍ରକାଶ ଦାଶ, ରଞ୍ଜନା ଦାସ, ରବୀନ୍ଦ୍ର ସୂତାର, ଜଚିନ୍ଦ୍ର ଦାସ, କପିଳେନ୍ଦ୍ର ମିଶ୍ର, ସିଆରସିସି ଆନନ୍ଦ ବେହେରା, ପ୍ରଭାକର ବେହେରା, ସେକ କଲିମ, ରଶ୍ମିରେଖା ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ତ୍ରିପାଠୀଙ୍କୁ ଉପଢୌକନ, ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଦ୍ୟୁମ୍ନ ବେହେରା, ରଶ୍ମିରେଖା ନାୟକ, କେଦାରେଶ୍ୱର ରାଉତ, ମମତା ସ୍ୱାଇଁ, ମିନତୀ ବେହେରା, ରାଧାକାନ୍ତ ପଣ୍ଡା ପ୍ରମୁଖ ଉପହାର ପ୍ରଦାନ କରିଥିଲେ। ସୂର୍ଯ୍ୟନାରାୟଣ ବିଶ୍ୱାଳ, ଅମ୍ରିତା ପତି, ଭାରତୀ ବେହେରା, ପଦ୍ମଜାନନ୍ଦିନୀ ସ୍ୱାଇଁ, ଲଳିତା ଲାବଣ୍ୟବତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଗୀରଥି ଦାସଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ ଦାବି

**କୁଜଙ୍ଗ, ୧।୧୧(ସମିସ):** ଓଡ଼ିଆ ଭାଷା ସାହିତ୍ୟର ପ୍ରଥିତଯଶା ସାହିତ୍ୟିକ ତଥା ୬ ଶହରୁ ଊର୍ଦ୍ଧ୍ୱ ପୁସ୍ତକର ରଚୟିତା ଔପନ୍ୟାସିକ ଭାଗୀରଥି ଦାସଙ୍କ ୮୭ତମ ଜୟନ୍ତୀ ଉତ୍ସବ ଅବସରରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ଦାବି ହୋଇଛି। ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ସଭାପତି ତଥା ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡକ୍ଟର ରଘୁ ସାହୁ, ତିର୍ତ୍ତୋଲର ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲେକ ପଲାଇ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ବାଲିଘର ଫାଉଣ୍ଡେସନ ସଭାପତି କୈଳାସ ସ୍ୱାଇଁ, ସାହିତ୍ୟିକ ନିର୍ମଳ ରାଉତ ଓ ଡକ୍ଟର କେଶବ ଦଳେଇ, ଯୁବ ସାହିତ୍ୟିକ ଜୟଦେବ ଲେଙ୍କା ପ୍ରମୁଖ ଦାବି କରିବା ସହ ଶ୍ରୀ ଦାସଙ୍କ ଦୀର୍ଘ ଜୀବନ କାମନା କରିଛନ୍ତି। ତାଙ୍କ ରଚିତ ଉପନ୍ୟାସ କଲେଜ ପଢ଼ୁଆ ଯୁବକ/ଯୁବତୀଙ୍କଠାରୁ ନବବିବାହିତା ବଧୂ, ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ଥିଲା। ଉପନ୍ୟାସ ବ୍ୟତିରେକ ତାଙ୍କ ନାଟକ ଯାତ୍ରା ଓ ଚଳଚ୍ଚିତ୍ରରେ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏଭଳି ଜଣେ ବିରଳ ସାହିତ୍ୟିକଙ୍କୁ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କଲେ, ଓଡ଼ିଆ ସାହିତ୍ୟର ମାନବୃଦ୍ଧି ହେବା ସହିତ ଶ୍ରୀ ଦାସଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମତ ପ୍ରକାଶ ପାଇଛି।



## ଝିଅ ଅତ୍ୟାଚାରରେ ଅତିଷ୍ଠ ମାଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ଏରସମା, ୧।୧୧(ସମିସ):** ଜପା ପଞ୍ଚାୟତ ଅନ୍ତର୍ଗତ ଧୋବେଇ ଗ୍ରାମର ସୁଷମା ମଣ୍ଡଳ (୬୮) ସ୍ୱାମୀ ଆରପାରିକୁ ଯିବା ପରେ ବହୁ କଷ୍ଟରେ ଦୁଇ ଝିଅଙ୍କୁ ବିବାହ କରାଇ ଦୁଃଖେ କଷ୍ଟେ ଚଳିଆସୁଥିଲେ। ବଡ଼ଝିଅ ସଂଯୁକ୍ତା ବିଧବା ହେଲା ପରେ ନିଜ ପିଲାଙ୍କୁ ଧରି ମାଆ ପାଖରେ ରହିଆସୁଥିଲା। କିଛି ଦିନ ରହିବା ପରେ ମାଆଝିଅଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଇଥିଲା। ନିଜ ମାଆକୁ ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଉଥିଲା। ଏ ଘଟଣା ଜଣାପଡ଼ିବା ପରେ ଗ୍ରାମର ମହିଳା ମହାସଂଘ ପକ୍ଷରୁ ଥାନାରେ ବାରମ୍ବାର ଅଭିଯୋଗ କରାଯାଉଥିଲା। ବୁଧବାର ବିଳମ୍ବିତ ରାତିରେ ସଂଯୁକ୍ତା ନିଜ ମାଆକୁ କଟୁରୀ ଧରି ଗୋଡ଼ାଉଥିବା ସମୟରେ ଗ୍ରାମର କିଛି ମହିଳା କର୍ମୀ ଓ ମୂରବୀ ପହଞ୍ଚି ସୁଷମାଙ୍କୁ ଉଦ୍ଧାର କରିଥିଲେ। ଝିଅର ଅତ୍ୟାଚାରରୁ ବଞ୍ଚିବା ଓ ଅନ୍ତିମ ସମୟ ଭଲରେ ଅତିବାହିତ କରିବାକୁ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ଆଚାର୍ଯ୍ୟ ପହଞ୍ଚି ସମସ୍ତ କଥା ଜାଣିବା ପରେ ପ୍ରଥମେ ସୁଷମାଙ୍କୁ ନେଇ ଏରସମା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଆଜି ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଅନେକ ଅବହେଳିତ ମାଆବାପା ଉପଯୁକ୍ତ ନ୍ୟାୟ ପାଇଥିବାବେଳେ ସୁଷମା ଉପଜିଲ୍ଲାପାଳଙ୍କ ନିକଟରୁ ଉଚିତ୍ ନ୍ୟାୟ ପାଇବାକୁ ଆଶା ପୋଷଣ କରିଛନ୍ତି। ନଚେତ୍ ଶେଷ ଜୀବନକୁ ବୃଦ୍ଧାଶ୍ରମରେ କାଟିବାକୁ ନିଷ୍ପତ୍ତି ନେଇଛନ୍ତି।

## ମହିମା ଅଲେଖ ଆଶ୍ରମ ଜମି ଓ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ

# ଉଭୟ ପକ୍ଷ ଥାନାରେ ହାଜର

**ନାଉଗାଁ, ୧।୧୧(ସମିସ):** ଶାଳିଜଙ୍ଗାସ୍ଥ ମହିମା ଅଲେଖ ଆଶ୍ରମ ଜମି ଓ ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ନେଇ ମଠାଧୀଶ ବାବା ଗଦାଧର ଦାସ ଓ ଗ୍ରାମବାସୀଙ୍କ ପକ୍ଷରୁ ଗତ ୨୬ ତାରିଖରେ ଦୁଇଟି ଅଭିଯୋଗ ନାଉଗାଁ ଥାନାରେ ହୋଇଥିଲା। ଆଶ୍ରମରେ ମାଆ ଭାବେ ରହୁଥିବା ରୀନାରାଣୀ ଦାସ ଓ ତାଙ୍କ ସମ୍ପର୍କୀୟ ଭାଇଁ ମାନସ ଦାସ ମିଳିତ ଭାବେ ଚକ୍ରାନ୍ତ କରି ମଠର ମଠାଧୀଶ ବାବା ଗଦାଧର ଦାସଙ୍କ ଅନୁପସ୍ଥିତ ଓ ସରଳତାର ସୁଯୋଗ ନେଇ ମଠ ନାମରେ ଥିବା କିଛି ଜମିକୁ ନିଜ ନାମରେ କରିନେବା ସହିତ ଭିକ୍ଷା ବାବଦକୁ ଆୟହେଉଥିବା ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ହଡପ କରିନେଇଛନ୍ତି। ଏ ନେଇ ମଠାଧୀଶ ଗଦାଧର ଦାସ ଓ ଗ୍ରାମବାସୀ, ଭକ୍ତଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ନାଉଗାଁ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାରେ ସତ୍ୟତା ଅନୁଭବ କରି ନାଉଗାଁ ପୁଲିସ ଆଜି ଉଭୟ ପକ୍ଷଙ୍କୁ ଥାନାକୁ ଡାକିଥିଲେ। ଉଭୟ ପକ୍ଷ ଥାନାରେ ହାଜର ହେବା ପରେ ନାଉଗାଁ ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ, ମଠାଧୀଶ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଗାମୀ ୧୧ ତାରିଖରେ ଏକ ୧୫ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଏହି ଘଟଣାର ଫୈସଲା କରାଯିବା ପାଇଁ ସ୍ଥିର କରାଯାଇଛି।

## ଉଚ୍ଚତର ଗବେଷଣା ନିମନ୍ତେ ଯୁବ ଇଞ୍ଜିନିୟରଙ୍କ ବିଦେଶ ଯାତ୍ରା



**ଜଗତସିଂହପୁର, ୧।୧୧(ସମିସ):** ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନରେ ନିର୍ମାଣ ପ୍ରଯୁକ୍ତି ବିଦ୍ୟା ଉପରେ ଗବେଷଣାରତ ଯୁବ ଇଞ୍ଜିନିୟର ରୁଦ୍ରନାରାୟଣ ନାୟକ ଭାରତ ସରକାରଙ୍କଠାରୁ ବୃତ୍ତି ପାଇ ଆମେରିକାସ୍ଥ ମିଚିଗାନ ରାଜ୍ୟ ବିଶ୍ୱବିଦ୍ୟାଳୟର ନିର୍ମାଣ ବିଭାଗ ପ୍ରଫେସର ଭି. କୋଦୁରଙ୍କ ଅଧୀନରେ ନିର୍ମାଣ ପ୍ରଯୁକ୍ତିବିଦ୍ୟାରେ କୃତ୍ରିମ ବୁଦ୍ଧିମତାର ସଫଳ ପ୍ରୟୋଗ ନିମନ୍ତେ ଉଚ୍ଚତର ଗବେଷଣା ପାଇଁ ଯାଇଛନ୍ତି। ରୁଦ୍ରନାରାୟଣ ଖଇରଙ୍ଗ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଧ୍ୟମିକ, କିଟ୍ ବିଜ୍ଞାନ ମହାବିଦ୍ୟାଳୟରୁ ଉଚ୍ଚମାଧ୍ୟମିକ ଓ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟରୁ ବି-ଟେକ ଓ ଏମ୍-ଟେକ ଶିକ୍ଷା କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ସମାପ୍ତ କରି ଅଧୁନା ଭୁବନେଶ୍ୱର ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ପ୍ରଫେସର ଶରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଶାଳଜଙ୍ଗ ନିବାସୀ ଅବସରପ୍ରାପ୍ତ ଯନ୍ତ୍ରୀ କୈଳାସ ନାୟକ ଓ ରଞ୍ଜିତା ପାଣିଗ୍ରାହୀଙ୍କ ପୁତ୍ର ଅଟନ୍ତି।

# ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ



**ଜଗତସିଂହପୁର, ୧।୧୧(ସମିସ):** ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ପ୍ରାଥମିକ କୃଷି ସମବାୟ ସମିତିର ସମୀକ୍ଷା ଓ କମ୍ପ୍ୟୁଟରୀକରଣ ସମ୍ପର୍କିତ ସଚେତନତା କର୍ମଶାଳା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମବାୟ ସମିତିର ସମୀକ୍ଷା, କମ୍ପ୍ୟୁଟରୀକରଣ ଓ ଅତି କମ୍‌ରେ ଗୋଟିଏ ଏକର ଜମି ଆଲିନେସନ କରିବା ପାଇଁ ସମିତି ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ରଶ୍ମିପ୍ରଭା ଦାସ ସମବାୟ ସମିତି ସମୂହ ସମିତି ସମ୍ପାଦକଙ୍କୁ କମ୍ପ୍ୟୁଟରୀକରଣ ଦ୍ୱାରା କିପରି ସ୍ୱଚ୍ଛତା ଆସିପାରିବ, ଏହା ଉପରେ ସୂଚନା ଦେଇଥିଲେ। ନାବାର୍ଡ଼ର ଡିଡିଏମ ବିଦ୍ୟୁତଲତା ବେହେରା ପ୍ରାଥମିକ ସମବାୟ ସମିତିର କମ୍ପ୍ୟୁଟରୀକରଣ ପାଇଁ ସମ୍ପାଦକଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଫ୍‌କୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଓ ବୈଜ୍ଞାନିକ କୁଳମଣି ମାଝି ନାନୋ ୟୁରିଆ ଓ ଜୈବିକ ସାରର ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସହକାରୀ ସମୀକ୍ଷକ ସନ୍ତୋଷ ଜାଲି ପ୍ରାଥମିକ କୃଷି ସମବାୟ ସମିତିଙ୍କ ସମୀକ୍ଷା ପାଇଁ କେଉଁ ପ୍ରମୁଖ ରେକର୍ଡ ଦରକାର, ସେ ବିଷୟରେ ସୂଚନା ଦେଇଥିଲେ। ଟଏସ୍ କମ୍ପାନୀର ଜିଲ୍ଲା ସଂଯୋଜକ ଦେବୀ ପ୍ରସନ୍ନ ସାହୁ ଓ ସହକାରୀ ନିବନ୍ଧକ ପ୍ରଭାତ ମହାପାତ୍ର ଯୋଗ ଦେଇଥିଲେ। ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମବାୟ ସମିତି ଉପନିବନ୍ଧକ ବିବେକାନନ୍ଦ ବେହେରା, ରାଖାଲ ସାମଲ, ସୁମନ ବେହେରା, ମିତାଲି ବୋଷ, ଚିତ୍ରା ଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ, ପିଙ୍କି ହାଁସଦା ଓ ରୁବୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ଦେଶ ଓ ରାଜ୍ୟର ପ୍ରଗତିରେ ବାଧକ ସାଜିଛି ଦୁର୍ନୀତି ରୂପକ ବିଷବୃକ୍ଷ'



**ଜଗତସିଂହପୁର, ୧।୧୧(ସମିସ):** ଦୁର୍ନୀତି ଏପରି ଏକ ବିଷବୃକ୍ଷ। ଯାହା ଦେଶ ଓ ରାଜ୍ୟର ପ୍ରଗତି ପଥରେ ସାଜିଛି ପ୍ରତିବନ୍ଧକ। ତେଣୁ ଓଡ଼ିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ଶୀର୍ଷକରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ସଚେତନତା ଓ ସହଭାଗିତା ଦ୍ୱାରା ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ମନୁଷ୍ୟର ଚରିତ୍ର ହିଁ ତା'ର ପରିଚୟ, ତେଣୁ ଚାରିତ୍ରିକ ସ୍ୱଚ୍ଛତା ହିଁ ସୁସ୍ଥ ସମାଜ ଗଠନର ସୂତ୍ରଧର ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ।

ସେହିପରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଦୁର୍ନୀତିକୁ ଏକ ବ୍ୟାଧି ରୂପେ ଅଭିହିତ କରି ଏଥିପ୍ରତି ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପଆରକ୍ଷୀ ଅଧୀକ୍ଷକ ପ୍ରଭାସ ଚନ୍ଦ୍ର ସାହୁ କହିଥିଲେ, ଦୁର୍ନୀତି ଏକ ବିକୃତ ମାନସିକତା। ତେଣୁ ସଜାଗ ଓ ସତର୍କ ରହି ସତ୍ୟନିଷ୍ଠ ଦାୟିତ୍ୱ ପାଳନ ଦ୍ୱାରା ଦୁର୍ନୀତି ନିବାରଣ ହୋଇପାରିବ ବୋଲି ଶ୍ରୀ ସାହୁ କହିଥିଲେ। ସଭାରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗରୁ ଆସିଥିବା ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶେଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୁର୍ନୀତି ନିବାରଣ ବିଭାଗର ଉପଆରକ୍ଷୀ ଅଧୀକ୍ଷକ ଅନୁପମା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ସୁଭାଷ ରାଉତ ସଭା ପରିଚାଳନା କରିଥିଲେ।

## ଗଣପତି ଶିଶୁ ବିଦ୍ୟାମନ୍ଦିରରେ ଦୁର୍ନୀତି ନିବାରଣ ସଚେତନତା

**ପାରାଦୀପ, ୧।୧୧(ସମିସ):** ଭାରତୀୟ ତଟରକ୍ଷକ ବାହିନୀ ସିପ ଭରଦା ପକ୍ଷରୁ ବଳିଝରା ଗଣପତି ଶିଶୁ ବିଦ୍ୟାମନ୍ଦିରରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଆଚାର୍ଯ୍ୟା ଗୀତାଞ୍ଜଳି ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷ୍ଟଗାର୍ଡ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ପିପି ହାଜଙ୍ଗ, ପ୍ରଧାନ ନାବିକ ଆରପିଏ ନାରାୟଣ ଗିରି, ହିମାଂଶୁ ପାଣିଗ୍ରାହୀ ଓ ଡିଇଓ ହୃଦାନନ୍ଦ ନାଥଶର୍ମା ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀ କର୍ମକ୍ଷେତ୍ରରେ ନିଜର ନୈତିକ ଆଚରଣକୁ ସୁଦୃଢ଼ କରିବା ପାଇଁ ସଚେତନତା ସୃଷ୍ଟି କରିବା ଓ ନିଜ ଜୀବନରେ ସଚ୍ଚୋଟତା ଓ ସତ୍ୟ ନିଷ୍ଠା ଜାଗ୍ରତ କରିବାକୁ ଉପସ୍ଥିତ ଭାରତୀୟ ତଟରକ୍ଷକ ବାହିନୀର ବରିଷ୍ଠ ଅଧିକାରୀ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ରାଜଶ୍ରୀ ଗୁରୁମା, ନିବେଦିତା ଗୁରୁମା, ଦିବ୍ୟଜ୍ୟୋତି ଗୁରୁଜୀ, ବିପ୍ଳବ ଗୁରୁଜୀ, ସୁଧାକର ଗୁରୁଜୀ, ଶ୍ରୀକାନ୍ତ ଗୁରୁଜୀ, ସ୍ନେହଲତା ଗୁରୁମା, ତିଳୋତ୍ତମା ଗୁରୁମା, ମଇନା ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ପଢ଼ୁଆଁ ନୀତିକୁ ସ୍ୱୀକୃତି ଓ ଆର୍ଥିକ ଅନୁଦାନ ଦାବି

ଜଗତସିଂହପୁର, ୧।୧୧(ସମିସ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ପଢ଼ୁଆଁ ଅଷ୍ଟମୀ ନୀତିକାନ୍ତି ବହୁ ବର୍ଷ ଆଗରୁ ବନ୍ଦ ହୋଇଯାଇଥିଲା। ପ୍ରଥମାଷ୍ଟମୀ ଦିନ ବଡ଼ ଦେଉଳରେ ବଡ଼ଠାକୁର ନୂଆବସ୍ତ୍ର ପିନ୍ଧୁ ନ ଥିଲେ। ଜଗନ୍ନାଥ ସଂସ୍କୃତିକୁ ମାନି ଚଳୁଥିବା ପ୍ରତ୍ୟେକ ପରିବାରରେ ଏହିଦିନ ବଡ଼ପୁଅ ଓ ଝିଅମାନେ ନୂଆ ପିନ୍ଧି ଅଷ୍ଟମୀ ପାଳନ କରନ୍ତି। ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନର ପ୍ରସ୍ତାବ ଓ ସକ୍ରିୟ ସହଯୋଗରେ ୨୦୧୯ରୁ ନିଆଳି ମାଧବାନନ୍ଦଜୀଉ ବିକାଶ ପରିଷଦ ପକ୍ଷରୁ ମହାପ୍ରଭୁଙ୍କୁ ପଢ଼ୁଆଁ ଅଷ୍ଟମୀ ପାଳନ କରାଯାଉଛି। ହଜାର ହଜାର ଜଗନ୍ନାଥପ୍ରେମୀ, ଭକ୍ତ, ସାଧୁସନ୍ଥ ପଢ଼ୁଆଁଭାର ଶୋଭାଯାତ୍ରାରେ ଭାଗ ନେଉଛନ୍ତି। ଉତ୍କଳୀୟ ପରମ୍ପରା ଅନୁସାରେ ଅଷ୍ଟମୀ ଭାରରେ ରତ୍ନସିଂହାସନରେ ବିଜେ ସାତଦିଅଁଙ୍କ ପାଇଁ ଖଣ୍ଡୁଆ ପାଟ, ଫୁଲ, ତୁଳସୀ, ଘିଅ, ଚୁଆ, ଚନ୍ଦନ, ଅଗୁରୁ, କର୍ପୂର ସହିତ ଅରୁଆ ଚାଉଳ, ବିରି, ଗୁଡ଼, ନଡ଼ିଆ, କଦଳୀ, ଫଳମୂଳ, ପାନଗୁଆ ଆଦି ବହୁ ସାମଗ୍ରୀ ଯାଉଛି। ଏସବୁ ମାଧବରୁ ଯାଉଛି। ଜଗତସିଂହପୁରରୁ ନୀଳଚକ୍ରରେ ବନ୍ଧା ହେବାକୁ ବଡ଼ ପତାକା ଯାଉଛି।

ଚଳିତ ବର୍ଷ ଗୁମୁଟ ଲକ୍ଷ୍ମୀଙ୍କ ପାଇଁ ପାଟ, ଗରୁଡ଼ ସ୍ତମ୍ଭ ପାଇଁ ଘାଗରା, ଶ୍ରୀମନ୍ଦିର ବୃନ୍ଦାବତୀ ପାଇଁ ଘାଗରା, ମା' ଲକ୍ଷ୍ମୀଙ୍କ ପାଇଁ ପାଟ ଦିଆଯିବ। ଏହି ପଢ଼ୁଆଁ ଶୋଭାଯାତ୍ରା ରଥଯାତ୍ରା ପରେ ବଡ଼ଦାଣ୍ଡରେ ଦ୍ୱିତୀୟ ବଡଯାତ୍ରା ହୋଇପାରିଛି। ସରକାର ଏ ପର୍ଯ୍ୟନ୍ତ ଏହାକୁ ସ୍ୱୀକୃତି ଦେଇନାହାନ୍ତି। ପଢ଼ୁଆଁ ଭାରରେ ଯାଇଥିବା ସାମଗ୍ରୀରେ ଅଷ୍ଟମୀ ଦିନ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତ ହେଉଛି। ଖଣ୍ଡୁଆପାଟରେ ରତ୍ନବେଦୀରେ ବିଜେ ଦିଅଁଙ୍କୁ ବେଶ କରାଯାଉଛି। ତେଣୁ ଏତେବଡ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସରକାର ସ୍ୱୀକୃତି ଦେବାକୁ ଜିଲ୍ଲାପାଳଙ୍କ ଜରିଆରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସାମାଜିକ କର୍ମୀ ଅରୁଣ ଆଚାର୍ଯ୍ୟ, ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଓକିଲ ସଂଘ ପକ୍ଷରୁ ଗଣେଶ୍ୱର ମାଣିଆ, ଦୁର୍ଯ୍ୟୋଧନ ରାଉତ, ଅନିରୁଦ୍ଧ ସାବତ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଜ୍ୟୋତି ରଞ୍ଜନ ପରିଡ଼ା, ସରୋଜ ନାୟକ, ତପନ ରାଉତରାୟ, ବିକ୍ରମ ମହାନ୍ତି, ବେଣୁଧର ନାୟକ, ସମାଜସେବୀ ଡକ୍ଟର ଧୃତିଧର ଦାସ ପ୍ରମୁଖ ଦାବି ଉପସ୍ଥାପନ କରିଛନ୍ତି।



### ଉଦଳା ଡାକ୍ତରଖାନାରେ ବହୁ ବିଶେଷଜ୍ଞ ପଦ ଖାଲି; ସେବା ବିପର୍ଯ୍ୟସ୍ତ

# ଆନ୍ଦୋଳନ ପାଇଁ ସାମାଜିକ ସଂଗଠନ ସଜବାଜ

ଉଦଳା, ୧।୧୧(ସମିସ): ଉଦଳା ସ୍ଥିତ ଉପଖଣ୍ଡ ଡାକ୍ତରଖାନାରେ ବହୁ ବିଶେଷଜ୍ଞ ପଦ ଖାଲି ପଡ଼ିଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଡାକ୍ତରଖାନାରେ ୧୧୧ ଶଯ୍ୟା ରହିଥିବାବେଳେ ସାଢେ ୪ ଲକ୍ଷ ଲୋକ ନିର୍ଭର କରୁଛନ୍ତି। ଏପରିକି ବାଲେଶ୍ୱର ଜିଲ୍ଲାର ସୀମାନ୍ତ ବରହମପୁର ଅଞ୍ଚଳର ଅଧିକାଂଶ ପଞ୍ଚାୟତବାସୀ ମଧ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ହେଲେ ଏହି ଡାକ୍ତରଖାନାରେ ଦୀର୍ଘ ଏକବର୍ଷରୁ ଅଧିକ ସମୟ ହେବ ଭେଷଜ ବିଶେଷଜ୍ଞ ପଦ ଖାଲି ରହିଥିବାରୁ ଲୋକେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ସେହିପରି ଇଏନଟି, ଅସ୍ଥିଶଲ୍ୟ, ପ୍ରସୂତି,




ଚକ୍ଷୁ, ପାଥୋଲଜି, ଦୁଇଟି ମେଡିକାଲ ଅଫିସର ଏବଂ ପ୍ରଶାସନିକ ମୁଖ୍ୟ ପଦ ମଧ ଖାଲି ରହିଛି। ଏଠାରେ ୨୫ଜଣ ଡାକ୍ତର କାର୍ଯ୍ୟରତ ହୋଇଥିବା ବେଳେ ୭ଜଣ ବିଭିନ୍ନ କାରଣରୁ ଡେପୁଟେସନ ପାଇଁ ଅନୁପସ୍ଥିତ ରହୁଛନ୍ତି। ଫଳରେ ୧୮ଜଣ ଡାକ୍ତରଙ୍କୁ ନେଇ ଚାଲିଛି ଉପଖଣ୍ଡ ଡାକ୍ତରଖାନା। ତେବେ ଗୁରୁତ୍ୱପୂର୍ଣ୍ଣ ଭେଷଜ ବିଶେଷଜ୍ଞ ବା ମେଡ଼ିସିନ ସ୍ପେସିଆଲିଷ୍ଟ ନ ଥିବାରୁ ଲୋକେ ହଇରାଣହରକତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବାରମ୍ବାର ସିଡିଏମଓ, ଜିଲ୍ଲାପାଳ, ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି; କିନ୍ତୁ ଫଳ ଶୂନ। ହେଲେ ଆସନ୍ତା ସପ୍ତାହରେ ମେଡ଼ିସିନ ଡାକ୍ତର ଯୋଗଦେବେ ବୋଲି ନେତାଙ୍କମିଛ ପ୍ରତିଶ୍ରୁତି ଲୋକଙ୍କ ଅସନ୍ତୋଷର କାରଣ ସାଜିଛି। ଆଗାମୀ ଦିନରେ ଏହାକୁ ନେଇ ସାମାଜିକ ସଂଗଠନ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

## ଅଲଚିକି ଶତବାର୍ଷିକୀ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ




ବହଳଦା, ୧।୧୧ (ସମିସ): ବାରିପଦା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଅଲଚିକି ଶତବାର୍ଷିକୀ ସମାରୋହରେ ଯୋଗଦେବାକୁ ରାଜ୍ୟପାଳ ପ୍ରଫେସର ଡକ୍ଟର ହରିବାବୁ କମ୍ଭମପତିଙ୍କୁ ନିମନ୍ତ୍ରଣ କରାଯାଇଛି। ରାଇରଙ୍ଗପୁରର ଦଣ୍ଡବୋଷରେ ଥିବା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଏହି ନିମନ୍ତ୍ରଣ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ, କୋଷାଧ୍ୟକ୍ଷ ଆନ୍ତା ଆଲୋକ ବାସ୍କେ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ଏବଂ ନୂଆଦିଲ୍ଲୀ ସାହିତ୍ୟ ଏକାଡେମୀର ସାନ୍ତାଳୀ ପରାମର୍ଶଦାତା ବୋର୍ଡର ସଂଯୋଜକ ଚୈତନ୍ୟ ପ୍ରସାଦ ମାଝୀ ଶୁକ୍ରବାର ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ଡକ୍ଟର କାମ୍ଭମପତିଙ୍କୁ ଭେଟିଥିଲେ। ଟ୍ରଷ୍ଟର ସଦସ୍ୟମାନେ ନଭେମ୍ବରରେ ବାରିପଦାର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଅଲଚିକି ଲିପି ଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିଛନ୍ତି।

## ହାଇସ୍କୁଲର ପ୍ଲାଟିନମ ଜୁବିଲି ତୋରଣ ଉଦ୍‌ଘାଟିତ




ରାଇରଙ୍ଗପୁର, ୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ପୁରାତନ ଶିକ୍ଷାନୁଷ୍ଠାନ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ଥାୟୀ ପ୍ଲାଟିନମ୍ ଜୁବିଲି ତୋରଣ ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ଡାକ୍ତର ସ୍ୱୟମ୍ବର ସିଂହଙ୍କ କରକମଳରେ ଏହି ସ୍ଥାୟୀ ଷ୍ଟିଲ୍ ତୋରଣ ଉଦ୍‌ଘାଟିତ ହୋଇଛି। ଏଥିରେ ବହୁ ବରିଷ୍ଠ ଓ କନିଷ୍ଠ ପୁରାତନ ଛାତ୍ର ଯୋଗଦେଇ ସଫଳ କରିଥିଲେ। ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା ବିଶ୍ୱନାଥ ଅଗ୍ରୱାଲା, ରାମକୃଷ୍ଣ ମହାନ୍ତି, ଦିଲ୍ଲୀପ ମହାନ୍ତ, ରୀତେଶ ରାମ, କାଳୀପ୍ରସନ୍ନ ମହାନ୍ତି, ସୂର୍ଯ୍ୟକାନ୍ତ ଘଣା, ବିଜୟ ରାମ, ରଞ୍ଜନ ନନ୍ଦ, କିଶୋର ରଜକ, ଦୀନେଶ ବେହେରା, ନିର୍ମଳ ପରିଡ଼ା, ରାଜେଶ ପ୍ରଜାପତି ଓ ଜୟନ୍ତ ମହାନ୍ତ ପ୍ରମୁଖଙ୍କ ବହୁ ପୁରାତନ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବିନୟ ରଞ୍ଜନ ନାୟକ ଓ ଶିକ୍ଷକ, କର୍ମଚାରୀ, ଛାତ୍ରମାନେ ଯୋଗ ଦେଇଥିଲେ। ପୁରାତନ ଛାତ୍ରମାନେ ସ୍ଥାୟୀ ପ୍ଲାଟିନମ ଜୁବିଲି ତୋରଣ ପ୍ରତିଷ୍ଠା ହୋଇଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି। ପୁରାତନ ଛାତ୍ରସଂଘର କୋଷାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ଏନେଇ ଏକ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପଟ୍ଟନାୟକ, ରାଇରଙ୍ଗପୁର ହାଇସ୍କୁଲର ଗୌରବୋଜ୍ଜ୍ୱଳ ଇତିହାସ ଉପରେ ଆଲୋକପାତ କରି ପୁରାତନ ଛାତ୍ରସଂଘର ଆଗାମୀ ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ବରିଷ୍ଠ ପୁରାତନ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅନୁଦାନରେ ନିର୍ମିତ ଏହି ପ୍ଲାଟିନମ୍ ଜୁବୁଲି-୨୦୧୭ ସ୍ଥାୟୀ ତୋରଣର ଶୁଭ ଉଦ୍‌ଘାଟନ ଅବସରରେ ବହୁ ପୁରାତନ ଛାତ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର, ୧।୧୧(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪୬ତମ ଶ୍ରାଦ୍ଧ ଦିବସ ରାଇରଙ୍ଗପୁର କଂଗ୍ରେସ ପକ୍ଷରୁ ପାଳିତ ହୋଇଛି। ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ମାଝୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗମୟ ଜୀବନ ଉପରେ କହିଥିଲେ। ତାଙ୍କର ଦେଶଭକ୍ତି, ବଳିଦାନ ଓ ତ୍ୟାଗକୁ ସାରା ଦେଶ କେବେ ଭୁଲି ପାରିବ ନାହିଁ ଦେଶରେ ଗରବୀ ହଟାଅ ପାଇଁ ଯେଉଁ ଜନକଲ୍ୟାଣ ଯୋଜନା କରିଥିଲେ, ତାହାର ସୁଫଳ ଆଜି ଦେଶ ପାଉଛି। ଓଡ଼ିଶାକୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ଗତ ୧୯୮୪ ମସିହା ଅକ୍ଟୋବର ୩୦ ତାରିଖରେ ଶେଷଥର ପାଇଁ ଓଡ଼ିଶା ଆସିଥିଲେ। ଅକ୍ଟୋବର ୩୧ ତାରିଖରେ ତାଙ୍କୁ ହତ୍ୟା କରାଯାଇଥିଲା। ତେଣୁ ତାଙ୍କ ସ୍ମୃତିରେ ରାଇରଙ୍ଗପୁର କଂଗ୍ରେସ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତା ଅଶୋକ ଅଗ୍ରୱାଲ, ବସନ୍ତ ପଟନାୟକ, ରୂପକ ମହାନ୍ତି, ଅମର ମହାନ୍ତ, କିଶୋର ମହାନ୍ତି, ପିଥ ମୁର୍ମୁ, ପ୍ରାକ୍ତନ କାଉନସିଲର ବାବୁଲା ଅମର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ନଟରାଜ ଏଫସି ଚାମ୍ପିଅନ



ବଡସାହି, ୧।୧୧(ସମିସ): ବଡସାହି ବ୍ଲକ ଭୀମଦା ପଞ୍ଚାୟତ ରତନପୁର ହୋ' ସମାଜ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ନଟରାଜ ଏଫସି ବନାମ ଶ୍ରୀରାମପୁର କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପରିସମାପ୍ତି ସୁଦ୍ଧା କେହି କାହାରିକୁ ଗୋଲ୍ ନ ଦେଇପାରିଥିବାରୁ ପେନାଲ୍ଟି ସଟ୍ ହୋଇଥିଲା। ଏଥିରେ ୩-୨ ବ୍ୟବଧାନରେ ନଟରାଜ ଏଫସି ଜିତି ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସାମ୍ବାଦିକ ତଥା ସମାଜସେବୀ ଇଂ ତାପସ କୁମାର ନାୟକ ଏବଂ ପୂର୍ବତନ ସରପଞ୍ଚ ତଥା ଆଇନଜିବୀ ପ୍ରତାପ ଚନ୍ଦ୍ର ଗାୟା ଉପସ୍ଥିତ ରହି ଖେଳ ଶୁଭାରମ୍ଭ କରିଥିଲେ। ଉଦଯାପନୀ ପୁରସ୍କାର ବିତରଣୀରେ ରାଜନୀତିଜ୍ଞ ସୁଶାନ୍ତ ପଣ୍ଡା ଏବଂ ସତ୍ୟବ୍ରତ ମିଶ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ପୁରସ୍କୃତ କରିଥିଲେ।

## ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଶୁଳିଆପଦା, ୧।୧୧ (ସମିସ): ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏବିଇଓ ତଥା ବିଆରସିସି ସରୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୁଳିଆପଦା ବିଇଓ ମାଳତୀ ଟୁଡୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ବ୍ଲକ




ଅଧ୍ୟକ୍ଷା। ପାନମଣି ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ଉପାଧ୍ୟକ୍ଷ ଜ୍ୟୋତିଲାଲ୍ ବାରିକ୍, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧୀନ ୧୩ଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଉଦଯାପନି ଉତ୍ସବରେ ଶୁଳିଆପଦା ସିଡିପିଓ ରାଜଶ୍ରୀ ମହାପାତ୍ର, ଶୁଳିଆପଦା ବିଇଓ ମାଳତୀ ଟୁଡୁ ଓ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ପୂଜା ସି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ




ବୈଶିଙ୍ଗା, ୧।୧୧(ସମିସ): ଖୁଣ୍ଟାପୁରସ୍ଥିତ ଶ୍ରୀସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ଶକ୍ତି କ୍ଲବ ଆନୁକୂଲ୍ୟରେ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟଙ୍କ ନେତୃତ୍ୱରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର କୁପରିଣାମ ଓ ଏହାର ବିକଳ୍ପ ତଥା ସମାଧାନ ଦିଗରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ସମେତ ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାଶ ଓ ରାଧୁ ସିଂ ନିଜର ବକ୍ତବ୍ୟ ସାଙ୍ଗକୁ ସ୍ଲାଇଡ଼ ପ୍ରଦର୍ଶନପୂର୍ବକ ବିଷୟଟିର ଭୟଭୟତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ହଳଦିଆରେ ସାମୁଦାୟିକ ଗୋଷ୍ଠୀ ବୈଠକ

ଶୁକୃଳି, ୧।୧୧(ସମିସ): ହଳଦିଆ ଗ୍ରାମରେ ଏକଜୁଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଆଜକୁ ତିନିବର୍ଷ ଧରି ମା' ଏବଂ ଶିଶୁଙ୍କର ସ୍ୱାସ୍ଥ୍ୟ ଏବଂ ପୋଷଣରେ ଉନ୍ନତି ଆଣିବା ନିମନ୍ତେ ପୋଷଣ କାର୍ଯ୍ୟକ୍ରମ ଚାଲୁରହିଛି। ସେହି କାର୍ଯ୍ୟକ୍ରମକୁ ସାମୁଦାୟ (ସମାଜ)ର ଲୋକଙ୍କୁ ଜଣାଇବା ପାଇଁ ଏକ ସାମୁଦାୟିକ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେଇଥିଲା ଏଥିରେ ମୁଖ୍ୟ ଅତିଥି ଶୁକୃଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ା ରଞ୍ଜନ କୁମାର ଜେନା, ହଳଦିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନ୍‌ଏମ ଲିଳିମଣି ନାଏକ ଏବଂ ଏକଜୁଟର ପ୍ରୋଗ୍ରାମ ମ୍ୟାନେଜେ ଆଦିତ୍ୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପୋଷଣରେ କିପରି ଉନ୍ନତି ଆଣିପାରିବେ ସେ ବିଷୟରେ ଗାଁ ଲୋକଙ୍କ ଅବଗତ କରାଯାଇଥିଲା। ପୋଷଣ ସାଥୀ ଗଙ୍ଗେଶ୍ୱରୀ ବେହେରା ବୈଠକ ଆୟୋଜନ କରିଥିବାବେଳେ ସୁପରଭାଇଜର ଶରତ ମହାନ୍ତି ସହଯୋଗ କରିଥିଲେ।





### ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପରାମର୍ଶଦାତା କମିଟିର ବୈଠକ

# କାର୍ଯ୍ୟକ୍ରମକୁ ବ୍ୟାପକ ଓ ଗୁଣାଭିମୁଖୀ କରାଯିବ

ବାରିପଦା, ୧।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ସେବା ମୂଳକ କାର୍ଯ୍ୟଗୁଡ଼ିକର ଆଲୋଚନା ତଥା ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିରୀକୃତ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ




ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଗତ ୨୦୨୧ମସିହାରୁ ଆଜିଯାଏ ଅନୁଷ୍ଠିତ ଜାତୀୟ ସେବା ଯୋଜନା ବ୍ୟୁରୋ ଅନ୍ତର୍ଗତ କାର୍ଯ୍ୟକ୍ରମକୁ ନେଇ ଭଲ୍ୟୁମ ଅଷ୍ଟମ, ଏନଏସଏସ ନିଉଜ ବୁଲେଟିନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯିବା ସହିତ ୨୦୨୫-୨୬ ନିମନ୍ତେ ଆବଶ୍ୟକ ବଜେଟ, ଆଗାମୀ ଦିନରେ ଶିମିଳିପାଳରେ ରାଜ୍ୟସ୍ତରୀୟ ଶିବିର, ରାଷ୍ଟ୍ରୀୟ ସଂହତି ଶିବିର ଓ ଜିଲ୍ଲା ସ୍ତରୀୟ ଶିବିର ଏବଂ ସମସ୍ତ ମହାବିଦ୍ୟାଳୟରେ ଅଧିକରୁ ଅଧିକ ନୂତନ ଏନ୍‌ଏସଏସ ୟୁନିଟ୍ ଖୋଲିବା, ନୂତନ ପ୍ରୋଗ୍ରାମ ଅଫିସର ନିଯୁକ୍ତି, ସ୍ୱେଚ୍ଛାସେବୀଙ୍କ ତାଲିମ କାର୍ଯ୍ୟକ୍ରମ ଓ କଲେଜ ନିକଟରେ ଥିବା ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ, ନିଶା ନିବାରଣ ସଚେତନତା, ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ, ମହିଳାଙ୍କ ପାଇଁ 'ସୁସ୍ଥତା-ସ୍ୱାସ୍ଥ୍ୟ ଇକ୍ୱିଟି ଏବଂ ରକ୍ତହୀନତା' ଜିଲ୍ଲାସ୍ତରୀୟ କର୍ମଶାଳା ଏବଂ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ତାଲିମ ଶିବିର ଉପରେ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ, ଡ ହେମନ୍ତ କୁମାର ଶତପଥୀ, ଭୁବନେଶ୍ୱର ଏନ୍‌ଏସଏସ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ନୋଡାଲ ଅଫିସର ଡଃ ରମେଶ ଚନ୍ଦ୍ର ବେହେରା, ବିଶ୍ୱବିଦ୍ୟାଳୟ ଅର୍ଥ ବିଭାଗର ନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ, ପ୍ରଫେସର କୋମଳ ଲଚନ ବାରିକ, ଏନ୍‌ଏସଏସ ବ୍ୟୁରୋ ସଂଯୋଜକ ଡ ବସନ୍ତ କୁମାର ମହାନ୍ତ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ ଅନାମ ଚରଣ ରାଉଳ, ପୂର୍ବତନ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ, ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଏମପିସି ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ବେହେରା, ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି, କପ୍ତିପଦା ଡିଗ୍ରୀ କଲେଜ ଅଧ୍ୟକ୍ଷା, ଡ ଲିପିକା ବେହେରା, ବିଶ୍ୱବିଦ୍ୟାଳୟ ମହିଳା ପୋଗ୍ରାମ ଅଫିସର ଡ ବିଷ୍ଣୁ ପ୍ରିୟା ହାଁସଦା, ଅନ୍ତୋଦ୍ୟୋୟ ଚେତନା ମଣ୍ଡଳ ଅଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ, ଓଏସଏପି ପଞ୍ଚମ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାର୍ଟ ବାବୁ ସିଂ ଓ ଅରୁଣ କୁମାର ମହାନ୍ତ, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ନେହେରୁ ଯୁବ କେନ୍ଦ୍ରର କୃଷ୍ଣ ନାୟକ, ପିଆରଏମ ହସ୍ପିଟାଲ ଅଧୀକ୍ଷକ ଡା ରବୀନ୍ଦ୍ର କୁମାର ମିଶ୍ର, ପୂର୍ବତନ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ ତରୁଣ କୁମାର ଓଝା ପ୍ରମୁଖ ୨୮ଜଣ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ।



## କଥା କଥାକେ ବୁଲୁଛି ତଲୱାର

# ୪୦ ଟଙ୍କା ପାଇଁ ବ୍ୟବସାୟୀଙ୍କୁ ଖଣ୍ଡାଚୋଟ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଦିନିକୁ ଦିନ ବିପର୍ଯ୍ୟନ୍ତ ହେବାରେ ଲାଗିଛି। ପୁଲିସିଂ ଢିଲା ପଡ଼ିଗଲାଣି। ପୁଲିସ ପ୍ରତି ଅପରାଧୀ ଭୟଶୂନ୍ୟ ହୋଇଗଲେଣି। କଥା କଥାକେ ଏଠି ଖଣ୍ଡା ବୁଲୁଛି। ବିନା କାରଣରେ ସଂଘବଦ୍ଧ ଆକ୍ରମଣ କରାଯାଉଛି। ସବୁଆଡ଼େ ନିଶା ବେପାର। କେତେବେଳେ ହତ୍ୟା କରାଯାଉଛି ପୁଣି କେତେବେଳେ ଚୋରି, ଡକାୟତିରେ। ଆଉ କେତେବେଳେ ଖଣ୍ଡାରେ ଆକ୍ରମଣ ଯୋଗୁଁ ରାଜଧାନୀ ଥରହର ହେଉଛି। ଆଉ ଦାଦାବଟି ମାଗିବା ଏବେ ନିତିଦିନିଆ ଘଟଣା ପାଲଟି ଗଲାଣି।



- ଦୁର୍ବୃତ୍ତଙ୍କ ଆକ୍ରମଣରେ ଦୁଇଜଣ ଗୁରୁତର
- ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ବେଫିକର ଅପରାଧୀ

ମିଳିଥିବା ସୂଚନା ମୁତାବକ ବଡ଼ଗଡ଼ ଥାନା ଟଙ୍କପାଣି ରୋଡ ଚିଲିପୋଖରୀ ଅଞ୍ଚଳରେ ବସନ୍ତ ବେହେରା ଏବଂ କେଦାର ସାହୁ ବ୍ୟବସାୟ କରନ୍ତି। ବସନ୍ତ ଗାଙ୍ଗୁରାମ୍ ନାମକ ଏକ ମିଠା ଦୋକାନର ମାଲିକ ହୋଇଥିବା ବେଳେ କେଦାରଙ୍କର ଇଲେକ୍ଟ୍ରି ଦୋକାନ ରହିଛି। ଶନିବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତ ଏକ ଇଲେକ୍ଟ୍ରି ଦୋକାନକୁ ସାମଗ୍ରୀ କିଣିବାକୁ ଆସିଥିଲେ। କେଦାରଙ୍କୁ ଇଲେକ୍ଟ୍ରି ସାମଗ୍ରୀ ମାଗିଥିଲେ। ଯାହାର ମୂଲ୍ୟ ମାତ୍ର ୪୦ଟଙ୍କା। ସାମଗ୍ରୀ ନେଇଥିଲେ ମଧ୍ୟ ଟଙ୍କା ଦେବାକୁ ମନା କରି ଦେଇଥିଲେ। କଣ ପାଇଁ ଟଙ୍କା ଦେବୁନି ବୋଲି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହିସମୟରେ କେଦାରଙ୍କ ନିକଟରେ ଦୋକାନ କରିଥିବା ବସନ୍ତ ତାଙ୍କ ସପକ୍ଷରେ ବାହାରି ଟଙ୍କା ଦେବାକୁ କହିଥିଲେ। ରାଗ ତମ ତମ ହୋଇ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ମାତ୍ର କିଛି ସମୟ ବ୍ୟବଧାନ ମଧ୍ୟରେ ଉଭୟ ପୁଣି ଦୁଇଟି ଖଣ୍ଡା ବୁଲାଇ ବୁଲାଇ ଘଟଣାସ୍ଥଳରେ ପହଁଚିଥିଲେ। କେଦାରଙ୍କ ବେକକୁ ଖଣ୍ଡା ଚୋଟ ପକାଉଥିଲା ବେଳେ ବସନ୍ତ ହାତ ଦେଖାଇ ଦେଇଥିଲେ। କେଦାରଙ୍କ ବେକରେ ସାମାନ୍ୟ ଆଘାତ ଲାଗିଥିଲା ବେଳେ ବସନ୍ତଙ୍କ ହାତରେ ଗଭିର ଆଘାତ ଲାଗିଛି। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଁଚି ସେମାନେ ଛାଡି ଯାଇଥିବା ଏକ ଖଣ୍ଡାକୁ ଜବତ କରିଛି। ଏହାସହ ଉଭୟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣ କରାଯାଇଥିବା ଯୁବକ ଜଣଙ୍କ ମହିଁସିଆଖାଲ ବସ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି।

### ମଞ୍ଚେଶ୍ୱରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ

ଗତ ମେ ମାସରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ଲହୁଲୁହାଣ ହୋଇଥିଲେ ଯୁବକ। ତାଙ୍କ ହାତ, ଗୋଡ଼ ଏବଂ ଛାତିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ପାର୍ବଣ ପୂର୍ବରୁ ହୋଇଥିଲା ଆକ୍ରମଣ

ପାର୍ବଣ ପୂର୍ବରୁ ପୁଲିସ ସକ୍ରିୟ ରହିଥିଲେ ମଧ୍ୟ ଜଣେ ଯୁବକଙ୍କୁ ୬ ଜଣ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ। ସାମାନ୍ୟ ବଚସାକୁ ନେଇ ଏଭଳି ଆକ୍ରମଣ ହୋଇଥିଲା। ଏଭଳି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ବିଜେବି ନଗର ପେଟ୍ରୋଲ ପମ୍ପ ନିକଟରେ ମୋମୋ ଖାଉଥିଲା ବେଳେ ଡେଲିଭରୀ ବଏଙ୍କ ସହ ଜଣେ ଯୁବକଙ୍କ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ମହିଁଷାଖାଲ ନିକଟରେ ମେଣ୍ଟାଲ ରାଜାଙ୍କ ଏବଂ ତାଙ୍କ ସହଯୋଗୀ ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

### ଧଉଳିରେ ଜେଲ୍ ଫେରନ୍ତାକୁ ଆକ୍ରମଣ

ସେହିଭଳି ଗତ କିଛିଦିନ ତଳେ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଜଣେ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ଏଥିରେ ଶିବ ପ୍ରସାଦ ସେଠୀ ଏବଂ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଆହତ ହୋଇଥିଲେ। ସାମାନ୍ୟ ଘର ସାମ୍ନାରୁ ଗାଡି ନ ହଟାଇବାରୁ ଏଭଳି ଆକ୍ରମଣ ହୋଇଥିଲା।

### ଛୋଟକୁ ଅଣଦେଖା ପାଇଁ ବଡ଼ ଆକ୍ରମଣ

ରାଜଧାନୀର ଥାନାଗୁଡ଼ିକରେ ଛୋଟ ଛୋଟ ଘଟଣାକୁ ଏବେ ବହୁଳ ଭାବେ ଅଣଦେଖା କରାଯାଉଛି। ଅଭିଯୋଗ ନେଇ ଗଲେ ପୁଲିସ ଶୁଣୁ ନ ଥିବା ଅଭିଯୋଗ ହେଉଛି। ବାଧ୍ୟ କଲେ ଏତଲା ରଖିଦେଉଛି ସିନା କିନ୍ତୁ ଏଥିରେ ସାମାନ୍ୟ ଔପଚାରୀକତା ଦୃଷ୍ଟି ଅଭିଯୁକ୍ତଙ୍କୁ ଥାନାକୁ ଡକାଇବାକୁ ବି ଇଚ୍ଛା ପ୍ରକଟ କରୁନାହିଁ। ଫଳରେ ଅପରାଧ ଘଟିଲେ ବି କେହି ଥାନାକୁ ଯିବାକୁ ପସନ୍ଦ କରୁନାହାନ୍ତି। ଛୋଟ ଘଟଣାକୁ ଅଣଦେଖା କରିବା ବଡ ଆକ୍ରମଣର ସୂତ୍ରପାତ ହେଉଥିବା କୁହାଯାଉଛି।

### ପୁଲିସ ଟ୍ରାକିଂରୁ ବାହାରେ ପେସାଦାର ଅପରାଧୀ!

ରାଜଧାନୀର ପେଶାଦାର ଅପରାଧୀମାନେ ଏବେ ପୁଲିସ ଟ୍ରାକିଂରୁ ବାହାରେ ରହୁଥିଲା ଭଳି ମନେ ହେଉଛି। ଏମାନେ ବେଧଡକ ଭାବେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଛୋଟ ଛୋଟ ପିଲାଙ୍କୁ ନିଜ ଅପରାଧ ନେଟ୍‌ୱାର୍କରେ ସାମିଲ କରୁଛନ୍ତି।

### ବ୍ଲକିଂ ଚେକିଂ କାଁ ଭାଁ

ରାସ୍ତା ଉପରେ ପୁଲିସର ଉପସ୍ଥିତି ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରେ। ରାସ୍ତାରେ ପୁଲିସ ତ ଦେଖାଯାଉ ନାହାନ୍ତି ଟ୍ରାଫିକ୍ ପୁଲିସ ବି ନାହାନ୍ତି। କମିସନରେଟ୍ ପୁଲିସ ଭିଭିଆଇପି ସୁରକ୍ଷାରେ ମାତିଛି ବୋଲି ଅନେକ ସମୟରେ ଅଭିଯୋଗ ହେଉଛି। ପୂର୍ବରୁ ନିୟମିତ ଭାବେ ବ୍ଲକିଂ, ଚେକିଂ ହେଉଥିଲା ବେଳେ ରାଜଧାନୀରେ କାଁ ଭାଁ ବ୍ଲକିଂ ଚେକିଂ ହେଉଛି। ଏଭଳି ବ୍ୟବସ୍ଥା ଅପରାଧୀଙ୍କୁ ଅପରାଧ ଘଟାଇବାରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରୁଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ



ଧଉଳି, ୧।୧୧(ସମିସ): ଧଉଳି ଥାନା ଲିଙ୍ଗିପୁର-ଟଙ୍କପାଣି ସେତୁ ଦୟାନଦୀ ବନ୍ଧ ରାସ୍ତା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଖବରନେବାରେ ଜଣାପଡ଼ିଛି ଶନିବାର ରାତି ପ୍ରାୟ ୮ ଟାରେ ୨ ଜଣ ଯୁବକ ଏକ ବୁଲେଟ ଯୋଗେ ବାସୁଆଘାଇ ପାର୍ଶ୍ୱରୁ ଦୟାନଦୀ ବନ୍ଧ ଦେଇ ଭୁବନେଶ୍ୱରକୁ ଆସୁଥିଲେ। ଦ୍ରୁତଗତିରେ ଯାଉଥିବା ବୁଲେଟଟି ଭାରସାମ୍ୟ ହରାଇ ଲିଙ୍ଗିପୁର ଗ୍ରାମ ନିକଟ ନଦୀବନ୍ଧ ପାର୍ଶ୍ୱରେ ଥିବା ଗଛରେ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ।

## ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ସମସ୍ୟାର ପ୍ରଥମ ଜନଶୁଣାଣି



ଭୁବନେଶ୍ୱର, ୧।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଶନିବାର ଗୃହ ନିର୍ମାଣ, ଲେଆଉଟ ପ୍ଲାନ ଅନୁମୋଦନ ସଂକ୍ରାନ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରଥମ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରଥମ ଦିନରେ ମୋଟ ୪ ଜଣ ଆବେଦନକାରୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ସମସ୍ୟା ସଂଗେ ସଂଗେ ସମାଧାନ ହେବା ସହ ଗୃହ ନିର୍ମାଣ ପ୍ଲାନିଂ ନିୟମାନୁଯାୟୀ ଅନୁମୋଦନ ପାଇଁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଆବେଦନକାରୀଙ୍କର କିଛି କାଗଜାତ ଦାଖଲ କରିବା ପରେ ତାଙ୍କ ସମସ୍ୟାର ସମାଧାନ ହେବ ବୋଲି ବିଏମ୍‌ସି ପ୍ଲାନିଂ ଉପବିଭାଗ ପକ୍ଷରୁ କୁହାଯାଇଛି। ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର ଯଦି କୌଣସି ସମସ୍ୟା ଥାଏ କିମ୍ବା କୌଣସି କାରଣରୁ ସେମାନଙ୍କର ପ୍ଲାନ ଅନୁମୋଦନ କରାଯାଇ ନ ଥାଏ, ତେବେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ପ୍ରତି ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଅବଗତ କରାଇପାରିବେ ବୋଲି କହିଛନ୍ତି ବିଏମ୍‌ସି କମିଶନର ଚଞ୍ଚଳ ରାଣା।

ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ ବିଏମସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରିବେ ଏବଂ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳବାସୀଙ୍କୁ ସହଜରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ନାଗରିକମାନେ ଗୃହ ନିର୍ମାଣ ନିମନ୍ତେ ପ୍ଲାନିଂ ଅନୁମୋଦନ ପାଇଁ ଯେପରି ସହଜରେ ଏବଂ ଶୀଘ୍ର ଅନୁମୋଦନ ପାଇପାରିବେ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି କହିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବିଏମ୍‌ସିର ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକଙ୍କୁ ଆଉ ପ୍ଲାନିଂ ଅନୁମୋଦନ ପାଇଁ ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟକୁ ଆସିବାକୁ ପଡ଼ିବ ନାହିଁ ବୋଲି କୁହାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଟାଉନ ପ୍ଲାନିଂ ବା ନଗର ଯୋଜନାକାରୀ ମହମ୍ମଦ କ୍ୱାଇସର ଇକବାଲ ଅଲି ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ସମାଧାନ କରିଥିଲେ।

## ମଦ ଭର୍ତ୍ତି କାର୍ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀକୁ କାରରେ ମଦଚାଲାଣ ବେଳେ ଶୁକ୍ରବାର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକୁଟି ବସ୍ତି ରାସ୍ତାରେ ଅବକାରୀ ବିଭାଗ ଚଢ଼ଉ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୟୁରଭଞ୍ଜର ଦାଶରଥି ହାଂସଦା (୩୬)। ତାଙ୍କ ପାଖରୁ ଏକ ମାରୁତି ସୁଜୁକି କାର୍ (ଓଡି୦୫ବି୬୫୫୬) ଓ ସେଥିରେ ବସ୍ତାରେ ଭର୍ତ୍ତି ହୋଇଥିବା ୩୦୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ମୟୂରଭଞ୍ଜରୁ ଭୁବନେଶ୍ୱରକୁ ମଦ ଚାଲାଣ ପାଇଁ ଆସିଥିବା ବେଳେ ଅଭିଯୁକ୍ତ ଜଣକ ଅବକାରୀ ଟିମ୍ ହାତରେ ଧରାପଡ଼ିଯାଇଥିଲେ। ଜବତ ମଦର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ଟିମ୍ ପକ୍ଷରୁ କୁହାଯାଇଛି।

## କଳାରାହାଙ୍ଗରେ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୧।୧୧(ସମିସ): ଇନ୍‌ଫୋସିଟି ଥାନା କଳାରାହାଙ୍ଗ ମୌଜାରେ ଜବରଦଖଲ ହୋଇଥିବା ସରକାରୀ ଜାଗାକୁ ଉଚ୍ଛେଦ କରିଛି ବିଏମ୍‌ସି। ଖାତା ନଂ-୩୬୯ ଏବଂ ପ୍ଲଟ୍ ନଂ-୩୨୫, ୩୨୬, ୩୨୭ ଏବଂ ୩୨୮ ସରକାରୀ ଜାଗାକୁ କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ଉକ୍ତ ପ୍ଲଟ୍‌ରେ ୪ଟି ଦୋକାନ, ଗୋଟିଏ ବାଥ୍‌ରୁମ୍ ହୋଇଥିବା ବେଳେ ଏହାକୁ ବିଏମ୍‌ସି ଭାଙ୍ଗି ଗୁଣ୍ଡ କରି ଦେଇଛି। ଏହି ଉଚ୍ଛେଦ ପାଇଁ ବିଡିଏ ଗୋଟିଏ ଜେସିବି ପ୍ରଦାନ କରିଥିବା ବେଳେ ଉଚ୍ଛେଦ ପାଇଁ ୪ଘଣ୍ଟା ଲାଗିଥିଲା। ଉଚ୍ଛେଦ ସମୟରେ ବିଏମ୍‌ସି ଏବଂ ବିଡ଼ିଏର ଅଧିକାରୀମାନେ ଉପସ୍ଥିତି ରହିଥିଲେ।

## ବିଏମ୍‌ସି ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

- ସାଧୁତାର ଶପଥ ପାଠ କଲେ ସମସ୍ତ ଅଧିକାରୀ ଓ କର୍ମଚାରୀ



ଭୁବନେଶ୍ୱର, ୧।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଆଜି ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି 'ଦୁର୍ନୀତି ନିବାରଣ-ଆମ ସାମୂହିକ ଦାୟିତ୍ୱ'। ଏହି ଅବସରରେ ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ସହ ଉତ୍କୋଚ ନେବା କିମ୍ବା ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧାନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଶପଥ ନେଇଛନ୍ତି। ବିଏମ୍‌ସି ମୁଖ୍ୟାଳୟର ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ କମିସନର ରତ୍ନାକର ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ରାସ୍ତାରେ ଅଟକାଇ ମରଣାନ୍ତକ

ହଂସପାଳ, ୧।୧୧(ସମିସ): ରାସ୍ତାରେ ଗାଡ଼ି ଅଟକାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଟକ ମଧୁପାଟଣା ଥାନା ରାଜେନ୍ଦ୍ର ନଗର ମଙ୍ଗଳା ମନ୍ଦିର ପାଖ ଧିରେନ୍ କୁମାର ଲେଙ୍କା(୩୨)। ଧବରେନ୍‌କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଶୁକ୍ରବାର ଦିନ ପ୍ରାୟ ୧.୩୦ ବେଳେ ଗୌରାଙ୍ଗ ଚରଣ ନାଥ (୫୬) ମୋଟର୍ ସାଇକେଲରେ ଭୁବନେଶ୍ୱରରୁ ତାଙ୍କ ଗ୍ରାମ ସିସୋକୁ ଯାଉଥିବା ସମୟରେ ପଞ୍ଚବଟି ବଜାର ନିକଟରେ ଏକ ଅଜଣା ବ୍ୟକ୍ତି ଏକ କାରରେ ତାଙ୍କ ରାସ୍ତା ଅଟକାଇଥିଲେ। ଉକ୍ତ ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଗୌରାଙ୍ଗଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ କାନ ଓ ଛାତିରେ ଆକ୍ରମଣ କରିଥିଲେ ଏବଂ ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡକୁ ପଥରରେ ଆଘାତ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଗୌରାଙ୍ଗଙ୍କ ସୁନା ଚେନ୍ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ ଧିରେନ୍। ପରିଣାମ ସ୍ୱରୂପ ଗୌରାଙ୍ଗ ତଳେ ପଡ଼ି ଆହତ ହୋଇଥିଲେ। ଏହି ସମୟରେ ଜଣେ ପଥଚାରୀ ହସ୍ତକ୍ଷେପ କରି ଗୌରାଙ୍ଗଙ୍କୁ ଉଦ୍ଧାର କରିଥିଲେ ଏବଂ ଅଭିଯୁକ୍ତଙ୍କୁ ପାହାଳ ଥାନା ପିସିଆରକୁ ହସ୍ତାନ୍ତର କରିଥିଲେ। ପୋଲିସ ଷ୍ଟେସନକୁ ନେବା ସମୟରେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣା ର ତଦନ୍ତ କରି ଅପରାଧରେ ବ୍ୟବହୃତ କାର ଜବତ କରିଛନ୍ତି। ଆହତ ଗୌରାଙ୍ଗଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ମହିଧରପଡ଼ା ମେଡିକାଲକୁ ପଠାଯାଇଛି। ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ସମୟରେ ସେ ତାଙ୍କ ଦୋଷ ସ୍ୱୀକାର କରିଥିବା ପୁଲିସ କହିଛି।



## ଏମିତି ଆମ କମିସନରେଟ୍ ପୁଲିସ

# ମିଳୁନାହାନ୍ତି ନିଖୋଜ; ମିଳୁଛି ନରକଙ୍କାଳ

ଭୁବନେଶ୍ୱର, ୧।୧୧ (ସମିସ): ପ୍ରତିଦିନ ରାଜଧାନୀରୁ ନାବାଳକ ଓ ନାବାଳିକା ଅପହରଣ ଠାରୁ ଆରମ୍ଭ କରି ଅଧିକ ବୟସ୍କ ଲୋକମାନେ ନିଖୋଜ ହେବା ମାମଲା ବଢ଼ିଚାଲିଛି। ଖୋଜାଖୋଜି କରି ନ ପାଇବାରୁ ପରିବାର ଲୋକେ ନିକଟସ୍ଥ ଥାନାର ଦ୍ୱାରସ୍ଥ ହେଉଛନ୍ତି। ୧୮ ବର୍ଷରୁ କମ୍ ବୟସର ପିଲା ନିଖୋଜ ହୋଇଥିଲେ ପୁଲିସ ଅପହରଣ ମାମଲା ରୁଜୁ କରୁଥିବା ବେଳେ ଅଧିକ ବୟସ ଲୋକଙ୍କ କ୍ଷେତ୍ରରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜିକରଣ କରୁଛି। ଅପହରଣ ମାମଲାକୁ ପୁଲିସ ଗୁରୁତ୍ୱ ଦେଉଥିଲେ ମଧ୍ୟ ଏମ୍‌ଏମ୍‌ଆରକୁ ଅଗ୍ରାଧିକାର ମିଳୁନାହିଁ। ଫଳରେ ନିଖୋଜ ବ୍ୟକ୍ତି ବା ମହିଳାଙ୍କର ଦୀର୍ଘବର୍ଷ ଯାଏଁ ପତ୍ତା ମିଳୁ ନ ଥିବା ବେଳେ କେତେ ଜଣଙ୍କର ମୃତଦେହ ଠାବ ହେଉଛି। ପଳାଶୁଣି ଅଞ୍ଚଳରୁ ନିଖୋଜ ହୋଇଥିବା କଟକ ଜିଲ୍ଲା କୁଳଶ୍ରୀ ଗାଁର ସୁନୀଲ ସାହୁଙ୍କର ମୃତଦେହ ୧୫ ଦିନ ପରେ ଜଙ୍କିଆ ଥାନା ଅଞ୍ଚଳରୁ ଠାବ ହୋଇଥିଲା। ଏହି ଘଟଣାରୁ କମିସନରେଟ ପୁଲିସ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ଦେଉଛି, ତାହା ସ୍ପଷ୍ଟ ହୋଇଛି।

- ପ୍ରେମ, ପରକୀୟା ପ୍ରୀତି ଦ୍ୱାହି ଦେଉଛି ପୁଲିସ
- ପଞ୍ଜୀକରଣ କରି ସାରି ଦେଉଛନ୍ତି ଦାୟିତ୍ୱ

ସୂଚନାନୁସାରେ, ରାଜଧାନୀର ବିଭିନ୍ନ ଥାନାକୁ ପ୍ରତିଦିନ ୫ରୁ ୧୦ଟି ୧୮ ବର୍ଷରୁ ଅଧିକ ବୟସ୍କ ଲୋକ ନିଖୋଜ ହେଉଥିବା ନେଇ ଅଭିଯୋଗ ଆସୁଛି। ଯୁବତୀ, ମହିଳାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କୁ ନପାଇ ପରିବାର ଲୋକେ ଥାନାରେ ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ସେମାନଙ୍କ ଅଭିଯୋଗ ଅନୁସାରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ସେମାନଙ୍କ ଫଟୋ କପି ରାଜ୍ୟର ବିଭିନ୍ନ ଥାନାକୁ ମଧ୍ୟ ପଠାଉଛି। ବୟସ୍କ ଲୋକମାନେ ପିଲାମାନଙ୍କ ଉପରେ ରାଗି ଘର ଛାଡୁଥିବା ବେଳେ ଯୁବତୀ ଓ ମହିଳାମାନେ ପୁରୁଷ ବନ୍ଧୁଙ୍କ ସହିତ ପଳାଇ ଯିବାର ଅନେକ ଉଦାହରଣ ରହିଛି। ଏଇ ସବୁ କଥାକୁ ପୁଲିସ ଏକପ୍ରକାର ଢାଲ କରିଛି। ଏମ୍‌ଏମ୍‌ଆର୍ ପଞ୍ଜୀକରଣ କରୁଥିଲେ ମଧ୍ୟ ପ୍ରେମ ଓ ପରକୀୟା ପ୍ରୀତି ଦ୍ୱାହି ଦେଇ ପୁଲିସ ଏହି ମାମଲା ଗୁଡ଼ିକରୁ ଦୂରେଇ ରହୁଥିବା ଅଭିଯୋଗ ହେଉଛି।

ତେବେ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନ ଦେବା ଘଟଣା କମିସନରେଟ ପୁଲିସ ପାଇଁ ନୂଆ ନୁହେଁ, ବରଂ ପୂର୍ବରୁ ମଧ୍ୟ ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ଦେଉ ନ ଥିବାର ନଜିର ରହିଛି। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୂପମା ପରିଡ଼ା ଗତ ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲା। ହେଲେ ତାଙ୍କୁ ଖୋଜିବା କି ଠାବ କରିବା ପାଇଁ ପୁଲିସ ଉଦ୍ୟମ କରିନଥିଲା। ପରିବାର ଲୋକେ ନିରୁପମାଙ୍କ ପ୍ରେମିକ ଦେବାଶିଷକୁ ସନ୍ଦେହ କରି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ନିଖୋଜର ୭ ମାସ ପରେ ପୁଲିସ ଦେବାଶିଷକୁ ଗିରଫ କରିବା ସହ ତାପଙ୍ଗ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା। ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନଦେବାରୁ ନିରୂପମା ହତ୍ୟାର ଶିକାର ହେଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।


ନିରୂପମା ପରିଡ଼ା


ଶୁଭମିତ୍ରା ସାହୁ


ସୁନୀଲ ସାହୁ

ଗତ ସେପ୍ଟେମ୍ବର ୬ ତାରିଖ ଦିନ ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ନିଖୋଜ ହେବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲା। ଏହାର ୧୨ ଦିନ ପରେ ଘଟଗାଁ ଜଙ୍ଗଲରୁ ଶୁଭମିତ୍ରାଙ୍କ ମୃତଦେହ ଠାବ କରିବା ସହ ହତ୍ୟା ଅଭିଯୁକ୍ତ କନେଷ୍ଟବଳ ଦୀପକକୁ ଗିରଫ କରିଥିଲା।

ସେପଟେ କଟକ ଜିଲ୍ଲା କାନପୁର ଥାନା ବାଲିଝରି ଗାଁର ବିଶ୍ୱଜିତ ନାୟକ କମିସନରେଟ ପୁଲିସରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ବିଶ୍ୱଜିତ ଗତ ଏପ୍ରିଲ ମାସରୁ ନିଖୋଜ ଅଛନ୍ତି। ପରିବାର ଲୋକେ ଏ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଛି। ହେଲେ ଏଯାଏଁ ବିଶ୍ୱଜିତଙ୍କୁ ଠାବ କରି ପାରିନାହିଁ। ଖୋଦ୍ ନିଖୋଜ ପୁଲିସ କର୍ମଚାରୀଙ୍କୁ କମିସନରେଟ ପୁଲିସ ପାଉନଥିବା ବେଳେ ସାଧାରଣ ଲୋକଙ୍କ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ମିଳୁଥିବ, ତାହା ଏଥିରୁ ଅନୁମେୟ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ପ୍ରତିପକ୍ଷଙ୍କ ସପକ୍ଷରେ ମକଦ୍ଦମା ପରିଚାଳନା କରିବେ 'ସ୍ୱତନ୍ତ୍ର ପିପି'!

ବ୍ରହ୍ମପୁର, ୧।୧୧ (ସମିସ): 'ପ୍ରତିପକ୍ଷଙ୍କ ସପକ୍ଷରେ ମକଦ୍ଦମା ପରିଚାଳନା କରିବେ ସ୍ୱତନ୍ତ୍ର ପିପି'। ଏଭଳି ପ୍ରସଙ୍ଗକୁ ନେଇ ବ୍ରହ୍ମପୁର କୋର୍ଟରେ ଆଇନଜୀବୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି। ପୀତବାସ ହତ୍ୟା ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ର ଓ ଅବିନାଶ ପାଢୀଙ୍କ ନାମକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ସୁପାରିସ କରିଥିବା ବେଳେ ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ର ପୂର୍ବରୁ ଚର୍ଚ୍ଚିତ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣାରେ ସରକାରଙ୍କ ପକ୍ଷରୁ ଅର୍ଥାତ ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି। ସେପଟେ ଗଣଦୁଷ୍କର୍ମ ଘଟଣାର ଅନ୍ୟତମ ଅଭିଯୁକ୍ତ ହିଞ୍ଜିଳି ଥାନା ଅନ୍ତର୍ଗତ ଶିକିରିର ଓମ ପ୍ରଧାନ(୧୯)ଙ୍କ ପାଇଁ ପୀତବାସ ପଣ୍ଡା ମାମଲା ଲଢୁଥିଲେ। ସେହି ମାମଲାରେ ଓମ୍ ପ୍ରଧାନର ଘଟଣାରେ ସମ୍ପୃକ୍ତି ନଥିବା ଦର୍ଶାଇ ଚାର୍ଜସିଟରୁ ଓମ୍‌ଙ୍କ ନାମକୁ ବାଦ ଦେଇଥିଲା କ୍ରାଇମବ୍ରାଞ୍ଚ। ପରେ ପୀତବାସ ପଣ୍ଡା ଓମ୍‌ଙ୍କ ଜାମିନ ଆବେଦନ କରିଥିଲେ ହେଁ କୋର୍ଟ ତାହାକୁ ଖାରଜ କରିଦେଇଥିଲେ। ଏହି ମାମଲାରେ ପୀତବାସ ପଣ୍ଡା ୯ ଲକ୍ଷ ଟଙ୍କାର ଡିଲ୍ କରିଥିବା ନେଇ ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଚର୍ଚ୍ଚିତ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାରେ ଉଭୟ ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ର ଓ ପୀତବାସ ପଣ୍ଡା ପ୍ରତିପକ୍ଷ ଓକିଲ ଭାବେ ମୋକଦ୍ଦମା ଲଢୁଥିଲେ। ବର୍ତ୍ତମାନ ପରିସ୍ଥିତିରେ ପୀତବାସଙ୍କ ହତ୍ୟା ମାମଲାରେ ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ରଙ୍କ ନାମ ସରକାରୀ ଭାବେ ଅନୁମୋଦନ ହେଲେ ପୂର୍ବରୁ ପ୍ରତିପକ୍ଷ ଓକିଲ ଥିବା ପୀତବାସଙ୍କ ସପକ୍ଷରେ କାଳୀଚରଣ ମିଶ୍ରଙ୍କୁ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବାକୁ ପଡିବ। ଯାହାକୁ ନେଇ ଆଇନଜୀବୀଙ୍କ ମହଲରେ ବେଶ୍ ଆଲୋଚନା ହେଉଛି।

- ବିଚିତ୍ର ସ୍ଥିତିକୁ ନେଇ ଆଇନଜୀବୀଙ୍କ ମହଲରେ ଚର୍ଚ୍ଚା ଜୋର; ସରକାରୀ ଅନୁମୋଦନକୁ ଅପେକ୍ଷା
- କ୍ରାଇମବ୍ରାଞ୍ଚ ପକ୍ଷରୁ ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ଚିଠିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି
- ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ପୂର୍ବରୁ କେଉଁ ଆଧାରରେ ୧୪ଜଣଙ୍କୁ ଗିରଫ କରିଛି ପୁଲିସ : ଆଇନଜୀବୀ

ଅନ୍ୟପଟେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତକୁ ନେଇ କ୍ରମଶଃ ସନ୍ଦେହ ବଢ଼ିବାରେ ଲାଗିଛି। ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଫେରାର ଉମା ବିଶୋୟୀ ଓ ଗୁଳି କରିଥିବା କୁରୁପତି ଭୂୟାଁଙ୍କୁ ବର୍ତ୍ତମାନ ସୁଦ୍ଧା ପୁଲିସ ଗିରଫ କରିପାରିନାହିଁ। ଏଭଳି ସ୍ଥିତିରେ ପୁଲିସ କେଉଁ ଆଧାରରେ ଅନ୍ୟ ୧୪ଜଣଙ୍କୁ ଗିରଫ କରି ଅଭିଯୁକ୍ତ ଦର୍ଶାଇଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଆଇନଜୀବୀ ତଥା ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ। କେବଳ କିଛି ସରକାରୀ ସାକ୍ଷୀ ଓ ପୀତବାସଙ୍କ ନିଜ ଲୋକଙ୍କ ବୟାନ ଆଧାରରେ ପୁଲିସ ନେଇଥିବା କାର୍ଯ୍ୟାନୁଷ୍ଠାନ ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଘଟଣାରେ ପ୍ରଥମେ ୧୨ଜଣ ଓ ପରେ ସୁନୀଲ ହୋତା ଏବଂ ଶେଷରେ ଗତ ୨୮ ତାରିଖରେ ଶୂନ୍ୟ ଚନ୍ଦ୍ର ଦାସଙ୍କ ଗିରଫ ସହିତ ହତ୍ୟାକାଣ୍ଡରେ ବର୍ତ୍ତମାନ ସୁଦ୍ଧା ମୋଟ ୧୪ଜଣଙ୍କୁ ପୁଲିସ ଗିରଫ କରିସାରିଛି। ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି। ଫଳରେ ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରକାରେ ମୋଟ ଅଭିଯୁକ୍ତଙ୍କ ସଂଖ୍ୟା ୧୬।

କିନ୍ତୁ ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷଙ୍କ ଏକ ଚିଠିର ଉତ୍ତର ଦେଇ କ୍ରାଇମବ୍ରାଞ୍ଚ ଏସ୍‌ପି ଘଟଣାରେ ୧୫ଜଣଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ ଜଣଙ୍କୁ ଗିରଫ କରାଯାଇଥିବା ଗତ ୩୦ ତାରିଖରେ ଦର୍ଶାଇଛନ୍ତି। ଫଳରେ ଘଟଣାର ତଦନ୍ତ କରୁଥିବା ବ୍ରହ୍ମପୁର ପୁଲିସ ଓ ରାଜ୍ୟ କ୍ରାଇମବ୍ରାଞ୍ଚ ମଧ୍ୟରେ ସମନ୍ୱୟର ଅଭାବ ଅଥବା କିଛି ତଥ୍ୟ ଲୁଚାଇବାକୁ ଚେଷ୍ଟା କରାଯାଉଥିବା ସନ୍ଦେହ ହୋଇଛି।

### ଆବଶ୍ୟକ ସ୍ଥଳେ ଜେଲ୍‌ରେ ବିକ୍ରମ ଖାଇପାରିବେ ଘରରନ୍ଧା ଖାଦ୍ୟ

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ନିଜ ଓକିଲଙ୍କ ଦ୍ୱାରା ଶନିବାର ସ୍ଥାନୀୟ ଏସଡ଼ିଜେଏମଙ୍କ ଅଦାଲତରେ ଏକ ପିଟିସନ ଦାଖଲ କରିଥିଲେ। ଏସଡ଼ିଜେଏମ କୁମାର ସ୍ୱନ୍ଦନ ଶନିବାର ଉକ୍ତ ପିଟିସନର ଶୁଣାଣି କରି ବିକ୍ରମଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଜେଲ ଭିତରେ ଆବଶ୍ୟକ ସ୍ଥଳେ ଘର ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିକ୍ରମ ନିୟମିତ ଔଷଧ ସେବନ କରୁଛନ୍ତି। ଯାହା ଫଳରେ ଜେଲ ଖାଦ୍ୟ ପରିବର୍ତ୍ତେ ଘର ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଅନୁମତି ଦେବାକୁ ବିକ୍ରମଙ୍କ ଓକିଲ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନର ଶୁଣାଣି କରି କୋର୍ଟ ଏହି ରାୟ ଦେଇଥିଲେ।

## ଏମ୍‌କେସିଜିରୁ ବୃଦ୍ଧ ଦମ୍ପତିଙ୍କ ଠାରୁ ସୁନା ଅଳଙ୍କାର ଲୁଟ୍ ଘଟଣାରେ ୨ ଗିରଫ




ବ୍ରହ୍ମପୁର,୧।୧୧(ସମିସ): ଏମକେସିଜି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ବୃଦ୍ଧ ଦମ୍ପତିଙ୍କ ଠାରୁ ସୁନା ଅଳଙ୍କାର ଲୁଟ ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇଜଣ ହେଲେ କବିସୂର୍ଯ୍ୟନଗର ମାର୍ଚ୍ଚଲ ବଡ଼ସାହିର ବିପିନ ସାହୁ(୪୨) ଓ ଛତ୍ରପୁର ମ୍ୟୁନିସିପାଲଟି କାଳୀ ସାହିର ବିଚିତ୍ର ସାହୁ (୩୫)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ସୁନାହାର ଜବତ କରିଛି। ଗିରଫ ଅଭିଯୁକ୍ତଙ୍କର ପୂର୍ବରୁ ୩ଟି ମାମଲାରେ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ଅଭିଯୁକ୍ତମାନେ କିଛିମାସ ପୂର୍ବେ ନଗଦ ଟଙ୍କା ଦେଇ ଗୋଟିଏ ବାଇକ କିଣିଛନ୍ତି। ଚୋରି ଓ ଲୁଟ୍ ସୁନା ଅଳଙ୍କାର ବିକ୍ରି ଏହାକୁ କିଣିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଛି। ବର୍ତ୍ତମାନ ଏହି ମାମଲାରେ ଅନ୍ୟଜଣେ ଫେରାର ରହିଛି। ଫେରାର ଅଭିଯୁକ୍ତ ଗିରଫ ପରେ ପୁଲିସ ଆଉ କିଛି ତଥ୍ୟ ଓ ଅଳଙ୍କାର ଉଦ୍ଧାର କରିପାରିବ ବୋଲି ଆଶା ରଖିଛି।

ସୂଚନାପ୍ରକାରେ, ଗଜପତି ଜିଲ୍ଲା ମହେନ୍ଦ୍ରଗଡ଼ର ଶଶି ସାହୁ ଓ ତାଙ୍କ ସ୍ୱାମୀ ଜରିଆ ସାହୁ ଚିକିତ୍ସା ପାଇଁ ଜୁନ ୬ରେ ଏମକେସିଜି ମେଡିକାଲକୁ ଆସିଥିଲେ। ଜଣେ ଅଜଣା ଯୁବକ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ଶଶି ଏକ୍ସରେ ପାଇଁ ଯିବା ପୂର୍ବରୁ ତାଙ୍କ ଗହଣା ଓହ୍ଲାଇ ତାଙ୍କୁ ଦେବା ପରେ ସେ ନେଇ ଚମ୍ପଟ ମାରିଥିଲେ। ଏନେଇ ଏମକେସିଜି ଫାଣ୍ଡିରେ ଏବଂ ପରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଥାନାଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ତଦନ୍ତଭାର ଏଏସଆଇ ବିଜୟ କୁମାର ସୁନାଶଗଡ଼ ନେଇଥିଲେ। ଏକାଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ମାମଲାରେ ୩ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ପୁଲିସ ତଦନ୍ତବେଳେ ଜଣାପଡ଼ିଥିଲା। ଶନିବାର ଅଭିଯୁକ୍ତ ବିପିନ ଓ ବିଚିତ୍ରକୁ ପୁଲିସ ଗିରଫ କରି ସେମାନଙ୍କ ଠାରୁ ଗୋଟିଏ ସୁନା ହାର, ନୂଆ ବାଇକ ଓ ମୋବାଇଲ ଜବତ କରିଛି। ଖୁବଶୀଘ୍ର ଫେରାର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିଜୟ କୁମାର ସୁନାଶଗଡ଼ କହିଛନ୍ତି।

## ଜିଲ୍ଲାଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର,୧।୧୧(ସମିସ): ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଭାବେ ଅଶାନ୍ତ କୁମାର ଦାସ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସରକାରଙ୍କ କ୍ୟାଡର ପିପିଙ୍କ ସମେତ ସମସ୍ତ ସରକାରୀ ଓକିଲ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ବିଚାରବିଭାଗୀୟ କର୍ମଚାରୀଗଣ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟି. କେ. ରେଡ଼ି, ସମ୍ପାଦକ ଟି. ଭେଙ୍କେଟ ରାଓ, ସହସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ନୂତନ ଜିଲ୍ଲା ଓ ଦୌରା ଜଜ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସ ଆଜି କୋର୍ଟ ପରିଦର୍ଶନ କରିବା ସହ କେତେକ ମାମଲାର ବିଚାରଣା ମଧ୍ୟ କରିଥିଲେ।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ବ୍ରହ୍ମପୁର,୧।୧୧(ସମିସ): ଦୁର୍ଘଟଣାରେ ଆହତଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ନାରାୟଣପୁର ଗ୍ରାମର ନିରଞ୍ଜନ ନାୟକ (୪୫)। ଗତ ୩୦ ତାରିଖ ସନ୍ଧ୍ୟାରେ ଗୋପାଳପୁର ମୁଖ୍ୟ ରାସ୍ତାରେ ଥିବା ଗୋପବନ୍ଧୁ ପାଠାଗାର ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ଗତକାଲି ରାତି ୯ଟା ୪୫ରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ଭଉଣୀ ନୀତା ନାୟକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ସହ ତଦନ୍ତ ଜାରି ରଖିଛି।

## ଗଞ୍ଜାମ କଳା ପରିଷଦରେ ସଂଗୀତ ଆସର

ବ୍ରହ୍ମପୁର,୧।୧୧(ସମିସ): ଗଞ୍ଜାମ କଳା ପରିଷଦରେ ଶନିବାର ମାସିକ ସଂଗୀତ ଅନୁଷ୍ଠାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ନନ୍ଦ ଓ ଡ଼. ବାସନ୍ତୀ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଗୁରୁ ଅଶ୍ୱିନୀ ମହାପାତ୍ର ଓ ଗୁରୁ ନୀଳାଞ୍ଚଳ ବେହେରାଙ୍କ ସଂଗୀତ ପରିଚାଳନାରେ କଣ୍ଠଶିଳ୍ପୀ, ଦେବେନ୍ଦ୍ର ନନ୍ଦ, ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ସୁଦୀପ ସାହୁ, ଅପୂର୍ବ ପଟ୍ଟନାୟକ, ଅଶ୍ୱିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ସେନାପତି, ଶୁଭ୍ର ସୌରଭ, ରାଜ ନନ୍ଦିନୀ, ବି ମାଳତୀ, କେଭିନ, ରାଜଲକ୍ଷ୍ମୀ ପଣ୍ଡା ଓ ବିଘ୍ନେଶ ମହାରଣା କଣ୍ଠଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସାଧାରଣ ସମ୍ପାଦକ ଇଂ ଅପୂର୍ବ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଇଂ. ମନୋଜ ଦଣ୍ଡପାଟ, ପ୍ରାକ୍ତନ ସମ୍ପାଦକ ସୁବୋଧ ପଟ୍ଟନାୟକ, ଉପଦେଷ୍ଟା ସରୋଜିନୀ ସାମଲ, ନଳିନୀ ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୧ଫୁଟର ଅଜଗର ଉଦ୍ଧାର

ବ୍ରହ୍ମପୁର,୧।୧୧(ସମିସ): ଗୋଷାଣୀନୂଆଗାଁ ଓମ୍ ବିହାର ସାଇବାବା ମନ୍ଦିର ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ୧୧ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ସ୍ନେକ୍ ହେଲ୍ପ ଲାଇନ ପକ୍ଷରୁ ସାପକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ ଓମ୍ ବିହାରର ପ୍ରମୋଦ ବେହେରାଙ୍କ ଘର ଗ୍ରିଲ ଆଗରେ ଏକ ବିରାଟ ସାପକୁ ପରିବାର ଲୋକ ଦେଖି ସ୍ନେକ୍ ହେଲ୍ପ




ଲାଇନକୁ ଯୋଗାଯୋଗ କରିଥିଲେ। ସ୍ଥାନୀୟ ସଦସ୍ୟ ତ୍ରିଲୋଚନ ନାୟକ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ଉଦ୍ଧାର ସାପଟି ଅଜଗର ପ୍ରଜାତିର ହୋଇଥିବା ବେଳେ ୧୧ଫୁଟ ଲମ୍ବ ରହିଥିଲା। ସାପଟିକୁ ବନପାଳ ସୋମନାଥ ମଲ୍ଲିକ, ବନରକ୍ଷୀ ଅଶ୍ୱିନୀ ନାୟକଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସ୍ନେକ୍ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ ସୂଚନା ଦେଇଛନ୍ତି।

## ନକଲି କାଗଜପତ୍ରରେ ଜମିବିକ୍ରି ଆଳରେ ୪୫ଲକ୍ଷ ଠକେଇ

# ବିଲ୍ଡରଙ୍କ ସମେତ ୨ ଗିରଫ




ବ୍ରହ୍ମପୁର,୧।୧୧(ସମିସ): ନକଲି କାଗଜପତ୍ର ଦେଖାଇ ଜମି ବିକ୍ରି ଆଳରେ ବ୍ୟବସାୟୀଙ୍କ ଠାରୁ ପ୍ରାୟ ୪୫ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଗୋଷାଣିନୂଆଗାଁ ପୁଲିସ ଜଣେ ବିଲଡରଙ୍କ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୀଳକଣ୍ଠନଗର ପ୍ରଥମ ଲାଇନ ନିବାସୀ ଦିଲ୍ଲୀପ କୁମାର ପଶୁପାଳ(୫୫)ଓ ଗୋଷାଣିନୂଆଗାଁ ବଦ୍ରିରାଜନଗର ନିବାସୀ ପ୍ରଦୀପ ପାଣିଗ୍ରାହୀ(୬୨)। ପୁଲିସ ଗିରଫ ଅଭିଯୁକ୍ତଙ୍କ ଠାରୁ ଟଙ୍କା ନେଣଦେଣର ନକଲି କପି, ଜମିମ୍ୟାପ, ପଟାର ନକଲି କପି, ଏଗ୍ରିମେଣ୍ଟ କପି ଓ ମୋବାଇଲକୁ ଜବତ କରିଛି।

ସୂଚନାଯୋଗ୍ୟ ଯେ, ଜ୍ୟୋତିନଗର ୫ମ ଲାଇନ ନିବାସୀ ସନ୍ତୋଷ କୁମାର ଶତପଥୀ (୬୫) ଏକ ବ୍ୟବସାୟୀ ପ୍ରତିଷ୍ଠାନ କରିବା ଉଦ୍ଦେଶ୍ୟରେ ଜମି ସନ୍ଧାନରେ ଥିଲେ। ୨୦୨୪ ଜୁନ ୩ରେ କନିଷ୍ଠି ଅଞ୍ଚଳର ଜୟରାମ ନାୟକ ନାମକ ଜଣେ ବ୍ୟବସାୟୀଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଚମାଖଣ୍ଡି ମୌଜାରେ ଥିବା ଏକ ପ୍ଲଟ କିଣିବାକୁ ଆଲୋଚନା ହୋଇଥିବାବେଳେ ଏହି ଜମିର ପାୱାର ବ୍ରହ୍ମପୁରର ବିଲଡର ଦିଲ୍ଲୀପ କୁମାର ପଶୁପାଳ ରଖିଥିବା ବେଳେ ଜୟରାମ ଓ ପଞ୍ଚାନନ ସୁବୁଦ୍ଧି ଉକ୍ତ ଜମିର ମାର୍କେଟିଂ କରିଥିବା କହିଥିଲେ। ପରେ ହିଲିପାଟଣା ୩ୟ ଲାଇନରେ ଥିବା ଦିଲ୍ଲୀପ ପଶୁପାଳଙ୍କ ଅଫିସକୁ ଯାଇ ଜମି ସମ୍ପର୍କରେ ସନ୍ତୋଷ ଆଲୋଚନା କରିଥିଲେ। ପଶୁପାଳ ଜମିର ନେଟ୍ ପଟ୍ଟା ଏବଂ ମ୍ୟାପ ସହ ଜମି ଦେଖାଇଥିଲେ। ସନ୍ତୋଷ ନିଜ ପୁଅଙ୍କ ଆକାଉଣ୍ଟରୁ ଦିଲ୍ଲୀପ ପଶୁପାଳଙ୍କ ସହଯୋଗୀ ପ୍ରଦୀପ ପାଣିଗ୍ରାହୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଗ୍ରୀମ ଭାବେ ୧୦ଲକ୍ଷ ଟଙ୍କା ଦେଇଥିଲେ। ପରେ ୧୦ଟଙ୍କିଆ ଷ୍ଟାମ୍ପ ଏଗ୍ରିମେଣ୍ଟ ପେପରରେ ପ୍ରଦୀପଙ୍କ ଦସ୍ତଖତ କରିଥିଲେ। ୧ମାସ ମଧ୍ୟରେ ଉକ୍ତ ଜମି ରେଜିଷ୍ଟ୍ରେସନ ପ୍ରତିଶ୍ରୁତି ଦେଇଥିବାବେଳେ ପରେ ଅମିନ କୃଷ୍ଣଚନ୍ଦ୍ର ମହାନ୍ତି ଉକ୍ତ ଜମିର ଡିମାର୍କେସନ କରି ଟ୍ରେସ ମ୍ୟାପ ଦେଇଥିଲେ। ପରେ ବିଭିନ୍ନ ତାରିଖରେ ସନ୍ତୋଷଙ୍କ ଠାରୁ ଅଗ୍ରିମ ଆକାରରେ ମୋଟ ୪୪ଲକ୍ଷ ୫୧ହଜାର ଟଙ୍କା ପ୍ରଦୀପ ପାଣିଗ୍ରାହୀଙ୍କ ଜରିଆରେ ପଶୁପାଳ ନେଇଥିଲେ। ମାତ୍ର ରେଜିଷ୍ଟ୍ରେସନ କଥା ପଚାରିଲେ ଦିଲ୍ଲୀପ ଓ ପ୍ରଦୀପ ଆଉ ଧରାଛୁଆଁ ଦେଲେନାହିଁ। ଫଳରେ ସନ୍ତୋଷଙ୍କ ସନ୍ଦେହ ହେବାରୁ ସେ ଚମାଖଣ୍ଡି ଗ୍ରାମର ବାବୁ ରାଓଙ୍କୁ ଜମିର ମାଲିକଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ଜମି ମାଲିକ ଜମି କାହାକୁ ବିକ୍ରି କରିନାହାଁନ୍ତି କିମ୍ବା କାହାକୁ ପାୱାର ମଧ୍ୟ ଦେଇନଥିବା ସନ୍ତୋଷ ଜାଣିବାକୁ ପାଇଥିଲେ। ଠକେଇର ଶିକାର ହୋଇଥିବା ଜାଣି ଦିଲ୍ଲୀପ ଓ ପ୍ରଦୀପଙ୍କୁ ବାରମ୍ବାର ଟଙ୍କା ଫେରସ୍ତ ମାଗିବାରୁ ସେମାନେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଶନିବାର ଘଟଣାକୁ ନେଇ ସନ୍ତୋଷ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ତାଲାବନ୍ଦ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ୧୦ଭରି ସୁନା ଅଳଙ୍କାର ଓ ଦେଢ଼ ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର,୧।୧୧(ସମିସ): ଦୀର୍ଘ ଏକମାସର ବ୍ୟବଧାନ ପରେ ସହରରେ ପୁଣି ଚୋରଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଏକ ତାଲାବନ୍ଦ ଘରୁ ବଡ଼ ଧରଣର ଚୋରି କରିଛନ୍ତି। ହର୍ଷବିହାର ପ୍ରଥମ ଲାଇନ୍ ଦାଦୀ ମା'ମନ୍ଦିର ନିକଟରେ ରହୁଥିବା ଜେ. ହରିପ୍ରସାଦ ପୃଷ୍ଟିଙ୍କ ଘରୁ ୧୦ଭରି ଓଜନର ସୁନା ଅଳଙ୍କାର ଓ ଦେଢ଼ କିଲୋ ଓଜନର ରୁପା ସହିତ ନଗଦ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୯ ତାରିଖ ସକାଳେ କୌଣସି କାମରେ ହରିପ୍ରସାଦ ଓ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ରାତିରେ ଘରକୁ ଫେରି ଜିନିଷପତ୍ର ଏତେତେଣେ ଫିଙ୍ଗାଫୋପଡ଼ା ହୋଇଥିଲା ଦେଖିଥିଲେ। ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ପଶି ଲକର ଭାଙ୍ଗି ସେଥିରୁ ୧୦ ଭରି ଓଜନର ସୁନା ଅଳଙ୍କାର, ଦେଢ଼ କେଜି ଓଜନର ରୁପା ଅଳଙ୍କାର, ମନିପର୍ସ, ୩ଟି ଏଟିଏମ କାଡର୍, ଆଧାରକାର୍ଡ ଓ ପାନ୍‌କାର୍ଡ ସମେତ ନଗଦ ଦେଢ଼ଲକ୍ଷ ଟଙ୍କା ଚୋରି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଏଭଳି ବଡ଼ଧରଣର ଚୋରି ପୁଲିସର ଚିନ୍ତା ବଢ଼ାଇଛି।

## ଶିକ୍ଷାବିତ୍ ଗୌରୀ ଶଙ୍କର ମିଶ୍ରଙ୍କ ସ୍ମୃତିସଭା

ବ୍ରହ୍ମପୁର,୧।୧୧(ସମିସ): ନବୀନ ଭବନରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ତଥା ଗବେଷକ ଗୌରୀ ଶଙ୍କର ମିଶ୍ରଙ୍କ ତିରୋଧାନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ମନ୍ମଥ ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ବରିଷ୍ଠ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଚାରଣ ସହ ତାଙ୍କ ରଚିତ ବିଭିନ୍ନ ସାରସ୍ୱତ କୃତି ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ସଭାରେ ଅମର ଆତ୍ମାର ସଦଗତ ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିରୁପାକ୍ଷ ଦାଶ, ଶ୍ୟାମ ସୁନ୍ଦର ଖାଡଙ୍ଗା, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବୈଜ୍ଞାନିକ ଡମ୍ବରୁଧର ସାହୁ, କବି ପ୍ରମୋଦ କୁମାର ପଣ୍ଡା, ବଂଶୀଧର ସେଠୀ, ରଜନୀକାନ୍ତ ଶତପଥୀ, ପ୍ରତ୍ୟୁଷ କୁମାର ଦାଶ, ବିଘ୍ନେଶ୍ୱର ସାହୁ, ଇଂ. ମାନସ ରଞ୍ଜନ ତ୍ରିପାଠୀ, ସୁଶାନ୍ତ କର ଓ ପବିତ୍ର କୁମାର ଚୌଧୁରୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ।



### ଦୁର୍ନୀତି ନିବାରଣ ସତର୍କତା ଓ ସଚେତନତା ସପ୍ତାହ

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୱାକାଥନ୍







ବ୍ରହ୍ମପୁର,୧।୧୧(ସମିସ): ବ୍ରହ୍ମପୁର ସ୍ଥିତ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସମୂହ ପକ୍ଷରୁ ଦୁର୍ନୀତି ନିବାରଣ ସତର୍କତା ଓ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଟାଟାବେଞ୍ଚ ଛକ ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ନିକଟରୁ ଏକ ୱାକାଥନ୍ ବାହାରି ସହର ପରିକ୍ରମା କରି ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ ରଜତ କୁମାର ପଣ୍ଡା ଓ କ୍ଷେତ୍ରୀୟ ସତର୍କତା ମୁଖ୍ୟ ସଞ୍ଜିବ କୁମାର ସାହୁ ଶୁଭାରମ୍ଭ କରି ପ୍ରତ୍ୟେକ ବ୍ୟକ୍ତି ନିଜ ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ ସଂପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ କରିବା ଦିଗରେ ଆନ୍ତରିକ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

ରାଷ୍ଟ୍ରର ବିକାଶ ପଥରେ ଦୁର୍ନୀତି ସବୁଠୁଁ ବଡ଼ ବାଧକ। ଆଗାମୀ ଦିନରେ ଦେଶକୁ ଏକ ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ରୂପେ ଗଢ଼ି ତୋଳିବାକୁ ହେଲେ ପ୍ରତ୍ୟେକ ଭାରତୀୟ ଉଭୟ ଗୋଷ୍ଠୀ ଓ ବ୍ୟକ୍ତିଗତ ଜୀବନରେ ସାଧୁତା, ସ୍ୱଚ୍ଛତା, ସତ୍ୟନିଷ୍ଠତା, କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ବଜାୟ ରଖିବା ସଂଗେ ସଂଗେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ଏଠାରେ କୁହାଯାଇଛି। ଏହି ଅବସରରେ ସାଧାରଣ ଜୀବନରେ ସ୍ୱଚ୍ଛତା, ସାଧୁତା ଅବଲମ୍ବନ ପୂର୍ବକ ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ସମ୍ମିଳିତ ଭାବେ ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପକ୍ଷେତ୍ରୀୟ ମୁଖ୍ୟ ମେଘରାୟ ମାରଣ୍ଡି, ବିଭୂତି ଭୂଷଣ ମହାନ୍ତିଙ୍କ ସମେତ ବହୁ କର୍ମଚାରୀ, ଉତ୍ସାହୀ ଯୁବକ ଯୋଗ ଦେଇଥିଲେ। ଏହାକୁ ମୁଖ୍ୟ ପ୍ରବନ୍ଧକ ଆଶିଷ କୁମାର ଜ୍ଞାନବର୍ଦ୍ଧନ, ଶିବ ପ୍ରସାଦ ନନ୍ଦ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ପୁରୁଷ ଭଲିବଲ୍

ବ୍ରହ୍ମପୁର, ୧।୧୧ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଶନିବାର ମିନି ଷ୍ଟାଡିୟମ ଠାରେ ୫୪ତମ ଅନ୍ତଃ ମହାବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବଚରଣ ପଣ୍ଡା, ଅନ୍ୟତମ ଅତିଥି ଭାବେ ଭଞ୍ଜନଗର କେଏସ୍‌ୟୁବି ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପି.ଆନନ୍ଦ ରାଓ, ଚୟନ କମିଟିର ସଭ୍ୟ ଅକ୍ଷୟ କୁମାର ପଟ୍ଟନାୟକ, ଭାସ୍କର ମିଶ୍ର, କ୍ରୀଡ଼ା ପରିଷଦର କାର୍ଯ୍ୟକାରିଣୀ ସଭ୍ୟ ଶିବ ପ୍ରସାଦ ବେହେରା ଓ ଶିବାନନ୍ଦ ବର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୩ଟି ମହାବିଦ୍ୟାଳୟରୁ ଛାତ୍ରମାନେ ଭାଗ ନେଇଥିଲେ। ପ୍ରଥମ ଦିନରେ ଫୁଲବାଣୀ ସହ କାଶୀନଗର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୨-୦ରେ ଫୁଲବାଣୀ ବିଜୟୀ ହୋଇଥିଲା। ଭଞ୍ଜନଗର ସହ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ୨-୧ରେ ଏମକେସିଜି ମେଡିକାଲ କଲେଜ ବିଜୟୀ ହୋଇଥିଲା। ବାଲିଗୁଡା ସହ ଦିଗପହଣ୍ଡି ମଧ୍ୟରେ ହୋଇଥିବା ମ୍ୟାଚରେ ୨-୦ରେ ଦିଗପହଣ୍ଡି କଲେଜ ବିଜୟୀ ହୋଇଥିଲା। ଆରସିଏମ ଖଲ୍ଲିକୋଟ ଓ ଚାନ୍ଦିପୁଟ ମଧ୍ୟରେ ହୋଇଥିବା ମ୍ୟାଚରେ ୨-୦ରେ ଚାନ୍ଦିପୁଟ କଲେଜ ବିଜୟ ହୋଇଥିଲା। ବୁଗୁଡ଼ା ସହ



ଫୁଲବାଣୀ ମଧ୍ୟରେ ହୋଇଥିବା ମ୍ୟାଚରେ ଫୁଲବାଣୀ ୨-୦ରେ ବିଜୟୀ ହୋଇଥିଲା। ବ୍ରହ୍ମପୁର ଏମକେସିଜି ମେଡିକାଲ ମଲେଜ ଓ ଡୁରା କଲେଜ ମଧ୍ୟରେ ହୋଇଥିବା ମ୍ୟାଚରେ ୨-୦ ସେଟରେ ଏମକେସିଜି ମେଡିକାଲ କଲେଜ ବିଜୟୀ ହୋଇଥିବା କ୍ରୀଡ଼ା ପରିଷଦ ପକ୍ଷରୁ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅଫିସିଆଲ ଭାବେ ଶିବ ନାରାୟଣ ବେହେରା, ଗିରିଧାରୀ ମହାପାତ୍ର, ରଶ୍ମି ରଞ୍ଜନ ତ୍ରିପାଠୀ, ଶୈଳେନ୍ଦ୍ର କୁମାର, ପି.ରମେଶ, ସୁରେଶ ଚନ୍ଦ୍ର ମଲ୍ଲିକ ଓ ସୁନିତା ପାତ୍ର ଦାୟିତ୍ୱ ତୁଲାଇଥିଲେ। ରବି ଚରଣ ମିଶ୍ର, ଜଗନ୍ନାଥ ଚୌଧୁରୀ ଓ ଧନେଶ୍ୱର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

୧/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୫୯,୫୩୭/-
ସୁନା: ୦୦.୭୫୦ ଗ୍ରାମ୍
ରୁପା: ୧୦୯.୫୦୦ ଗ୍ରାମ୍



# ପଞ୍ଚୁକ ପାଇଁ ୯୬ ସେକ୍ସନ ଫୋର୍ସ



**● ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ରହିବେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ**

**● ମାର୍କେଟ୍ ଛକ, ଷଣ୍ଢଛକ, ମୋଚିସାହି ଛକରୁ ମନ୍ଦିର ଆଡ଼କୁ ଆସିବନି ଗାଡ଼ି**

**ପୁରୀ,୧।୧୧(ସମିସ):** ରବିବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ତେବେ ପଞ୍ଚୁକ ଅବସରରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳିଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କ ଚିତ୍ତାକର୍ଷକ ପଞ୍ଚୁକ ବେଶ ଦର୍ଶନ କରି ହବିଷ୍ୟାଳି ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ବଡ଼ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶନିବାର ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ଅଧିକାରୀ ଓ ପୁଲିସ ଫୋର୍ସଙ୍କୁ ବ୍ରିଫ୍ କରିଛନ୍ତି। ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ସୁପରିଚାଳନା ନେଇ ଏସ୍‌ପି ସୂଚନା ଦେଇଛନ୍ତି। ପଞ୍ଚୁକ ପାଇଁ ପୁରୀ ପୁଲିସର ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ହବିଷ୍ୟାଳି ମା' ଏବଂ ଅନ୍ୟ ଭକ୍ତମାନେ ଯେପରି ବାଧାମୁକ୍ତ ଏବଂ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ କ୍ଲିୟରାନ୍ସ ପାର୍ଟି ମୁତୟନ ରହିବେ। ମନ୍ଦିର ଭିତର ଓ ବାହାର ବେଢ଼ାରେ ନଜର ରଖିବ ପୁଲିସ। ବିଶେଷକରି ସାତପାହାଚ ଓ ନାଟମଣ୍ଡପ ସ୍ଥାନରେ ହେଉଥିବା ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରିତ କରାଯିବ। ପଞ୍ଚୁକ ପାଇଁ ମୋଟ୍ ୯୬ ସେକ୍ସନ ବା ୩୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏତଦ୍‌ବ୍ୟତୀତ ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟର, ୧୩୮ ଏସ୍‌ଆଇ ଓ ଏଏସ୍‌ଆଇ, ୨୪ ହାବିଲ୍‌ଦାର, ୧୪୭ କନେଷ୍ଟବଳ, ୩୩୪ ହୋମ୍‌ଗାର୍ଡ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହିବେ। ସିଂହଦ୍ୱାରରେ ଆମ୍ବୁଲାନ୍ସ, ଅଗ୍ନିଶମ କର୍ମଚାରୀ ରହିବେ। ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ କିପରି ସୁପରିଚାଳନା ହେବ ସେ ନେଇ ମଧ୍ୟ ସ୍ୱତନ୍ତ୍ର ଆରେଞ୍ଜମେଣ୍ଟ କରାଯାଇଛି। ମାର୍କେଟ୍ ଛକରୁ ଶ୍ରୀମନ୍ଦିର, ଷଣ୍ଢ ଛକରୁ ଗାଣ୍ଡୁଆ ଚଉରା ଛକ, ସୋଲାଖିଆ ବରଗଛରୁ କାକୁଡ଼ିଖାଇ ଛକ ଏବଂ ମୋଚିସାହି ଛକରୁ ଦୋଳମଣ୍ଡପ ସାହି ନୋ ଭେହିକ୍ଲ ଜୋନ୍ ରହିଛି। ସେହିପରି ଦିଗବାରିଣୀ ଛକରୁ ଯାତ୍ରିକା ପାର୍କିଂ ପର୍ଯ୍ୟନ୍ତ ମଧ୍ୟ ନୋ ଭେହିକ୍ଲ ଜୋନ୍ ରହିଛି। ସେହିପରି ଆନ୍ତଃରାଜ୍ୟ ଏବଂ ଟୁରିଷ୍ଟ ବସ୍ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ଏବଂ ବ୍ରହ୍ମଗିରି ପଟୁ ଆସୁଥିବା ଚାରିଚକିଆ ଗାଡ଼ି ଜେବିପିସି ଏବଂ ଜେଲ୍‌ରୋଡ୍ ପାର୍କିଂ, ଦୁଇଚକିଆ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ, ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ଦିଗବାରିଣୀ ପାର୍କିଂସ୍ଥଳରେ ପାର୍କିଂ କରିବେ। ପାଟ୍ରୋଲିଂ ବଢ଼ାଯିବ। ବୋଇତ ବନ୍ଦାଣ ପାଇଁ ବେଳାଭୂମି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଉପରେ ସ୍ୱତନ୍ତ୍ର ଭାବେ ନଜର ରହିବ। ସୁରକ୍ଷା କର୍ମୀ ଏବଂ ଲାଇଫ୍‌ଗାର୍ଡମାନେ ଏସବୁ ଜାଗାରେ ନିୟୋଜିତ ହେବେ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ଜାନୁଆରୀରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

**ପୁରୀ,୧।୧୧(ସମିସ):** ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ ପୁରୀଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଅନୁଷ୍ଠିତ ହୁଏ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ। ଏହି ସମ୍ମିଳନୀର ପଦ୍ମରାଗ ଜୟନ୍ତୀ ଚଳିତ ବର୍ଷ ପୁରୀଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ସଂଘର ଉଦ୍ଦେଶ୍ୟ ସନାତନ ସତ୍‌ଶିକ୍ଷା ବିସ୍ତାର, ଶିବ ଜ୍ଞାନେ ଜୀବ ସେବା। ମାଧ୍ୟମ ହେଉଛି ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ। ଏଥିପାଇଁ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୁଏ। ସମ୍ମିଳନୀର ଉଦ୍ଦେଶ୍ୟ ସଫଳ ପାଇଁ ଗଜପତି ମହାରାଜାଙ୍କ ପରାମର୍ଶରେ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ତାଳବଣିଆଠାରେ ଆସନ୍ତା ୨୦୨୬ ମାଘ ପୂର୍ଣ୍ଣିମା ଅର୍ଥାତ୍ ଜାନୁଆରୀ ୩୦ ତାରିଖରେ ଅଧିବାସ କରାଯିବ। ଜାନୁଆରୀ ୩୧, ଫେବୃଆରୀ ୧ ଓ ୨ ତାରିଖ ତିନିଦିନ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶ ତଥା ଦେଶ ବାହାରୁ ପ୍ରାୟ ୨୦ ହଜାର ଭକ୍ତ ଯୋଗଦେବେ ବୋଲି ଆକଳନ କରାଯାଇଛି। ସମ୍ମିଳନୀରେ ଭକ୍ତମାନଙ୍କର ରହିବା ଓ ପ୍ରସାଦସେବନର ବ୍ୟବସ୍ଥା ସଂଘ ପକ୍ଷରୁ କରାଯାଇଥାଏ। ସମ୍ମିଳନୀର ସମସ୍ତ ଆୟୋଜନ ପାଇଁ ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ପ୍ରଶାସନର ସହଯୋଗ ଏକାନ୍ତ କାମ୍ୟ ବୋଲି କର୍ମକର୍ତ୍ତାଙ୍କ ତରଫରୁ ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ନିବେଦନ କରିଛନ୍ତି। ସମ୍ମିଳନୀର ସଫଳ ରୂପାୟଣ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏହି ଅବସରରେ ସଂଘର କେନ୍ଦ୍ରୀୟ କାର୍ଯ୍ୟାଳୟ ପୁରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ପ୍ରଜ୍ଞାନ ମିଶନର ପ୍ରତିଷ୍ଠାତା ପ୍ରଜ୍ଞାନାନନ୍ଦ ମହାରାଜଙ୍କୁ ଅଭ୍ୟର୍ଥନା କମିଟି ସଭାପତି ଭାବେ ମନୋନୀତ କରାଯାଇଛି।

## ଶ୍ରୀଜଗନ୍ନାଥାୟନରେ 'ତୁ ଏକା ଆମ ସାକ୍ଷୀ'



**ପୁରୀ,୧।୧୧(ସମିସ):** ସମାଜରେ ଆଧ୍ୟାତ୍ମିକ ଜାଗରଣ ପାଇଁ ରାମାୟଣ, ମହାଭାରତ ଓ ଭାଗବତ ପରି ଦାର୍ଢ୍ୟତା ଭକ୍ତିର ଅବଦାନ ସ୍ମରଣଯୋଗ୍ୟ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କଟକର ନାଟ୍ୟ ସଂସ୍ଥା ଅଭିଯାନ ପକ୍ଷରୁ ମଞ୍ଚସ୍ଥ ନାଟକ "ତୁ ଏକା ଆମର ସାକ୍ଷୀ'ରେ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର ସଫଳ ନାଟ୍ୟକାର ଡ. କିଶୋର ମହାନ୍ତି, ନିର୍ଦ୍ଦେଶକ ଅକ୍ଷୟ ରଣା ଓ କଣ୍ଠଶିଳ୍ପୀ ବସନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା, ନାଟ୍ୟକାର ଦୟାନିଧି ତ୍ରିପାଠୀ, ବିଶିଷ୍ଟ ସଂଗଠକ ଚକ୍ରଧର ମହାପାତ୍ର, ବିଜୟ ପଣ୍ଡା, କଣ୍ଠଶିଳ୍ପୀ ନଳିନୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବକୁ ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ ସାହୁ ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର କଳାକାର ବୃନ୍ଦ ପରିଚାଳନା କରିଥିବାବେଳେ ସଂଯୋଜନା କରିଥିଲେ ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ।

## ମାର୍କେଟ୍ ଛକରୁ ଶ୍ରୀମନ୍ଦିରକୁ ବ୍ୟାରିକେଡ୍‌ରେ ଯିବେ ଭକ୍ତ

**■ କେବଳ ସିଂହଦ୍ୱାରରେ ପ୍ରବେଶ, ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ**

**■ ପ୍ରଥମ ୩ ଦିନ କେବଳ ବାହାର କାଠରୁ ଦର୍ଶନ**

**■ ଘଣ୍ଟିଦ୍ୱାର ଦେଇ ପ୍ରବେଶ କରିବେ ବରିଷ୍ଠ ନାଗରିକ**

**ପୁରୀ,୧।୧୧(ସମିସ):** ରବିବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳିଙ୍କ ଭିଡ଼ ବଢ଼ିଲାଣି। ଏଥର ପଞ୍ଚୁକ ୪ ଦିନ ପଡୁଛି। ତେଣୁ ମହାପ୍ରଭୁଙ୍କ ଚିତ୍ତାକର୍ଷକ ୪ଟି ବେଶ ଦର୍ଶନ କରି ହବିଷ୍ୟାଳି ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ରବିବାର ବଡ଼ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଞ୍ଚୁକରେ ଶ୍ରଦ୍ଧାଳୁମାନଙ୍କର ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେଥିଲାଗି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ମାର୍କେଟ୍ ଛକରୁ ବ୍ୟାରିକେଡ୍ ଦେଇ ଭକ୍ତ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିବେ। ଭିତରେ ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ନୀତିକାନ୍ତି ସମ୍ପର୍କରେ ଭକ୍ତଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯିବ। କେତେବେଳେ ଦର୍ଶନ ବନ୍ଦ ଏବଂ ଚାଲୁ ରହିବ ତାହା ଶ୍ରଦ୍ଧାଳୁ ଜାଣିପାରିବେ। ସେହିପରି ବାହାରେ ଶେଡ୍ ସହିତ ବ୍ୟାରିକେଡ୍‌ରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଫ୍ୟାନ୍, ବସିବା ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା ହୋଇଛି। ଏ ବର୍ଷ ପଞ୍ଚୁକ ୪ ଦିନ ପଡୁଥିବାରୁ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ମାର୍କେଟ୍ ଛକଠାରୁ ଅସ୍ଥାୟୀ ବ୍ୟାରିକେଡ୍‌ରେ ପ୍ରବେଶ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ। ତେବେ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମାର୍କେଟ୍ ଛକଠାରୁ ସିଂହଦ୍ୱାର ଆଡ଼କୁ କୌଣସି ଗାଡ଼ି ଛଡ଼ାଯିବ ନାହିଁ। କେବଳ ଭକ୍ତ ଏବଂ ଜନସାଧାରଣ ପାଦରେ ଚାଲିଚାଲି ଯିବେ। ସହରରେ ଭିଡ଼ ଯେପରି ନ ହେବ ସେଥିଲାଗି ଟ୍ରାଫିକ୍ ନିୟନ୍ତ୍ରଣ କରାଯିବ। ପୁଲିସ ପକ୍ଷରୁ ପାର୍କିଂ ସ୍ଥାନ ଚିହ୍ନଟ ହୋଇଛି ବୋଲି କହିଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶନିବାର ମହାପ୍ରଭୁଙ୍କ ରାଧାଦାମୋଦର ବେଶର ଶେଷ ଦିବସ। ରବିବାରଠାରୁ ଆସନ୍ତା ୫ ତାରିଖ ଯାଏ ପବିତ୍ର ପଞ୍ଚୁକ ନୀତି ଓ ବେଶ ଅନୁଷ୍ଠିତ ହେବ। ଏଥର ପଞ୍ଚୁକରେ ଶ୍ରୀମନ୍ଦିର ଭିତରେ ବାହାର କାଠରୁ ଦର୍ଶନ ବ୍ୟବସ୍ଥା କରାଯାଇଛି। କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଗ ମଣ୍ଡପ ଶେଷ ପରେ ଭିତରକାଠରୁ ଭକ୍ତମାନେ ଦର୍ଶନ କରିପାରିବେ। ସେହିପରି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ଭକ୍ତମାନେ ଯେଭଳି ଭଲଭାବେ ଦର୍ଶନ କରିବେ ସେ ନେଇ ସବୁ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଦର୍ଶନ କରିବା ପରେ କାହାରିକୁ ଠିଆ ହେବାକୁ ଅନୁମତି ଦିଆଯିବ ନାହିଁ। ତେବେ ବରିଷ୍ଠ ନାଗରିକମାନେ ଘଣ୍ଟିଦ୍ୱାର ଦେଇ ପ୍ରବେଶ କରିବେ।

## ସିପିଏସ୍‌ରେ ବକ୍ତୃତା ପ୍ରତିଯୋଗିତା

**ପୁରୀ,୧।୧୧(ସମିସ):** ପୁରୀ-କୋଣାର୍କ ରାସ୍ତାର ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍)ରେ ଶୁକ୍ରବାର ଆଇପିଏ (ଇଣ୍ଡିଆନ୍ ଫାର୍ମାସ୍ୟୁଟିକାଲ ଆସୋସିଏସନ) ଦ୍ୱାରା ଜାତୀୟ ବକ୍ତୃତା ପ୍ରତିଯୋଗିତା-୨୦୨୫ ମୁତାବକ ଏକ ଆଞ୍ଚଳିକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ସିପିଏସ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର, ସିପିଏସ୍‌ର ନିର୍ଦ୍ଦେଶକ ଡ. ଗଣେଶ ଦାସ, ମୁଖ୍ୟଅତିଥି ଭାବେ ବାଣୀବିହାର ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗର ପ୍ରଫେସର ଡ. ସୁଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ସହକାରୀ ପ୍ରଫେସର ଡା. ଦେବାଶିଷ ପଣ୍ଡିତ ଓ ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଫେସର ସିଦ୍ଧାର୍ଥ କର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଫାର୍ମାସୀ ଓ ଚିକିତ୍ସା ବିଜ୍ଞାନରେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ବ୍ୟବହାର, ଭେଷଜ ବିଜ୍ଞାନରେ ଡିଜିଟାଲ ବିବର୍ତ୍ତନ ଓ ଫାର୍ମାସୀ ପାଠ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଡିଜିଟାଲ ଅଧ୍ୟୟନ ଦ୍ରୁତଗତିରେ ଆଦୃତ ହେବାରେ ଲାଗିଛି। ଏହାଦ୍ୱାରା ରୋଗୀମାନେ ଉନ୍ନତମାନର ଔଷଧ ପାଇବାରେ ସକ୍ଷମ ହୋଇପାରିବା ସହିତ ଭଲ ଚିକିତ୍ସା ପାଇପାରୁଛନ୍ତି। ତତ୍‌କ୍ଷଣାତ ସମସ୍ତ ରୋଗର ଚିହ୍ନଟ କରାଯାଇ ତାହାର ଚିକିତ୍ସା କରାଯାଇ ପାରୁଛି ବୋଲି ଅତିଥିମାନେ କହିଥିଲେ। ଏହି ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ତିନିଜଣ ଜାତୀୟ ବକ୍ତୃତା ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ସେମାନଙ୍କୁ ମହାବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧେଶ୍ୱର ପାଟଯୋଶୀ, ଅନୁପ କୁମାର ପାତ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ବେଆଇନ ଗିରଫଦାରି; ୧୦ ହଜାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ପୁରୀ,୧।୧୧(ସମିସ):** ଗତବର୍ଷ ସେପ୍ଟେମ୍ବର ୨୧ରେ କୁମ୍ଭାରପଡ଼ା ବାଡାସାହିର ଜଣେ ଯୁବକ ସନ୍ତୋଷ ଦାଶଙ୍କୁ ଚେକ୍ ବାଉନ୍ସ କେସ୍‌ରେ ଡିଷ୍ଟ୍ରେସ୍ ୱାରେଣ୍ଟ ହୋଇଥିଲା। ହେଲେ ଏଥିରେ ଗିରଫ ବ୍ୟବସ୍ଥା ନ ଥାଏ। କିନ୍ତୁ କୁମ୍ଭାରପଡ଼ା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଅଜିତ୍ ବିଶ୍ୱାଳ ବେଆଇନ ଭାବେ ଗିରଫ କରିଥିଲେ। ରାତି ୨ଟାରୁ ତାଙ୍କୁ ଗିରଫ କରିଥିବାବେଳେ ତା' ପରଦିନ ଅପରାହ୍ଣ ୪ଟାରେ କୋର୍ଟଚାଲାଣ କରିଥିଲେ, ଯେଉଁଥିରେ ସନ୍ତୋଷଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେବା ସହ ଅତ୍ୟନ୍ତ ଅପମାନଜନକ ସ୍ଥିତି ସୃଷ୍ଟି ହୋଇଥିଲା। ଏଣୁ ସନ୍ତୋଷଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱନାଥ ଦାଶ ରାଜ୍ୟ ମାନବାଧିକାର କମିଶନ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ରାଜ୍ୟ ମାନବାଧିକାର କମିଶନ ଚେୟାରମ୍ୟାନ୍ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ୧୦ ହଜାର ଟଙ୍କା କ୍ଷତିପୂରଣ ଅର୍ଥରାଶି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ ଏବଂ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇମାସ ମଧ୍ୟରେ ସନ୍ତୋଷଙ୍କୁ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ ଶ୍ରୀ ଦାଶ ଜଣାଇଛନ୍ତି।

## ଅଁଳାନବମୀ କାର୍ଯ୍ୟକ୍ରମକୁ ଟିଭିରେ ଦେଖିଲେ ହବିଷ୍ୟାଳି

**ପୁରୀ,୧।୧୧(ସମିସ):** ଚଳିତ ବର୍ଷ ସାକ୍ଷୀଗୋପାଳ ମନ୍ଦିରରେ ହେଉଥିବା ଅଁଳାନବମୀ କାର୍ଯ୍ୟକ୍ରମକୁ ଦେଖିଛନ୍ତି ହଜାର ହଜାର ହବିଷ୍ୟାଳି। ହବିଷ୍ୟାଳି ଯୋଜନାର ଉଦ୍‌ଘାଟନ ଉତ୍ସବରେ ଆଇନମନ୍ତ୍ରୀ ବ୍ରତଧାରୀ ମା'ମାନଙ୍କୁ ଏବର୍ଷ ଅଁଳାନବମୀ ଦର୍ଶନର ସୁବିଧା ପାଇବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ମା'ମାନଙ୍କୁ ଅଁଳାନବମୀ କାର୍ଯ୍ୟକ୍ରମ ଦେଖାଇବାର ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଅଁଳାନବମୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀଗୋପୀନାଥଙ୍କ ସହ ଶ୍ରୀରାଧାରାଣୀଙ୍କ ଦର୍ଶନ ହଜାର ହଜାର ଶ୍ରଦ୍ଧାଳୁ କରିଥା'ନ୍ତି। ତେଣୁ ପୁରୀର ବିଭିନ୍ନ କେନ୍ଦ୍ରରେ ହବିଷ୍ୟାଳି ମା'ମାନେ ରହୁଥିବାରୁ ସେମାନେ ଅଁଳାନବମୀ ଦର୍ଶନ ପାଇଁ ଅନୁରୋଧ କରୁଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାର କାର୍ଯ୍ୟକାରିତା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

### ଦର୍ଶନ ଓ ପୂଜା କରାଇଦେବା କହି ଭକ୍ତଙ୍କୁ ଲୁଟୁଥିଲେ

## ୪ ଅସାମାଜିକଙ୍କୁ ବାନ୍ଧିଲା ପୁଲିସ

**ପୁରୀ,୧।୧୧(ସମିସ):** ଶ୍ରୀମନ୍ଦିରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିଛି। ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହଜରେ ମହାପ୍ରଭୁଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରାଇଦେବା କହି ଲୁଟୁଛନ୍ତି। ଏପରିକି ମହାପ୍ରସାଦ କିଣିବା ଆଉ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାତ୍ରୀ ଗୁମାସ୍ତା ଥିବା ସେମାନେ କହୁଛନ୍ତି। ହେଲେ ସେମାନଙ୍କୁ ଶ୍ରୀମନ୍ଦିର ପକ୍ଷରୁ କୌଣସି ପରିଚୟପତ୍ର ଦିଆଯାଇନାହିଁ। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କଠାରୁ ଜୋର୍‌ଜବରଦସ୍ତ ଟଙ୍କା ଆଦାୟ କରିବା ସହ ଅନେକ ସମୟରେ ଭକ୍ତଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ରହିଆସିଛି। ଏହାଦ୍ୱାରା ଖରାପ ଅନୁଭୂତି ନେଇ ଶ୍ରଦ୍ଧାଳୁ ଫେରୁଥିବାବେଳେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲା ପୁରୀ ପୁଲିସ। କିଛି ମାସ ପୂର୍ବରୁ ପକ୍ଷରୁ ଚଢ଼ଉ କରାଯାଇ କିଛି ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରାଯାଇଥିଲା। ଏବେ ପୁଣି ସେମାନଙ୍କ ପ୍ରାଦୁର୍ଭାବ ବଢ଼ିବା ଫଳରେ ପୁଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପଞ୍ଚୁକ ନୀତି ଆରମ୍ଭ ହେବା ପୂର୍ବରୁ ଶନିବାର ୪ ଅସାମାଜିକ ଯୁବକଙ୍କୁ ବାନ୍ଧିଛି ପୁଲିସ। ସେମାନେ ହେଲେ ବାଲିଘାଟର ସନ୍ତୋଷ ଦାସ, ବାସେଳିସାହିର ମହେନ୍ଦ୍ର ପୁରୋହିତ, ଜଗନ୍ନାଥ ବସ୍ତି ମିଶ୍ରସାହି ଲେନ୍‌ର ସଂଗ୍ରାମ ମହାନ୍ତି ଓ ଲୋକନାଥ ରୋଡ୍‌ର ଅଂଶୁ ଜେନା। ଏମାନଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ମାମଲା (ନଂ୧୯୬/୨୫) ରୁଜୁ ହୋଇ ସମସ୍ତଙ୍କୁ କୋର୍ଟଚାଲାଣ କରିଛି ପୁଲିସ। ଏଥିସହ ଅଭିଯୁକ୍ତଙ୍କଠାରୁ ୮୧୦ ଟଙ୍କା ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଏକ ଅସାମାଜିକ ଦଳ ଏବଂ ଗୁଣ୍ଡା ଶ୍ରେଣୀର ଯୁବକ ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏମାନେ ବଡ଼ଦାଣ୍ଡ ଏବଂ ପରିକ୍ରମା ରାସ୍ତାରେ ନିୟମିତ ଭାବେ ଏକତ୍ରିତ ହୋଇ ଭକ୍ତମାନଙ୍କୁ (ବିଶେଷକରି ଅଣଓଡ଼ିଆ) ଟାର୍ଗେଟ୍ କରୁଥିଲେ। ପାରମ୍ପରିକ ପୋଷାକ ପିନ୍ଧି ଶ୍ରୀମନ୍ଦିରର ସେବାୟତମାନଙ୍କୁ ପରିଚୟ ଦେଉଥିଲେ। ତେଣୁ ଏସ୍‌ପି ଏମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଶନିବାର ଟିମ୍ ସଦସ୍ୟ ଏମାନଙ୍କୁ ମନ୍ଦିର ପରିଦର୍ଶନ କରୁଥିବା ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କଠାରୁ ଟଙ୍କା ଆଦାୟ, ଧମକ ଏବଂ ହିଂସା ଭଳି ଅପରାଧରେ ଲିପ୍ତ ଥିବା ଦେଖିଥିଲେ। ଅଭିଯୁକ୍ତମାନେ ମନ୍ଦିର ପରିଦର୍ଶନ କରାଇଦେବା କହି ଟଙ୍କା ମାଗୁଥିଲେ। ମନା କଲେ ଖରାପ ଭାଷା ଏବଂ ଧମକ ଦେଉଥିଲେ। ପୁଲିସ ଦଳ ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କର ଶ୍ରୀମନ୍ଦିରର ରୀତିନୀତି କିମ୍ବା ପରମ୍ପରା ସହିତ କୌଣସି ସମ୍ପର୍କ ନ ଥିବା ତଦନ୍ତବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ନିଜକୁ ସେବାୟତ ବୋଲି ପରିଚୟ ଦେଇ ପୂଜା ଏବଂ ମାଗଣା ଦର୍ଶନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଭକ୍ତଙ୍କୁ ଠକୁଥିବା ଏବଂ କୌଣସି ଅଧିକାର କିମ୍ବା ପ୍ରାପ୍ତି ବିନା ଜୋର୍‌ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଜଣାପଡ଼ିଥିଲା।

## କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ସ୍ମୃତିସଭା

**ପୁରୀ,୧।୧୧(ସମିସ):** କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଓଡ଼ିଆ ସାରସ୍ୱତ ଜଗତରେ ଅପୂରଣୀୟ କ୍ଷତି ଘଟିଛି। ଲକ୍ଷ୍ମୀପୁରାଣକୁ ଗାଁ ଗହଳିରେ ବାଣ୍ଟି ଓଡ଼ିଆ ସଂସ୍କୃତି ଓ ସାହିତ୍ୟକୁ ଜନପ୍ରିୟ କରି ଜଣେ ସଂସ୍କୃତି କର୍ମୀ ଭାବେ ଜୀବନ ବଞ୍ଚିଥିବା ଦିବଂଗତ ପରିଡ଼ା ବାସ୍ତବ ଜୀବନରେ ଥିଲେ ଜଣେ କବି। ଧଳା ପୋଷାକର ବନ୍ଧନୀ ଭିତରେ ସେ ଲାଗୁଥିଲେ ଅମାବାସ୍ୟାର ଚନ୍ଦ୍ର ପରି। ଅନ୍ୟର ଦୁଃଖକୁ ଆତ୍ମସ୍ଥ କରି ତୃଣମୂଳ ମଣିଷକୁ ସାହାଯ୍ୟ କରିବା ଥିଲା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ। 'ମାୟାମଞ୍ଚ'ରୁ ଆରମ୍ଭ ହୋଇଥିବା ତାଙ୍କର କବିତ୍ୱ 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱର ବର୍ଣ୍ଣ', 'କବିତା କଣିକା' ଓ 'ଚିତ୍ରାକ୍ଷର' ଦେଇ ବିପୁଳ ପାଠକୀୟ ପ୍ରଶଂସା ପାଇଥିଲା। ସେ ଯେମିତି ବୁଝି ସାରିଥିଲେ ଏ ମାୟାମଞ୍ଚ ଛାଡ଼ିବାର ବେଳ ଆସିଗଲାଣି। ସେଇଥିପାଇଁ କବିତା କଣିକା ସନ୍ଧାନ କରି ଚିତ୍ରାକ୍ଷର ମଧ୍ୟରେ ମୃତ୍ୟୁ ଓ ଅମୃତ ଅନୁଭବକୁ ବାଣ୍ଟି ଚାଲିଥିଲେ କବିତାରେ। ଏହି କବିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସାରସ୍ୱତ ଅନୁଷ୍ଠାନ 'ଅଭିନନ୍ଦନିକା' ପକ୍ଷରୁ ଏକ ସ୍ମୃତିଚାରଣ ସଭା ବାଲିଘାଟସ୍ଥିତ 'କୈଳାଶ କାବ୍ୟ କାନନ'ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଓ ସମାଲୋଚକ ଦିଲ୍ଲୀପ ସ୍ୱାଇଁ ସଭାପତିତ୍ୱ କରି କବିଙ୍କର କାବ୍ୟ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। କବି ସନ୍ନ୍ୟାସୀ ନାୟକ, କାମଦେବ ମହାରଣା, ଅଧ୍ୟାପିକା ଶିବାନୀ ଜେନା, ଅଧ୍ୟାପକ ଉମେଶ ବେହେରା, କବି ସୌମ୍ୟରଞ୍ଜନ ମଲ୍ଲିକ, ରଞ୍ଜନ ସାହୁ, ଅନନ୍ତ ବେହେରା, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଜଣେ ଭଲମଣିଷ ଆମ ନିକଟରୁ ଅପସରି ଯାଇଥିବାରୁ ଦୁଃଖପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। 'ଅଭିନନ୍ଦନିକା'ର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସ୍ମୃତିସଭାକୁ ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

## ନୀତି ବିରୋଧୀ ଯେକୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ

**ପୁରୀ,୧।୧୧(ସମିସ):** ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ପ୍ରଗତିକୁ କ୍ଷତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକିପାରିବ ନାହିଁ। ଏହାର ପ୍ରତିହତ ପାଇଁ ସମବଦ୍ଧ ଉଦ୍ୟମ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପିଲାର ଚରିତ୍ର ଗଠନ ନିଜ ଗୃହରୁ ହିଁ ଆରମ୍ଭ ହୋଇଥାଏ। ପିତାମାତା ଓ ଗୁରୁଜନଙ୍କ ପ୍ରଭାବ ଦ୍ୱାରା ସେ ପ୍ରଭାବିତ ହୋଇଥାଏ। ତେଣୁ ଛୋଟ ଛୋଟ ସକାରାତ୍ମକ ପ୍ରୟାସ ତାକୁ ଭଲ ମଣିଷ ସହ ଦୁର୍ନୀତି ନିବାରଣ ପଥରେ ସହାୟକ କରାଇପାରିବ ବୋଲି କହିଥିଲେ। ବିଶିଷ୍ଟ ବକ୍ତା ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତବନ୍ଧକ ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ କଳଙ୍କକୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରାଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# କୋଇଲା ଗାଡ଼ି ଚଳାଚଳ ବନ୍ଦ ଦାବିରେ ଧାରଣା



ପରଜଙ୍ଗ,୧।୧୧(ସମିସ):

ପରଜଙ୍ଗ ରେଲଷ୍ଟେସନ କୋଇଲା ଡିପୋକୁ ବାରିହାପୁର ପଞ୍ଚାୟତ ରାସ୍ତା ଦେଇ କୋଇଲା ବୋଝେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଗ୍ରାମ ଦୋଳମଣ୍ଡପରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଶୁକ୍ରବାରଠାରୁ ଧାରଣାରେ ବସିଛନ୍ତି। ରେଲଷ୍ଟେସନ କୋଇଲା ଡିପୋକୁ ବାରିହାପୁର ଗ୍ରାମ ଦେଇ ଗାଡ଼ି ଚଳାଚଳ ହେବା ଦିନଠାରୁ ଗ୍ରାମବାସୀ ବିଭିନ୍ନ ସମୟରେ ବିରୋଧ କରୁଥିବା ସତ୍ତ୍ୱେ କୋଇଲା ପରିବହନ ଠିକାସଂସ୍ଥା ପ୍ରଶାସନ ଓ ପୁଲିସକୁ ଚାପ ପ୍ରୟୋଗ କରି ଗ୍ରାମବାସୀଙ୍କୁ ଭୟଭୀତ କରି ବିରୋଧକୁ ଭଣ୍ଡୁର କରିବା ସହ ବଳପୂର୍ବକ ଗାଡ଼ି ଚଳାଚଳ କରିଆସୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ପୂର୍ବତଟ ରେଳବାଇ ଅଧିକୃତ ଜମି ରାସ୍ତାରେ ଗ୍ରାମବାସୀଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପାଚେରିକୁ ପରଜଙ୍ଗ ତହସିଲଦାର, ଏସ୍‌ଡିପିଓ, ପରଜଙ୍ଗ ଥାନାଅଧିକାରୀ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରି ଗାଡ଼ି ଚଳାଚଳ ନିମନ୍ତେ ମସୁଧା ଚଳାଇଥିଲେ। ସନ୍ଧ୍ୟା ବେଳକୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଗାଁ ଶ୍ମଶାନକୁ ଯିବା ପାଇଁ ରେଳବାଇ ଅଧିକୃତ ଜମି ରାସ୍ତା ଏକମାତ୍ର ବିକଳ୍ପ। ଗ୍ରାମବାସୀ ପୂର୍ତ୍ତ ବିଭାଗ ରାସ୍ତା ଉପରେ ଶବଦାହ କରିବାକୁ ସ୍ଥିର କରିଥିବା ଜାଣି ତହସିଲ ଓ ପୁଲିସ ପ୍ରଶାସନ ପଳାଇଥିଲେ। ଶୁକ୍ରବାର ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ମହାବିରୋଡ୍ ଥାନା ଅଧିକାରୀ କାଶୀନାଥ ହାଁସଦା, କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, ତୁମୁସିଂହା ଥାନା ଅଧିକାରିଣୀ ମନସ୍ୱିନୀ ମହାନ୍ତି, ଭୁବନ ଥାନା ଅଧିକାରୀ ସମେତ ସାଆନ୍ଦା, ସରାଙ୍ଗ, ଦଦରାଘାଟି ଫାଣ୍ଡି ଅଧିକାରୀ ଓ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଦୋଳମଣ୍ଡପଠାରେ ମୁତୟନ ହୋଇ କୋଇଲା ବୋଝେଇ ଗାଡ଼ି ଚଳାଚଳ କରାଇଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ଯେପର୍ଯ୍ୟନ୍ତ କୋଇଲା ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ନ ହୋଇଛି ସେ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଜାରି ରହିବ ବୋଲି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ଆର୍ଥିକ ସାକ୍ଷରତା ଶିବିର



ଢେଙ୍କାନାଳ,୧।୧୧(ସମିସ): ରାଜ୍ୟରେ ସଞ୍ଚୟ ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଏବଂ ସଞ୍ଚୟ ଓ ଆର୍ଥିକ ସେବା ସଙ୍ଗଠନ, ମିଳିତ ସହଯୋଗରେ ଜିଲ୍ଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ବରିଷ୍ଠ ନାଗରିକ ଓ ପେନସନଭୋଗୀଙ୍କ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଛି। ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ସହ ନିର୍ଦ୍ଦେଶକ ପ୍ରଜ୍ଞା ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ଡାକଘର ଓ ବ୍ୟାଙ୍କଗୁଡ଼ିକରେ ବରିଷ୍ଠ ନାଗରିକ ଓ ପେନସନଭୋଗୀମାନେ ନିଜର ଲବ୍ଧ ଅର୍ଥରାଶିକୁ ଜମା ରଖିଲେ ତାହା ସୁରକ୍ଷିତ ରହିବ ବୋଲି କରିଥିଲେ। କୌଣସି ପ୍ରକାରର ଠକେଇଠାରୁ ସୁରକ୍ଷିତ ରହିବା ସହ ଅଧିକ ସୁଧରାଶି ପାଇପାରିବେ ବୋଲି ଜଣାଇଥିଲେ। ସାଇବର ଠକମାନେ କିଭଳି ଉପାୟରେ ଅର୍ଥ ହଡ଼ପ କରୁଛନ୍ତି ସେ ସମ୍ପର୍କରେ ଡିଏସପି ସନ୍ଧ୍ୟାରାଣୀ ବେଉରା ସୂଚନା ଦେଇ ସଚେତନ କରାଇଥିଲେ। ଇଣ୍ଟରନେଟ ବ୍ୟବହାର ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ପୋଷ୍ଟ ଅଫିସରେ ଅର୍ଥରାଶି ଜମା କଲେ ଅଧିକ ଆୟ ହେବ। ଅର୍ଥ ସୁରକ୍ଷିତ ରହିବା ସହ ଦେଶର ଆର୍ଥିକ ସ୍ଥିତି ମଜବୁତ ହେବ ବୋଲି ସିନିୟର ପୋଷ୍ଟମାଷ୍ଟର ସତ୍ୟବାଦୀ ଦାଶ ମତବ୍ୟକ୍ତ କରିଥିଲେ। ପୋଷ୍ଟ ଅଫିସର ଟ୍ରେନର ଦୀପକ ଲେଙ୍କା ପୋଷ୍ଟ ଅଫିସରେ ଜମା ସମ୍ପର୍କିତ ସମସ୍ତ ଲାଭଦାୟକ ସ୍କିମ ସମ୍ପର୍କରେ ବୁଝାଇଥିଲେ। ଘରେ ବସି ମୋବାଇଲ ଦ୍ୱାରା କିପରି ବିଭିନ୍ନ ସ୍କିମରେ ଅର୍ଥ ଲଗାଣ ଓ ଉଠାଣ କରି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ, ସାଧାରଣ ସମ୍ପାଦକ କୃଷ୍ଣମୋହନ ସାହୁଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ପେନେସନଭୋଗୀ ଯୋଗଦେଇଥିଲେ।

## କାର୍ତ୍ତିକେଶ୍ୱର ପୂଜାରେ ଦୁଲୁକୁଛି ମହୁଲପାଳ

ଭୁବନ,୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମହୁଲପାଳ ଗ୍ରାମରେ ରାସ ଉତ୍ସବ ସହିତ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ୧୦ଟି ମେଢ଼ ପୂଜା ପାଉଛନ୍ତି। ମଙ୍ଗଳା ସାହିରେ ପ୍ରଥମେ ରାସ ପୂର୍ଣ୍ଣିମା ହେଉଥିଲା। ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ୨୦୦୫ରେ ମଙ୍ଗଳା ସାହି, ପଶ୍ଚିମ ସାହି, ତାରିଣୀ ଛକ, ମଝି ସାହି, ଝରିମୂଳ ସାହି, ବଉଳ ମୂଳ ସାହି, ଜଗତପଡା ସାହି, ବାରିକ ସାହି, ରାଉଳ ସାହିରେ ପୂଜା ଅନୁଷ୍ଠାନ କରିଆସୁଛନ୍ତି। ରଙ୍ଗୀନ ଆଲୋକମାଳା ସାଙ୍ଗକୁ ପାର୍କରେ ବୁଲିବାର ସୁଯୋଗ ପାଉଛନ୍ତି ଶ୍ରଦ୍ଧାଳୁ। ୫ ଦିନ ଧରି ରାସ ଉତ୍ସବରେ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଚଳିତ ବର୍ଷ ବର ସାହିରେ ନୂତନ ଭାବେ ପୂଜା ଆରମ୍ଭ ହୋଇଛି। ୧୯ ବର୍ଷରେ ପଦାର୍ପଣ କରିଛି ମହୁଲପାଳ କାର୍ତ୍ତିକେଶ୍ୱର ପୂଜା। ୧୦ ସ୍ଥାନରେ ଶନିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଦେଶ କମିଟି ପକ୍ଷରୁ ପ୍ରତିବର୍ଷ ୨ ରାତି ଅପେରା ପରିବେଷଣ ହୋଇଥାଏ। ଚଳିତ ବର୍ଷ ୪ ଓ ୫ ତାରିଖ ଅପେରା ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଓଲଟିଲା ଟ୍ରକ; ଚାଳକ ଗୁରୁତର

ପରଜଙ୍ଗ,୧।୧୧(ସମିସ): ୧୪୯ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି କୁଲେଇ ଛକ ନିକଟରେ ଭାରସାମ୍ୟ ହରାଇ ଲୁହାପଥର ବୋଝେଇ ୧୮ ଚକିଆ ଟ୍ରକ ଓଲଟି ପଡ଼ିଛି। ଏଥିରେ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଏହି ଦୁର୍ଘଟଣାଆ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଦଦରାଘାଟି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଉଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ୩ ନୂଆ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦଘାଟିତ

### ଗନ୍ଦିଆ, କଙ୍କଡ଼ାହାଡ଼ ଓ ଓଡ଼ାପଡ଼ା ତହସିଲରେ ହେବ ଜମିଜମା ପଞ୍ଜିକରଣ



ଢେଙ୍କାନାଳ,୧।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ୪୪ ଟି ନୂଆ ସବରେଜଷ୍ଟ୍ରେସନ କାର୍ଯ୍ୟାଳୟ ଉଦଘାଟନ କରିବା ସହିତ ଜିଲ୍ଲାର ଗନ୍ଦିଆ, କଙ୍କଡ଼ାହାଡ଼ ଓ ଓଡ଼ାପଡ଼ା ତହସିଲରେ ନୂଆ ସବ ରେଜିଷ୍ଟ୍ରେସନ ଅଫିସର ଉଦଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲା ମୁଖ୍ୟାଳୟ ଓସ୍ୱାନ ହଲ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ନୂଆ ସବ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଦ୍ୱାରା ଏହି ଅଞ୍ଚଳର ଲୋକମାନେ ଏବେ ଜମିଜମା ପଞ୍ଜୀକରଣ, ମ୍ୟୁଟେସନ ପଟ୍ଟା ମିଳିବା, ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ସୁବିଧାକୁ ଉତ୍ତମ ଓ ସହଜ ଭାବେ ନିଜ ତହସିଲରେ ପାଇପାରିବେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ରାଜ୍ୟର ପ୍ରତ୍ୟେକ ତହସିଲରେ ସବରେଜିଷ୍ଟ୍ରେସନ ଅଫିସ ଖୋଲାଗଲେ ଜନସାଧାରଣଙ୍କ ପାଇଁ ଏକ ବିଶେଷ ସୁବିଧା ଓ କ୍ଷ ସହଜତା ଆସିବ। ଏଥିରେ ଲୋକମାନେ ଦୂର ସ୍ଥାନକୁ ଯିବା ଓ ଅନାବଶ୍ୟକ ଖର୍ଚ୍ଚ ଓ ସମୟ ହାନିରୁ ମୁକ୍ତି ପାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଟେକ୍ନୋଲୋଜି ଜରିଆରେ ରାଜସ୍ୱ ବ୍ୟବସ୍ଥାକୁ ମଧ୍ୟସ୍ଥି ମୁକ୍ତ ଓ ଦୁର୍ନୀତି ମୁକ୍ତ କରାଯାଉଛି। ସମସ୍ତ ସବରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ସିସିଟିଭି ଜରିଆରେ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ସ୍ଥାପିତ ହୋଇଛି। ଯାହା ଦ୍ୱାରା କର୍ମଚାରୀ ମାନଙ୍କର ପାରଦର୍ଶିତା ଓ ସମୟାନୁବର୍ତ୍ତୀତା ସୁନିଶ୍ଚିତ ହେଉଛି। ଏହି ନୂଆ କାର୍ଯ୍ୟାଳୟ ସ୍ଥାପନ ଦ୍ୱାରା ଢେଙ୍କାନାଳ ଜିଲ୍ଲାର ଲୋକମାନେ ଏବେ ନିଜ ଅଞ୍ଚଳରେ ବସିବା ଅବସ୍ଥାରେ ଅନ୍‌ଲାଇନ ମାଧ୍ୟମରେ ସ୍ଲଟ୍ ବୁକିଂ, ଇ ସି, ଓ ଅନ୍ୟାନ୍ୟ ରେକର୍ଡ ସେବା ନିଜେ ପାଇପାରିବେ। ଜିଲ୍ଲାପାଳ ଶ୍ରୀ ପାଟିଲ ଏହି ଅବସରରେ କହିଥିଲେ ଯେ, ଗନ୍ଦିଆ, କଙ୍କଡ଼ାହାଡ଼ ଓ ଓଡ଼ାପଡ଼ା ଅଞ୍ଚଳ ଜନସାଧାରଣଙ୍କ ପାଇଁ ଏହି ନୂଆ ସବ ରେଜିଷ୍ଟ୍ରେସନ ଅଫିସ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ଲୋକମାନେ ସରକାରୀ ସେବାରେ ସହଜ ପ୍ରବେଶ ଓ ସମ୍ମାନ ସୂଚକ ବ୍ୟବହାର ପାଇବେ।

## ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ପକ୍ଷ ପାଳନ




ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଚିକିତ୍ସାଳୟ ପରିସର ଦକ୍ଷିଣକାଳୀ ମନ୍ଦିର ନିକଟସ୍ଥ କଲୋନୀ ସାହିରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ମେଡିକାଲ ସୁପରିଟେଣ୍ଡେଟ ଡାକ୍ତରଇଶାନୀ ମିତ୍ର,ଡିପିଏଚଓ ଡାକ୍ତର ସପନ କୁମାର ମହାନ୍ତି, କ୍ୱାଲିଟି ମ୍ୟାନେଜର ସମରେନ୍ଦ୍ର ଶତପଥୀ, ହସପିଟାଲ ମ୍ୟାନେଜର ଡାକ୍ତର ବିନାୟକ ପାଣିଗ୍ରାହୀ,ସିଦ୍ଧାର୍ଥ ସାହୁଙ୍କ ସହିତ ସମସ୍ତ ସୁପରଭାଇଜର,ସଫେଇ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

**● ଆଦର୍ଶ ବିଦ୍ୟାଳୟ ଛାତ୍ର ନିଖୋଜ ଘଟଣା**

## ୧୦ ଦିନପରେ ବି ପତ୍ତା ମିଳୁନି



ଢେଙ୍କାନାଳ,୧।୧୧(ସମିସ): ସଦରଥାନା ଅନ୍ତର୍ଗତ ଅଙ୍କରାନ୍ତିପୁର ଆଦର୍ଶ ବିଦ୍ୟାଳୟର ଛାତ୍ର ୧୦ ଦିନ ହେବ ନିଖୋଜ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାର କୌଣସି ସନ୍ଧାନ ମିଳୁନଥିବାର ଜଣାପଡିଛି। କୌଣସି ଉପାୟ ନପାଇ ପରିବାର ବର୍ଗ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।

**ପରିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

ବାଲିମୀ ଥାନା କୋଠାଲୁ ଗ୍ରାମର ଲୁଲୁ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ଗତ ୨୪ ତାରିଖ ଦିନ ତାଙ୍କ ପୁଅ ସୁମିତ କୁମାର ମହାପାତ୍ର (୧୫) ସିମିନଇରେ ଥିବା ଘରୋଇ ହଷ୍ଟେଲରେ ରହୁଥିବା ବେଳେ ସେଠାରୁ ବିଦ୍ୟାଳୟକୁ ଯିବାପାଇଁ ବାହାରି କେଉଁଆଡ଼େ ନିଖୋଜ ହୋଇଯାଇଛି। ଘଟଣା ସମ୍ପର୍କରେ ପରିବାର ବର୍ଗବିଦ୍ୟାଳୟ ଠାରୁ ଜାଣିବା ପରେ ସଦରଥାନାରେ ଅଭିଯୋଗକରିବା ସହିତ ଏସପିଙ୍କୁ ମଧ୍ୟ ଲିଖିତ ଭାବରେ ଜଣାଇଥିଲେ। ଘଟଣାକୁ ୧୦ ଦିନ ପୁରୀ ଯାଇଥିବା ବେଳେ କୌଣସି ସନ୍ଧାନ ନପାଇ ଆଜି ପୁଣି ଥରେ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ତଦନ୍ତ କରିବାକୁ ଦାବୀ କରିଛନ୍ତି।

## ସିନର୍ଜୀରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ସହରନିକଟରେ ଥିବା ସିନର୍ଜୀ ବୈଷୟିକ ମହାବିଦ୍ୟାଳୟରେ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ପ୍ରଶିକ୍ଷଣ ଶିବିରରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଦେଶରୁ ବହୁ ଖ୍ୟାତନାମା ବରିଷ୍ଠ ବୈଜ୍ଞାନିକ ପ୍ରଧ୍ୟାପକ, ଶିଳ୍ପଅଧିକାରୀ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶିଳ୍ପ ଓ କୃଷି ଅବଶିଷ୍ଟର ସମସ୍ତ ଉପଯୋଗର ଗୁରୁତ୍ୱ ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସମୃଦ୍ଧ ଦିର୍ଘସ୍ଥାୟୀ ପରିବେଶ ଯେ ମନୁଷ୍ୟର ଦୈନନ୍ଦିନ ଜୀବନ ଶୈଳୀ ପାଇଁ ଅପରିହାର୍ଯ୍ୟ ହୃଦୟଙ୍ଗମ କରିଥିଲେ। କର୍ମଶାଳାରେ ବୀର ସୁରେନ୍ଦ୍ରସାଏ ପ୍ରଯୁକ୍ତି ବିଦ୍ୟାଳୟର ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର ଯୋଗଦେଇ ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ଡ. ଇତିଶ୍ରୀ ମହାନ୍ତି ତଥା ସହସଂଯୋଜକ ଡ. ଶୁଭକାନ୍ତ ଦାଶ କର୍ମଶାଳା ସନ୍ଦର୍ଭରେ ବିବରଣୀ ପାଠ କରିଥିଲେ। କର୍ମଶାଳାରେ ବିଶେଷଜ୍ଞ ଭାବରେ ଡ.ଭରଦ୍ୱାଜ ନନ୍ଦ, ଡ.ସୁବାସ ଚନ୍ଦ୍ର ମଲ୍ଲିକ, ଡ.ନିରଞ୍ଜନମିଶ୍ର, ଡ.ନବୀନ କୁମାର ଧଳ, ସୟଦ ମହମ୍ମଦ ମୁସ୍ତାକିମ, ବିଶ୍ୱବନ୍ଦିତା କର, ଏସକେ ବିଶ୍ୱାଳ, ନୀହାର ରଞ୍ଜନ ସିଂହ, ଅମ୍ବିକେଶ କୁମାର ମିଶ୍ର, ବିଦ୍ୟାପତି ଷଡ଼ଙ୍ଗୀ ପ୍ରମୁଖଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ ଉତ୍କଳ ଆଜବେଷ୍ଟସ ଭ୍ରମଣ ନିମନ୍ତେ ନିଆଯାଇ କର୍ମଶାଳା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଏହି କର୍ମଶାଳାରେ ପରିଚାଳନା ଟ୍ରଷ୍ଟି ବିନୋଦ ଦାଶ, ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର, ଆୟୋଜକ କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶେଷରେ ପଦାର୍ଥ ବିଜ୍ଞାନ ପ୍ରଧ୍ୟାପିକା ତଥା କର୍ମଶାଳା ସଙ୍ଗଠନ ସଚିବ ଜୟଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀଠାରୁ ସୁରକ୍ଷା ସମ୍ପର୍କିତ ସଚେତନତା

ହିନ୍ଦୋଳ,୧।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅରବିନ୍ଦ ବିଦ୍ୟା ମନ୍ଦିର ସରକାରୀ ଉଚ୍ଚ ବିଦ୍ୟାଳୟରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହାତୀ ଆକ୍ରମଣର କାରଣ ଏବଂ ଏହାକୁ କିଭଳି ହ୍ରାସ କରାଯାଇ ପାରିବ ସେ ବିଷୟରେ ଅବଗତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁସୟା ପରିଡ଼ା, ଶିକ୍ଷକ ରାମଚନ୍ଦ୍ର ନାଥ ଏବଂ ବିଦ୍ୟାଳୟ କାର୍ଯ୍ୟାଳୟ କର୍ମକର୍ତ୍ତା ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ହାତୀ ଆକ୍ରମଣ ଓ ହାତୀଙ୍କଠାରୁ ମଣିଷ କିଭଳି ସୁରକ୍ଷା ପାଇପାରିବେ ସେ ନେଇ ସଚେତନ କରାଯାଇଥିଲା। ଅରବିନ୍ଦ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଦସ୍ୟ, ନିମବାହାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ସମାଜସେବୀ ଯଶୋବନ୍ତ ରଣଜିତ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଶାଳିଆ ଗଡ଼ଜାତ ମହୋତ୍ସବ ପର୍ବ ଆରମ୍ଭ



ଢେଙ୍କାନାଳ,୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବେଶାଳିଆ ଗ୍ରାମରେ ଆରମ୍ଭ ହୋଇଛି ବେଶାଳିଆ ଗଡ଼ଜାତ ମହୋତ୍ସବ ପର୍ବ। ଢେଙ୍କାନାଳର ପୁରାତନ ଗ୍ରାମ ବେଶାଳିଆ ପୂର୍ବରୁ ବେଶାଳିଆ ଗଡ଼ ଭାବେ ପରିଚିତ ଥିଲା। ଏହି ଐତିହ୍ୟକୁ ମନେ ରଖିବା ଓ ପ୍ରଚାର ପ୍ରସାର ପାଇଁ ପ୍ରଥମଥର ଆରମ୍ଭ ହୋଇଛି ବେଶାଳିଆ ଗଡ଼ଜାତ ମହୋତ୍ସବ ପର୍ବ। ଏହି ମହୋତ୍ସବ ଚଳିତ ବର୍ଷ ଗୋଟିଏ ଦିନ ପାଇଁ ଆୟୋଜନ କରାଯାଇଥିଲେ ମଧ୍ୟ ଏହା ସବୁବର୍ଷ ପାଳନ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ମହୋତ୍ସବରେ ଗ୍ରାମର ସମସ୍ତ ଦେବଦେବୀ ମନ୍ଦିରରୁ ମଶାଲ ଓ ଆଜ୍ଞାମାଳ ଅଣାଯାଇ ହନୁମାନ ମନ୍ଦିରଠାରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଶତପଥୀ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଏଥିରେ ପାଇକ ଆଖଡ଼ା ଓ କୀର୍ତ୍ତନମଣ୍ଡଳୀ ସାମିଲ ହୋଇ ଗ୍ରାମ ପରିକ୍ରମା କରି ସ୍କୁଲ ପଡ଼ିଆରେ ପହଞ୍ଚିବା ପରେ ମହୋତ୍ସବ ଉଦଘାଟିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟକାର ଡ. ଅରୁଣ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ନର୍ଭେରାମ ଷ୍ଟିଲର ପରିଚାଳକ ଅନନ୍ତ କୁମାର ମିଶ୍ର, ଇଣ୍ଡିଆନ ପୋଟାସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ଚୌଧୁରୀ, ଗୁଣ୍ଡିଚାପଡ଼ା ସରପଞ୍ଚ ସୁଜାତା ପ୍ରଧାନ, ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ରାଜ୍ୟ ସଭାପତି ବିଜୟ କୁମାର ମିଶ୍ର, ଜିଲ୍ଲା ସଭାପତି ସୁଧାକର ଦାସ, ସମ୍ପାଦକ ହେମନ୍ତ କୁମାର ପ୍ରଧାନ, ବେଶାଳିଆ ଗ୍ରାମ ସଭାପତି ଶ୍ରୀବତ୍ସ ପଟ୍ଟନାୟକ, ବେଶାଳିଆ ଗଡ଼ଜାତ ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଓ ସମ୍ପାଦକ ବିଷ୍ଣୁପ୍ରସାଦ ସାମଲ ଉପସ୍ଥିତ ଥିଲେ। ସମ୍ପାଦକ ସାମଲ ବେଶାଳିଆ ଗଡ଼ ବିଷୟରେ ଢେଙ୍କାନାଳ ଇତିହାସରେ ଲିଖିତ ତଥ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଷୋଡ଼ଶ ଶତାବ୍ଦୀରେ ବେଶାଳିଆ ଗଡ଼ରେ ରାଜାମାନେ ଶାସନ କରୁଥିଲେ। ବେଶାଳିଆ ଗଡ଼ର ଶେଷ ରାଜା ଶ୍ରୀଧର ଭଞ୍ଜ ଥିଲେ ବୋଲି ଢେଙ୍କାନାଳ ଇତିହାସରେ ଲିଖିତ ଥିବା ଜଣାଇଥିଲେ। ମହୋତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଢେଙ୍କାନାଳ ଜିଲ୍ଲାର ୮ ବ୍ଲକରୁ ୧୮ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ସେମାନଙ୍କୁ ମାନପତ୍ର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**● ୧୨ରୁ ଶ୍ରୀଲଙ୍କାରେ ଯୁବ ସମ୍ମିଳନୀ**

## ପ୍ରତିନିଧିତ୍ୱ କରିବେ ୨ ଭଉଣୀ

ଢେଙ୍କାନାଳ,୧।୧୧(ସମିସ): ଶ୍ରୀଲଙ୍କାର କଲୋମ୍ବୋଠାରେ ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଢେଙ୍କାନାଳର ୨ଭଉଣୀ ବିଭାରାଣୀ ପାଟରା ଓ ସନ୍ଧ୍ୟାରାଣୀ ପାଟରା ପ୍ରତିନିଧିତ୍ୱ କରିବେ। ପ୍ରୋଜେକ୍ଟ ପଏଣ୍ଟ, କମନୱେଲଥ ଓ ମାଇଁ ଭାରତ ଯୁବ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା





ଏହି ଯୁବ ସମ୍ମିଳନୀ ଆୟୋଜିତ ହେଉଛି। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ଗ୍ରାମର ବ୍ୟବସାୟୀ ବିଷ୍ଣୁପ୍ରସାଦ ପାଟରା ଓ ବିଦ୍ୟୁତପ୍ରଭା ପାଟରାଙ୍କ ଝିଅ ହେଉଛନ୍ତି ବିଭାରାଣୀ ଓ ସନ୍ଧ୍ୟାରାଣୀ। ପୂର୍ବରୁ ବିଭାରାଣୀ ଅନ୍ତର୍ଜାତୀୟ ପର୍ବତରୋହୀ ଭାବରେ ଆଫ୍ରିକା, ୟୁରୋପ, ଋଷିଆ, ବାଂଲାଦେଶ, ଆବୁଧାବିରେ ସଫଳତାର ସହ ପ୍ରତିନିଧତ୍ୱ କରିଛନ୍ତି। ସନ୍ଧ୍ୟାରାଣୀ ବର୍ତ୍ତମାନ ରେଭେନ୍ସା ବିଶ୍ୱବଦ୍ୟାଳୟରେ ସଂସ୍କୃତ ଭାଷାରେ ପିଜି ପାଠ୍ୟକ୍ରମ ଅଧ୍ୟୟନ କରୁଛନ୍ତି। ଦୁଇ ଭଉଣୀ ଯୁବ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଦ୍ୟାଳୟ ସମୂହ ଖୋଖୋ ଓ କବାଡ଼ି ପ୍ରତିଯୋଗିତା ଉଦଘାଟିତ

ଢେଙ୍କାନାଳ,୧।୧୧(ସମିସ):




**୩୮୪ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ସଦର ବ୍ଲକ୍ ନଡ଼ିଆଳୀ ଗ୍ରାମସ୍ଥିତ ବାଣୀ ସରକାରୀ ଉଚ୍ଚ ବିଦ୍ୟାପୀଠରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଶୃଙ୍ଖଳା, ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଜ୍ଞାନ ମାଧ୍ୟମରେ ବିଜୟ ହାସଲ କରିବାର ମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୌମ୍ୟାଶ୍ରୀ ପଣ୍ଡା, ମନୋଜ ରଞ୍ଜନ ଦଳେଇ, ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଥମ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ନଡ଼ିଆଳୀ ସରପଞ୍ଚ ଫିରୋଜ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ସାହୁ, ଗ୍ରାମ ସଭାପତି ଭଜମନ ବେହେରା ଯୋଗଦେଇଥିଲେ। ଜିଲ୍ଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଜିଲ୍ଲାର ୮ ବ୍ଲକର ୧୪ ଓ ୧୭ ବର୍ଷରୁ କମ୍ ବୟସ୍କ ବାଳକ ଓ ବାଳିକା ବିଭାଗ ଖୋଖୋ ପ୍ରତିଯୋଗିତାରେ ୩୮୪ ପ୍ରତିଯୋଗୀ, ୩୦ଜଣ ଖେଳ ପରିଚାଳକ ଓ ୧୬ଜଣ ଟିମ ମ୍ୟାନେଜର ଯୋଗଦେଇଥିଲେ। ୧୪ ବର୍ଷରୁ କମ ବାଳିକା ବିଭାଗରେ ଓଡ଼ାପଡ଼ା ବ୍ଲକ୍ ଚାମ୍ପିଅନ୍ କାମାକ୍ଷାନଗର ବ୍ଲକ୍ ରନର୍ସଅପ୍ ଓ ୧୭ ବର୍ଷରୁ କମ ବାଳିକା ବିଭାଗର ଓଡ଼ାପଡ଼ା ବ୍ଲକ୍ ଚାମ୍ପିଅନ୍ ଓ ଗଁନ୍ଦିଆ ବ୍ଲକ୍ ରନର୍ସଅପ୍ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ସଦର ବ୍ଲକ୍ ଚାମ୍ପିଅନ୍, ଓଡ଼ାପଡ଼ା ବ୍ଲକ୍ ରନର୍ସଅପ୍ ଓ ୧୭ ବର୍ଷରୁ କମ ବାଳକ ବିଭାଗରେ ଓଡ଼ାପଡ଼ା ବ୍ଲକ ଚାମ୍ପିଅନ୍ ଓ ସଦର ବ୍ଲକ୍ ରନର୍ସଅପ୍ ହୋଇଛି। କାର୍ଯ୍ୟକ୍ରମରେ ଶାରୀରିକ ଶିକ୍ଷା ଶିକ୍ଷକ ବିପିନ୍ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଗ୍ନିଶମ ବିଭାଗ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ନରେଶ କୁମାର ମହାରଣା, ପ୍ରଶାନ୍ତ ଧଳ, ବିଦ୍ୟାଳୟର ପୂର୍ବତନ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପଞ୍ଚଭୂତରେ ଲୀନ ହେଲା ଯବାନଙ୍କ ପାର୍ଥିବ ଶରୀର

## ଶ୍ରଦ୍ଧାଞ୍ଜଳି ଜଣାଇଲେ ଜିଲ୍ଲାପାଳ, ଏସ୍‌ପି, ବିଧାୟିକା

ଯାଜପୁର/ଦଶରଥପୁର,୧।୧୧(ସମିସ):



ପଞ୍ଚଭୂତରେ ଲୀନ ହୋଇଛି ଓଡ଼ିଆ ଯବାନଙ୍କ ମରଶରୀର। ବିହାର ରେଜିମେଣ୍ଟର ଜାମ୍ମୁ ଜିଲ୍ଲାର ଅଖନୁର ସେକ୍ଟର ସେନା କ୍ୟାମ୍ପରେ କାର୍ଯ୍ୟରତ ଓଡ଼ିଆ ଯବାନ ଚିତ୍ତରଞ୍ଜନ ଦାସଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟି ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମରେ ପହଞ୍ଚିବା ପରେ ଆଜି ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଗତକାଲି ରାତ୍ରୀରେ ଯାଜପୁର ମେଡିକାଲ ପରିସରରେ ସହିଦଙ୍କ ମରଶରୀରକୁ ରଖାଯାଇଥିଲା। ଆଜି ସକାଳେ ଚିତ୍ତରଞ୍ଜନଙ୍କ ପାର୍ଥୀବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଯାଜପୁର ସହର ଅତିକ୍ରମ କରି ଖଣ୍ଡରା ଗ୍ରାମକୁ ନିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କର, ଏସ୍‌ପି ଯସ୍ ପ୍ରତାପ ଶ୍ରୀମଲ, ଯାଜପୁର ବିଧାୟିକା ସୁଜାତା ସାହୁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ, ଯାଜପୁର ଟାଉନ ଥାନାଧିକାରୀ ଶରତ ପାତ୍ର, ପୂର୍ବତନ ପୌରପାଳ ଭବପ୍ରସାଦ ଦାସ, ଯୁବ ସମାଜସେବୀ ଶିବାନନ୍ଦ ମିଶ୍ର, ବିଜୁ ରାଉତ, ପ୍ରାକ୍ତନ ଦଶରଥପୁର ବ୍ଲକ ଅଧକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଯୁବ ବିଜେପି ନେତା ସଂଗ୍ରାମ ପାତ୍ର, ଆଶୁତୋଷ ସାହୁ, ଗୌତମ ସାହୁ, ସମାଜସେବୀ ଶକ୍ତିପ୍ରସାଦ ସ୍ୱାଇଁ, ଅନାଦି ପଣ୍ଡା, ମୁକ୍ତିପ୍ରସାଦ ସ୍ୱାଇଁ, ଅନୁପ ବିହାରା, ଦିଲ୍ଲୀପ ବିହାରା, ନୀଳମଣି ପାଣିଗ୍ରାହୀ, କରୁଣାକର ଦାସ, ଅଜୟ ମୁଦୁଲି, ଶିକ୍ଷାବିତ ଦେବ ଦିବାକର ବିହାରାଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବାପା ରବୀନ୍ଦ୍ର, ପତ୍ନୀ ଚମ୍ପାବତି ଏକ ମାତ୍ର କୁନି ଝିଅ ଓ ପରିବାର ସଦସ୍ୟ, ସଂପର୍କୀୟ ଉପସ୍ଥିତ ଥିଲେ। ଗାଁ ମଶାଣିରେ ଭାରତୀୟ ସେନା ବିହାର ରେଜିମେଣ୍ଟର ଟେରିଟୋରିଆଲ ଆର୍ମିର ଯବାନମାନଙ୍କ ଦ୍ୱାରା ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଏହା ପରେ ପୁତୁରା ମୁଖାଗ୍ନି ଦେଇଥିଲେ। ସେନାବାହିନୀ ତରଫରୁ ବାପା ରବୀନ୍ଦ୍ରଙ୍କୁ ଜାତୀୟ ପତାକା ହସ୍ତାନ୍ତର କରାଯାଇଥିଲା।

■ ଅନାହାରରେ ରିଶା ମାଙ୍କେଡିଆ ମୃତ୍ୟୁ ଘଟଣା

## ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ଟିମ୍



ଯାଜପୁର/ଦାନଗଦି,୧।୧୧(ସମିସ): ସୁକିନ୍ଦା ବ୍ଲକ ଗାଁସୋଳ ପଞ୍ଚାୟତ ମହ୍ଲାରସାହିର ରିଶା ମାଙ୍କେଡିଆଙ୍କ ଅନାହାର ମୃତ୍ୟୁ ଘଟଣାକୁ ନେଇ ଆଜି କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମାନେ ସୁକିନ୍ଦା ସମେତ ସାରା ରାଜ୍ୟରେ ଆଦିବାସୀ ଓ ହରିଜନମାନେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିବା ସହିତ କେୱାଇସି ନାଁରେ ହିତାଧିକାରୀଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ କରିଥିଲେ। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ. ସୃଜନ ସଂଗଠନ ଉପସଭାପତି ସୁଧାଂଶୁ ଶେଖର ଦେଓ, ଜିଲ୍ଲା ସଭାପତି ମାଗୁଣି ଯେନା, ହିମାଂଶୁ ଲେଙ୍କା, ପୂର୍ବତନ ଜିଲ୍ଲା ସଭାପତି ମନୋଜ ରାଉତ, ସୁକିନ୍ଦା ନେତା ଇଂ. ବିଭୂ ଭୂଷଣ ରାଉତ, ବରିଷ୍ଠ ନେତା ମହେନ୍ଦ୍ର ଦାସ, ରଞ୍ଜିତ ରାଜ, ଦୟାନିଧି ପଲେଇ. ଉମାକାନ୍ତ ଜେନାମଣୀ, ଜନ୍ମଜୟ ବଳସାମନ୍ତ, ମଧୁସ୍ମିତା ଆଚାର୍ଯ୍ୟ, ସ୍ୱର୍ଣ୍ଣଲତା ବାନାରା, ଝରଣା ମହାନ୍ତ, ମଦନ ମୋହନ ଖୁଣ୍ଟିଆ, ହିନ୍ଦୁ ଜାମୁଦା ପ୍ରମୁଖ ସାମିଲ ହୋଇଥିଲେ।

● କାଳୀ ମେଢ଼ ଭସାଣିକୁ ନେଇ ମାଡ଼ପିଟ ଘଟଣା

## ସୁଆଁଲୋ ଗାଁର ଆଉ ୧୪ ଗିରଫ



ଦାନଗଦି,୧।୧୧(ସମିସ): ଯାଜପୁର ରୋଡ଼ ଥାନା ଧୂଳିଗଡ଼ ପଞ୍ଚାୟତ ସୁଆଁଲୋ ଗାଁରେ ଗତ ରବିବାର ରାତିରେ ସୁଆଁଲୋ ହରିଜନ ସାହିରେ କାଳୀ ମେଢ଼ ଭସାଣିକୁ ନେଇ ମୁଣ୍ଡା ସାହି ପିଲାମାନେ ହରିଜନ ସାହିର ପିଲାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଜି ପୁଣି ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଙ୍ଗଳ ମୁଣ୍ଡା (୨୦), ଜଗବନ୍ଧୁ ମୁଣ୍ଡା (୧୯) ଓ ଶ୍ୟାମ ମୁଣ୍ଡା (୨୦), ଅଜୟ ମୁଣ୍ଡା (୨୫), ପୂର୍ଣ୍ଣଚନ୍ଦ୍ର ମୁଣ୍ଡା (୧୯), ମହେଶ୍ୱର ମୁଣ୍ଡା (୧୯), ସଞ୍ଜୟ ମୁଣ୍ଡା (୧୯), ଖୁର୍ଶୀ ମୁଣ୍ଡା (୧୯), କାଳନ୍ଦୀ ମୁଣ୍ଡା (୨୩), ପାପୁନ ମୁଣ୍ଡା (୨୩), ଅଧିକାରୀ ମୁଣ୍ଡା (୨୩), ସନିଆ ମୁଣ୍ଡା (୨୮), ବାଦଲ ମୁଣ୍ଡା (୨୮), ପ୍ରଶାନ୍ତ ମୁଣ୍ଡା (୧୮)। ସମସ୍ତଙ୍କ ଘର ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ସୁଆଁଲୋ ଗ୍ରାମରେ। ପୁଲିସ କେସ୍ ନମ୍ବର ୬୩୬/୨୦୨୫ରେ ମାମଲା ରୁଜୁ କରି ଆଜି ସମସ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ସେହିଁ ସୁଆଁଲୋ ଗ୍ରାମରୁ ୩ ଜଣ ଗିରଫ ହୋଇଥିଲେ। ସେମାନେ ହେଲେ ସୁଆଁଲୋ ଗାଁର ଜଗା ମୁଣ୍ଡା (୩୨), ରଞ୍ଜନ ରାଉତ (୨୪) ଏବଂ ଅଜୟ ମୁଣ୍ଡା। ତେବେ ଘଟଣାରେ ଆଜି ସୁଦ୍ଧା ମୋଟ ଘଟଣାରେ ୧୭ ଜଣଙ୍କୁ ପୁଲିସ ଗିରଫ କରିଛି।

## ଛାତ୍ର ମୃତ୍ୟୁକୁ ନେଇ ଉତ୍ତେଜନା

ଶଙ୍ଖଚିଲା,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁର ସ୍ଥିତ ଏକ ଘରୋଇ ଯୁକ୍ତ ୨ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ଯାଜପୁରରୋଡ଼ ଥାନା କେନ୍ଦୁଡିପି ଗ୍ରାମର ବିଜୟ କୁମାର ପାଳଙ୍କ ପୁଅ ଆଶିଷ। ଗତକାଲି ଅପରାହ୍ନରୁ ଆଶିଷ କ୍ଲାସକୁ ଆସିନଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଏନେଇ ସନ୍ଦେହ ଉପୁଜିବାରୁ ରାତିରେ ଖୋଜାଖୋଜି କରିଥିଲେ। ପରେ ତାଙ୍କ ହଷ୍ଟେଲ୍‌ରେ ଖୋଜାଖୋଜି କରିବା ପରେ ହଷ୍ଟେଲ୍ ବାଥ୍‌ରୁମ୍‌ରେ କବାଟ ଭିତରୁ ବନ୍ଦ କରି ଆଶିଷ ରହିଥିବାର ସେ ଜାଣିବାକୁ ପାଇଥିଲେ। ପରେ କବାଟ ଭାଙ୍ଗିବା ପରେ ଆଶିଷ ଏକ ଗାମୁଛାରେ ବାଥ୍‌ରୁମ୍ ଭିତରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ୍ ମେଡିକାଲ୍‌କୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକ କଲେଜରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ କଲେଜରେ ଭଙ୍ଗାରୁଜା କରିବା ସହିତ ନ୍ୟାୟ ପାଇଁ କଲେଜ ଆଗରେ ବିକ୍ଷୋଭ କରିଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ବହୁ ପୁଲିସ କର୍ମୀ କଲେଜରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ପାଠରେ ଅଧିକ ଚାପ ଦିଆଯାଇ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିବା ବେଳେ ଗତ କିଛି ଦିନ ଧରି ଛାତ୍ର ଜଣକ ବିଚଳିତ ଥିବା ତାର କେତେକ ସାଙ୍ଗ ମତ ଦେଇଛନ୍ତି। ସେହିପରି କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି ସଫେଇ ଦେଇଛନ୍ତି। ଏନେଇ ପାଣିକୋଇଲି ପୁଲିସ ୩୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହିତ ମୃତ ଆଶିଷଙ୍କ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନାବାଳିକା ଅପହରଣ, ଥାନାରେ ମାମଲା ରୁଜୁ

ପାଣିକୋଇଲି,୧।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ କରଦା ଗ୍ରାମର ଜୈନିକ ନାବାଳିକା(୧୬) ନିଜ ଘରେ ଶୋଇଥିବା ବେଳେ ଗତ ୧୧ ତାରିଖ ବିଳମ୍ବିତ ରାତିରେ ସଦରଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କୁଶ ମହାଳିକ(୫୫) ଓ ତାଙ୍କ ବଡ଼ ପୁଅ ଭଗବାନ ମହାଳିକ (୨୫) ଏକ ବାଇକ୍ ଯୋଗେ ଆସି ନାବାଳିକାଙ୍କ ଘରୁ ଉଠାଇ ନେଇଥିଲେ। ଏ ଘଟଣାକୁ ନାବାଳିକାଙ୍କ ଜେଜେ ଦେଖି ପାଟି କରିବାରୁ ପରିବାର ଲୋକେ ଉଠି ଖୋଜା ଖୋଜି କରିବା ସହିତ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସେତେବେଳକୁ ସେମାନେ ନାବାଳିକାକୁ ନେଇ ସେଠାରୁ ଡ଼େରାର ହୋଇ ସାରିଥିଲେ। ଏନେଇ ନାବାଳିକାଙ୍କ ଜେଜେ ପରଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏକ ମାମଲା ୩୨୯/୨୫ ରୁଜୁ କରି ହାତ ବାନ୍ଧି ବସିଛି। ଅପହରଣକୁ ୨୦ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ଅପହାରଣକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ କି ନାବାଳିକାଙ୍କୁ ଉଦ୍ଧାର କରିବାରେ ସାମର୍ଥ୍ୟ ହୋଇନାହିଁ। ଯାହାକୁ ନେଇ ନାବାଳିକା ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ଝିଅ ଅପହରଣକୁ ନେଇ ପୂରା ପରିବାର ଘୋର ମାନସିକ ଅବସାଦରେ ଥିବା ଜଣାପଡିଛି।

## ପେନସନ୍ ଭୋଗୀଙ୍କ ସଚେତନତା କାର୍ଯ୍ୟକ୍ରମ

ବିଞ୍ଝାରପୁର, ୧।୧୧(ସମିସ): ବିଞ୍ଝାରପୁର ବ୍ଲକସ୍ଥିତ ଆଳରପୁର ଉପକୋଷାଗାର ଠାରେ ପେନସନ୍‌ଭୋଗୀମାନଙ୍କ ଏକ ସଚେତନତା କାର୍ଯ୍ୟକ୍ରମ ଉପକୋଷାଗାର ଅଧିକାରୀ ଅଶୋକ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଞ୍ଝାରପୁର ବିଡିଓ ହିତାଂଶୁ ସାମଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର, ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ବିଜୟ କୁମାର ନାୟକ, ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ନଭେମ୍ବର ଶେଷ ସୁଦ୍ଧା ସେମାନଙ୍କର ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ କୁହାଯାଇଛି।

## ବାଲି ହାଇୱା ଜବତ

ପାଣିକୋଇଲି,୧।୧୧(ସମିସ): ଯାଜପୁର ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ଚାଲାଣ ଉପରେ ଚଡାଉ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ରୁଢିଆ ଠାରେ ଏକ ବାଲି ହାଇୱାକୁ ଯାଞ୍ଚ କରାଯିବାରୁ ତା' ନିକଟରୁ ଖଣି ବିଭାଗ କୌଣସି କାଗଜପତ୍ର ପାଇନଥିଲା। ପରେ ଉକ୍ତ ହାଇୱାଟକୁ ଜବତ କରି ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଛି।

## ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟଚାଲାଣ

ପାଣିକୋଇଲି,୧।୧୧(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ପାଣିକୋଇଲି ପୁଲିସ। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର ଜୈନେକା ଯୁବତୀ(୨୬) ପାଣିକୋଇଲିସ୍ଥିତ ଏକ ଗାଡ଼ି ସୋ'ରୁମରେ କାର୍ଯ୍ୟ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ତେବେ ଉକ୍ତ ସୋ'ରୁମରେ କୁଆଖିଆ ଥାନା ଅନ୍ତର୍ଗତ ସିଂହପୁର ଗ୍ରାମର ଅଭିରାମ ଦାସଙ୍କ ପୁଅ ଅବିନାଶ(୨୭) ମଧ୍ୟ କାର୍ଯ୍ୟ କରୁଥିଲେ। ଇତ୍ୟବସରରେ ଅବିନାଶ ଅଭିଯୋଗକାରିଣୀ ମଧ୍ୟରେ ପ୍ରେମ ସମ୍ପର୍କ ହୋଇଥିଲା। ଅବିନାଶ ଉକ୍ତ ଯୁବତୀଙ୍କୁ ପୁରୀ, ଭୁବନେଶ୍ୱର, ଯାଜପୁର ରୋଡ଼ ଆଦି ସ୍ଥାନକୁ ନେଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ତେବେ ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ ପାଇଁ ଜିଦ୍ ଧରିବାରୁ ଅବିନାଶ ବିବାହ ପାଇଁ ପ୍ରତ୍ୟାଖ୍ୟାନ କରିଥିଲା। ଏ ନେଇ ଯୁବତୀ ଜଣକ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଫେରିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୩୫୨/୨୫ ରଜୁ କରି ଅଭିଯୁକ୍ତ ଅବିନାଶକୁ ଗିରଫ କରି କୋର୍ଟଚାଲାଣ କରିଛି।

● ସୁଝିପାରିଲେନି ଋଣ ଟଙ୍କା

## ମାର୍କେଟ କମ୍ପ୍ଲେକ୍ସ ସିଲ୍ କଲା ଏସ୍‌ବିଆଇ

ଧର୍ମଶାଳା,୧।୧୧(ସମିସ): ବ୍ୟାଙ୍କରୁ ଲୋନ କରି ସଠିକ ସମୟରେ ନ ଶୁଝିବା ହେଲା କାଳ। ଏଭଳି ଅବସ୍ଥାର ସମ୍ମୁଖିନ ହୋଇଛନ୍ତି ଧର୍ମଶାଳା ଥାନା କାନପୁର ଅଞ୍ଚଳର ଜଣେ ବ୍ୟକ୍ତି। ସୂଚନା ମୁତାବକ କାନପୁର ଗ୍ରାମର ରଞ୍ଜିତ ଜେନା ବହୁ ବର୍ଷ ତଳେ ଏସ୍‌ବିଆଇରୁ ଋଣ ଆଣି ନକପୋଲ ବଜରରେ ଏକ ବଡ଼ ମାର୍କେଟକରିଥିଲେ। ହେଲେ ସେ ଋଣ ପରିଶୋଧ କରି ପାରିନଥିଲେ। ଋଣ ଟଙ୍କା ପରିଷୋଧ କରିବାକୁ ଶ୍ରୀ ଜେନାଙ୍କୁ ଏସ୍‌ବିଆଇ ତରଫରୁ ବହୁବାର ନୋଟିସ୍ ଜାରି ହୋଇଥିଲେ ହେଁ ସେ ଋଣ ପରିଶୋଧ କରିବାକୁ ଅସମମର୍ଥ ହୋଇଥିଲେ। ଯାହା ଫଳରେ ଆଜି ଭୁବନେଶ୍ୱର ଏସ୍‌ବିଆଇ ପକ୍ଷରୁ ଏକ ଟିମ୍, ଧର୍ମଶାଳା ପୁଲିସ ଓ ଧର୍ମଶାଳ ଅତିରିକ୍ତ ତହସିଲଦାର ଭବେଷ କୁମାର ମାଝୀ ସେଠାରେ ପହଞ୍ଚି ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରିବା ସହିତ ନିଜ ଅକ୍ତିଆରକୁ ନେଇଥିବା ଜଣାପଡିଛି।

## ଟାଟା ରେଳ ପ୍ରକଳ୍ପକୁ ଚାଷୀଙ୍କ ପକ୍ଷରୁ ବିରୋଧ



ସୁକିନ୍ଦା,୧।୧୧(ସମିସ): ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗୀକରଣକୁ ସୁକିନ୍ଦା ଅଞ୍ଚଳ ଚାଷୀ ବିରୋଧ କରୁଥିବା ଦେଖିବାକୁ ମିଳିଛି। ଶନିବାର ସୁକିନ୍ଦା ତହସିଲ କାର୍ଯ୍ୟାଳୟରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଉପସ୍ଥିତି ଚାଷୀମାନେ ସେମାନଙ୍କ ଜମି ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ପ୍ରଥମେ କଳିଙ୍ଗନଗର ଶିଳ୍ପାଞ୍ଚଳ, ପରେ ରାଜପଥ ସଂପ୍ରସାରଣ, ରେଙ୍ଗାଲି କେନାଲ ପ୍ରକଳ୍ପ ଓ ସୁକିନ୍ଦା ଅନୁଗୁଳ ରେଳପଥ ପାଇଁ ସୁକିନ୍ଦା ଅଞ୍ଚଳ ଚାଷୀ ସେମାନଙ୍କର ୮୦ପ୍ରତିଶତ ଚାଷଜମି ହରାଇ ସାରିଛନ୍ତି। ବାକି ଯାହା ଅଛି ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗ କରାଗଲେ ସେମାନେ ଭୂମିହୀନ ହୋଇଯିବେ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଦୂଷଣର ଶୀକାର ହୋଇ ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ସେମାନଙ୍କ ଚାଷ ଜମିକୁ ଛଡାଇ ନେବା ଅଗଣତାନ୍ତ୍ରିକ ବୋଲି ଦର୍ଶାଇଛନ୍ତି।ଏହି ଘଟଣା ନେଇ ସରକାର ଚାଷୀ ମାନଙ୍କୁ ଦୀର୍ଘ ବର୍ଷ ଧରି ମାନସିକ ଚାପ ପକାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲିକ, ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସରପଞ୍ଚ

ଧର୍ମଶାଳା,୧।୧୧(ସମିସ): ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଆଗେଇ ପାରୁନଥିବା ଅଭିଯୋଗ ହୋଇଛି। ଏନେଇ କାଏମା ପଞ୍ଚାୟତର ସରପଞ୍ଚ କୁମୁଦୁନୀ ମହାନ୍ତି ଲିଖିତ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନା ମୁତାବକ କାଏମା ପଞ୍ଚାୟତରେ ବ୍ଲକ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ବ୍ଲକର କନିଷ୍ଠ ଯନ୍ତ୍ରୀ କେବେହେଲେ କାଏମା ପଞ୍ଚାୟତକୁ ଆସିନଥିବା ବେଳେ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ସରପଞ୍ଚଙ୍କ ସହିତ କେବେ ଆଲୋଚନା କରିନଥିବା ଖୋଦ ସରପଞ୍ଚ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତର ଜିଆର୍‌ଏସ ପବିତ୍ରମୋହନ ମହାପାତ୍ର ମଧ କୌଣସି କାର୍ଯ୍ୟରେ ସରପଞ୍ଚଙ୍କୁ ସହଯୋଗ କରୁ ନହାନ୍ତି। ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ଜିଆର୍‌ଏସ କେବଳ ସରକାରୀ ସଭାସମିତିରେ ଦେଖାଦେଉଥିବା ବେଳେ ପଞ୍ଚାୟତର ଗରିବ, ଅସହାୟ, ଦିନମଜୁରିଆଙ୍କ କଥା ଶୁଣିବାକୁ ସେମାନଙ୍କ ପାଖରେ ସମୟ ରହୁନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ଏହି ଘଟଣାର ତଦନ୍ତ କରାଇ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯେଗ କରିଛନ୍ତି।

## ସାଇବର ସଚେତନତା କାର୍ଯ୍ୟକ୍ରମ

ଧର୍ମଶାଳା,୧।୧୧(ସମିସ): ଯାଜପୁର ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ପରିକ୍ରମା କରୁଥିବା ସାଇବର ସଚେତନତା ଅଭିଯାନ ଆଜି ଧର୍ମଶାଳା ଥାନା ଜାରକା ଠାରେ ପହଞ୍ଚିଥିଲା। ବିଭିନ୍ନ ସ୍କୁଲ କଲେଜ ଓ ବଜାର ଅଞ୍ଚଳରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଜାରକା ସ୍ଥିତ ଜେନିଥ ଯୁକ୍ତ ଦୁଇ ଆବାସିକ କଲେଜ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା ବାର୍ତ୍ତା ବହନ କରୁଥିବା ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ କ୍ରୟ, ସୋସିଆଲ ମିଡିଆ ବ୍ୟବହାର ଆଦି କ୍ଷେତ୍ରରେ ସାଇବର ଠକେଇ ଠାରୁ ଛାତ୍ରଛାତ୍ରୀ କିପରି ସତର୍କ ରହିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କଲେଜ ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ଦଳେଇ ଓ ଅଧକ୍ଷ ଆଦିତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଧର୍ମଶାଳା କଲେଜ ଓ ଆଦର୍ଶ ବିଦ୍ୟାଳୟ ଠାରେ ସମାନ ଭାବରେ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ମଧ ଜିଲ୍ଲା ମୁଖ୍ୟାଳୟରୁ ଆସିଥିବା ଏଲ୍‌ଇଡି ସଂଯୋଗ ଗାଡ଼ିରେ ଭିଡିଓ ପ୍ରଦର୍ଶିତ ହୋଇଥିଲା। ସର୍ଜେନ୍ ମନୋଜ କୁମାର ସାହୁ ଏହାକୁ ପରିଚାଳନା କରିଥିଲା ବେଳେ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଧର୍ମଶାଳା,୧।୧୧(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଆଜି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୟାଧର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ପୀତବାସ ପାତ୍ର, ନିରୋଦ କୁମାର ମହାନ୍ତି, କୃଷକ ନେତା ବସନ୍ତ କୁମାର ପରିଡ଼ା, ବନମାଳୀ ରାଉତ, ସାଧୁ ଅଭୟାନନ୍ଦ ସାରଦା, ଆକୁଳି ସ୍ୱାଇଁ, ରବି ନାରାୟଣ ମଲ୍ଲିକ, ମହମ୍ମଦ ରିଆଜୁଲ ହକ, ବଟକୃଷ୍ଣ ସାହୁ ପ୍ରମୁଖ ଶତାଧିକ ସଦସ୍ୟ ଯୋଗଦେଇ ଆଗମୀ ଦିନରେ କିଭଳି ସଂଗଠନକୁ ମଜବୁତ କରାଯିବ ସେ ନେଇ ଆଲୋଚନା କରିଥିଲେ। ସଂପାଦକ କରୁଣାକର ବରାଳ ଆଗମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ସହ ସଂପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଭିକାରୀ ମଲ୍ଲିକ ଆୟବ୍ୟୟ ସମୀକ୍ଷା କରିଥିଲେ। ସଦସ୍ୟ ବ୍ରଜ କିଶୋର ଦାଶ ଧନ୍ୟବାଦ ଦେଇଥିଲେ।

ନିଶା ବେପାରୀଙ୍କ ପାଇଁ ଥାନାରେ ହୋହଲ୍ଲା

## ପୁଲିସର ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ

କବାଟବନ୍ଧ/ଯାଜପୁର,୧।୧୧(ସମିସ):




ଜେନାପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଜଣାପଡିଛି। ଯାହାକି ଏହି ଥାନା ପରିସରରେ ଜନସାଧାରଣ ବିଭିନ୍ନ ଏକତରଫା ତଦନ୍ତ ଏବଂ ପୁଲିସର ପକ୍ଷପାତିତା ବିଚାରକୁ ନେଇ ବାରମ୍ବାର ଧାରଣା ଏବଂ ପ୍ରତିବାଦ ଏହାକୁ ପ୍ରମାଣ କରୁଛି। ଜେନାପୁର ଥାନା ଅଞ୍ଚଳରେ ପରିସ୍ଥିତି ଏଭଳି ହେଲାଣି ଯେ ଗୋଟିଏ ଦିନରେ ଦୁଇଟି ଭିନ୍ନ ଘଟଣାରେ ଶତାଧିକ ଲୋକ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ୨୦୨୫ ମସିହା ଆରମ୍ଭରୁ ଅଦ୍ୟାବଧି ପ୍ରାୟ ୪ ଥର ଜେନାପୁର ଥାନାରେ ଏହି ଘଟଣା ଦେଖିବାକୁ ମିଳିଛି। ଉପଯୁକ୍ତ ନ୍ୟାୟ ଦାବିରେ ବାରମ୍ବାର ଥାନା ଘେରଉ କରିବା ତଥା ଧାରଣା ଦେବାକୁ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏହି ଥାନାରେ ୨ ଗୋଟି ଘଟଣାରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ଥାନା ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଏଣ୍ଡଲବା ପଞ୍ଚାୟତର ଦୁଇଜଣ ନିଶା ବେପାରୀ ପ୍ରହଲ୍ଲାଦ ବେହେରା ଏବଂ ସମରେନ୍ଦ୍ର ପଣ୍ଡା ଉଭୟ ପରସ୍ପରଙ୍କ ନାମରେ ଅଭିଯୋଗ ଆଣିଥିଲେ। ଉଭୟ ବେପାରକୁ ନେଇ ଗଣ୍ଡଗୋଳ ଲାଗିବା ସହିତ ଉଭୟ ଜେନାପୁର ଥାନାରେ ଦୁଇଟି ଅଭିଯୋଗ କରିଥିଲେ। ଉକ୍ତ କେସରେ ଜେନାପୁର ପୁଲିସ ଦୁଇଟି ମାମଲା ରୁଜୁ କରି ପ୍ରହଲ୍ଲାଦ ବେହେରା ଏବଂ ସମରେନ୍ଦ୍ର ପଣ୍ଡା ଉଭୟଙ୍କୁ ଥାନାକୁ ଆଣିଥିଲା। ଏହା ପରେ ପୁଲିସ ସମରେନ୍ଦ୍ରକୁ ନୋଟିସ୍ ବେଲରେ ଥାନାରୁ ଛାଡ଼ି ଦେଇଥିଲା। ଯାହାକୁ ନେଇ ପ୍ରହଲ୍ଲାଦର ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜେନାପୁର ଥାନାରେ ଧାରଣାରେ ବସିବା ସହିତ ନିରପେକ୍ଷ ତଦନ୍ତ ଏବଂ ନ୍ୟାୟ ପାଇଁ ଦାବି କରିଥିଲେ। ଘଟଣାର ପୁନଃ ତଦନ୍ତ କରି ଉଭୟଙ୍କୁ କୋର୍ଟଚାଲାଣ କିମ୍ବା ଉଭୟଙ୍କୁ ନୋଟିସ ବେଲ୍ କରିବା ପାଇଁ ଦାବି କରିଥିଲେ। ପୁଲିସ ପ୍ରଶାସନର ମନମୁଖୀ କାର୍ଯ୍ୟ ଏବଂ ଜେନାପୁର ପୁଲିସର ପକ୍ଷପାତିତାକୁ ନେଇ ବିଭିନ୍ନ ନାରା ବାଜି ଦେଇଥିଲେ। ପ୍ରହଲ୍ଲାଦ ଦଳିତ ବର୍ଗର ହୋଇଥିବା ବେଳେ ସମରେନ୍ଦ୍ର ସାଧାରଣ ବର୍ଗର ଅଟନ୍ତି। ତେଣୁ ପୁଲିସ ଦଳିତଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ଦିନ ପ୍ରାୟ ୨ଟା ବେଳେ ଯାଜପୁର ରୋଡ଼ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଜେନାପୁର ଥାନାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବହୁ ସମୟ ଆଲୋଚନା ପରେ ଏସ୍‌ଡିପିଓ ଶ୍ରୀ ସ୍ୱାଇଁ ଗିରଫ କରିବା ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଏହି ଧାରଣା ଆମ୍ବେଦକରବାଦୀ ବିଭିନ୍ନ ସଙ୍ଗଠନର ମିଳିତ ସହଯୋଗରେ କରାଯାଇଥିଲା। ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳାର ସଭାପତି ସୁରେନ୍ଦ୍ର ମଲ୍ଲିକ, ଉପଦେଷ୍ଟା କାର୍ତ୍ତିକ ମଲ୍ଲିକ, ଆମ୍ବେଦକର ଫାଉଣ୍ଡେସନର ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଦୁଷ୍ମନ୍ତ ଜେନା, ସାମାଜିକ ସମତା ଉପସଭାପତି ଧର୍ମଶାଳା ରସାନନ୍ଦ ମଲ୍ଲିକ, ୟୁନାଇଟେଡ଼ ଫୋରମ ରାଜ୍ୟ ଉପସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, ଭୀମ ଆର୍ମି ଆବାହକ ଧର୍ମଶାଳା ହୃଷିକେଶ ଜେନା, ଆମ୍ବେଦକର ଫାଉଣ୍ଡେସନ ସଭ୍ୟ ପ୍ରହଲ୍ଲାଦ ମଲ୍ଲିକ, କାଳନ୍ଦୀ ତରାଇ, ପ୍ରମୋଦ ମଲ୍ଲିକଙ୍କ ସମେତ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲଥିଲେ। ଜେନାପୁର ପୋଲିସ କେସ ନମ୍ବର ୩୮୬/୨୫ ରେ ପ୍ରହଲ୍ଲାଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଏହି ଥାନା ଅନ୍ତର୍ଗତ ମହିସରା ପଞ୍ଚାୟତ ବରଡ଼ା ନିମିଟି ସାହିର ମହିଳା ମାନେ ମଧ୍ୟ ଧାରଣାରେ ବସିଥିଲେ। ଗ୍ରାମରେ ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ବାରମ୍ବାର ପୁଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହା ଫଳରେ ନିଶା ବେପାରୀ ମାନେ ମହିଳା ମାନଙ୍କୁ ଅସଭ୍ୟ ଭାଷାରେ ଗାଳି କରୁଥିବା ଏବଂ ମାରିବାକୁ ଧମକ ଦେଉଥିବା ଅଭିଯୋଗ କରିଥିଲେ।



# ଭୁବନେଶ୍ୱର ସିଟି

## ୧ ନମ୍ବର ହାଟ ଅଗ୍ନିକାଣ୍ଡକୁ ସପ୍ତାହେ ପୂରିଲା
# ପୋଡ଼ା ଦୁର୍ଗନ୍ଧରେ ଫାଟିପଡୁଛି ନାକ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀର ସର୍ବ ବୃହତ ଏବଂ ସର୍ବ ପୁରାତନ ମାର୍କେଟ୍ ଏକନମ୍ବର ହାଟରେ ୧ ନମ୍ବର ନିଆଁ ଲାଗିବାର ସପ୍ତାହେ ପୂରଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ ପଡ଼ିଥିବା ପୋଡ଼ା ଆବର୍ଜନା ଉଠିପାରିଲା ନାହିଁ। ଫଳରେ ହାଟ ପରିସର ଦୁର୍ଗନ୍ଧରେ ଫାଟିପଡୁଛି। ପ୍ରକାଶ ଥାଉ କି ଗତ ସପ୍ତାହରେ ରାଜଧାନୀ ପ୍ରମୁଖ ମାର୍କେଟ୍ ଏକନମ୍ବର ହାଟରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୩୦ରୁ ଅଧିକ ଦୋକାନ ପୋଡ଼ି ପାଉଁସ ହୋଇଯାଇଥିବା ବେଳେ ଅନେକ ଦୋକାନ ଛାରଖାର ହୋଇଯାଇଥିଲା। ଏହାକୁ ନେଇ ବିବାଦ ସୂତ୍ରପାତ ହୋଇଥିବା ବେଳେ ବିଏମ୍‌ସି ପକ୍ଷରୁ ହାଟ ପାଇଁ ଏସ୍‌ଓପି ଜାରି କରିବା ସମ୍ପର୍କରେ ଘୋଷଣା କରିଥିଲେ। ଏତେ ସବୁ ପରେ ହାଟ ଭିତରେ ପଡ଼ି ରହିଥିବା ପୋଡ଼ା ଆବର୍ଜନା କିନ୍ତୁ ଏପର୍ଯ୍ୟନ୍ତ ଉଠିଲା ନାହିଁ। ଯେଉଁଥି ପାଇଁ ମାର୍କେଟ ଭିତରକୁ ଗଲେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ନା ପରିବା ଦୋକାନୀ ବସି ପାରୁଛନ୍ତି ନା ମାର୍କେଟ ଭିତରକୁ ଯାଉଥିବା ଗ୍ରାହକ ରହିପାରୁଛନ୍ତି। ବିଏମ୍‌ସି ଅଳିଆ ନ ଉଠାଇବାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାର୍କେଟ ପାଇଁ ବିଏମ୍‌ସି ଏସ୍‌ଓପି ଆଣିବାରେ ଆଗରେ ଥିବା ବେଳେ ଏଭଳି ଆବର୍ଜନା ନଉଠାଇବାକୁ ନେଇ ପ୍ରଶ୍ନ ଉଠିଛି। ମାର୍କେଟ ସଭାପତିକୁ ନେଇ ବିବାଦ କାରଣରୁ ନିଆଁ ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ନିଆଁ ଲାଗିବା ଦିନ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ଗୋଡ଼ାଇ ପିଟିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ତେବେ ବିଏମ୍‌ସି ପରିବାର ହାଟ ପରିମଳ ପ୍ରତି ଆଖି ବୁଜି ଦେଇଥିବାରୁ ହାଟ ବ୍ୟବସାୟୀମାନେ ଏବଂ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇତି ମଧରେ ବର୍ଷା ହେବା ଯୋଗୁଁ ପୋଡ଼ା ସାମଗ୍ରୀଗୁଡ଼ିକ ଭାସି ରାସ୍ତାରେ ପଡ଼ିଛି ଏବଂ ଅତ୍ୟାନ୍ତ ଦୁର୍ଗନ୍ଧ ହେଉଛି। ସେହିଭଳି ବର୍ଷା ପାଣି ମାଣି ହାଟ ପରିବେଶକୁ ନଷ୍ଟ କରୁଛି। ଏସବୁ ପରେ ବି ବିଏମ୍‌ସି ଏକନମ୍ବର ହାଟର ପରିମଳ ପ୍ରତି ଏକପ୍ରକାର ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। କେବଳ ଏବେ ନୁହେଁ ଏକନମ୍ବର ହାଟ ପରିସରରେ ଆବର୍ଜନା କାଦୁଅ ଏବଂ ପରିବା ଚୋପା ନିୟମିତ ସଫା କରାଯାଉ ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପଚା ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ପଡ଼ି ବିଭିନ୍ନ ସମୟରେ ଦୁର୍ଗନ୍ଧ ହେଉଛି। ସେହିଭଳି ପାଣି କାଦୁଅ ଜମି ରହିବାରୁ ରାଜଧାନୀବାସୀ ଏକନମ୍ବର ହାଟରୁ କ୍ରମେ ମୁହଁ ଫେରାଉଛନ୍ତି। ଏକ ନମ୍ବର ହାଟରେ କମ୍ ଦରରେ ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ମିଳିଥାଏ। କିନ୍ତୁ ଆବର୍ଜନା ପଡ଼ିରହିବାରୁ ଏବଂ ଦୁର୍ଗନ୍ଧ ହେଉଥିବାରୁ ଗ୍ରାହକମାନେ ଅନ୍ୟ ହାଟରୁ ତଥା ବାହାରୁ ଅଧିକ ଦର ଦେଇ ପରିବା କିଣୁଛନ୍ତି।



**ଏଯାଏଁ ଉଠିପାରିଲାନି ମାର୍କେଟର ପୋଡ଼ା ଆବର୍ଜନା**

(ଫାଇଲ ଫଟୋ)


## 'ମନ୍ତ୍ରମୁଗ୍ଧ'ର ପୋଷ୍ଟର ରିଲିଜ୍

ଭୁବନେଶ୍ୱର, ୧।୧୧(ସମିସ): ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ପ୍ରଯୋଜିତ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହୋଇଛି। ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ। ଆସନ୍ତା ଜାନୁଆରୀରେ ଫିଲ୍ମ ମୁକ୍ତିଲାଭ କରିବ। ଏଥିରେ ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦିପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିହୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ ଅଭିନୟ କରୁଛନ୍ତି। (ସୁମିତ୍ରା)

## ଡ. କେଦାରନାଥ ମହାପାତ୍ରଙ୍କ ଓଡ଼ିଶା ଇତିହାସକୁ ଅବଦାନ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧।୧୧(ସମିସ): ଶୁକ୍ରବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ 'ଡ. କେଦାରନାଥ ମହାପାତ୍ରଙ୍କ ଓଡ଼ିଶା ଇତିହାସକୁ ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ଡ. କେଦାରନାଥ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପ୍ରଫେସର ଡ. ଗୋପାଳ ଚନ୍ଦ୍ର ଦାସ ତାଳପତ୍ର ପୋଥି ଉପରେ ଡ. କେଦାରନାଥ ମହାପାତ୍ରଙ୍କ ଗବେଷଣା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧାପକ ଡ. ସଞ୍ଜୟ ଆଚାର୍ଯ୍ୟ, ଡ. ମମତା ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

## ଇଣ୍ଟର୍‌ନ୍ୟାସନାଲ ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ୨୦୨୫



ଭୁବନେଶ୍ୱର, ୧।୧୧(ସମିସ): ଇଣ୍ଟରନ୍ୟାସନାଲ ପର୍‌ଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ବା ଆଇପିଏଏଫ୍ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। ଆଇପିଏଏଫ୍‌ର ପ୍ରତିଷ୍ଠାତା ଶ୍ୟାମ ପାଣ୍ଡେଙ୍କ ଅଧୀନରେ ଆୟୋଜିତ ଏହି ଉତ୍ସବରେ ବିଶାରଦ, ଲୋକକଳା ପ୍ରଦର୍ଶନକାରୀ ଏବଂ ଦିବ୍ୟାଙ୍ଗ କଳାକାରଙ୍କୁ ଏକ ବିଶାଳ ମଞ୍ଚରେ ଏକତ୍ରିତ କରିଥିଲା। କମାଲ ଖାଁ ଏବଂ ଗ୍ରୁପ୍ ପକ୍ଷରୁ ଗଜଲ, ଯେଉଁଥିରେ 'କିସି ନଜର କୋ ତେରା ଇନ୍ତେଜାର ଆଜ୍ ଭି ହେଁ' ଏବଂ 'ହୋଠୋଁ ସେ ଛୁ ଲୋକ ତୁମ୍' ଭଳି ଶାସ୍ତ୍ରୀୟ ଗୀତ ପରିବେଷଣ ହୋଇଥିଲା। ଆସାମର ପ୍ରତିଷ୍ଠିତ କଥକ ବିଶାରଦ ତଥା ଏସ୍‌ଏନଏ ପୁରସ୍କାର ବିଜେତା ମେଘରଞ୍ଜନୀ ମେଧି ଭଗବାନ ଶିବଙ୍କୁ ସମର୍ପିତ 'ଶିବ ବନ୍ଦନା - ଡମ୍ବରୁ ହର କର ବାଜେ' ଶୀର୍ଷକ ପରିବେଷଣ କରିଥିଲେ। ପରେ ପରେ ପ୍ରୀତିଶା ମହାପାତ୍ର ଶ୍ରୀ ରାମ ଚନ୍ଦ୍ର କୃପାଳୁ ଭଜମନ ଶୀର୍ଷକରେ ଓଡିଶୀ ପରିବେଷଣ କରିଥିବାବେଳେ ଏସଏସଭିଏମ୍ ଗ୍ରୁପ୍ ଦ୍ୱାରା ଲୋକନୃତ୍ୟ 'ଗଞ୍ଜୁର ଗଞ୍ଜା' ପ୍ରଦର୍ଶିତ ହୋଇଥିଲା। ସତ୍ୟଭାମା ଦେବୀ କଲେଜ ଫର୍ ହିଅରିଂ ଆଣ୍ଡ ସ୍ପିଚ୍ ଇମ୍ପାୟାର୍ଡର ଦିବ୍ୟାଙ୍ଗ କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କଳାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଓଡ଼ିଶୀ ରାଗ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୧।୧୧(ସମିସ): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ 'ତ୍ରୟୋଦଶ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ ୨୦୨୫' ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶନିବାର ଉଦ୍‌ଘାଟିତ ହୋଇଯାଇଅଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ରାଗ ଖଣ୍ଡ କାମୋଦି ଉପରେ ପର୍ଯ୍ୟବଷିତ ଓଡ଼ିଶୀ ବୃନ୍ଦ ଗାୟନ। ପରେ ପରେ କୁଳମଣି ସାହୁ ଓ ସାଥିଙ୍କ ଦ୍ୱାରା ବାଦ୍ୟ ବାଣୀ ବନ୍ଦନା ପରିବେଶିତ ହୋଇଥିଲା ଯେଉଁଥିରେ ବାଦ୍ୟ ସହିତ କଣ୍ଠ ସଙ୍ଗୀତର ଅପୂର୍ବ ସମ୍ମାନୟ ଦେଖିବାକୁ ମିଳିଥିଲା। ଅନ୍ତିମ ଉପସ୍ଥାପନରେ ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟାଶିଳ୍ପୀ ରାହୁଲ ଆଚାର୍ଯ୍ୟ। ଏହି ଉତ୍ସବରେ ଅତିଥିଭାବେ ଆଇଜିଏନ୍‌ସିଏର ଅଧକ୍ଷ ଡ଼. କିଶୋର କୁମାର ବାସା, ବିଧାନ ସଭାର ସଚିବ ସତ୍ୟବ୍ରତ ରାଉତ, ବିଶିଷ୍ଟ ସଙ୍ଗୀତକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ, ଗବେଷକ, ସଙ୍ଗୀତକାର ଏବଂ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ଼. ମୃତ୍ୟୁଞ୍ଜୟ ରଥ ଓ ଶୀଲା ମହାପାତ୍ର ସଞ୍ଚାଳନ କରିଥିଲେ।

## ଡ. ଅରୁନ୍ଧତୀ ଦେବୀ ପାଇବେ ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ





ଭୁବନେଶ୍ୱର, ୧।୧୧(ସମିସ): ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରୁମା' ଡ. ଅରୁନ୍ଧତୀ ଦେବୀ ଚଳିତ ବର୍ଷର ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ ପାଇବେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଜୀବନବ୍ୟାପୀ ଶିକ୍ଷା-ସମାଜସେବା ଓ ଏକ ଶୋଭନୀୟ ସମାଜ ଗଠନ ଦିଗରେ ତ୍ୟାଗପୂତ ଅବଦାନ ଲାଗି ଡକ୍ଟର ଅରୁନ୍ଧତୀ ଦେବୀଙ୍କୁ ଏହି ସମ୍ମାନ ନିମନ୍ତେ ମନୋନୀତ କରାଯାଇଛି।

ସେହିପରି ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଲାଗି ଭଦ୍ରକର ସମାଜସେବୀ ଏସ.ଏମ.ଫାରୁକ, ମୟୂରଭଞ୍ଜ ଜିଲ୍ଲା ଇଟାମୁଣ୍ଡିଆର ଜଙ୍ଗଲ ଓ ପରିବେଶ ସୁରକ୍ଷାକାରୀ ଗୋପୀନାଥ ସିଂ ଏବଂ ଯାଜପୁର ଜିଲ୍ଲାର ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡକ୍ଟର ହରିଶ୍ଚନ୍ଦ୍ର ପୃଷ୍ଟିଙ୍କୁ 'ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ସେହିପରି ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ସୁମନ୍ତ ମହାରଣା ଏବଂ ପାରା ଆଥଲେଟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇଥଲବା କ୍ରୀଡା ପ୍ରତିଭା ଭୁବନେଶ୍ୱରର ପୂଜାସ୍ୱିନୀ ନାୟକଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ସମ୍ମାନ'ରେ ସମ୍ମାନିତ କରାଯିବ। ଆସନ୍ତା ୭ ଓ ୮ ତାରିଖ ଦୁଇଦିନ ଧରି 'ପ୍ରଗତିବାଦୀ' ପରିସରରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହର ଆୟୋଜନ କରାଯିବାକୁ ଥିବାବେଳେ ଏଥିରେ ସମସ୍ତଙ୍କୁ ସମ୍ମାନିତ କରାଯିବ।

## ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧।୧୧(ସମିସ): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ୧୫ତମ ପ୍ରତିଷ୍ଠା ଦିବସ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଅଧକ୍ଷା ବ୍ରତତୀ ହରିଚନ୍ଦନ, ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ୟୁନିସେଫ୍‌ର ରାଜ୍ୟ ପ୍ରମୁଖ କ୍ଷେତ୍ର ଅଧିକାରୀ ୱିଲିୟମ୍ ହଲୋନ୍ ଜୁନିୟର୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆୟୋଗର କାର୍ଯ୍ୟ ବିବରଣୀ ଓ ଶିଶୁ ମାନଙ୍କ ଲାଗି ଅନଲାଇନ ସଚେତନତା ସୁରକ୍ଷା କିଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆଇଏଏସ୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧।୧୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ)ର ୧୩ ତମ ବ୍ୟାଚ ବିଏସ୍‌ସି (ଏଗ୍ରିକଲ୍‌ଚର) ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ। ଆଇସିଏଆର-ସିଆରଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଶିକ୍ଷାନୁଷ୍ଠାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ଡ. ପ୍ରଭାତ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।

## କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧।୧୧(ସମିସ): ସ୍ତମ୍ଭକାର ତଥା ବରିଷ୍ଠ ରାଜନେତା ଶଙ୍କର୍ଷଣ ପରିଡ଼ାଙ୍କ ଅକାଳ ବିୟୋଗରେ ଶନିବାର ୟୁନିଟ୍-୫ ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟର (ଓଆଇସି) ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି ପୋରୋହିତ୍ୟରେ କରିଥିଲେ। ଏଥିରେ ବରିଷ୍ଠ ଉପଦେଷ୍ଟା ଡ. ହରିହର କାନୁନଗୋ ସ୍ୱର୍ଗତ ପରିଡ଼ାଙ୍କ ବହୁମୁଖି ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ମନୋରଞ୍ଜନ ମହାନ୍ତି, ସଂଯୁକ୍ତା ମହଲା, କମଳାକାନ୍ତ ସାହୁ, ଉର୍ବଶୀ ଦାଶଙ୍କ ସମେତ ବହୁ କବି, ସାହିତ୍ୟିକମାନେ ଯୋଗ ଦେଇଥିଲେ।

## ଇଂରାଜୀ ଔପନ୍ୟାସିକ ଡ. ଧରଣୀଧର ସାହୁଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧।୧୧(ସମିସ): କଥାକାର ଓ ଔପନ୍ୟାସିକ ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଇଂରେଜୀ ଔପନ୍ୟାସିକ ଓ କଥାକାର ସ୍ୱର୍ଗତଃ ଡ. ଧରଣୀଧର ସାହୁଙ୍କ ଏକାଦଶାହରେ ସ୍ମୃତିସଭା କେଶୁରା ଛକ ନିକଟସ୍ଥ ପଲ୍ଲବୀ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥବ ଭାବେ ଔପନ୍ୟାସିକ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ମୁଖ୍ୟବକ୍ତା ଭାବେ ରେଭେନ୍‌ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅନ୍ୟତମ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ହିମାଂଶୁ ଶେଖର ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟର ପ୍ରଫେସର ତଥା ଅନୁବାଦକ ଡ. ଯତୀନ କୁମାର ନାୟକ, ନାଟ୍ୟକାର ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ମୃତିସଭାକୁ ବରିଷ୍ଠ କବି ନିରାକାର ଦାସ ସଞ୍ଚାଳନା କରିଥିଲେ।

## ଦାଦୀ ସନ୍ଦେଶୀ ଜୀଙ୍କ ପୁଣ୍ୟତିଥି ଓ ସମ୍ମାନ ସମାରୋହ



ଭୁବନେଶ୍ୱର, ୧।୧୧(ସମିସ): ଦାଦୀ ସନ୍ଦେଶୀ ଜୀଙ୍କ ୧୮ ତମ ପୁଣ୍ୟତିଥି ଅବସରରେ ବ୍ରହ୍ମକୁମାରୀ ପକ୍ଷରୁ ୟୁନିଟ-୯ ଠାରେ ଏକ ସ୍ମୃତିସଭା ଏବଂ ବିଶେଷ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଧ୍ୟାନ ଓ ଶାନ୍ତି ଅନୁଭୂତି ସେସନ୍ ଦ୍ୱାରା ଏହି ଆଧ୍ୟାତ୍ମିକ ସଭାର ଶୁଭାରମ୍ଭ ହୋଇଥିଲା। ପରେ ପରେ ଦାଦୀ ସନ୍ଦେଶୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ବି.କେ ଭାନୁ ସଙ୍ଗୀତ ପରିବେଷଣ କରିଥିଲେ। ଉପକ୍ଷେତ୍ର ଇନଚାର୍ଜ ରାଜଯୋଗିନୀ ବି.କେ ଗୀତା ନିଜ ସ୍ୱାଗତ ଭାଷଣରେ ଦାଦୀ ସନ୍ଦେଶୀଙ୍କ ଅମୃନିଷ୍ଠା ସେବା, ଆଧ୍ୟାତ୍ମିକ ସଂଘର୍ଷ ଏବଂ ଦୃଢ଼ ସଂକଳ୍ପର କାହାଣୀକୁ ସ୍ମରଣ କରିଥିଲେ। ଦିଲ୍ଲୀରୁ ଆସିଥିବା ବି.କେ ସୁନିତା ଦାଦୀ ସନ୍ଦେଶୀଙ୍କ ଜୀବନ ଦର୍ଶନକୁ ସମ୍ମ୍ରଣ କରାଇଥିଲେ। ସଭାର ମୁଖ୍ୟ ଆକର୍ଷଣ ଭାବରେ ୫୦ ଜଣ ଦୃଷ୍ଟିହୀନ ମହିଳାଙ୍କୁ ସମ୍ମାନିତ କରିବା ଅବସରରେ ସେମାନଙ୍କ ଜୀବନ ସଂଘର୍ଷ, ସାହାସ ଓ ସ୍ୱବଲମ୍ବନକୁ ସମାଜ ମଧ୍ୟରେ ଗୌରବର ସହ ସ୍ଥାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ, ଅନ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଲେଖିକା ଡ. ପ୍ରତିଭା ମହାରଥୀ, ଇସ୍କନ ଉପାଧ୍ୟକ୍ଷ ତୁକାରାମ ଦାସ ଏବଂ ରାଜଯୋଗିନୀ ବିକେ ସୁନିତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବି.କେ ଗୀତା ସଂଯୋଜନା କରିଥିଲେ।

## ସଦେଶୀଜୀଙ୍କ ସ୍ମୃତି ଦିବସରେ ଗଣଦୌଡ଼





ଭୁବନେଶ୍ୱର, ୧।୧୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପଟିଆ ସେବା କେନ୍ଦ୍ର ଦ୍ୱାରା ଆଦିରତ୍ନ ଦାଦୀ ସଦେଶୀଜୀଙ୍କ ୧୮ତମ ଅବ୍ୟକ୍ତ ସ୍ମୃତି ଦିବସ ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ ପଟିଆ କଲେଜ୍ ପରିସରରୁ ବାହାରି କିଟ୍ ଛକ, ପଟିଆ ଛକ ଦେଇ ପଟିଆ ନିଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଞ୍ଚି ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ପ୍ରକାଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନ୍‌ଜୀବୀ ତଥା ଓଡ଼ିଶା ବରିଷ୍ଠ ନାଗରିକର ସଭାପତି ମଧୁମାଧବ ଜେନା, ରାଜା ମଧୁସୁଦନ ଦେବ୍ ଡିଗ୍ରୀ କଲେଜ୍ ଅଧକ୍ଷ ଡ. ପ୍ରସାନ୍ତ କୁମାର ରାଉତ୍, କିମସ୍‌ର ନିର୍ଦ୍ଦେଶକ ଦିଲିପ୍ କୁମାର ପଣ୍ଡା, ସ୍ଥାନୀୟ ଯୋଗ ଶିକ୍ଷକ ମୁରଲୀ ଧର ସୁବୁଧି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଟିଆ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଗୋଲାପ ଅତିଥି ମାନଙ୍କୁ ଉପହାର ପ୍ରଦାନ କରିଥିଲେ।

## ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଓଡ଼ିଶାରୁ ଭାଗନେବେ ୩୫



ଭୁବନେଶ୍ୱର, ୧।୧୧ (ସମିସ): ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୩ତମ ସଂସ୍କରଣ ଚେନ୍ନଇରେ ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୩୫ଜଣ ଭେଟେରାନ କ୍ରୀଡ଼ାବିତ୍ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ସ ଆସୋସିଏସନ (ଓଏମ୍‌ଏଏ) ପକ୍ଷରୁ ଏକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଉତ୍ସବ ଶନିବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। କ୍ରୀଡ଼ା ନିର୍ଦ୍ଦେଶକ ଯେହୁଲ୍ଲା ବିଜୟ ମୁଖ୍ୟ ଅତିଥିଭାବେ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ ସଂସଘର ସଭାପତି ସମୀର ମହାନ୍ତି, ଓଏମଏଏ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ଏସଆର୍ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏସିଆନ ମାଷ୍ଟର୍ସ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା କ୍ରୀଡ଼ାବିତ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭକାମନା ଜଣାଯାଇଥିଲା।

**ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳା**
# 'ଉଚ୍ଚ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶୈକ୍ଷିକ ସମାଜ ସଂକଳ୍ପବଦ୍ଧ ହେଉ'



ଭୁବନେଶ୍ୱର, ୧।୧୧(ସମିସ): ମହାବିଦ୍ୟାଳୟ ଅଧକ୍ଷ ଓ ବରିଷ୍ଠ ଅଧ୍ୟାପକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ ପାଇଁ ଅନୁଷ୍ଠିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ପରିଷଦ ସହଯୋଗରେ ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍)ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୬ଟି ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଓ ବରିଷ୍ଠ ଅଧ୍ୟାପକ ଯୋଗଦେଇଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟାନ୍ୱୟନ କରିବା ସହ ମହାବିଦ୍ୟାଳୟର ପ୍ରଶାସନିକ ଓ ବିତ୍ତୀୟ ସୁପରିଚାଳନା, ନୂତନ ଶିକ୍ଷାଦାନ ପଦ୍ଧତି, ଦକ୍ଷତା ଆଧାରିତ ମୂଲ୍ୟାଙ୍କନ, ଡିଜିଟାଲ ଲର୍ଣ୍ଣିଂ ଏବଂ ଉଚ୍ଚକୋଟୀର ଗବେଷଣା ଆଦି ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯାଇଛି। ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଯୁବପିଢ଼ୀଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାରେ ଉଚ୍ଚ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ଶୈକ୍ଷିକ ସମାଜ ଅର୍ଥାତ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧକ୍ଷ ଓ ଅଧ୍ୟାପକମାନେ ନିଜେ ନେତୃତ୍ୱ ନେଇ ଦେଶ ନିର୍ମାଣରେ ଅଗ୍ରଣୀ ଭୂମିକା ନେବାକୁ ସଂକଳ୍ପବଦ୍ଧ ହେବା ଉଚିତ। ପିଲାଙ୍କ ମଧ୍ୟରେ ନବସୃଜନ ଆଣିବା ପାଇଁ ଅଭିନବ ପ୍ରୟାସ କରିବାକୁ ପ୍ରୋତ୍ସାହିତ କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଏକ୍ସଆଇଏମ୍‌ବିର କୁଳସଚିବ ଫାଦର ଏସ୍ ଆଣ୍ଟୋନି, ଆସୋସିଏଟ ଡିନ୍ ପ୍ରଫେସର ଡ. ଏସ୍‌ଏସ୍ ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୧।୧୧(ସମିସ):



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ରୋକିବାରେ ସମସ୍ତଙ୍କ ସକ୍ରିୟ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ। ପ୍ରତ୍ୟେକ ଅଧିକାରୀ ଏଥିପ୍ରତି ଆତ୍ମଚିନ୍ତନ କରି ନିଜ କର୍ତ୍ତବ୍ୟ ସତ୍ୟନିଷ୍ଠାର ସହ ପାଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ଯୋଗଦେଇ ବ୍ୟାପକ ସଚେତନତା ହିଁ ସମାଜରେ ଦୁର୍ନୀତିର ମୁଳୋତ୍ପାଟନ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ଧରଣୀଧର ନାଥ ଯୋଗଦେଇ ଏ ବର୍ଷର ବାର୍ତ୍ତା 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ଉପରେ ଆଲୋଚନା କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ଅଭିଯାନ ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ ଧାନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ପ୍ରତାପହରି ପ୍ରଧାନ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସକାଳେ ଛାତ୍ରଛାତ୍ରୀମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସଚେତନତା ଶୋଭାଯାତ୍ରା ଶୈଳଶ୍ରୀକ୍ଷେତ୍ରଠାରୁ ବାହାରି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

## ରାଣୀଗୋଡ଼ାରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଅନୁଗୋଳ,୧।୧୧(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ବଗାଧର ପୀଠ ପରିସରରେ ଥିବା ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନମୋହନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ମଞ୍ଚ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

ଡା. ଶଶିକାନ୍ତ ଚୌଧୁରୀ, ନୀଳମାଧବ ପ୍ରଧାନ, କଳ୍ପନା ଜେନା, ଟେକ୍ନିସିଆନ ମନୋରଞ୍ଜନ ପଣ୍ଡା, ଫାର୍ମାସିଷ୍ଟ ଗୋପାଳକୃଷ୍ଣ ରାଉତ, ସ୍ୱାସ୍ଥ୍ୟକର୍ମୀ ମାନସ ରଞ୍ଜନ ପ୍ରଧାନ, ମହିଳା ସ୍ୱାସ୍ଥ୍ୟକର୍ମୀ ବାସନ୍ତୀ ସାହୁ, ଆଶାକର୍ମୀ ଦମୟନ୍ତୀ ଦେହୁରୀ ଉପସ୍ଥିତ ଥିଲେ। ଶିବିରରେ ୧୨୧ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରି ଚିକିତ୍ସିତ ହେବା ସହ ଆବଶ୍ୟକ ଔଷଧ ନେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ସୁଧୀର କୁମାର ବେହେରା ସହଯୋଗ କରିଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସାମନ୍ତ, ହୃଷୀକେଶ ସାହୁ, କିଶୋର ଚନ୍ଦ୍ର ସାହୁ, ନିମାଇଁ ଚରଣ ସାହୁ, ବାବାଜୀ ସାସମଲ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାସ, କୋଷାଧ୍ୟକ୍ଷ ଦାମୋଦର ଦାସ, ସଂଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ, ସମୀକ୍ଷକ ଧୃବଚରଣ ସାହୁ, ସଦସ୍ୟ ଗନ୍ଧର୍ବ ବେହେରା, ଗୋକୁଳ ଚନ୍ଦ୍ର ସାମନ୍ତ ପ୍ରମୁଖ ଓ ଗ୍ରାମବାସୀଙ୍କ ତରଫରୁ ବୀରେନ ଦାସ, ଆଭାସ ଦାସ, ଜ୍ଞାନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ହାଣ୍ଡିଧୁଆ ଅଣ୍ଡରପାସ୍ ରାସ୍ତା ଶୋଚନୀୟ

### ● ମରାମତି କରିବାକୁ ଦାବିପତ୍ର

ତାଳଚେର,୧।୧୧(ସମିସ): ତାଳଚେର ପୌରାଞ୍ଚଳ ହାଣ୍ଡିଧୁଆ ରେଲୱେ ଅଣ୍ଡରପାସ୍ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହାର ମରାମତି କରିବା ପାଇଁ ସମାଜସେବୀ ସୁଲେଖ ସେଠୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ପଥଚାରୀ ଯାତାୟାତ କରନ୍ତି। ରାସ୍ତା ଖାଲଖମାରେ ପରିଣତ ହୋଇଥିବାରୁ ବର୍ଷ ସାରା ଏଠାରେ ପାଣି ଜମି ରହୁଛି। ଫଳରେ ଯାତାୟାତ ଘୋର ବାଧାପ୍ରାପ୍ତ ହେଉଛି। ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ସମସ୍ୟା ସମାଧାନ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ରେଲୱେ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯଥାଶୀଘ୍ର ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



## ଓପି ଜିନ୍ଦଲ ସ୍କୁଲରେ ସାଇବର ସୁରକ୍ଷା ସଚେତନତା



ଅନୁଗୋଳ,୧।୧୧(ସମିସ): ଓଡ଼ିଶା ସରକାର ଓ ଓଡ଼ିଶା ପୁଲିସ ମିଳିତ ଆନୁକୂଲ୍ୟରେ ଅନୁଗୋଳର ଓପି ଜିନ୍ଦଲ ସ୍କୁଲରେ ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ଡ. ଅଶ୍ୱିନୀ କୁମାର ସାହୁ, ଅତିରିକ୍ତ ଏସ୍‌ପି ଉପାସନା ପାଢ଼ୀ, ଡିଏସ୍‌ପି (ଡିଆଇବି) ଜିଜ୍ଞାସା ବେହେରା ଏବଂ ଅନୁଗୋଳ ନିଶା ଥାନାର ଅଧିକାରୀ ଓ କର୍ମଚାରୀ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ପରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ସୁରକ୍ଷାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସଚେତନ କରିଥିଲେ। ଡ. ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋ' ଭାଷାକୁ ମାନ୍ୟତା ପାଇଁ ଦାବିପତ୍ର



ଖମାର,୧।୧୧(ସମିସ): ଅଖିଳ ଭାରତ ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଶନିବାର ଦିଲ୍ଲୀ ଜନ୍ତରମନ୍ତରରେ ହୋ' ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଲାଗି ଗଣଧାରଣ ଦିଆଯାଇଛି। ଅନ୍ୟପଟେ ଅନୁଗୋଳ ଜିଲ୍ଲାରୁ ମଧ୍ୟ ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ଆଦିବାସୀ ଲୋକସଭା କମିଟି, ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଉଦ୍ଦେଶ୍ୟରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଶିଶୁ, କିଶୋରଙ୍କ ହୃଦରୋଗ ପରୀକ୍ଷା ଶିବିର

ଅନୁଗୋଳ,୧।୧୧(ସମିସ): ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରବିଏସ୍‌କେ ଓ ବେଙ୍ଗାଲୁରୁର ନାରାୟଣ କାର୍ଡିୟାକ୍ ସାଇନ୍ସ ଇନଷ୍ଟିଚ୍ୟୁଟ ସହାୟତାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏନ୍‌ଆରସିରେ ଶିଶୁ, କିଶୋର ଓ କିଶୋରୀଙ୍କ ହୃଦରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୦୧ ଜଣ ପିଲାଙ୍କ ହୃଦରୋଗ ପରୀକ୍ଷା କରାଯାଇଥିଲା। ଜନ୍ମରୁ ୧୮ ବର୍ଷର ପିଲାଙ୍କ ପାଇଁ ଏହି ଶିବିର ପ୍ରଥମ ଥର ଆୟୋଜନ କରାଯାଇଥିଲା। ଶିବିରକୁ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଉଦଘାଟନ କରିଥିଲେ। ଡା. ତରଙ୍ଗିନୀ ଦାସ କହିଥିଲେ ଯେ ଆଜିକାଲି ବହୁତ ପିଲା ଜନ୍ମଗତ ହୃଦରୋଗରେ ପୀଡ଼ିତ ହେଉଛନ୍ତି ଯାହାର ଚିକିତ୍ସା ବ୍ୟୟବହୁଳ। ଏହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲରୁ ପିଲାଙ୍କ ସଂଖ୍ୟା ତାଲିକା ପ୍ରସ୍ତୁତ କରାଯାଇ ଏହି ନିର୍ଦ୍ଦିଷ୍ଟ ଦିନରେ ଶିବିର ଆୟୋଜନ କରାଯାଇଛି। ଏହି ପରୀକ୍ଷା ଶିବିରରେ ଚିହ୍ନଟ ହୋଇଥିବା ପିଲାଙ୍କ ହୃଦରୋଗ ଅସ୍ତ୍ରୋପଚାର ବେଙ୍ଗାଲୁରୁସ୍ଥିତ ନାରାୟଣ କାର୍ଡିୟାକ୍ ସାଇନ୍ସ ଇନଷ୍ଟିଚ୍ୟୁଟରେ କରାଯିବ। ସରକାର ଏଥିପାଇଁ ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। ଏମିତିକି ରୋଗୀଙ୍କ ଯାତାୟାତ ଖର୍ଚ୍ଚ ମଧ୍ୟ ସରକାର ବହନ କରୁଛନ୍ତି ବୋଲି ସେ କହିଥିଲେ। ଶିବିରରେ ନାରାୟଣ କାର୍ଡିୟାକ୍ ସାଇନ୍ସ ଇନଷ୍ଟିଚ୍ୟୁଟରୁ ଆସିଥିବା ଶିଶୁ ହୃଦରୋଗ ବିଶେଷଜ୍ଞ ଡା. ଅତୁଲ ସୁରେନ୍ଦ୍ର ପ୍ରଭୁ ଯୋଗଦେଇ ପିଲାଙ୍କ ହୃଦରୋଗ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ପିଏଚ କଲେଜର ସୁପରିନଟେଣ୍ଡେଣ୍ଟ ତରଙ୍ଗିନୀ ଦାସ, ଡିପିଏମ୍ ସୌମ୍ୟାରାଣୀ ଗୌଡ଼, ଆରବିଏସ୍‌କେ ମ୍ୟାନେଜର ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ଶିଶୁ ସ୍ୱାସ୍ଥ୍ୟ ପରିଚାଳିକା ସବିତା କୁମାରୀ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ପୁଷ୍ପଲତା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ଶିବଶଙ୍କର ବରିହାଙ୍କ ସହ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ, ହସ୍ପିଟାଲ ପରିଚାଳକ ଓ ଏନ୍‌ଆରସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଇକୋ ପାର୍କ ଓ ଗୋପବନ୍ଧୁ ପାର୍କର ଉନ୍ନତୀକରଣ ଖୁବ୍‌ଶୀଘ୍ର

ଅନୁଗୋଳ,୧।୧୧(ସମିସ): ଦୀର୍ଘଦିନ ହେବ ଅନୁଗୋଳର ପାର୍କଗୁଡ଼ିକର ଉନ୍ନତୀକରଣ ହୋଇନାହିଁ। ପାର୍କଗୁଡ଼ିକରେ ସକାଳ ବେଳା ବରିଷ୍ଠ ନାଗରିକ ମାନେ ଚଲାବୁଲା କରନ୍ତି। ସବୁଜିମାକୁ ଉପଭୋଗ କରନ୍ତି। ତେବେ କିଛିଦିନ ହେବ ପାର୍କଗୁଡ଼ିକର ଉନ୍ନତୀକରଣ ନ ହେବା ଫଳରେ ଏସବୁର ଶିରି ନଷ୍ଟ ହୋଇଛି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ଇକୋ ପାର୍କ, ଗୋପବନ୍ଧୁ ପାର୍କର ସୌନ୍ଦର୍ଯ୍ୟକରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରଶାସନ ଖଣିଜ ପାଣ୍ଠି ରୁ ଏ ସବୁର ଉନ୍ନତୀକରଣ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଖୁବ୍‌ଶୀଘ୍ର ଡିପିଆର, ଫିଜିବିଲିଟି ରିପୋର୍ଟ ତିଆରି ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ପୁଲିସକୁ ଆକ୍ରମଣ ଘଟଣାରେ ୩ ଗିରଫ



ତାଳଚେର,୧।୧୧(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ଅନନ୍ତ କୋଇଲା ଖଣି ପକ୍ଷରୁ ଉଚ୍ଛେଦ ସମୟରେ ଗୋଟିଏ ପରିବାର ପକ୍ଷରୁ ବିରୋଧ କରାଯିବା ସହ ପୁଲିସକୁ ଆକ୍ରମଣ ତଥା ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ଜଣେ ନାବାଳକଙ୍କୁ ହେପାଜତକୁ ନେଇଥିବା ବେଳେ ପରିବାରର ଅନ୍ୟ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଷମା ନାଏକ (୩୮), ପ୍ରୀତୀଶ ନାଏକ ଓ ଶିଳାଦେବୀ ନାଏକ (୨୯)। ଏମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇଛି। ତେବେ ଏ ନେଇ ଉକ୍ତ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ଏମସିଏଲ ପକ୍ଷରୁ ଏହି ଉଚ୍ଛେଦ ଘଟଣାକୁ ଓ ଏମସିଏଲର କୌଣସି ନୀତିନିୟମକୁ ସ୍ପଷ୍ଟ କରୁ ନ ଥିବାରୁ ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୂଚନାଯୋଗ୍ୟ, ତାଳଚେର ବ୍ଲକ ଏକତାଳ ଗ୍ରାମରେ କୋଇଲା ଖଣି ପକ୍ଷରୁ ଉଚ୍ଛେଦ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗୋପାଳପ୍ରସାଦ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପୁଷ୍ପିତା ତ୍ରିପାଠୀ, ବଳରାମ ବେହେରା, ସ୍ୱର୍ଣ୍ଣମୟୀ ଷଣ୍ଢ, ଭାବରଞ୍ଜନ ସାହୁ, ସବିତା ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ଅମାନ୍ତ ପ୍ରମୁଖ ସେଠାରେ ମୁତୟନ ହୋଇଥିଲେ। ଗ୍ରାମର ପ୍ରଦୀପ ନାଏକଙ୍କ ଘର ଉଚ୍ଛେଦ ବେଳେ ତାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିବା ସହ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ପୁଲିସ କର୍ମଚାରୀଙ୍କୁ କାମୁଡ଼ିବା ଏବଂ ହତ୍ୟା ଉଦ୍ଦେଶ୍ୟରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୧।୧୧(ସମିସ): କଣିହାଁ ଥାନା ତେଲସିଂହା ଗ୍ରାମର ଲୀଳାବତୀ ଦେହୁରୀ (୧୯)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ତାଙ୍କ ଘରୁ ଉଦ୍ଧାର ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଲୀଳାବତୀ ତାଙ୍କ ଘରେ ଶାଢ଼ି ସାହାଯ୍ୟରେ ଝୁଲୁଥିବା ଦେଖି ପରିବାର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

## ବାଇକ ଚୋରି ଅଭିଯୋଗ

କଣିହାଁ,୧।୧୧(ସମିସ): କଣିହାଁ ଥାନା ଜମାନିଆ ଜଙ୍ଗଲରେ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୨୯ ତାରିଖ ପୂର୍ବାହ୍ନ ୯ଟାରେ କଣିହାଁ ଥାନା ଙ୍କସମୁଣ୍ଡା ଗ୍ରାମର ଅଭୟ ସାହୁ ନିଜର ବାଇକ ଯୋଗେ ଯାଉଥିବା ବେଳେ ଜମାନିଆ ଜଙ୍ଗଲ ପାଖରେ ତାଙ୍କ ମୁଣ୍ଡ ବୁଲାଇବାରୁ ବାଇକ ରଖି ସେଠାରେ ଶୋଇ ପଡ଼ିଥିଲେ। ଉଠିଲା ପରେ ବାଇକ ନ ଥିବା ଦେଖିଥିଲେ। ଖୋଜା ଖୋଜି କରି ନ ପାଇବାରୁ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି।

## ବୋଲେରୋ ଧକ୍କାରେ ବୃଦ୍ଧ ମୃତ

ଛେଣ୍ଡିପଦା,୧।୧୧(ସମିସ): ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଡୁକୁଡ଼ା ଗ୍ରାମ ନିକଟରେ ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡୁକୁଡ଼ା ଗ୍ରାମର ମୁଚିଆ ମହାରଣା (୭୨)। ଶନିବାର ଭୋର ୫ଟା ବେଳେ ମୁଚିଆ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ବେଳେ ବଇଣ୍ଡା ଆଡୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ମୁଚିଆ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ପୁଲିସ ଉଦ୍ୟମ ଆରମ୍ଭ କରିଛି।

## ବିଜୟୀ ଛାତ୍ରଛାତ୍ରୀମାନେ ସାଇବର ଆମ୍ବାସଡର: ଏସପି



ଅନୁଗୋଳ,୧।୧୧(ସମିସ): ସାଇବର ଅପରାଧ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଅନୁଗୋଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି। ଶନିବାର ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୨୪ ସ୍କୁଲର ଛାତ୍ରଛାତ୍ରୀ ଏଥିରେ ଭାଗନେଇଥିଲେ। ଲିଖିତ ପରୀକ୍ଷାରେ ୪ଟି ସ୍କୁଲ ମୌଖିକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ତାଳଚେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଏଭି ଏନଟିପିସି, ପାଲଲହଡ଼ା ଆଦର୍ଶ ବିଦ୍ୟାଳୟ ଏବଂ ଅନୁଗୋଳ ଗାନ୍ଧୀମାର୍ଗ ଡିଏଭି ସ୍କୁଲ ମଧ୍ୟରେ କଡ଼ା ଟକ୍କର୍ ହୋଇଥିଲା। ତାଳଚେର ସ୍କୁଲ ୮୦ ନମ୍ବର୍ ସ୍କୋର କରିଥିବା ବେଳେ ଅନ୍ୟ ତିନି ସ୍କୁଲ ୧୦୦ ନମ୍ବର ରଖିଥିଲେ। ଅନୁଗୋଳ ଏସପି ରାହୁଲ ଜୈନ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଜୟୀ ପିଲାମାନେ ସାଇବର ଆମ୍ବାସାଡର ଏବଂ ସେମାନେ ନିଜ ପରିବାର ସଦସ୍ୟ ତଥା ଅନ୍ୟମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ଭୁବନେଶ୍ୱରର ସୀମାନ୍ତ ମହାନ୍ତି କ୍ୱିଜ୍ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ବରିଷ୍ଠ ଅଧିକାରୀ ଯାଜ୍ଞସେନୀ ବେହେରା, ଉପାସନା ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଅନୁଗୋଳ ସାଇବର ସେଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବଅଁରପାଳ ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ

ବଅଁରପାଳ,୧।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅଭାସୀ ମାଧ୍ୟମରେ ରାଜ୍ୟର ୪୪ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ରାଜ୍ୟ ସରକାର ଲୋକଙ୍କୁ ଘର ପାଖରେ ସମସ୍ତ ସେବା ଯୋଗାଇଦେବାକୁ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟ ନିକଟରେ ଗ୍ରାମୀଣ ନ୍ୟାୟାଳୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ ଜମି ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏହି କ୍ରମରେ ବଅଁରପାଳ ତହସିଲ ପରିସରରେ ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି। ବିଡିଓ ଲୋଚନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଅଁରପାଳ ଅତିରିକ୍ତ ତହିଲଦାର ସୁଶାନ୍ତ କୁମାର ନାୟକ, ବ୍ଲକ ଓ ତହସିଲର ସମସ୍ତ ଅଧିକାରୀ, ଅଞ୍ଚଳର ଜନପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।



# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

କଣିହାଁ,୧।୧୧(ସମିସ):




ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଏନଟିପିସି ଟାଉନ ପୁଲିସ ପକ୍ଷରୁ ଶୁକ୍ରବାର ଗଣଦୌଡ଼ ଆୟୋଜିତ ହୋଇଛି। ଏଥିରେ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଟିଟିଏସ କଲୋନୀବାସୀ ସାମିଲ ହୋଇ ରାଷ୍ଟ୍ରୀୟ ଏକତା ସଚେତନତା ବାର୍ତ୍ତା ଦେଇଥିଲେ। ଥାନା ଆଇଆଇସି ସନ୍ତୋଷ କୁମାର ସେଠୀଙ୍କ ସହ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ଦେଶର ଏକତା ଅଖଣ୍ଡତା ରକ୍ଷାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ କାର୍ଯ୍ୟ କରିବାକୁ ସଂକଳ୍ପ ପାଠ କରାଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏନଟିପିସି ଟାଉନ ପୁଲିସ ଓ ସିଆଇଏସଏଫ ସୁରକ୍ଷା କର୍ମୀଙ୍କ ନେତୃତ୍ୱରେ ସଙ୍ଗମ ମାର୍କେଟ କମ୍ପ୍ଲେକ୍ସଠାରୁ ଗଣଦୌଡ଼ ଆରମ୍ଭ ହୋଇ ଦୀପ୍ତିରଙ୍ଗ (ଆରସି) ଟାଉନସିପ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଥାନା ଏସଆଇ ଏମଡି ପଣ୍ଡାଙ୍କ ସମେତ ପୁଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

ସେହିପରି ରେଙ୍ଗାଳି ଥାନା ପୁଲିସ ପକ୍ଷରୁ ଏକତା ଦିବସ ଉପଲକ୍ଷେ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ତାରିଣୀ ଛକରେ ଥାନା ଅଧିକାରୀ ଜୟନ୍ତ କୁମାର ମହାନ୍ତି ଲୌହମାନବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଏକତାର ସଂକଳ୍ପ ପାଠ କରାଇଥିଲେ। ପରେ ଗଣଦୌଡ଼ ଆରମ୍ଭ ହୋଇ ରେଙ୍ଗାଳି ବଜାର ପରିକ୍ରମା କରିଥିଲା। ଏଥିରେ ରେଙ୍ଗାଳି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ର ଅଂଶଗ୍ରହଣ କରିଥିଲେ। ଥାନା ଏସଆଇ ରେବତୀ ସାହୁ କନଷ୍ଟେବଳ ଦ୍ୱିତୀୟା କିସାନ, ଡଲିରାଣୀ ସାମଲ, ଜୟପାଳ ଶୁଣ୍ଢୀ, ଲିଟୁ ପ୍ରଧାନ, ଝୁନୁ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ପୁଲିସ ପକ୍ଷରୁ ଏକତା ଦୌଡ଼




ଛେଣ୍ଡିପଦା,୧।୧୧(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ଥାନାରେ ରନ ଫର ୟୁନିଟି (ଏକତା ଦୌଡ଼) ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବାଗଡ଼ିଆ ଓ ଛେଣ୍ଡିପଦା ଥାନା ପକ୍ଷରୁ ଏକତା ଦୌଡ଼ ଆୟୋଜିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବକ ଯୁବତୀମାନେ ଏଥିରେ ସାମିଲ ହୋଇଥିଲେ। ଛେଣ୍ଡିପଦା ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରଠାରୁ ଥାନା ଛକ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ଦେଶର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶପଥପାଠ କରାଯାଇଥିଲା।

# ଝୁମ୍ପୁରା ଅଞ୍ଚଳରେ ସରକାରୀ ଜମି ଜବରଦଖଲ; ତହସିଲଦାରଙ୍କ ଦ୍ୱାରସ୍ଥ ବାସିନ୍ଦା

ବାଲିବନ୍ଧ, ୧।୧୧ (ସମିସ):



ରାଜ୍ୟ ସରକାର ସରକାରୀ ଜମି ଜବରଦାଖଲ ଉଚ୍ଛେଦ କରାଯିବ ବୋଲି ଡିଣ୍ଡିମ ପିଟୁଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଝୁମ୍ପୁରା ତହସିଲରେ ଦିନକୁ ଦିନ ଅତି ମୂଲ୍ୟବାନ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଛି। ଝୁମ୍ପୁରା ତହସିଲ ଅଧୀନ ଝୁମ୍ପୁରା ଆରଆଇ ସର୍କଲର ଝୁମ୍ପୁରା ଏବଂ ଭାଲୁକା ମୌଜାରେ ଏଭଳି ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଝୁମ୍ପୁରା ଆରଆଇ ସର୍କଲର ଝୁମ୍ପୁରା, ଭାଲୁକା, ବିଷ୍ଣୁପୁର ଏବଂ ଶ୍ରୀରାମପୁର ମୌଜାରେ ଗୋଚର ଏବଂ ଶ୍ମଶାନ ଜମି ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଇଛି। ବର୍ତ୍ତମାନ ଝୁମ୍ପୁରା ଏବଂ ଭାଲୁକା ମୌଜାର ଅତି ମୂଲ୍ୟବାନ ସରକାରୀ ଜମି ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଉଥିବା ନେଇ ଅଭିଯୋଗ ହୋଇଛି। ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ଏବଂ ଝୁମ୍ପୁରା ଆରଆଇ ଅଫିସଠାରୁ ମାତ୍ର ୫ଶହ ମିଟର ଦୂର ଝୁମ୍ପୁରା ନୂଆ ବସଷ୍ଟାଣ୍ଡ ନିକଟ (ସହିଦ ନଗର) ଅଞ୍ଚଳରେ ସରକାରୀ ଜମି ଜବରଦଖଲ ହେଉଛି।

ଅଭିଯୋଗ ଅନୁସାରେ, ଝୁମ୍ପୁରା ବସଷ୍ଟାଣ୍ଡ ନିକଟ ସହିଦ ନଗରରେ ଥିବା ସରକାରୀ ଜମି ଖାତା ନଂ୧୩୮, ପ୍ଲଟ ନଂ -୯୦୨/୨୨୧୧ରେ ଥିବା ୩୦ ଡେସିମିଲ ଜମି ଉପରେ ଜଣେ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରୁଥିବା ନେଇ ସ୍ଥାନୀୟ ବାସିନ୍ଦା ମହମ୍ମଦ ରିଜୱାନ, ଲୋକନାଥ ଦେଓ, ଲକ୍ଷ୍ମୀପ୍ରିୟା ଦେଓ, ଏମଡି. ରିଆଜ, ଏମଡି. କାଶିବ, ମୀନା ମଣ୍ଡଳ, ଦୟାନିଧି ମଣ୍ଡଳ, ଜାନକୀ ଲୋହାର, ରାଜେନ୍ଦ୍ର ମଣ୍ଡଳ, ଏମଡି. ଗୁଡୁ, ଏମଡି. ଆଜମୁଦ୍ଦିନ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟକ୍ତି ଜଣକ ରାସ୍ତା ପାର୍ଶ୍ୱ ସରକାରୀ ଜମି ଉପରେ ପ୍ରଥମରେ ଅମରୀ ବାଡ଼, ତା'ପରେ ଖୁଣ୍ଟ ପୋତି ପ୍ଲାଷ୍ଟିକ ପାଲ ଘେରି ଜବରଦଖଲ କରୁଛନ୍ତି। ମୌକା ଦେଖି ରାତିଅଧିଆ ଘର ନିର୍ମାଣ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା, ସହିଦ ନଗରରେ ଧୀରେ ଧୀରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସେହି ସରକାରୀ ଜମି ଉପରେ ଅଙ୍ଗନବାଡି କେନ୍ଦ୍ର, ମମତା ଗୃହ କିମ୍ବା କମ୍ୟୁନିଟି ସେଣ୍ଟର ହେବା ନେଇ ଯୋଜନା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏସବୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଥିବା ବେଳେ, ସ୍ଥାନୀୟ ତହସିଲ ପ୍ରଶାସନ କାହିଁକି କୌଣସି ପଦକ୍ଷେପ ଗ୍ରହଣ କରୁ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଯାହା କି ଝୁମ୍ପୁରା ବଜାର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଝୁମ୍ପୁରା ତହସିଲଦାର ରୋହିତ ବାଗ ଏ ସମ୍ପର୍କରେ କହିଛନ୍ତି, ସେ ଅଭିଯୋଗ ପାଇଛନ୍ତି, ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ, ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ସ୍ଥାନୀୟ ବାସିନ୍ଦା ଆଲୋଚନା କରୁଛନ୍ତି।

## ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା




ଯୋଡ଼ା, ୧।୧୧ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ବିଜେଡି ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ନଗର ସଭାପତି ଚତୁର୍ଭୁଜ ପଲେଇଙ୍କ ତତ୍ତ୍ୱାବଧାନରେ ଏକ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଶହ ଶହ ବିଜେଡି କର୍ମୀଙ୍କ ସମାଗମରେ ଆୟୋଜିତ ଏହି ପଦଯାତ୍ରାରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ବର୍ତ୍ତମାନର ବିଜେପି ସରକାରକୁ କଟୁ ସମାଲୋଚନା କରି କହିଛନ୍ତି ଯେ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ଲୋକଙ୍କ ମଧ୍ୟରେ ନବୀନ ପଟ୍ଟନାୟକଙ୍କ ପ୍ରତି ଅନେକ ଭଲ ପାଇବା ରହିଛି। ଜନସଂପର୍କ ପଦଯାତ୍ରା ଯୋଡ଼ା ଲକ୍ଷ୍ମୀ ପଡିଆଠାରୁ ଆରମ୍ଭ ହୋଇ ଯୋଡ଼ା ବସଷ୍ଟାଣ୍ଡ ଦେଇ କଲ୍ୟାଣ ମଣ୍ଡପଠାରେ ଶେଷ ହୋଇଥିଲା। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ ଜଗଦୀଶ ପ୍ରସାଦ ସାହୁ, ଉପଧକ୍ଷା ସନ୍ଧ୍ୟା ପାତ୍ର, ଯୋଡ଼ା ନଗର ସଭାପତି ଚତୁର୍ଭୁଜ ପଲେଇ, ସୁଶାନ୍ତ କୁମାର ବାରିକ, ହୃଷୀକେଶ ଜେନା, ରବିନାରାୟଣ ଦାସ, ଯୋଡ଼ା ବ୍ଲକ ସଭାପତି ଗୌତମ ବେହେରା, ନିରଞ୍ଜନ ବହିଦାର, ଜିତେନ୍ଦ୍ର ଜୟସ୍ୱାଲ, ବାବୁଲାଲ ସାହୁ, ଦୀପଙ୍କର ବିଶ୍ୱାସ, ପ୍ରମୁଖଙ୍କ ସହ ନେତା-କର୍ମୀ, ମହିଳା ସଂଗଠନ ଯୋଗ ଦେଇଥିଲେ।

## ଆଇନସେବା ପ୍ରାଧିକରଣ ସହଯୋଗରେ ମିଳିଲା ଭତ୍ତା




କେନ୍ଦୁଝର, ୧।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ସାହାଯ୍ୟ ଫଳରେ ୨ ଜଣ ଅସହାୟ ବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇ ପାରିଛନ୍ତି। ସଦର ବ୍ଲକ ରାଙ୍କି ଗ୍ରାମର ସୂର୍ଯ୍ୟମଣି ପେରେଇ(୬୫) ଏବଂ ସେହି ଗ୍ରାମର ସାବିତ୍ରୀ ପେରେଇ(୬୬) ୬୦ ବର୍ଷ ଅତିକ୍ରାନ୍ତ କରି ସାରିଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ମଧ୍ୟ ସେମାନେ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହୋଇ ଅସଫଳ ହୋଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନା ଏ ବିଷୟରେ ଜାଣିବା ପରେ ତୁରନ୍ତ ତାଙ୍କ ଦରଖାସ୍ତ ଆଣି ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କୁ ଦେଇଥିଲେ। ସଚିବ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ଜିଲ୍ଲାପାଳ, କେନ୍ଦୁଝର ଓ ଉପଜିଲ୍ଲାପାଳ, ସଦର କେନ୍ଦୁଝରଙ୍କୁ ଉକ୍ତ ୨ ଜଣ ବୃଦ୍ଧାଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରିବାକୁ ଚିଠି ଲେଖିଥିଲେ। ଏ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ତାଙ୍କ ଦରଖାସ୍ତକୁ ମଞ୍ଜୁର କରି ତୁରନ୍ତ ସେମାନଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରିବାକୁ ଅନୁମୋଦନ କରିଥିଲେ। ୨ ଜଣ ବୃଦ୍ଧା ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରିଛନ୍ତି।

### ଆରଡି ବିଭାଗର ଅବହେଳା; ଅଟକିଛି ପ୍ରକଳ୍ପ

# କେ.ବାଲିପାଳ ପଞ୍ଚାୟତବାସୀ ହନ୍ତସନ୍ତ

ହାଟଡ଼ିହୀ,୧।୧୧(ସମିସ): ହାଟଡ଼ିହୀ ବ୍ଲକ କେ.ବାଲିପାଳ ପଞ୍ଚାୟତରେ ଅଟକି ଯାଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଏବଂ କେ.ବାଲିପାଳ ଗ୍ରାମପଞ୍ଚାୟତର ଯୁବଗୋଷ୍ଠୀ। ଛତରାଘାଟିଠାରୁ ବାଲିପାଳ ପର୍ଯ୍ୟନ୍ତ ୧୦/୧୮ ୬କି.ମି ରାସ୍ତା କାମ ପାଇଁ କେନ୍ଦୁଝର ଜିଲ୍ଲାର ଆର୍ଥିକ ବର୍ଷ ୨୦୨୨-୨୩ ମସିହାରେ ଡିଏମ୍‌ଏଫ୍ ଅନୁଦାନ ମଞ୍ଜୁର ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଆରଡି ବିଭାଗ ତରଫରୁ ପରିବେଶ-୨ରେ ଆବେଦନ ହେବା ପରେ ଏ ପର୍ଯ୍ୟନ୍ତ କୌଣସି କାଗଜପତ୍ର ପହଞ୍ଚି ନଥିବା ଅଭିଯୋଗ ହୋଇଛି। 'ଆମ ପାଖକୁ ଆସିଲେ ଅବିଳମ୍ବେ ଅନୁମତି ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣା କରିବୁ' ବୋଲି ବନଖଣ୍ଡ ଅଧିକାରୀ ଡିଭିଜନ ଆନନ୍ଦପୁର କହିବାରୁ ଯୁବଗୋଷ୍ଠୀ ଆରଡି ବିଭାଗ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଆରଡି ବିଭାଗ ୨୨-୦୯-୨୦୨୫ ହାଟଡିହୀ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଦିନ ଜିଲ୍ଲାପାଳଙ୍କୁ ଏ ବିଷୟରେ ପଚାରିବାରୁ 'ଆବେଦନ ହୋଇଛି ଜଙ୍ଗଲ ବିଭାଗ ଅନୁମତି ଦେଲେ କାର୍ଯ୍ୟ ଆରମ୍ଭ ହେବ' ବୋଲି କହିଥିଲେ। ପୂର୍ବ ସରକାର ଓ ବର୍ତ୍ତମାନ ସରକାରଙ୍କ ଅନୁସୂଚିତ ଜନଜାତିମାନେ ବସବାସ କରୁଥିବା ଜଙ୍ଗଲ ପାହାଡ଼ ଘେରା ଓ ଉପାନ୍ତ ଅଞ୍ଚଳର ଉନ୍ନତି ଆଣିବା ପାଇଁ ଯେଉଁ ପ୍ରୟାସ ରହିଛି ସେସବୁକୁ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗରେ ଥିବା ଅଧିକାରୀମାନେ ସମସ୍ତ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଆଇନଗତ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ସେଥିରେ କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି। ଆଦିବାସୀ ମନ୍ତ୍ରାଳୟ ଭାରତ ସରକାରଙ୍କ ଦ୍ୱାରା ଭାରତର ଜାମ୍ମୁକାଶ୍ମୀର, ପଞ୍ଜାବ, ହରିୟଣା, ପଣ୍ଡିଚେରୀ ଏବଂ ଛତିଶଗଡ଼ ବ୍ୟତୀତ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ୧୮-୦୫-୨୦୦୯ରେ ଅବଗତ କରାଇଛନ୍ତି। ମାର୍ଗଦର୍ଶିକା ପ୍ରସ୍ତୁତି କରି ସମସ୍ତ ଜଙ୍ଗଲ ଗ୍ରାମଗୁଡ଼ିକରେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅନୁଯାୟୀ ୧୩ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଜଙ୍ଗଲ ଜମିକୁ ପରିବର୍ତ୍ତନ କରାଯିବାର ଆଇନ୍ ରହିଛି ସେସବୁ ସମ୍ପୂର୍ଣ୍ଣ। ତାକୁ ଅନୁସରଣ ନକରି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଜଙ୍ଗଲ ବିଭାଗ ଉପରେ ସବୁତକ ଦୋଷ ଦେବାରେ ସବୁବେଳେ ବ୍ୟସ୍ତ ରହୁଥିବା ନେଇ ସେଠାକାର ବାସିନ୍ଦା କହିଛନ୍ତି। ନିଜେ ଦୋଷିମୁକ୍ତ ହେବାର ଟାଳଟୁଳ ନୀତି ଆପଣାଇ କେନ୍ଦୁଝର ଜିଲ୍ଲାର ଡିଏମ୍‌ଏଫ୍ ଅନୁଦାନକୁ ବାଟବଣା କରିବାରେ ପାରଙ୍ଗମ ଥିବା କେ.ବାଲିପାଳ ଗ୍ରାମପଞ୍ଚାୟତର ଯୁବଗୋଷ୍ଠୀମାନେ କହିଛନ୍ତି। ଏଭଳି ସମସ୍ୟା ପ୍ରତି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଆଦର୍ଶ ବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ



ଚମ୍ପୁଆ,୧।୧୧(ସମିସ): ଚମ୍ପୁଆ ଆଦର୍ଶ ବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ପୁଲିସ ଓ ସାଇବର ସୁରକ୍ଷା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସାଇବର ଠକେଇ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଜ୍ଞାସ୍ମିତା ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୂଳ ଲକ୍ଷ୍ୟ ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା। ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲି, ସବଇନସପେକ୍ଟର ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସାଇବର ସୁରକ୍ଷା ଅଭିଯାନ ଗାଡି ଦ୍ୱାରା ଭିଡିଓ ଗ୍ରାଫି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇରୁ କିପରି ସୁରକ୍ଷିତ ରହିପାରିବେ ସେନେଇ ବିଭିନ୍ନ ସଚେତନ ମୂଳକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବିଶେଷ ଭାବରେ ଡିଜିଟାଲ ଆରଏସ୍ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ଶଲ, କଷ୍ଟମ ଠକେଇ, ନକଲି ଋଣ, ତତ୍କାଳ କ୍ରେଡିଟ ଆପ, ଓଟିପି ଠକେଇ, ଚାକିରି ପ୍ରଲୋଭନ ଠକେଇ ଆଦି ପ୍ରସଂଗ ଉପରେ ଅବଲୋକନ କରାଯାଇଥିଲା।

## ରାହାସ ପୂର୍ଣ୍ଣିମା କଳସ ଯାତ୍ରା



ଚମ୍ପୁଆ,୧।୧୧(ସମିସ): ଚମ୍ପୁଆ ରାଧାକୃଷ୍ଣ ମନ୍ଦିର କମିଟି ପକ୍ଷରୁ ପବିତ୍ର ରାହାସ ପୂର୍ଣ୍ଣିମା ନିମନ୍ତେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାପତି ଗିରିଶଚନ୍ଦ୍ର ନନ୍ଦ ଓ ସମ୍ପାଦକ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ସଦରମହକୁମାରେ ମହିଳାମାନଙ୍କ ଦ୍ୱାରା ପବିତ୍ର ବୈତରଣୀ ନଦୀରୁ ଏହି ଯାତ୍ରା ଆରମ୍ଭ କରାଯାଇଥିଲା। ସକାଳ ୭ଟା ସମୟରେ ପ୍ରମୁଖ ପୁରୋହିତ ଜୟହରି ମିଶ୍ରଙ୍କ ଦ୍ୱାରା ବୈତରଣୀ ନଦୀ ଘାଗରା ଘାଟଠାରେ ପୂଜାର୍ଚ୍ଚନା କରିବା ପରେ ପୂର୍ଣ୍ଣ କଳସ ପୂଜା କରାଯାଇ ଯାତ୍ରା ଆରମ୍ଭ କରାଯାଇଥିଲା। ମହିଳାଙ୍କ ଦ୍ୱାରା ଏହି ପୂର୍ଣ୍ଣ ତଥା ପବିତ୍ର କଳସକୁ ମୁଣ୍ଡାଇ ସଦରମହକୁମାରେ ଥିବା ରାଧାକୃଷ୍ଣ ମନ୍ଦିରରେ ଦଶମୀ ପୂଜା ଉପଲକ୍ଷେ କଳସ ସ୍ଥାପନ କରାଯାଇଥିଲା। ବ୍ରାହ୍ମଣଙ୍କ ଦ୍ୱାରା ବେଦ ଓ ମନ୍ତ୍ର ଧ୍ୱନି ସହ ଘଣ୍ଟ କରତାଳ ମଧ୍ୟରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ବରୁଣ କୁମାର ସାହୁ, ନୟନ କୁମାର ପାଢୀ, ଅକ୍ଷୟ କୁମାର ପରିଡା, ମନୋଜ ସାହୁ, ମାନଓ ସାହୁ, ଦିଲ୍ଲୀପ କୁମାର ସାହୁ, ଧୀରଜ ଚଉଡା ପ୍ରମୁଖ ପରିଚାଳନା କରିଥିଲେ। ଏହି ରାହାସ ପୂଜା ଆଜିଠାରୁ ଆରମ୍ଭ କରାଯାଇ ପୂର୍ଣ୍ଣିମାରେ ନାମସଂକୀର୍ତନ ଆଦି କରାଯାଇ ଶେଷ କରାଯିବ ବୋଲି ଜଣାଯାଇଛି।

## ନଭେମ୍ବର ପାଇଁ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି

କେନ୍ଦୁଝର, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ନଭେମ୍ବର ମାସ ପାଇଁ ମିଳିତ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୂଚୀ ପ୍ରକାଶ ପାଇଛି। ଶୁଣାଣିର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ପାନୀୟଜଳ ପାଇଁ ସୁବିଧା ସହିତ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା, ଅସୁସ୍ଥ ଏବଂ ଭିନ୍ନକ୍ଷମ ଅଂଶଗ୍ରହଣକାରୀଙ୍କ ବିଶେଷ ଯତ୍ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁଣାଣିଗୁଡ଼ିକ ନିର୍ଦ୍ଧାରିତ ତାରିଖ ଏବଂ ସ୍ଥାନରେ ପ୍ରତି ସୋମବାର ସକାଳ ୧୦:୩୦ରୁ ଆରମ୍ଭ ହେବ।

| | |
|---|---|
| ୩ ନଭେମ୍ବର | ଦରବାର ହଲ, କଲେକ୍ଟୋରେଟ୍, କେନ୍ଦୁଝର |
| ୧୦ ନଭେମ୍ବର | ବ୍ଲକ୍ ଅଫିସ, ଚମ୍ପୁଆ |
| ୧୭ ନଭେମ୍ବର | ବ୍ଲକ୍ ଅଫିସ, ହରିଚନ୍ଦନପୁର |
| ୨୪ ନଭେମ୍ବର | ବ୍ଲକ୍ ଅଫିସ, ସାହାରପଡ଼ା |

### ■ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ

## ପ୍ରଶାସନର ପ୍ରତିବଦ୍ଧତା ଓ ସାମୂହିକ ପ୍ରୟାସର ଆହ୍ୱାନ




କେନ୍ଦୁଝର, ୧।୧୧(ସମିସ): ସାଧାରଣ ଜୀବନରେ ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି।

ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସଚେତନତା ରାଲି କେନ୍ଦୁଝର ସହରର ମୁଖ୍ୟରାସ୍ତା ଦେଇ ପରିକ୍ରମା କରିଥିଲା। ଏହାକୁ ଏସପି ଭିଜିଲାନ୍ସ କେନ୍ଦୁଝର ଶାଖା ସୁଧାଂଶୁ ଶେଖର ପୂଜାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଶୁଭାରମ୍ଭ କରିଥିଲେ। ପରେ ଦରବାର ହଲଠାରେ ଏକ ଜିଲ୍ଲାସ୍ତରୀୟ ବୈଠକରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ଭିଜିଲାନ୍ସ ଶାଖା କେନ୍ଦୁଝରର ଉପ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ପୂଜାରୀ, ଡେପୁଟି କଲେକ୍ଟର ମହମ୍ମଦ ଫିରୋଜ ଖାଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସାର୍ବଜନୀନ ସେବାରେ ନୈତିକ ମାନଦଣ୍ଡ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଦୁର୍ନୀତିମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସାମୂହିକ ପ୍ରୟାସକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

## ପଦ୍ମପୁରରେ ମୁନି ସମାଜର ସଭା

ଆନନ୍ଦପୁର, ୧।୧୧(ସମିସ): ସୁସ୍ଥ ସମାଜ ଗଠନରେ ମୁନି ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ଭାବେ ଆଦୃତ ହେଉଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପଦ୍ମପୁରଠାରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ଆନୁକୂଲ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ମୁନିମତୀ ଇତିନାଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ମୁନି ସମାଜର ଅଧ୍ୟକ୍ଷ ଲୋକନାଥ ମୁନି ଓ ଅନ୍ୟ ସଦସ୍ୟଙ୍କ ସହ ପଦ୍ମପୁର ଗ୍ରାମର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଯୋଗ ମାଧ୍ୟମରେ ମନୁଷ୍ୟ ଶରୀରକୁ କିପରି ଆରୋଗ୍ୟ ରଖି ସୁସ୍ଥ ଓ ନିରାମୟ ଜୀବନ ଶୈଳୀ ବଞ୍ଚିବାର କୌଶଳ ଉପରେ ଧ୍ୟାନ ଦିଆଯାଇପାରିବ ଏହି ଉଦ୍ଦେଶ୍ୟ ନେଇ ମୁନି ସମାଜ ପକ୍ଷରୁ ରାଜ୍ୟ ବ୍ୟାପି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।



## ଆଇଏମ୍‌ଏ କେନ୍ଦୁଝର ଶାଖା ପକ୍ଷରୁ ସିପିଆର୍ କର୍ମଶାଳା



କେନ୍ଦୁଝର, ୧।୧୧(ସମିସ): ଇଣ୍ଡିଆନ ମେଡିକାଲ ଆସୋସିଏସନ କେନ୍ଦୁଝର ଶାଖା ପକ୍ଷରୁ ଜିଲ୍ଲା ସମ୍ପାଦକ ଡାକ୍ତର ମହେଶ ପ୍ରସାଦ ମହାନ୍ତଙ୍କ ନେତୃତ୍ୱରେ ହୋଟେଲ ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷରେ ବେସିକ ଲାଇଫ ସପୋର୍ଟ ସିପିଆର ତାଲିମ କର୍ମଶାଳା ଜିଲ୍ଲାର ବହୁ ବରିଷ୍ଠ ଡାକ୍ତରଙ୍କୁ ନେଇ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ଡାକ୍ତର ମହାନ୍ତ ସୂଚନା ପ୍ରଦାନ କରିବା ପରେ ଜିଲ୍ଲା ସଭାପତି ଡାକ୍ତର ଉମେଶଚନ୍ଦ୍ର ସାହୁ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ହାର୍ଟମେଟ ଫାଉଣ୍ଡେସନର ଅଧ୍ୟକ୍ଷ ରାଜ୍ୟର ସୁନାମଧନ୍ୟ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ରଷିକାନ୍ତ ମହାନ୍ତ ବିସ୍ତୃତ ଆଲୋଚନା କରିଥିଲେ। ବ୍ୟସ୍ତବହୁଳ ଜୀବନ ମଧ୍ୟରେ ହୃଦଘାତର ଆଶଙ୍କା ବୃଦ୍ଧି ପାଉଥିବାରୁ ତ୍ୱରିତ ଆଡ଼ଭାନ୍ସ ଲାଇଫ ସପୋର୍ଟ ସିଷ୍ଟମର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଡାକ୍ତର ଦିଲୀପ କୁମାର ମହାନ୍ତ ହୃଦରୋଗରୁ ଉପଶମ ପାଇଁ ସନ୍ତୁଳିତ ଜୀବନ ଯାପନ ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଡାକ୍ତର ସଂଜୀବ ଓତା ଆଗାମୀ ସମୟରେ ରୋଟାରୀ କ୍ଲବ ସହଯୋଗରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସିପିଆର ତାଲିମ କାର୍ଯ୍ୟକ୍ରମ ଦିଆଯିବ ବୋଲି କହିଥିଲେ। ଜିଲ୍ଲା ସମ୍ପାଦକ ଡାକ୍ତର ମହେଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୧।୧୧(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯତିନ୍ଦ୍ର କୁମାର ମିଶ୍ର ପଦରୁ ଅବସର ଗ୍ରହଣ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବରିଷ୍ଠ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶରତଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ବହୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ କର୍ମଚାରୀ ବିଦାୟୀ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ସ୍ନାତକୋତ୍ତର ଶିକ୍ଷକ ପ୍ରଭଞ୍ଜନ ନାଏକ ଏବଂ ଦିବ୍ୟାରାଣୀ ପ୍ରସାଦ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସମସ୍ତ ଶିକ୍ଷକ, ଅଣଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ବିଦାୟୀ ଅଧ୍ୟକ୍ଷ ଶ୍ରୀ ମିଶ୍ର ବୃତ୍ତିଗତ ଜୀବନର ଅନୁଭୂତି ପ୍ରକାଶ କରିଥିଲେ। ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶାନ୍ତି ପାଠ କରାଯାଇଥିଲା।

### ବଞ୍ଚୋ ବିଦ୍ୟାଳୟ ତଦନ୍ତକୁ ୨ ସପ୍ତାହ ବିତିଲା

# ମାଣ୍ଡିଆ ଲଡୁ ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରରେ

ଆନନ୍ଦପୁର, ୧।୧୧(ସମିସ):



ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ନିୟମିତ ଦିଆଯାଉ ନଥିବା ସମ୍ପର୍କରେ ଜିଲ୍ଲାପାଙ୍କ ନିକଟରେ ହୋଇଥିବା ଅଭିଯୋଗର ତଦନ୍ତହେଲା ହେଲେ ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରରେ ରହିଯିବା ପରି ମନେ ହୋଇଛି। ଘଟଣାକୁ ନେଇ ସ୍କୁଲ କମିଟି ସଭାପତି ଓ କିଛି ସଦସ୍ୟା ଗତ ସେପ୍ଟେମ୍ବର ତୃତୀୟ ସପ୍ତାହରେ କେନ୍ଦୁଝରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାରୁ ହାଟଡ଼ିହୀ ଶିକ୍ଷାଧିକାରୀ ରାଜୀବ ଦଳେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ସବିଶେଷ ତଦନ୍ତ ପାଇଁ ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପଠାଇଥିଲେ। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନରେ ଅବହେଳା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଏହା ଏକ ସର୍ବପୁରାତନ ବିଦ୍ୟାଳୟ ହୋଇଥିବାରୁ ଏଥିରେ ପ୍ରଥମରୁ ଅଷ୍ଟମ ଯାଏଁ ଶ୍ରେଣୀ ରହିଛି। ମାଣ୍ଡିଆ ଲଡୁ ଶୁଭାରମ୍ଭ ଦିନ ଏବଂ ଆମର ତଦନ୍ତ ଦିନକୁ ବାଦ୍ ଦେଲେ ଆଜିଯାଏଁ ଅନ୍ୟଦିନରେ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯାଇନାହିଁ ବୋଲି ସ୍କୁଲ୍ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋତ୍ସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ବିଦ୍ୟାଳୟରେ ମାଣ୍ଡିଆ ଲଡୁ, ଛାତ୍ରବୃତ୍ତି ସହ ମଧ୍ୟାହ୍ନ ଭୋଜନର ମଧ୍ୟ କୌଣସି ରେକର୍ଡ ଦେଖିବାକୁ ମିଳି ନଥିଲା ବୋଲି ତଦନ୍ତ ଅଧିକାରୀ ଏବିଇଓ ଶ୍ରୀ ଜେନା କହିଛନ୍ତି। ତେବେ, ରିପୋର୍ଟକୁ ନେଇ କ'ଣ ହେଲା ସେନେଇ ବ୍ଲକ ଶିକ୍ଷାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଚର୍ଚ୍ଚାକୁ ଆସିଛି। ଆନନ୍ଦପୁର ଉପଜିଲ୍ଲାପାଳ ଏଭଳି ଘଟଣା ଉପରେ ହସ୍ତକ୍ଷେପ କରି ତଦନ୍ତ କରିବା ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି।

# ଭୁବନେଶ୍ୱର ସିଟି



## ଗୁଣିଗାରେଡ଼ିରୁ ହତ୍ୟା ଘଟଣା

# 'ମୁଁ ଏକା କାଇଁ ଜେଲ୍ ଯିବି, ସେ ବି ମାରିଛି'



ଭୁବନେଶ୍ୱର, ୧।୧୧ (ସମିସ): ଶୁକ୍ରବାର ଜଙ୍ଗଲରୁ ନରକଙ୍କାଳ ଠାବ ହେବାପରେ ଚନ୍ଦକା ପୁଲିସ ଚିନ୍ତାରେ ପଡ଼ିଥିଲା। କଙ୍କାଳର ପରିଚୟ ମିଳିବା ପରେ ପୁଲିସ ହତ୍ୟାକାରୀକୁ ଖୋଜିବା ପାଇଁ ଦମ୍ ଲଗାଇ ଦେଇଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି କହ୍ନେଇକୁ ଉଠାଇ ଆଣିବା ପରେ ସେ ହିଁ ହତ୍ୟା କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ହତ୍ୟାକାରୀ ଧରା ପଡ଼ିଯିବା ପରେ ପୁଲିସକୁ ଆଶ୍ୱସ୍ତି ମିଳିଥିଲା। ଅଭିଯୁକ୍ତ କହ୍ନେଇକୁ ପଚରାଉଚରା କରିବା ସହ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରାଇଥିଲା। ସେଠାରୁ ବିଭିନ୍ନ ଜିନିଷ ଜବତ କରି ପୁଣି ଥାନାକୁ ଫେରିଥିଲା। ତଦନ୍ତ ଏକପ୍ରକାର ସରିବା ପରେ ପୁଲିସ କାଗଜପତ୍ର କାମ ଆରମ୍ଭ କରିଥିଲା। ଅପରାହ୍ଣରେ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ଓ କୋର୍ଟ ଚାଲାଣ କରିବାକୁ ବାହାରିବା ବେଳକୁ କୁଆଡ଼େ ଯାଉଛେ ବୋଲି କହ୍ନେଇ ପୁଲିସକୁ ପ୍ରଶ୍ନ କରିଥିଲା। ପ୍ରଥମେ ତୁ ହତ୍ୟା କରିଛୁ, ସେଥିପାଇଁ ଜେଲକୁ ଯିବୁ ବୋଲି ପୁଲିସ କହିଥିଲା। 'ମୁଁ ଏକା କାଇଁ ଜେଲ୍ ଯିବି, ସେ ବି ମାରିଛି' ବୋଲି କହ୍ନେଇ କହିବାରୁ ପୁଲିସର ଅକଲଗୁଡୁମ ହୋଇ ଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ହତ୍ୟାକାଣ୍ଡରେ ଆଉ କେହି ଯେ ସମ୍ପୃକ୍ତ ଅଛି, ସେ କଥା ପୁଲିସର କଳ୍ପନା ବାହାରେ ଥିଲା। ସାଙ୍ଗେ ସାଙ୍ଗେ କହ୍ନେଇକୁ ପଚରାଉଚରା କରି ଦ୍ୱିତୀୟ ଅଭିଯୁକ୍ତ ବିଷୟରେ ତଥ୍ୟ ହାସଲ କରିଥିଲା। ଦ୍ୱିତୀୟ ଅଭିଯୁକ୍ତ ରାମ ସାମଦା ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ କାବୁ କରି ନେଇଥିଲା।

### ୨୩ ବିଏସ୍ଏ ଆଧାରରେ ପ୍ରମାଣ ସଂଗ୍ରହ

ନରକଙ୍କାଳରୁ ପରିଚୟ ପାଇବା ଠାରୁ ଆରମ୍ଭ କରି ହତ୍ୟାକାରୀକୁ ଧରିବା ଯେତିକି କଷ୍ଟକର, ହତ୍ୟାକାଣ୍ଡରେ ପ୍ରମାଣ ଯୋଗାଡ଼ କରିବା ତା'ଠାରୁ ଅଧିକ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ପ୍ରମାଣ ଯୋଗାଡ଼ିବାର କୌଣସି ସୁଯୋଗକୁ ପୁଲିସ ଛାଡ଼ିବାକୁ ଚାହୁଁନାହିଁ। କହ୍ନେଇ ଧରାପଡ଼ିବା ତା'ର ବୟାନ ରେକର୍ଡ କରିଛି ପୁଲିସ। ଭାରତୀୟ ସାକ୍ଷ୍ୟ ଅଧିନିୟମ ଧାରା ୨୩ ଅନୁଯାୟୀ ୨ ଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ କହ୍ନେଇର ବୟାନ ରେକର୍ଡ କରାଯାଇଛି। ବାପାଙ୍କ ମୃତ୍ୟୁ ପଛରେ ଗୁଣିଗାରେଡ଼ି ସନ୍ଦେହ, ହତ୍ୟା ଯୋଜନା ଓ ହତ୍ୟାକାଣ୍ଡର ପୂରା ଘଟଣା ବଖାଣିଛି କହ୍ନେଇ। କିପରି ହତ୍ୟା କରିଥିଲେ, ହତ୍ୟା ପରେ ମୃତଦେହକୁ କେମିତି ପୋତି ଥିଲେ ସେସବୁ ମଧ୍ୟରୁ ସ୍ୱୀକାର କରିଥିଲା। ଏସବୁ ଚାଞ୍ଚଲ୍ୟକର ତଥ୍ୟ ପାଇବା ପରେ କହ୍ନେଇକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ପୁଲିସ। ସେଠାରେ ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ବଳରାମଙ୍କୁ କେଉଁଠି ହତ୍ୟା କରି କେଉଁଠି ପୋତିଥିଲେ ଓ ଟର୍ଚ୍ଚ, ହାଣ୍ଡିଆ ଭର୍ତ୍ତି ବୋତଲ, ଠେଙ୍ଗା କେଉଁଠାରେ ଫୋପାଡ଼ି ଥିଲେ, ସବୁକିଛି ଦେଖାଇଥିଲା କହ୍ନେଇ।

### ସଂଗ୍ରହ ହେଲା ରକ୍ତ ନମୁନା

ଜଙ୍ଗଲରୁ ମିଳିଥିବା ନରକଙ୍କାଳଟି ବଳରାମ ଦେଓଗାମଙ୍କର ବୋଲି ଜଣାପଡ଼ିଥିଲେ ମଧ୍ୟ ସେନେଇ ଠୋସ୍ ପ୍ରମାଣ ପୁଲିସ ପାଖରେ ନାହିଁ। ବଳରାମଙ୍କ ନରକଙ୍କାଳକୁ ଏମ୍ସରେ ବ୍ୟବଚ୍ଛେଦ କରାଯାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନରକଙ୍କାଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛନ୍ତି। ଏଥିସହିତ ନରକଙ୍କାଳରୁ ହାଡ଼ ସଂଗ୍ରହ କରାଯାଇ ସଂରକ୍ଷିତ ରଖାଯାଇଛି। ବଳରାମଙ୍କ ପୁଅ ରାମଚରଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସଂରକ୍ଷିତ ହାଡ଼ ଓ ରକ୍ତ ନମୁନାକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍ଏଫ୍ଏସ୍ଏଲ୍)କୁ ପଠାଯିବ। ସେଠାରୁ ଡିଏନ୍ଏ ମ୍ୟାଚ ରିପୋର୍ଟ ଆସିବା ପରେ ନରକଙ୍କାଳଟି ବଳରାମଙ୍କର ବୋଲି ପ୍ରମାଣ ହେବ। ଏହି ରିପୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

### ୧୨ ଜଣଙ୍କ ବୟାନ ରେକର୍ଡ

ନରକଙ୍କାଳ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାରେ ମାତ୍ର ୨୪ ଘଣ୍ଟା ଭିତରେ ପୁଲିସକୁ ସଫଳତା ମିଳିଛି। ପରିଚୟ ପାଇବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସାକ୍ଷୀ ଯୋଗାଡ଼ କରିବାରେ ପୁଲିସ ଲାଗି ପଡ଼ିଛି। ଗତକାଲି ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ନରକଙ୍କାଳ ଦେଖିଥିଲେ। ପ୍ରଥମେ ନରକଙ୍କାଳ ଦେଖିଥିବା ବ୍ୟକ୍ତି, ବଳରାମଙ୍କ ପୁଅ ରାମଚରଣ, ସିନ୍ ରିକ୍ରିଏସନ୍ ସମୟରେ ଉପସ୍ଥିତ ଥିବା ସାକ୍ଷୀ ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସମୟରେ ଉପସ୍ଥିତ ଥିବା ସାକ୍ଷୀଙ୍କ ବୟାନ ରେକର୍ଡ କରିଛି। ଏପର୍ଯ୍ୟନ୍ତ ପୁଲିସ ମୋଟ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି ପୁଲିସ।

## ପିଲାଦିନ ସ୍ମୃତି ସାଇତିଛି ଗାଁ



ଆମେ ଗାଁରୁ ଆସିଛୁ

ସବୁଜିମା ପରିବେଶରେ ବେଶ୍ ସୁନ୍ଦର ଦିଶେ ମୋ ଗାଁ। ସେଠି ରହିଛି ମୋର ସବୁ ସମ୍ପର୍କ। ପିଲା ଦିନର କେତେ ଯେ ମିଠା ସ୍ମୃତିକୁ ସେ ଆଜି ବି ସାଇତି ରଖିଛି। କିଏ କେବେ ଗାଁ ଛାଡି ପାରେନି, ବାହାରେ ରହିଲେ ବି ମନ ସେଇ ଗାଁ ଘର ଅଗଣାରେ ଛାଡି ଆସିଲା ପରି ଲାଗେ।

ସହରରେ ଆସି ଦୀର୍ଘ ବର୍ଷ ଧରି ରହିଲେ ବି, ସେ କେବେ ଗାଁର ମୋହରୁ ବାହାରି ପାରିନାହାନ୍ତି। ଏଭଳି ଜଣେ ବ୍ୟକ୍ତି ହେଲେ ସନ୍ତୋଷ ବେହେରା। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକସ୍ଥିତ ଭଗବତୀପୁର ହେଉଛି ତାଙ୍କ ଗାଁ। ହେଲେ ଦୀର୍ଘ ୩୦ ବର୍ଷ ହେବ ସେ ରାଜଧାନୀ ଭୁବନେଶ୍ୱରର ଗ୍ୟାରେଜ ଛକସ୍ଥିତ ଆଚାର୍ଯ୍ୟବିହାରରେ ତାଙ୍କ ବର୍ତ୍ତମାନର ଠିକଣା। ପେସାରେ ସେ ଜଣେ ପାର୍ଟ ଟାଇମ ଆର୍ଟିଷ୍ଟ। ନିଜ ଗାଁ ବିଷୟରେ ସେ ଅଧିକ କୁହନ୍ତି, ଗ୍ରାମ ଦେବତୀ ହେଲେ ମା ଭଗବତୀ। ତାଙ୍କ ନାମ ଅନୁଯାୟୀ ଗାଁର ନାମ ରହିଛି। ସେଠାରେ ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ପାଟଯାତ୍ରା ଆୟୋଜିତ ହୁଏ। ସେତେବେଳେ ଘରେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ମନକୁ ବହୁତ ଖୁସି ଦିଏ। ସେହିପରି ଗାଁ ବଡ ପର୍ବ ହେଉଛି ଦୋଳ ପୂର୍ଣ୍ଣମୀ। ସେ ସମୟରେ ଉତ୍ସବମୁଖର ହୋଇ ଉଠେ ଗାଁ। ସାଙ୍ଗସାଥୀ ମେଳରେ ଦିନ କେମିତି ବିତିଯାଇ ଜଣାପଡେନି। ଧାନ ଏବଂ ଆଳୁ ଚାଷ ସେଠାରେ ଅଧିକ ହୁଏ। ହେଲେ ସମୟ ସହ ଲୋକ ଏସବୁ ପ୍ରତି ଏତେ ଆଗ୍ରହୀ ହେଉନାହାନ୍ତି। ସହରର ପ୍ରଭାବ ଧୀରେ ଧୀରେ ଗାଁ ମୁହାଁ ହେଲାଣି। ତଥାପି ଗାଁର ମହକ ଯାଇନି। ଗାଁରେ ସବୁବେଳେ ସମସ୍ତେ ମିଳିମିଶି ରୁହନ୍ତି ଆଉ ଦୁଃଖରେ ଏକଜୁଟ ହୋଇ ଠିଆ ହୁଅନ୍ତି। ହେଲେ ରାଜଧାନୀରେ ସେସବୁ ନାହିଁ ପଡୋଶୀ ପଡୋଶୀ ମଧ୍ୟରେ ଗାଁର ସେ ଭାଇଚାରା ଦେଖିବାକୁ ମିଳେନି। ପିଲାବେଳ, ଖେଳକୁଦ ଏବଂ ପର୍ବପର୍ବାଣୀରେ ସବୁବେଳେ ମହକୁଥାଏ ଗାଁ। ଏବେବି ସେଠାରେ ଥିବା ମୋ ପରିବାର ଲୋକଙ୍କ ପାଖକୁ ଛୁଟି ଏବଂ ପର୍ବପର୍ବାଣୀରେ ଯାଇ ସମୟ ବିତାଉ। ହେଲେ କର୍ମମୟ ଜୀବନ ସେଠାରେ ବେଶୀଦିନ ରହିବାକୁ ଦିଏନି। ଫେରିଲା ସମୟରେ ଅନେକ ସ୍ମୃତି ସାଙ୍ଗରେ ନେଇ ଆସୁ।

## ଗୋମାଂସ ରୋଷେଇ ବେଳେ ପୁଲିସ ଚଢ଼ଉ; ୨୦ ଅଟକ

ଭୁବନେଶ୍ୱର, ୧।୧୧ (ସମିସ): ଶ୍ୟାମପୁର ଅଞ୍ଚଳରେ ଗୋମାଂସ ରୋଷେଇ ବେଳେ ଚଢ଼ଉ କରିଛି ଭରତପୁର ଥାନା ପୁଲିସ। ବାଛୁରୀ ମୁଣ୍ଡ ଜବତ କରିବା ସହ ୨୦ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର କିଛି ଶ୍ରମିକ ନିର୍ମାଣ କାମ କରିବା ସହ ଶ୍ୟାମପୁର ଅଞ୍ଚଳରେ ରହୁଛନ୍ତି। ଶନିବାର ରାତିରେ ସେମାନେ ଗୋମାଂସ କାଟି ରୋଷେଇ କରୁଥିବା ନେଇ ଭରତପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଶ୍ୟାମପୁର ସ୍ଥିତ ଶ୍ରମିକ କ୍ୟାମ୍ପରେ ଚଢ଼ଉ କରିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ଲୋକ ପୁଲିସକୁ ବିରୋଧ କରୁଥିବା ବେଳେ ଆଉ କିଛି ଖସି ପଳାଇଥିଲେ। ପୁଲିସ ସେମାନଙ୍କୁ ଘେରି ଯାଇ ପ୍ରାୟ ୨୦ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆହୁରି କିଛି ଲୋକ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁଲିସ ଟିମ୍ ଯାଞ୍ଚ ଚଳାଇଛି। ଅନ୍ୟମାନଙ୍କୁ ଧରିବା ସହ ମାଂସ ଜବତ କରିବା ପାଇଁ ସର୍ଚ୍ଚ କରୁଛି।

● ଚତୁର୍ଦ୍ଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ୫ରେ

## ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ'

■ କଦଳୀ ପଟୁକା ଡଙ୍ଗା ଭସାଇବା ପାଇଁ ଅନୁରୋଧ

■ ବୋଇତ ବନ୍ଦାଣ ଉତ୍ସବ ପରଦିନ ଶ୍ରମଦାନ ଉତ୍ସବ

ଧଉଳି, ୧।୧୧(ସମିସ): ଆସନ୍ତା ୫ ତାରିଖ ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଐତିହାସିକ ଦୟାନଦୀ ତଟ (ଲିଙ୍ଗିପୁର ପାଳ)ରେ ଅନୁଷ୍ଠିତ ହେବାକୁ ଥିବା 'ବୋଇତ ବନ୍ଦାଣ ଉତ୍ସବ' ଅନୁଷ୍ଠିତ ହେବ। ଏହି ଅବସରରେ ଭୋର ୩ରେ ଭଜନ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ପଙ୍କଜ ଜାଇ, ମାନସୀ ପାତ୍ର, ସୌରଭ ଭରଭାକ, ମାନସୀ ପାଣିଗ୍ରାହୀ, ରାଜକିଶୋର ଓ ଜୟଶ୍ରୀ ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିବେ। ଭଜନ କାର୍ଯ୍ୟକ୍ରମ ପରେ ବିଶିଷ୍ଟ ଅତିଥି ମାନଙ୍କ ଉପସ୍ଥିତିରେ ଓଡିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ 'ଦୟାନଦୀ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯିବା ସହିତ ଭାରତୀୟ ଆଇନ ପରିଷଦର ସଭ୍ୟ ଭଗ ଭୂଷଣ ବାରିକ, ପୂର୍ବପଦକ ପ୍ରାପ୍ତ ଅନ୍ତର୍ଜାତୀୟ କରାଟେ ଚମ୍ପିୟାନ ଆଲିଶା ସୁବୁଦ୍ଧି, ଶ୍ରୀ ଶ୍ରୀ ଦୁର୍ଗେଶ୍ୱର ମନ୍ଦିର କମିଟି, ଏକାମ୍ର ବରିଷ୍ଠ ନାଗରିକ ସଂଘ, ମହାଳୀର ନଗର ଉନ୍ନୟନ କମିଟି, ଧଉଳି ବିକାଶ ମଞ୍ଚ, ମିଶନ ରକ୍ତଦାନ, ନିଃସ୍ୱାର୍ଥ ସେବା ଓଡ଼ିଶା, କଣ୍ଠଶିଳ୍ପୀ ଉଦିତ ମହାନ୍ତି, ଏକାମ୍ର ମହିଳା ଆସୋସିଏସନ୍, ସ୍ମରଣିକା ମହାନ୍ତି ଓ ସୁଜାତା ପଟ୍ଟନାୟକ ପ୍ରମୁଖ ମୋଟ ୧୨ ଜଣ ପ୍ରତିଭା ମାନଙ୍କୁ 'ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବ। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋଳ) ତରଫରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ସୋଲ କିମ୍ବା ପ୍ଲାଷ୍ଟିକ ଡଙ୍ଗା ନ-ଭସାଇବା ନିମନ୍ତେ ସଚେତନ କରାଯିବ ଓ ଅନୁଷ୍ଠାନ ତରଫରୁ ବିନାମୂଲ୍ୟରେ କଦଳୀ ବାସୁଙ୍ଗାରେ ତିଆରି ଡଙ୍ଗା ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯିବ। ପରଦିନ ସକାଳେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ସ୍ମୃତିରେ ଏକ "ଶ୍ରମଦାନ ଶିବିର" ଆୟୋଜନ କରାଯିବ। ଏହା ସହିତ ଦୟାନଦୀ ଓ ଗଛବିତା (ଗଙ୍ଗୁଆ)ର ପନରୁଦ୍ଧାର ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବୋଇତ ବନ୍ଦାଣ ଉତ୍ସବ ଓ ଶ୍ରମଦାନ ଶିବିର କାର୍ଯ୍ୟକ୍ରମରେ ବହୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ ନିମନ୍ତେ କାପୋଳର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରବୀନ୍ଦ୍ର କୁମାର ପାତ୍ର, ଦାମଦେବ ଗଜେନ୍ଦ୍ର, ଲଲାଟ ସାହୁ, ସୁବ୍ରତ ପାଇକରାୟ, ବିଜୟ ସାମନ୍ତରାୟ, ମିଥୁନ ନାୟକ, ସାର୍ଥକ ପରିଜା, ସୁବିଶ୍ୱା ଦାସ, ଉପସ୍ଥିତ ଥିଲେ।

## ପଞ୍ଚୁକ ପାଇଁ ଚଳଚଞ୍ଚଳ ଏକାମ୍ରକ୍ଷେତ୍ର

● ଲିଙ୍ଗରାଜ ମନ୍ଦିରରେ ଅଢ଼େଇ ପ୍ଲାଟୁନ୍ ପୁଲିସ

ଭୁବନେଶ୍ୱର, ୧।୧୧(ସମିସ): ପଞ୍ଚୁକ ପାଇଁ ଚଳଚଞ୍ଚଳ ହୋଇ ପଡ଼ିଛି ପୁରୁଣା ଭୁବନେଶ୍ୱର। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଏକାମ୍ରରେ ଡେରା ପକାଇଛନ୍ତି। ଗତକାଲିଠାରୁ ବିନ୍ଦୁସାଗରରେ ସ୍ନାନ ସହିତ ଲିଙ୍ଗାରଜ ଏବଂ ଅନନ୍ତ ବାସୁଦେବ ଆଦିଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରୁଛନ୍ତି। ଏଥିପାଇଁ ପୁରୁଣା ଭୁବନେଶ୍ୱରର ବିଭିନ୍ନ ମଠ, ମନ୍ଦିରଠାରୁ ଆରମ୍ଭ କରି ହୋଟେଲ୍ ଲଜ୍‌ରେ ଭିଡ଼ ପରିଲକ୍ଷିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିରରେ ଅଢ଼େଇ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ସହ ୨ ଜଣ ସବ୍‌ଇନ୍ସପେକ୍ଟର ଓ ୨ ଜଣ ଇନ୍ସପେକ୍ଟର ଦାୟିତ୍ୱରେ ରହିଛନ୍ତି। ଏଥିସହିତ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଡ଼ଙ୍ଗାଭସା ପାଇଁ ମନ୍ଦିରରେ ଅଧିକ ପୁଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପ୍ରତିଦିନ ଭଳି ଲିଙ୍ଗରାଜଙ୍କର ଦ୍ୱାରଫିଟା ସହ ନୀତିକାନ୍ତି କରାଯାଉଛି ପଞ୍ଚୁକରେ ମଧ୍ୟ ଏହି ସମାନ ନିତୀକାନ୍ତି କରାଯିବ ବୋଲି ସେବାୟତ ମୌସମ୍ ବଡୁ କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ୧୭ ପ୍ରସଙ୍ଗ ଉପରେ ଆଲୋଚନା

ଭୁବନେଶ୍ୱର, ୧।୧୧(ସମିସ): ଲିଙ୍ଗରାଜ ମନ୍ଦିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଶନିବାର ସର୍କିଟ ହାଉସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ଦିରର କର୍ମଚାରୀ ନିଯୁକ୍ତି, ପାର୍କିଂ ବ୍ୟବସ୍ଥା, ମାର୍କେଟ ବକେୟା ଆଦାୟ, ପଇତା ଲାଗି, ଓଢ଼ଣ ଷଷ୍ଠୀରେ ଅଧିବାସ ପୂଜା, କ୍ଷୀର ଆଉଟା, ପଇତା ଲାଗି ଉପରେ ଆଲୋଚନା ହୋଇଯାଇଛି। ଏଥିସହିତ ନିଅଂଶ ପାଳି ସେବା କରିବା ପାଇଁ ନୀତି ଚପରାସୀ ଶିଶିର ସାମର୍ଥକ୍ଷଙ୍କୁ ନିଯୁକ୍ତି କରାଯାଇଛି। ଏଥିସହିତ ଯାତ୍ରୀ ନିବାସରେ ଥିବା ଉପର ମହଲାକୁ ମନ୍ଦିର ପ୍ରଶାସନକୁ ଦେବା ପାଇଁ ଓଟିଡିସିକୁ କୁହାଯିବା ସହ ୱାକିଟକି କିଣାଯିବା ସହ ମୋବାଇଲକୁ ବ୍ୟାନ କରାଯିବ। ଏହିପରି ଆହୁରି ଅନେକ କିଛି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ସେବାୟତ ଅଞ୍ଚଳ ବଡୁ, ସେବାୟତ ନରାୟଣ ମହାନ୍ତି, ପ୍ରସନ୍ନ ପୂଜାପଣ୍ଡା, ସହକାରୀ ପୋଲିସ କମିଶନର ଜୋନ ୨, ବିଏମସିର ଅତିରିକ୍ତ କମିଶନର, ବିଜେବି କଲେଜର ଓଡ଼ିଆ ବିଭାଗର ସହକାରୀ ଅଧ୍ୟାପକ ଡ଼ ଶୁଭ୍ରାଂଶୁ କୁମାର ବେହେରା, ଓକିଲ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ରାମମନ୍ଦିର ପରିସରରେ ସୁନ୍ଦରାକାଣ୍ଡ ସାମୂହିକ ପାଠୋତ୍ସବ (ଫଟୋ-ଦୀପକ)

## 'ପ୍ରତିଫଳନ'ରେ ଦୁର୍ନୀତି ନିବାରଣର ବାର୍ତ୍ତା



ଭୁବନେଶ୍ୱର, ୧।୧୧(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଦୁର୍ନୀତି ନିବାରଣ ସଚେତନତା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବରିଷ୍ଠ ଆରକ୍ଷୀ ଅଧିକାରୀ ତଥା ଓଏଏସ୍‌ସିର ଅଧ୍ୟକ୍ଷ ଡ. ଲଳିତ ଦାସ ନିଜ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବା ଉପରେ ବ୍ୟକ୍ତିଗତ ଉଦ୍ୟମ କିଭଳି ଫଳପ୍ରଦ ଏହା ଉପରେ ମତ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ଚାରଣ କରାଯାଇଥିଲା ଛାତ୍ରଛାତ୍ରୀମାନେ ଭିଜିଲାନ୍ସ ସଚେତନତା: ଆମର ସହଭାଗୀ ଦାୟିତ୍ୱ ଉପରେ ଦୁର୍ନୀତି ମୁକ୍ତ ଭାରତ ଗଠନ ନିର୍ମାଣରେ ସମସ୍ତଙ୍କ ଭୂମିକାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ପାଇଁ କେବଳ ଗୋଟିଏ ସପ୍ତାହ ବା କିଛି ଦିବସ ମଧ୍ୟରେ ଏହାକୁ ସଙ୍କୁଚିତ ନ କରି ବ୍ୟକ୍ତିଗତ, ସାମାଜିକ ଓ ସାମୂହିକ ସ୍ତରରେ ଏହା ବିରୋଧରେ ସ୍ୱର ଉଠାଇବା ଆବଶ୍ୟକ ବୋଲି ପ୍ରଫେସର ଗୋସ୍ୱାମୀ ମତ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦଙ୍କ ଅଭିନୀତ ନାଟକ 'ପ୍ରତିଫଳନ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଡ. ଅନୁପ ପରିଡ଼ା। ନାଟକଟି କର୍ତ୍ତବ୍ୟନିଷ୍ଠା ଓ ସାଧୁତାର ବାର୍ତ୍ତା ଉପରେ ଆଧାରିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ରୀତାଞ୍ଜଳି ଦାଶ, ଡ. ବେଦପ୍ରକାଶ ବର୍ମା ଏବଂ କର୍ମଚାରୀମାନେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ରାଜଧାନୀରେ ଦୈନିକ ୬୦ ଜଣ ମାନସିକ ରୋଗ ଆକ୍ରାନ୍ତ

ଭୁବନେଶ୍ୱର, ୧।୧୧(ସମିସ): ରାଜଧାନୀରେ ଦିନକୁ ଦିନ ବଢ଼ୁଛି ମାନସିକ ରୋଗୀଙ୍କ ସଂଖ୍ୟା। ଯାହାକି କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ଏଥିରୁ ସ୍ପଷ୍ଟ ଅନୁମେୟ। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲକୁ ୬୦ରୁ ଅଧିକ ମାନସିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାସକୁ ୧ ହଜାର ୮ଶହ ରୋଗୀ ଯାଉଥିବା ବେଳେ ଗତ ବର୍ଷ ୨୧ ହଜାର ୬ଶହ ଲୋକ ଯାଇଛନ୍ତି। ହେଲେ

■ ବର୍ଷକରେ ଚିକିତ୍ସିତ ହୋଇଛନ୍ତି ୨୧ ହଜାର ୬ ଶହ ରୋଗୀ

■ କ୍ୟାପିଟାଲ୍ ହସ୍ପିଟାଲରେ ଭିତ୍ତିଭୂମିର ଅଭାବ, ନାହାନ୍ତି ଡାକ୍ତର

■ ୧୮ରୁ ୪୫ ବର୍ଷ ମଧ୍ୟରେ ଆସୁଛି ସର୍ବାଧିକ କଲ୍

ହସ୍ପିଟାଲରେ ଭିତ୍ତିଭୂମି ଏବଂ ଡାକ୍ତରଙ୍କ ଅଭାବ ଥିବାରୁ ରୋଗୀ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ଏବେ ହସ୍ପିଟାଲରେ ଜଣେ ମାତ୍ର ମାନସିକ ଡାକ୍ତର ଅଛନ୍ତି। ତେଣୁ ଜଣ ରୋଗୀକୁ ଦେଖିବା ଏବଂ ତାର ମାନସିକ ସ୍ଥିତି ଜାଣିବାକୁ ହେଲେ ୧୫ ମିନିଟ୍‌ରୁ ଅଧିକ ସମୟ ଲାଗୁଛି। ଏହା ମଧ୍ୟରେ ଅଧିକ ରୋଗୀ ଯାଉଥିବାରୁ ଏକ ପ୍ରକାର ସମସ୍ୟା ହେଉଛି। ସମସ୍ତଙ୍କୁ ସଠିକ୍ ଭାବେ ଦେଖିବା ପାଇଁ ସମୟ ହେଉନାହିଁ। ଆହୁରି ମଧ୍ୟ କ୍ୟାପିଟାଲ ମାନସିକ ରୋଗୀ ପାଇଁ ରୁମ୍ ଥିଲେ ମଧ୍ୟ ସେଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ଅନ୍ୟାନ୍ୟ ମେଡ଼ିକାଲ ସାମଗ୍ରୀ ନାହିଁ। ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ୱାର୍ଡରେ ଆଡ୍‌ମିସନ୍ କରି ଡାକ୍ତର ନଜର ରଖିବା ନିହାତି ଆବଶ୍ୟକ କିନ୍ତୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ନ ଥିବାରୁ ଅତ୍ୟାଧିକ ମାନସିକ ଚାପରେ ଥିବା ରୋଗୀଙ୍କୁ ଘରକୁ ପଠାଇ ଦିଆଯାଉଛି। ଆଉ ପରିବାର ଲୋକଙ୍କୁ ନଜର ରଖିବାକୁ କୁହାଯାଉଛି। କିନ୍ତୁ ତାଙ୍କର ମାନସିକ ଅବସାଦ ପାଇଁ ପରିବାର ଲୋକ କୌଣସି କାଉଁସିଲିଂ କରୁନାହାନ୍ତି। କଟକ ଏସ୍‌ସିବି ମେଡ଼ିକାଲରେ ଯେଉଁ ମାନସିକ ରୋଗୀଙ୍କ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ଏଠାରେ ତାହା ନାହିଁ। ବହୁ ଦିନ ହେବ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ଲେଖୁଥିଲେ ମଧ୍ୟ ତାହା ହୋଇପାରୁନି। ଏବେ ମାନସୀକ ରୋଗୀଙ୍କ ଚିକିତ୍ସା ହୋଇପାରୁନଥିବାରୁ ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ପୁରୁଣା ଭୁବନେଶ୍ୱରର ଗଜାନନ ବେହେରା କହିଛନ୍ତି ଯେ, ତାଙ୍କ ପିଲା ଗତ କିଛି ମାସ ହେବ ମାନସିକ ରୋଗୀରେ ପୀଡ଼ିତ ହୋଇଛି। ଏକାଏକା ଗୁମ୍ ହୋଇ ବସି ରହୁଛି। ନା କିଛି ଖାଉଛି, ନା କିଛି କହୁଛି। ତା ମନକୁ ମନ ଯାହା ପାଉଛି, ଏଣେ ତେଣେ ଗପୁଛି। ତାଙ୍କୁ ଚିକିତ୍ସା କରିବା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ହେଲେ ଏଠାରେ ରୋଗୀ ଦେଖାଇବା ପାଇଁ ଡାକ୍ତର ନାହାନ୍ତି। ଜଣେ ଡାକ୍ତର ଥିଲେ ମଧ୍ୟ ଏକାଧିକ ଲୋକ ହେଉଥିବାରୁ ସେ ସଠିକ୍ ଭାବେ ଦେଖି ପାରୁନାହାନ୍ତି।

### ସହରୀ ଜୀବନ କରୁଛି ପ୍ରଭାବିତ

ଲୋକଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିବାର ଏକାଧିକ କାରଣ ରହିଥିବା ଡାକ୍ତର କହିଛନ୍ତି। ବିଶେଷ କରି ସହରରେ କେହି କାହାରିଙ୍କୁ ସମୟ ଦେଉନାହାନ୍ତି। ବାପା, ମା' ଏବଂ ପିଲା କେହି କାହା ସହ କଥା ନହୋଇ ମୋବାଇଲ୍‌ରେ ବ୍ୟସ୍ତ ରହୁଛନ୍ତି। ଫଳରେ ସକାଳେ ହେଲେ ନିଜ ଅଫିସ୍‌କୁ ନିଜେ ଯାଇ ସନ୍ଧ୍ୟାରେ ଘରକୁ ଫେରି ମୋବାଇଲ୍ ଧରୁଛନ୍ତି। ଯେଉଁଥି ପାଇଁ ମାନସିକ ସମସ୍ୟା ଆସିଲେ ସେମାନେ କେହି କାହାରିକୁ କହୁ ନ ଥିବା ବଢ଼ୁଛି ମାନସୀକ ରୋଗ। ଅନେକ ପ୍ରେମରେ ହତାସ ହେବା ପରେ ମାନସିକ ବିଷାଦର ଶିକାର ହେଉଛନ୍ତି।

### ଅଧିକ ମାତ୍ରାରେ ଯୁବପିଢ଼ି ହେଉଛନ୍ତି ଶିକାର

ଅଧିକାଂଶ ଯୁବ ପିଢି ମାନସିକ ରୋଗୀ ଶିକାର ହେଉଛନ୍ତି। ବିଶେଷକରି ୧୮ରୁ ୪୫ ବର୍ଷ ମଧ୍ୟରେ ଯୁବପିଢୀ ଏହି ମାନସିକ ବିଷାଦର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏକାଧିକ ବ୍ୟକ୍ତି ସ୍ମାର୍ଟ ଫୋନ୍ ଏବଂ କମ୍ପ୍ୟୁଟର, ଲାପ୍‌ଟପ ଆଗରେ ସମୟ ଅତିବାହିତ କରୁଛନ୍ତି। ଠିକ୍ ସମୟ ଶୋଇବା ହେଉ ନ ଥିଲେ ମାନସିକ ରୋଗରେ ଆକ୍ରାନ୍ତ ହେବାକୁ ପଡୁଛି ବୋଲି ଡାକ୍ତର କହିଛନ୍ତି।

### ସୋସିଆଲ ମିଡ଼ିଆରେ ଭାବନା ପ୍ରକାଶ

ଯୁବପିଢୀ ସାଙ୍ଗସାଥୀ ଓ ପରିବାରବର୍ଗଙ୍କ ସହ ସମୟ ବିତାଇବା ପରିବର୍ତ୍ତେ ଲୋକଙ୍କର ସମୟ ମୋବାଇଲରେ ବିତୁଛି। ଘଣ୍ଟା ଘଣ୍ଟା ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି। ନିଜ ମନର ଭାବନାକୁ ସୋସିଆଲ ମିଡିଆରେ ହିଁ ପ୍ରକାଶ କରୁଛନ୍ତି। ପାଖରେ ଅନେକ ଥିଲେ ବି ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଏଥିପାଇଁ ମାନସିକ ଚାପ ବଢ଼ିଚାଲିଥିବା ବିଶେଷଜ୍ଞ କହିଛନ୍ତି।



# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଝାରସୁଗୁଡ଼ା, ୧।୧୧(ସମିସ)**



ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଶୋଭାଯାତ୍ରା, ସଭା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ ଓ ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ ପ୍ରମୁଖଙ୍କ ଉପସ୍ଥିତିରେ ବେହେରାମାଲ କିସାନ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ମୁଖ୍ୟ ଅତିଥି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେମ୍ସ ସମାଦ ଓ ମଧୁସିକ୍ତା ମିଶ୍ର ସମ୍ମାନିତ ଅତିଥି ଭାବେ ତଥା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାଧ୍ୟାପିକା ଡ.ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ଶୀର୍ଷକ ବିଷୟବସ୍ତୁ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେମ୍ସ ସମାଦ ଓ ମଧୁସିକ୍ତା ମିଶ୍ର ଚିନ୍ତନ ଶୈଳୀରେ ପରିବର୍ତ୍ତନ, ଶୃଙ୍ଖଳା, ଦୁର୍ନୀତି ଅଭ୍ୟାସରୁ ଦୂରେଇ ରହିବା ତଥା ଅନ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦ୍ୱାରା ଦୁର୍ନୀତିର ମୂଳୋତ୍ପାଟନ ହେବା ଏବଂ ଦୁର୍ନୀତି ହଟିଲେ ଦେଶର ପ୍ରଗତି ସମ୍ଭବ ବୋଲି ମତ ଦେଇଥିଲେ। ଅତିଥିଗଣ ଦେଶର ଏକତା ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ସହ କାର୍ଯ୍ୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଭିଜିଲାନ୍ସ ଡିଏସପି ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନ କରାଥିଲେ। ଏହି ଅବସରରେ ବକ୍ତୃତା ଓ କାର୍ଟୁନ ତଥା କ୍ୟାପସନ ପ୍ରତିଯୋଗିତାର କୃତୀ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ବିତରଣ କରଯାଇଥିଲା।

# ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧନ କାର୍ଯ୍ୟାଳୟର ଶୁଭାରମ୍ଭ

**ଭିସି ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

**ଦେବଗଡ଼, ୧।୧୧(ସମିସ):** ରାଜ୍ୟରେ ଥିବା ୩୧୭ଟି ତହସିଲ କାର୍ଯ୍ୟାଳୟ ମଧ୍ୟରୁ ପ୍ରାଥମିକ ଭାବେ ୪୪ଟି ତହସିଲ କାର୍ଯ୍ୟାଳୟକୁ ସଂଲଗ୍ନ କରି ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ରାଜସ୍ୱ ବିଭାଗ ଦ୍ୱାରା ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କ୍ରମରେ ଦେବଗଡ଼ ଜିଲ୍ଲାରେ ରିଆମାଳ ଓ ବାରକୋଟ ତହସିଲରେ ମଧ ଆଜି ଉପନିବନ୍ଧନ କାର୍ଯ୍ୟାଳୟର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ଜନସାଧାରଣ ନିଜ ତହସିଲ୍ ଅଞ୍ଚଳରେ ହିଁ ଜମି କିଣାବିକା କରିବାର ସୁବିଧା ପାଇପାରିବେ। ପ୍ଲଟ ବୁକିଂ ନିମନ୍ତେ ଲୋକେ ଘରେ ବସି ଆବେଦନ କରିପାରିବେ। ଜମି କିଣାବିକା ଶୃଙ୍ଖଳିତ ହେବ। ଲୋକଙ୍କୁ ଆଉ ସବ୍‌ରେଜିଷ୍ଟର କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ତହସିଲରେ ନିବନ୍ଧନ କାର୍ଯ୍ୟାଳୟ ଖୋଲାଯିବା ପରେ ରିଆମାଳ ତହସିଲ ଅଧୀନସ୍ଥ ୩୧୧ଟି ଓ ବାରକୋଟ ତହସିଲ ଅଧୀନସ୍ତ ୨୨୪ଟି ରାଜସ୍ୱ ଗାଁର ଜନସାଧାରଣଙ୍କ ଜମି ଓ ବିବାହ ପଞ୍ଜୀକରଣର ସୁବିଧା ଅତି ନିକଟରେ ହୋଇପାରିବ ବୋଲି ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ନୂତନ ରିଆମାଳ ଉପନିବନ୍ଧନ କାର୍ଯ୍ୟାଳୟରେ ରିଆମାଳ ତହସିଲଦାର ବିଜୟ ଲକ୍ଷ୍ମୀ ନାୟକ ଓ ବାରକୋଟ ଉପନିବନ୍ଧନ କାର୍ଯ୍ୟାଳୟରେ ଉପନିବନ୍ଧକ ଭାବେ ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ ଦାୟିତ୍ୱ ତୁଲାଇବେ ବୋଲି ସରକାରୀ ସ୍ତରରେ ସୂଚନା ମିଳିଛି। ଓସ୍ୱାନ ସମ୍ମିଳନୀ କକ୍ଷରେ ଆଭାସି ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଉପ ନିବନ୍ଧକ ପ୍ରଦ୍ୟୁମ୍ନ ଦାସ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ସହକାରୀ ଜିଲ୍ଲାପାଳ ତାପସ ମହାନ୍ତ, ଈଶ୍ୱର ଗୁରୁ, ହେମନ୍ତ ସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୧।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେହେରାମାଲ ସ୍ଥିତ ରେଲୱେ ଓଭର ବ୍ରିଜ ତଳେ ଥିବା ରେଳ ଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଝାରସୁଗୁଡ଼ା ରେଳବାଇ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ସମ୍ବଲପୁର ଗୋଲ ବଜାର ଅଞ୍ଚଳର ପ୍ରେମ୍ ହିନ୍ଦୁଜା (୩୮) ବୋଲି ଜଣା ପଡ଼ିଛି। ଗତକାଲି ସନ୍ଧ୍ୟାରେ ହିନ୍ଦୁଜା ଝାରସୁଗୁଡ଼ା ବେହେରାମାଲ କୋକ୍ସ କଲୋନୀରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ରାତି ୮ଟା ସମୟରେ ସମ୍ପର୍କୀୟଙ୍କ ଘରୁ ବାହାରି ଯାଇଥିଲେ। କିନ୍ତୁ ଶନିବାର ବେହେରାମାଲ ଓଭର ବ୍ରିଜ ନିକଟ ରେଳ ଧାରଣାରେ ତାଙ୍କର ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ହିନ୍ଦୁଜା ଆତ୍ମହତ୍ୟା କରିଥିବା ରେଳବାଇ ପୁଲିସ ସନ୍ଦେହ କରୁଛି। ଏହାକୁ ନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି।

## ସୋଡ଼ାମାଲରେ ଦୁର୍ଘଟଣା, ୩ ଆହତ

**ଝାରସୁଗୁଡ଼ା/କୋଲାବିରା, ୧।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅଧୀନ ସୋଡ଼ାମାଲ ପଞ୍ଚାୟତ ଛକ ନିକଟରେ ହାଇୱା ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଭାରୀଯାନକୁ ପଛପଟୁ ଧକ୍କା ଦେଇ ୩ ଜଣ ଆହତ ହୋଇଛନ୍ତି। ଆହତ ଯୁବକମାନେ ଲାଇକେରା ଥାନା ବାଙ୍କେ ଗାଁର ଡମ୍ବରୁଧର ବୁଦୁଲା, ଶିଶିର ବୁଦୁଲା ଏବଂ ଯଶୋବନ୍ତ ବୁଦୁଲା ବୋଲି ଜଣାପଡ଼ିଛି। ଆହତ ୩ ଜଣ ସାଙ୍ଗ ବାଇକରେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ଛକରେ ଥିବା ଗତି ଅବରୋଧକ ଠାରେ ସାମ୍ନାରେ ଯାଉଥିବା ହାଇୱା ହଠାତ୍ ବ୍ରେକ ଦେଇଥିଲା। ଫଳରେ ପଛରେ ଆସୁଥିବା ବାଇକ୍ ହାଇୱା ପଛପଟେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ହାଇୱା ଗାଡିଟି ଘଟଣାସ୍ଥଳରୁ ଫେରାର ହୋଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ସମସ୍ତ ଆହତଙ୍କୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ତେବେ ଡମ୍ବରୁଧରଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସେହିପରି ଶିଶିରଙ୍କ ଚିକିତ୍ସା କୋଲାବିରା ହସ୍ପିଟାଲରେ ଜାରି ରହିଥିବା ବେଳେ ଯଶୋବନ୍ତ ଚିକିତ୍ସା ପରେ ସୁସ୍ଥ ହୋଇଥିବା କୋଲାବିରା ପୁଲିସ ସୂଚନା ଦେଇଛି।

## ପୋଖରିରେ ବୁଡ଼ି ଶିଶୁକନ୍ୟା ମୃତ

**କୁଣ୍ଡେଇଗୋଳା, ୧।୧୧(ସମିସ):** ରିଆମାଳ ବ୍ଲକ ଅଧୀନ ନାଉଲିପଡ଼ା ଗାଁ ପୋଖରୀରେ ଗାଧୋଇବାକୁ ଯାଇ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅଧୀନ ରୁକୁଡା ଗାଁରୁ ନିଜ ମା'ଙ୍କ ସହ ନାଉଲପଡ଼ା ଗାଁ ସ୍ଥିତ ମାମୁଁ ଘରକୁ ବୁଲିବାକୁ ୫ ବର୍ଷୀୟ ଶିଶୁକନ୍ୟା ଦିପ୍ତୀରାଣୀ ସାହୁ ଆସିଥିଲେ। ଶନିବାର ସକାଳୁ ଘର ଲୋକଙ୍କ ଅଜ୍ଞାତରେ ଘର ପଛପଟ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ଦୀପ୍ତି ପୋଖରୀ ମଧ୍ୟକୁ ଖସି ପଡ଼ିଥିଲେ। ଏହା ଦେଖି କିଛି ଲୋକ ତାଙ୍କୁ ପାଣିରୁ ଉଦ୍ଧାର କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ତୁରନ୍ତ ଦୀପ୍ତିକୁ ଛତାବର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଦୀପ୍ତିକୁ ମୃତ ଘୋଷଣା କରିଥିଲେ। ଖବର ପାଇ ରିଆମାଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ପେଟ୍ରୋଲ ଓ ପେଟ୍ରୋ ରସାୟନ ଉପରେ ଆଲୋଚନାଚକ୍ର

**ଝାରସୁଗୁଡ଼ା, ୧।୧୧(ସମିସ):** ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ.ଗୀତାରାଣୀ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ତଥା ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ପେଟ୍ରୋଲ ଓ ପେଟ୍ରୋ ରସାୟନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ତଥା ବିଶିଷ୍ଟ ରସାୟନ ଶାସ୍ତ୍ରୀ ଡ.ସ୍ନେହଲତା ମିଶ୍ର ଯୋଗଦେଇ ପେଟ୍ରୋଲର ଇତିହାସ, ଅର୍ଥନୀତି ବିକାଶରେ ଯୋଗଦାନ, ପେଟ୍ରୋଲ ଉପରେ ଅତ୍ୟଧିକ ନିର୍ଭରଶୀଳତା, ଇନ୍ଧନ ପାଇଁ ପେଟ୍ରୋଲର ବିକଳ୍ପ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ବିଶ୍ୱରେ ହେଉଥିବା ଅତ୍ୟଧିକ ତାପମାନ ବୃଦ୍ଧି ତଥା ପରିବେଶ ପ୍ରଦୂଷଣ ପାଇଁ ପେଟ୍ରୋଲ ସହିତ ଅନ୍ୟାନ୍ୟ ଦାୟୀ ଉତ୍ପାଦ ଉପରେ ନିୟନ୍ତ୍ରଣ ଓ ବର୍ତ୍ତମାନ ପିଢ଼ି କିପରି ଭାବେ ଆଗାମୀ ପିଢ଼ି ପାଇଁ ତ୍ୟାଗ କରିବେ ତା ଉପରେ ମଧ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୌଦାମିନୀ ପାଣ୍ଡେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରସାୟନ ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ର ପି.ପ୍ରଣୟ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମା ଚୌଧୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁରଜ ସାହୁ, ବିଜ୍ଞାନଗାର ମୁଖ୍ୟ ପ୍ରଜ୍ଞା ନାଥ ଓ ଛାତ୍ରଛାତ୍ରୀ ଆଲୋଚନା ଓ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଇଜେଭି ଫାଉଣ୍ଡେସନର ପ୍ରଚେଷ୍ଟାରେ ସୁସ୍ଥ ହେଲେ ରାଜେଶ ସୁନାନି

**ଝାରସୁଗୁଡ଼ା, ୧।୧୧ (ସମିସ):** ଝାରସୁଗୁଡ଼ା ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନ ଜୀବନ ବଞ୍ଚିବାର ନୂଆ ଆଶା ଦେଖାଇଛି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ପଣ୍ଡରି ଗାଁର ରାଜେଶ ସୁନାନୀ ୮ ବର୍ଷ ପୂର୍ବେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୋଡ଼ ଓ ଅଣ୍ଟା ଭାଙ୍ଗିଯାଇ ବହୁ କଷ୍ଟ ସହି ଆସୁଥିଲେ। ଗୋଡଟି ପଚିଯାଇ ପୂଜ ବାହାରୁଥିଲା। ଅସହାୟ ରାଜେଶ ନିଜ ଗୋଡକୁ କାଟିଦେବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ। ଏହା ଜାଣିବା ପରେ ଝାରସୁଗୁଡ଼ା ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନର ସାହାଯ୍ୟର ହାତ ବଢ଼ାଇଥିଲା। ଦୀର୍ଘ ୨ ବର୍ଷ ତିନି ମାସର ପ୍ରଚେଷ୍ଟା ପରେ ରାଜେଶ ଚିକିତ୍ସାଳୟରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମାନବ ସେବା କ୍ଷେତ୍ରରେ ଇଜେଭି ଫାଉଣ୍ଡେସନର ଏପରି କାର୍ଯ୍ୟକୁ ସମଗ୍ର ଅଞ୍ଚଳର ପ୍ରଶଂଶା କରାଯାଉଛି।



## କିର୍ମିରା ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କିର୍ମିରା, ୧।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ଚାନ୍ଦଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କନିଷ୍ଠ କ୍ଲର୍କ ସମୀର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା ମୁଖ୍ୟ ଅତିଥି, ଏବିଇଓ ହରିନ୍ୟରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରିବା ସହ ପେନସନ କାଗଜ ଦେଇଥିଲେ। ଏଥିସହ ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇଥିବା ହିରନ୍ୟରୋହିଦାସଙ୍କୁ ମଧ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କର୍ମଚାରୀ ରମାକାନ୍ତ ଶବର, ରାଜେନ୍ଦ୍ର ସିଂ, ପ୍ରଦ୍ୟୁମ୍ନ ଦାସ, ରମାକାନ୍ତ ବୁଡା, ମୀତାରାନୀ ନାଏକ, ଛବିଲତା ସେଟ, ମନ୍ଦାକିନୀ ନାଏକଙ୍କ ସମେତ ରମଣ ଜାମୁଡୁଳିଆ, ଚକ୍ର ପରୁଆ ପୁଷ୍ପଗୁଚ୍ଛ, ଉପଢୌକନ ଦେଇଥିଲେ। ହିମଗିର ବ୍ଲକ ଶିକ୍ଷା ଅଧିକାରୀ କରୁଣାସାଗର ପଟେଲ, ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାଏକ ଉପସ୍ଥିତ ଥିଲେ। ଦିଲୀପ ମେହେର ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହର ଖେଳକୁଦ ପ୍ରତିଯୋଗିତା

**ଭାଗ ନେଲେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ**

**ଝାରସୁଗୁଡ଼ା, ୧।୧୧(ସମିସ):** ଝାରସୁଗୁଡ଼ା ବ୍ଲକ କ୍ରୀଡ଼ା ଏବଂ ଖେଳକୁଦ ସମୂହର ବ୍ଲକସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଶନିବାର ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅନିଲ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହକି ସଂଘର ଉପସଭାପତି ଜୀବନ ମହାନ୍ତି, ଝାରସୁଗୁଡ଼ା କ୍ରିକେଟ ସଂଘ ସଭାପତି ତଥା ଏକତାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଜ୍ୱଳ ପଟେଲ ଏବଂ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ବ୍ଲକ ଗୁଡ଼ିକରୁ ବିଭିନ୍ନ ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୫ ଜଣ ଖେଳାଳିଙ୍କ ଚୟନ ହୋଇଥିଲା। ଆଗାମୀ ଦିନରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିବେ ବୋଲି ଝାରସୁଗୁଡ଼ା ବ୍ଲକ ଖେଳକୁଦ ସଂଘ ସମ୍ପାଦକ ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ବ୍ଲକର ଶାରୀରିକ ଶିକ୍ଷା ଶିକ୍ଷକ ରବି ନାରାୟଣ ପୂଜାରୀ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ବେହେରା, ଟିକନାଥ ଖରସେଲ, ବିନୋଦ ଧୁରୁଆ, ଅନିଲ ବେହେରା ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମର ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ। ବ୍ଲକରୁ ମୋଟ ୪୦ ଜଣ ଶାରୀରିକ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶାରୀରିକ ଶିକ୍ଷା ଶିକ୍ଷକ ଶିବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା

**ଦେବଗଡ଼, ୧।୧୧(ସମିସ):** ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଶନିବାର ବିଜୁ ପଟ୍ଟନାୟକ ଅଡିଟୋରିୟମ ପରିସରରେ ଜିଲ୍ଲା ସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ସମ୍ମାନିତ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ଗୌଡ ଓ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ୪ଟି ପିଏମଶ୍ରୀ ବିଦ୍ୟାଳୟରୁ ଚୟନ ହୋଇ ଆସିଥିବା ୩୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଛାତ୍ରଛାତ୍ରୀଙ୍କୁ ୨ଟି ଦଳ ଯଥା ଶାସକ ଓ ବିରୋଧୀ ଦଳରେ ବିଭକ୍ତ କରାଯାଇ ପରିବେଶର ସମସ୍ୟାକୁ ନେଇ ତର୍କ ହୋଇଥିଲା। ସାମ୍ବାଦିକ ସିଦ୍ଧାର୍ଥ ଗୁରୁ ବାଚସ୍ପତି ଭୂମିକା ତୁଲାଇଥିଲେ। ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ସୁନୀଲ ଦାସ, ବୁଢ଼ାପାଳ ମହାବିଦ୍ୟାଳୟ ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରମୁଖ ବିଚାରକ ଦାୟିତ୍ୱ ବହନ କରିଥିଲେ। ପ୍ରତିଯୋଗିତାରୁ ପିଏମଶ୍ରୀ ଅପୂର୍ବ ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ଓ ପିଏମଶ୍ରୀ ଏମପିସିଏ ସେଣ୍ଟା ଛାତ୍ରୀ ଲିସିରାଣୀ ଧଳ ରାଜ୍ୟ ସ୍ତରୀୟ ଛାୟା ସଂସଦରେ ଭାଗ ନେବା ନିମନ୍ତେ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସୁନୀଲ ଦାସ, ଡ.ଭାରତ ଭୂଷଣ ନନ୍ଦ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସାମ୍ବାଦିକ ସଞ୍ଜୀବ ପାଣିଗ୍ରାହୀ, ଯୋଜନା ଓ ଶୈକ୍ଷିକ ତତ୍ତ୍ୱ ସଂଯୋଜକ ତପନ ସାହୁ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଟାଇଁସର ସିଆର୍‌ସିସି ଭେନସ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ଝରଣା ବେହେରା, ଦୀପିକା ମିଶ୍ର, ଶଶାଙ୍କ ଚୌଧୁରୀ, ପୌରାଞ୍ଚଳ ସିଆର୍‌ସିସି ଚୂଡାମଣି ସାହୁ, ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ, ସୌମିତ୍ରୀ ମହାପାତ୍ର, ମନ୍ଦାକିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ସାଇବର କ୍ରାଇମ ଉପରେ ସଚେତନତା ନାଟକ

**ଝାରସୁଗୁଡ଼ା, ୧।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ଅଞ୍ଚଳରେ କରାଯାଉଛି। ଝାରସୁଗୁଡ଼ାର ସୃଜନୀ ପରିବାରର ଶଙ୍କର ପୋଡଙ୍କ ରଚିତ ଓ ଗଙ୍ଗାଧର ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ପଥପ୍ରାନ୍ତ ନାଟକ 'ଆମେ ବି ଡିଜିଟାଲ ମୁରୁଖ' ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ହେଉଛି। ଝାରସୁଗୁଡ଼ା ଜିଲ୍ଲା ଡିଏସପି ଜୋସ୍ନାରାଣୀ ପ୍ରଧାନ ଏବଂ ସାଇବର ଥାନାଧିକାରୀ ବନ୍ଦନା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସ୍ଥାନୀୟ ଥାନାଧିକାରୀ ମାନଙ୍କ ଉପସ୍ଥିତିରେ ସଚେତନତା କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲୁଛି। ପ୍ରମୋଦ ମେହେର, ଲୀନା ଚାନ୍ଦ, ଶଶୀଭୂଷଣ ତିୱାରୀ, ପ୍ରତିମା ବାଗ, ପ୍ରତିଭା ସିଂହ, ଗଙ୍ଗାଧର ବେହେରା, ଗୋପାଳ ସିଂ, ଶଙ୍କର ପୋଡ, ଗଙ୍ଗାଧର ବେହେରା ପ୍ରମୁଖ କଳାକାର ନାଟକରେ ବିଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି। ତାଛଡା ପୋଲିସ କର୍ମଚାରୀ ଦେବେନ୍ଦ୍ର ପଶାୟତଙ୍କ ପ୍ରସ୍ତୁତ ସାଇବର ସଚେତନତା ଗୀତରେ ପାୟଲ ନେଟି, ଗାୟତ୍ରୀ କିସାନ, ଦୀପ୍ତୀ ପ୍ରଧାନ ଓ ପ୍ରେରଣା ମାଳି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ।

**ବେଲପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତା**

## କେରୁଆଲବାହାଲ ଓ ଶାନ୍ତିନଗର ଫାଇନାଲରେ




**ଝାରସୁଗୁଡ଼ା, ୧।୧୧(ସମିସ):** ଗୁମାଡେରା ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ବେଲପାହାଡ଼ କପ୍ ଫୁଟବଲ୍-୨୦୨୫ର ଫାଇନାଲରେ କେରୁଆଲବାହାଲ ଓ ଶାନ୍ତିନଗର ଦଳ ପ୍ରବେଶ କରିଛି। ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ତୃତୀୟ ବେଲପାହାଡ଼ କପ ଫୁଟବଲ ଶନିବାର ୮ମ ଦିନରେ ପହଞ୍ଚିଛି। ଆଜିର ପ୍ରଥମ ସେମିଫାଇନାଲ ଖେଳ କେରୁଆଲବାହାଲ ଓ ବେଲପାହାଡ ମିର୍ଦ୍ଧାଡେରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେରୁଆଲବାହାଲ ଦଳ ୧-୦ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ ଝାରସୁଗୁଡ଼ା ଶାନ୍ତିନଗର ଓ ବେଲପାହାଡ କିଶାନ ବ୍ରଦର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତିନଗର ଦଳ ୨-୦ ଗୋଲରେ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ କେ.ଜଗନ୍ନାଥ ରାଓ, ବେଲପାହାଡ ରେଞ୍ଜର ପ୍ରଦୀପ ନାଏକ, ଜିଲ୍ଲା ଫୁଟବଲ୍ ସଂଘର ସମ୍ପାଦକ ସୁଶାନ୍ତ ମାଳି, କ୍ରୀଡାପ୍ରେମୀ ଅଜିତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତାକାଲି ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ଅୱଦ ପାଣ୍ଡେଙ୍କୁ ଶ୍ରେଷ୍ଠ ଜିଏମ୍ ପୁରସ୍କାର

**ଇବଥର୍ମାଲ, ୧।୧୧ (ସମିସ):** ଏମସିଏଲ୍ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ ପାଣ୍ଡେଙ୍କୁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ଚଳିତଥର ବେଷ୍ଟ ଏରିଆ ଜିଏମ୍ ପୁରସ୍କାର ପ୍ରଦାନ କରାଯାଇଛି। କଲିକତା ସ୍ଥିତ କୋଲ୍ ଇଣ୍ଡିଆ ଲିମିଟେଡ କାର୍ଯ୍ୟଳୟ ଠାରେ ୫୧ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ପାଣ୍ଡେଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ପାଣ୍ଡେ ଲଖନପୁର ଏରିଆ ଜିଏମ୍ ହୋଇ ଆସିବା ପୂର୍ବରୁ ବ୍ରଜରାଜନଗର ଇବଭ୍ୟାଲି ଏରିଆ ଜିଏମ୍ ଭାବେ ୪ ମଇ ୨୦୨୫ ପର୍ଯ୍ୟନ୍ତ କାମ କରିଛନ୍ତି। ଚଳିତ ଥର ୨୦୨୪-୨୫ ସକାଶେ ଇବ ଭ୍ୟାଲି କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଦାୟିତ୍ୱ ସେ ଦକ୍ଷତାର ସହ ତୁଲାଇଥିବା ପ୍ରଶଂସାପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପୁରସ୍କାର ତାଙ୍କୁ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପିଏମ୍ ପ୍ରସାଦ ଓ ପୂର୍ବତନ ଅଧ୍ୟକ୍ଷ ଗୋପାଳ ସିଂହ ପ୍ରଦାନ କରିଥିଲେ।



**ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ଆର୍‌ବିଡି ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ବିଜୟୀ



**ଦେବଗଡ଼, ୧।୧୧(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ୨ଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଜା ବାସୁଦେବ ହାଇସ୍କୁଲ୍ ଦେବଗଡ଼ ବନାମ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତିଲେଇବଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତିଲେଇବଣି ଦଳକୁ ୧୧ ରନ୍‌ରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ୍ ଦେବଗଡ଼ ଫାଇନାଲରେ ପ୍ରବେଶ କରିଛି। ତିଲେଇବଣି ଦଳ ଟସ ଜିତି ପ୍ରଥମେ ଦେବଗଡ଼ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦେବଗଡ଼ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୮୫ ରନ୍ କରିଥିଲା। ଦଳ ପକ୍ଷରୁ ନିଖିଲ୍ ନାଏକ ୧୮, ସଂଗ୍ରାମ ଭୁକ୍ତା ଓ ରିତେଶ ପାତ୍ର ୧୫ ରନ୍ କରିଥିଲେ। ତିଲେଇବଣି ଦଳର ସୁଚୁନ ଯାଦବ ୪ଟି ଓ ଓମ୍ ପ୍ରଧାନ ୩ଟି ୱିକେଟ୍ ନେଇଥିଲେ। ଜବାବରେ ତିଲେଇବଣି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯.୩ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୭୪ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ମହାକୁଳ ୨୨ ଓ ଚିକୁ ପ୍ରଧାନ ୧୬ ରନ୍ କରିଥିବା ବେଳେ ଦେବଗଡ଼ ଦଳର ସମୀର ବେହେରା ୪ ୱିକେଟ୍ ନେଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ବନାମ କଲା ହାଇସ୍କୁଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଲା ଦଳକୁ ୪୮ରନ୍‌ରେ ପରାସ୍ତ କରି ବୁଢ଼ାପାଳ ଫାଇନାଲରେ ପ୍ରବେଶ କରିଛି। କଲା ଦଳ ଟସ ଜିତି ବୁଢ଼ାପାଳ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବୁଢ଼ାପାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୧୯୩ ରନ କରିଥିଲା। ଦଳ ପକ୍ଷରୁ ଆକାଶ ସାହୁ ଓ ଜୀବନ ବେହେରା ୪୦, ମୀତେଶ ଥାପା ୩୧ ରନ୍ କରିଥିଲେ। କଲା ଦଳର ସୌମ୍ୟରଞ୍ଜନ ପାତ୍ର, ଶୁଭମ୍ ପରିଡ଼ା ଓ ଶଙ୍କର ବେହେରା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହାର ଜବାବରେ କଲା ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୪୫ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ପାତ୍ର ୫୦ ଓ ରିତେଶ ବେହେରା ୨୫ ରନ୍ କରିଥିଲେ। ବୁଢ଼ାପାଳ ଦଳର ହରେକୃଷ୍ଣ ପାତ୍ର ୩ ଟି ୱିକେଟ୍ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଭାବେ ମିଥଲେସ ପ୍ରସାଦ ଓ ରାଜାରାଣା ପରିଚାଳନା କରିଥିଲେ। ରମି ନାୟକ ଓ ରିତିକ୍ ଦେହୁରୀ ସ୍କୋରର ଓ ବେଣୁଧର ଗଡ଼ନାୟକ୍ ଧାରାବିବରଣୀ ପ୍ରଦାନ କରିଥିଲେ।

## ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର



**ଝାରସୁଗୁଡ଼ା, ୧।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପତଞ୍ଜଳି ଯୋଗ ସମିତି ପରିବାର ପକ୍ଷରୁ ବ୍ରଜରାଜନଗରର ବିଭିନ୍ନ ବିଦ୍ୟାଳୟରେ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପତଞ୍ଜଳି ଯୋଗ ସମିତି ପରିବାରର ଝାରସୁଗୁଡ଼ା ଜିଲ୍ଲା ପ୍ରଭାରୀ ବବନ ସିଂଙ୍କ ନିର୍ଦ୍ଦେଶରେ ଜିଲ୍ଲା ମିଡିଆ ପ୍ରଭାରୀ ରଞ୍ଜନ ସିଂଙ୍କ ନେତୃତ୍ୱରେ ବ୍ରଜରାଜନଗର ଅଞ୍ଚଳରେ ଥିବା ୧୦ଟି ବିଦ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା। ଓରିଏଣ୍ଟ କୋଲିଆରୀ ହାଇସ୍କୁଲ, ବୁନ୍ଦିଆ କଲୋନୀ ଏନ୍‌ଏସି ବାଳିକା ବିଦ୍ୟାଳୟ, ଲାଲା ଲାଜପତରାୟ ବିଦ୍ୟାଳୟ, ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟ ବାଳକ ଓ ପ୍ରାଥମିକ ଓ ଲମଟିବାହାଲ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ, ରାମପୁର କୋଲିଆରୀ ହାଇସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ କିପରି ଯୋଗ ଦ୍ୱାରା ଶରୀର ସୁସ୍ଥ ରଖିପାରିବେ ଏବଂ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଗ୍ରହଣ ଉପରେ ପ୍ରଶିକ୍ଷକ ପରାମର୍ଶ ଦେଇଥିଲେ। ଯୋଗ ଶିକ୍ଷକ ରଞ୍ଜନ ସିଂ, ପ୍ରଶାନ୍ତ ପାଲଟା ସିଂହ, ଅଭୟ ଜାଜୁ, ଶ୍ରିକାନ୍ତ ମହାପାତ୍ର, ଓମପ୍ରକାଶ ସିଂ, ଅବିନାଶ ଜାଜୁ, ବିଜନ ଚକ୍ରବର୍ତ୍ତୀ, ମହିଳା ଜିଲ୍ଲା ପ୍ରଭାରୀ ଯୋଗ ଶିକ୍ଷକ ସୁଷମା ମହାପାତ୍ର, ବର୍ଷା ସାହା, ମୁଷକାନ ଗୁପ୍ତା, ସସ୍ମିତା ନାୟକ, ସଙ୍ଗିତାରୁଙ୍ଗଟା, ରୋହିଣୀ ମହାନନ୍ଦ, ସରମିଷ୍ଠା ନାୟକ, ବିଭା ଗୁପ୍ତା, ନିଳମ ପ୍ରସାଦ, ଜୟା ଚକ୍ରବର୍ତ୍ତୀ, କନକ ପୂଜାରୀ ପ୍ରମୁଖ ଯୋଗ ପ୍ରଶିକ୍ଷଣ ଦେଇଥିଲେ।

## ସ୍ୱାସ୍ଥ୍ୟ ବ୍ୟବସ୍ଥାର ନଗ୍ନଚିତ୍ର

# ଆମ୍ବୁଲାନ୍ସକୁ ଟାଣୁଛି ପିକ୍ଅପ୍

କୁଚିଣ୍ଡା, ୧।୧୧(ସମିସ)



କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ମାଗଣାରେ ନେବା ଆଣିବା ପାଇଁ ତତ୍କାଳୀନ ନବୀନ ସରକାର ସମୟରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଗୋଟିଏ ୧୦୮ ଆମ୍ବୁଲାନ୍ସ ଦିଆଯାଇଥିଲା। ପୂର୍ବ ସରକାର ଚାଲିଗଲା ଏବଂ ନୂତନ ସରକାର ଦାୟିତ୍ୱ ନେବାପରେ ପରେ ଆମ୍ବୁଲାନ୍ସର କେତେବେଳେ ଷ୍ଟିଆରିଂ ଜାମ ତ ଆଉ କେତେବେଳେ ବ୍ରେକଡାଉନ୍ ହୋଇ ବିଭିନ୍ନ ସମୟରେ ଅଟକି ଯାଉଥିଲା। ରୋଗୀ ବଡ଼କଷ୍ଟରେ ଉକ୍ତ ଆମ୍ବୁଲାନ୍ସରେ ଭାଗ୍ୟ କୁ ଆଦରି ଯାତାୟାତ କରୁଥିଲେ ହେଲେ ଆମ୍ବୁଲାନ୍ସ ବର୍ତ୍ତମାନ ଖରାପ ହୋଇ ଚାଲିବା ସ୍ଥିତିରେ ଆଉ ନାହିଁ। ଶନିବାର କୁଚିଣ୍ଡା ଡାକ୍ତରଖାନାରୁ ବଡ଼ କଷ୍ଟରେ ଏକ ପିକ୍ଅପ୍ ଗାଡ଼ି ସାହାଯ୍ୟରେ ଟାଣିଟାଣି ସମ୍ବଲପୁରକୁ ମରାମତି ପାଇଁ ନିଆଯାଇଛି। ଏବେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଆମ୍ବୁଲାନ୍ସ ଶୂନ୍ୟ, ବାହାର ଡାକ୍ତରଖାନାର ବ୍ୟବହାର ଥିବା ଆମ୍ବୁଲାନ୍ସ ଉପରେ ଭରସା। ଡାକ୍ତରଖାନାରେ ଆଉ ଗୋଟିଏ ୧୦୮ ଅଛି, ହେଲେ ଉକ୍ତ ୧୦୮ ଟି ପ୍ରସୁତି ମହିଳାଙ୍କ ପାଇଁ ସର୍ବଦା ବ୍ୟବହାର ଆସୁଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣକରି ତୁରନ୍ତ କୁଚିଣ୍ଡା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇ ଦେବାପାଇଁ ଜନସାଧାରଣରେ ଦାବି ହେଉଛି।

# ଉପଜିଲ୍ଲାପାଳଙ୍କ ଗୋଡ଼ଭଗା ମଣ୍ଡି ପରିଦର୍ଶନ

**ଅତାବିରା, ୧।୧୧(ସମିସ):** ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ଗୋଡ଼ଭଗା ମଣ୍ଡିରେ ନିର୍ମାଣାଧିନ ପିଣ୍ଡି (କଭର ସେଡ୍)ରେ ଅନିୟମିତତା ଅଭିଯୋଗ ହୋଇଛି।



ଏହାର ଅନୁସନ୍ଧାନ କରିବା ପାଇଁ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଶୁକ୍ରବାର ଅପରାହ୍ଣରେ ଘଟଣାସ୍ଥଳକୁ ଆସି ଯାଞ୍ଚ କରିଛନ୍ତି। ଏହି ଅବସରରେ ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଗୋଡ଼ଭଗା ମଣ୍ଡିରେ ଦୀର୍ଘ ଦିନ ହେଲା ମନ୍ଥର ଗତିରେ ଅଳ୍ପ ଶ୍ରମିକ ନେଇ କାମ ଚାଲିଛି। ମଣ୍ଡି କଭର୍ ସେଡ୍ କାମ ଚାଲିଛି କିନ୍ତୁ ଶେଷ ହେବାର ନା ନାହିଁ। କୃଷକ ସଂଗଠନ ପକ୍ଷରୁ 'ମୋନ୍ଥା' ବାତ୍ୟା ଜନିତ କ୍ଷତିପୂରଣ ଦେବାକୁ ଦାବିପତ୍ର ନେଇ ଗତକାଲି ମଧ୍ୟ ତହସିଲଦାରଙ୍କ ସହ ଆଲୋଚନା ସମୟରେ ଏହାକୁ ନେଇ ଚାଷୀ ପ୍ରଶ୍ନ କରିଥିଲେ। ଘଟଣାର ତଦନ୍ତ କରିବା ପାଇଁ ଉପଜିଲ୍ଲାପାଳ ଗୋଡ଼ଭଗା ଆସି ଅଭିଯୋଗ ଶୁଣିଥିଲେ। ସମ୍ପୃକ୍ତ ଯନ୍ତ୍ରୀଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାର୍କେଟ୍ ଖୋଲିବା ପୂର୍ବରୁ ସମସ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ କହିଥିଲେ। ଚାଷୀଙ୍କ ଆଲୋଚନା ବେଳେ ଭିତ୍ତିଭୂମିର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ, ଧାନ ଯେପରି ନ ଭିଜିବ ସେ ଦିଗରେ କାମ କରାଯିବ ବୋଲି କହିଥିଲେ। ଧାନ ସଂଗ୍ରହରେ ଶୀଘ୍ର ଡିସପୋଜାଲ କରିବାକୁ ଚାଷୀ ଦାବି କରିଥିଲେ। ଉପଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କର, ବୁଦ୍ଧଦେବ ନନ୍ଦ, ଭୁବନ ପ୍ରଧାନ, କେରାମ ବାବୁ, ନରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ମଲ୍ଲିକ, କୁବେର ପ୍ରଧାନ, କୁଳମଣି ପ୍ରଧାନ, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଂରକ୍ଷିତ ଜଙ୍ଗଲରୁ ବି କଟୁଛି ଗଛ

**ଦହିତା, ୧।୧୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ରେଞ୍ଜ ଅଧୀନ ଲେନ୍ଦ୍ରାପାଲି ବିଟ ବୁଢ଼ାଡ଼ୁଙ୍ଗର ପିଆରଏଫ ଜଙ୍ଗଲରେ ଶହ ଶହ କେନ୍ଦୁ ଗଛ ଅବାଧରେ ଦୁର୍ବୃତ୍ତ କାଟି ନେଉଛନ୍ତି। ମାତ୍ର ବନ ବିଭାଗ ନିଦାବିଷ୍ଣୁ ସାଜିଛି। ଦିନରାତି ପାଟ୍ରୋଲିଂ କରୁଥିବା କଥା କହୁଥିବା ବନ ବିଭାଗ ଗଛ କଟା ସମ୍ବନ୍ଧରେ ଜାଣି ନ ପାରିବା ବିଡମ୍ବନାର ବିଷୟ। ବନ ବିଭାଗର କର୍ମଚାରୀଙ୍କ କଡା ପାଟ୍ରୋଲିଂ ସତ୍ତ୍ୱେ ଦୁର୍ବୃତ୍ତ ମାନେ କେମିତି ଗଛ କାଟି ନେଉଛନ୍ତି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ଯଥାଶୀଘ୍ର ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ଲେନ୍ଦ୍ରାପାଲି, ଭଏଁରାଡେରା, ଆମ୍ବଦହନ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ରାଧାକୃଷ୍ଣ ଜୀଉଙ୍କ କଳସ ଯାତ୍ରା

**ରେଢ଼ାଖୋଲ, ୧।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅଧୀନ ୱାର୍ଡ ନଂ ୦୯ କଳିନ୍ଦରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ପାଞ୍ଚ ଦିନ ଧରି ଚାଲିଥିବା ଶରତୋତ୍ସବର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମନ୍ଦିରରେ ପାଞ୍ଚ ଦିନ ଧରି ବିଦ୍ଧବିଦ୍ଧ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋମଯଜ୍ଞ କରାଯିବ। ଏଥିରେ କର୍ତ୍ତା ଭାବରେ ସ୍ୱାଧୀନ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ରିଚି ସାହୁ ନିର୍ବାହ କରିଥିବାବେଳେ ପୂଜକ ଭାବରେ ରୁଦ୍ରନାରାୟଣ ନନ୍ଦ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ପ୍ରଥମେ ପାରାୟଣ କାର୍ଯ୍ୟକ୍ରମ ହୋଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ଆଗକୁ ଅନୁଷ୍ଠିତ ହେବାକୁ ଯାଉଛି। ରାଧାକୃଷ୍ଣ ସାଂସ୍କୃତିକ ସଂସଦ ପକ୍ଷରୁ ସଭାପତି ଶିବପ୍ରସାଦ ପ୍ରଧାନ, କାର୍ଯ୍ୟକାରୀ ସଭାପତି ତରୁଣ କୁମାର ମହାନ୍ତି, ସମ୍ପାଦକ ଅଲେଖ ନନ୍ଦ ପ୍ରଧାନ, ଶରତ ଚନ୍ଦ୍ର ନାୟକ, ହରେକୃଷ୍ଣ ପ୍ରଧାନ, ଆଲୋକ ମହାରଣା, ସରୋଜ କୁମାର ସାହୁ, ସୁବ୍ରତ ହୋତା, ପ୍ରତାପ ଚନ୍ଦ୍ର ସାହୁ, ସିଦ୍ଧାର୍ଥ ବିଶ୍ୱାଳ, ନରେନ୍ ମଲ୍ଲିକ, ପଞ୍ଚାନନ ପ୍ରଧାନ, ହରିସାହୁ ପ୍ରମୁଖଙ୍କ ସମେତ ବିଶେଷ କରି ପୂର୍ବତନ କାଉନସିଲ ଲକ୍ଷ୍ମଣ ପ୍ରଧାନ, ବର୍ତ୍ତମାନ କାଉନସିଲ ତପସ୍ୱିନୀ ମହାକୁଡ଼, ଅମରେଶ ନାଏକ ସହଯୋଗ କରିଥିଲେ।

# ବିଜେଡି ପାଇଁ ଦେବେଶଙ୍କ ନୂଆପଡ଼ାରେ ମାରାଥନ ପ୍ରଚାର



**ବରଗଡ଼, ୧।୧୧(ସମିସ):** ସମ୍ପ୍ରତି ନୂଆପଡ଼ା ଉପ ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ପ୍ରଚାର ଜୋର୍‌ରେ ଚଳାଇଥିବା ବେଳେ ନୂଆପଡ଼ା ଏନ୍ଏସିରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମାରାଥନ ପ୍ରଚାର କରୁଛନ୍ତି। ଘରକୁ ଘର ଯାଇ ପ୍ରତି ଭୋଟରଙ୍କୁ ଭେଟୁଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଛନ୍ତି। ଏହାସହ ବିଜେପି ସରକାରର ଅପାରଗତାକୁ ଲୋକଙ୍କୁ ବୁଝାଉଛନ୍ତି। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସମର୍ଥନ ଦେବା ପାଇଁ ଦେବେଶ ଭୋଟର ମାନଙ୍କୁ ନିବେଦନ କରୁଥିବା ଦେଖାଦେଇଛି। ପଶ୍ଚିମ ଓଡ଼ିଶାରେ ଆଚାର୍ଯ୍ୟ ପରିବାରର ବେଶ୍ ପତିଆରା ରହିଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡିର ଅନ୍ୟ ନେତୃ ମଣ୍ଡଳୀଙ୍କ ସମେତ ଦେବେଶ ଆଚାର୍ଯ୍ୟଙ୍କୁ ଏନ୍ଏସିର ପ୍ରଚାର ଦାୟିତ୍ୱ ପ୍ରଦାନ କରିଛନ୍ତି।

# ସାଇନିଂ ଷ୍ଟାର୍ ଆବାସିକ ପ୍ରଶିକ୍ଷଣ ଶିବିର

**ବରଗଡ଼, ୧।୧୧(ସମିସ):** ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୪୪ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଭଟଲି ବ୍ଲକ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇନିଂଷ୍ଟାର୍ ଆବାସିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଏହାର ସଂଯୋଜନା କରୁଛନ୍ତି। ବେସ୍ ଲାଇନ୍ ଟେଷ୍ଟରେ ଯୋଗ୍ୟ ବିବେଚିତ ସମସ୍ତ ଛାତ୍ରଛାତ୍ରୀ ଦୀର୍ଘ ୩ ଦିନ ଧରି ଆବାସିକ ପ୍ରଶିକ୍ଷଣ ନେବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିର ପରିଚାଳନା ପାଇଁ ବିଭିନ୍ନ ବିଷୟରେ ଦକ୍ଷତା ଥିବା ଜିଲ୍ଲାର ୬୫ ଜଣ ଅଭିଜ୍ଞ ସାଧନକର୍ମୀ ଶିକ୍ଷାଦାନ କରୁଛନ୍ତି। ତେବେ ଛାତ୍ରଛାତ୍ରୀଙ୍କ ମନ ଭିତରେ ରହିଥିବା କଠିନ ପ୍ରଶ୍ନ ଗୁଡିକୁ ଏହି ଶିବିରରେ ସମାଧାନ କରାଯିବାର ସ୍ୱତନ୍ତ୍ର 'ସନ୍ଦେହ ମୋଚନ' କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମ ପରିଚାଳନାରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଅଧ୍ୟାପକ ରବି ନାରାୟଣ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରୁଛନ୍ତି।

# ପଶ୍ଚିମସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ବୈଠକ




**ହୀରାକୁଦ, ୧।୧୧(ସମିସ):** ହୀରାକୁଦ ସରସ୍ୱତୀ ଶିଶୁମନ୍ଦିରରେ ଦୁଇ ଦିନିଆ ପଶ୍ଚିମ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକର ମୁଖ୍ୟ ଅତିଥି ଭାବରେ ହିଣ୍ଡାଲକୋର ସିଏସଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଯୋଗଦେଇ ଆମ ସଂସ୍କୃତିକୁ ଶିଶୁମନ୍ଦିର କିପରି ଆଗକୁ ନେଉଛି ତା ଉପରେ ଧାରଣା ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ସରୋଜ କୁମାର ହାତୀ ଆମ ଭାରତୀୟ ସଂସ୍କୃତି କିଭଳି ବହୁ ପୂର୍ବରୁ ଉନ୍ନତ ତାହା ଉପରେ ଧାରଣା ଦେଇଥିଲେ। ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ସର୍ବ ବ୍ୟବସ୍ଥା ପ୍ରମୁଖ ରହିଛନ୍ତି। ପ୍ରାନ୍ତପୂର୍ବ ଛାତ୍ର ସଂଯୋଜକ ଦେବେନ୍ଦ୍ର ପଟ୍ଟନାୟକ, ପ୍ରାନ୍ତ ସଂସାର କେନ୍ଦ୍ର ସଂଯୋଜକ ନରୋତ୍ତମ ମିଶ୍ର, ସମ୍ଭାଗ ଶିଶୁ ବାଟିକା ସଂଯୋଜକ ଲୋକନାଥ ମିଶ୍ର, ସମ୍ବଲପୁର ସହ ବିଭାଗ ନିରୀକ୍ଷକ ପ୍ରଦୀପ ସାହୁ, ବରଗଡ଼ ବିଭାଗ ନିରୀକ୍ଷକ ଗୁପ୍ତେଶ୍ୱର ଥନାପତି ଉପସ୍ଥିତ ଥିଲେ। ରାଉରକେଲା ବିଭାଗ ନିରୀକ୍ଷକ ଦୀନବନ୍ଧୁ ଦାଶ, ଗୁରୁଜୀ ଦେବରାଜ ତ୍ରିପାଠୀ ବୌଦ୍ଧିକ ପରିଚାଳନା କରିଥିଲେ। ବୈଠକରେ ପଶ୍ଚିମ ସମ୍ଭାଗର ୧୦୮ ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଛନ୍ତି।

# ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସମ୍ବଲପୁର, ୧।୧୧(ସମିସ):** ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସାମ୍ବାଦିକ ଭବନରେ ଅବସରପ୍ରାପ୍ତ ହୀରାକୁଦ ନଦୀବନ୍ଧ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ସୁଧୀର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପରିଷଦ ଅଧ୍ୟକ୍ଷ ନିହାଲ ସିଂ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁରଲୀଧର ନାଏକ, ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ମାନିତ ଅତିଥି ଭାବେ ସେବା ସାମାଜିକ ଅନୁଷ୍ଠାନ ସଭାପତି ଦୀପକ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ଶିବ ଶଙ୍କର ପ୍ରଧାନ ଓ ମହାସଚିବ ଦେବ ଦୁଲାଲ ବକ୍ସି ପରିଚାଳନା କରିଥିଲେ। ଶେଷରେ ଉପାଧ୍ୟକ୍ଷା ମମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।










# ବିକାଶ ନର୍ସିଂ କଲେଜରେ 'ଜେନେସିସ-୨୦୨୫' ସମାରୋହ




**ବରଗଡ଼, ୧।୧୧(ସମିସ):** ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜରେ ୪ଦିନ ଧରି ନୂତନ ବର୍ଷର ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟ ସମାରୋହ 'ଜେନେସିସ-୨୦୨୫' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଏସସି ନର୍ସିଂ, ଜିଏନ୍ଏମ୍, ଏଏନ୍ଏମ୍, ଡିଏମ୍ଆର୍ଟି, ଡିଏମ୍ଏଲ୍ଟିର ସମସ୍ତ ଛାତ୍ରଛାତ୍ରୀଙ୍କର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ମୁଖ୍ୟ ପ୍ରଶାସକ ଅଜୟ ମହାପାତ୍ର, ଆଇନ ପରାମର୍ଶଦାତା ପିକେ ଦାଶ, ଡିନ୍ ଆର୍.ଏସ୍.ଭି. କ୍ରିଷ୍ଣା, ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ଡାକ୍ତରୀ ନିର୍ଦ୍ଦେଶକ ଡ.ହିମାଂଶୁ ଶେଖର ମିଶ୍ର, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ନର୍ସିଂ ଅଧିକ୍ଷିକା ମମତା ମଲ୍ଲିକ, ଏଚ୍.ଆର୍. ଦେବଜାନୀ ଦାସ ଏବଂ ନର୍ସିଂ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ନର୍ସିଂ ବୃତ୍ତିର ମହତ୍ୱ ଏବଂ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଅଧିବେଶନ ମାଧ୍ୟମରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲର ପରିଦର୍ଶନ କରାଯାଇଥିଲା।

# ଅବସର ଦିନ ଶିକ୍ଷକଙ୍କୁ ମିଳିଲା ପେନସନ

**ଅମ୍ବାଭୋନା, ୧।୧୧ (ସମିସ):** ଅମ୍ବାଭୋନା ବ୍ଲକ ଅଧୀନ କଣ୍ଡପଲା ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ସୂପକାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଅବସର ଗ୍ରହଣ ଦିନ ହିଁ ତାଙ୍କୁ ପେନସନ ପ୍ରଦାନ କରାଯାଇଛି। ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର ଆମ୍ବାଭୋନା ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କ ଉଦ୍ୟମରେ ଅବସର ଗ୍ରହଣ ଦିନ ହିଁ ଶ୍ରୀ ସୂପକାରଙ୍କୁ ଫାଇନାଲ ପେନସନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକର ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ ବିଦାୟୀ ଶିକ୍ଷକ ଶ୍ରୀ ସୂପକାରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଇଞ୍ଜିନିୟରିଂ ଦଳ ଚାମ୍ପିଅନ

ସମ୍ବଲପୁର, ୧।୧୧ (ସମିସ)




ସମ୍ବଲପୁରର ରେଳବାଇ ଷ୍ଟାଡିୟମରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର (ଇକୋଆର୍ଏସ୍ଏ) ପକ୍ଷରୁ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା-୨୦୨୫ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମ୍ବଲପୁରର ମଣ୍ଡଳ ରେଳପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁର ଅଧ୍ୟକ୍ଷା ବିନ୍ଦୁ ଚୌଧୁରୀ ଓ ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଚୌଧୁରୀ ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ା ଏବଂ ଶାରୀରିକ ସୁସ୍ଥତାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଇଞ୍ଜିନିୟରିଂ ଦଳ ଏବଂ ଇଲେକ୍ଟ୍ରିକାଲ୍ (ଓପି) ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଇଞ୍ଜିନିୟରିଂ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସରୋଜ ପ୍ରଧାନ (ଇଞ୍ଜିନିୟରିଂ ଦଳ), ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ରିକି ଟପ୍ପୋ (ଇଲେକ୍ଟ୍ରିକାଲ୍ (ଓପି) ଦଳ), ଶ୍ରେଷ୍ଠ ଡିଫେଣ୍ଡର ଭାବେ ରଞ୍ଜିତ ସ୍ୱାଇଁ (ପରିଚାଳନା ଦଳ) ଏବଂ ଶ୍ରେଷ୍ଠ ଗୋଲ କିପର ଭାବେ ପ୍ରମୋଦ ପାଣିଗ୍ରାହୀ (ଇଞ୍ଜିନିୟରିଂ ଦଳ) ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ। ମହିଳା କଲ୍ୟାଣ ସଂଗଠନର ସଦସ୍ୟା, ଅଧିକାରୀ, କର୍ମଚାରୀ ଏବଂ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୩ରେ ମାନେଶ୍ୱର ଅଞ୍ଚଳରେ ବିଦ୍ୟୁତ୍ କଟକଣା

**ସମ୍ବଲପୁର, ୧।୧୧(ସମିସ):**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ମାନେଶ୍ୱର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାଦସହିର, ଭାମା, ବାରଙ୍ଗମାଲ, ହିରୋ, ଜୟନ୍ତପୁର, ଝାଙ୍କରପାଲି, ମାନେଶ୍ୱର, ପଡ଼ିଆବାହାଲ, ତାଲପାଲି ତଥା ଏହାର ଆଖାପାଖ ଅଞ୍ଚଳରେ ଆସନ୍ତା ସୋମବାର ଅର୍ଥାତ ୩ ତାରିଖ ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

## ନିଖୋଜ ଯୁବକଙ୍କ ଶବ ମିଳିଲା

**ସମ୍ବଲପୁର, ୧।୧୧ (ସମିସ) :** ଗତ ୩୦ ତାରିଖ ମହାନଦୀକୁ ମାଛ ମାରିବାକୁ ଯାଇ ନିଖୋଜ ହୋଇଯାଇଥିବା ଯୁବକଙ୍କ ଶବ ତଳମୁଣ୍ଡରେ ଭାସିବାପରେ ପୁଲିସ ଉଦ୍ଧାର କରିଛି।ଆଜି ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସମ୍ବଲପୁର ସହର ଉପକଣ୍ଠସ୍ଥ ବୁର୍ଲା ଥାନା ଚିପିଲିମା ଫାଣ୍ଡି କର୍ଡୋଲା ଗ୍ରାମର ଜଣେ ଯୁବକ ବାଦଲ ସେଠ (୨୫) ଗତ ଅକ୍ଟୋବର ୩୦ ତାରିଖ ଅପରାହ୍ଣ ପ୍ରାୟ ୪ଟା ସମୟରେ ତାଙ୍କ ବାପାଙ୍କ ସହ ଏକ ଛୋଟ ଡଙ୍ଗାରେ ମହାନଦୀ ସୂର୍ଯ୍ୟଞ୍ଜି ନାଳ ଘାଟକୁ ଜାଲ ଧରି ମାଛ ମାରିବାକୁ ଯାଇଥିଲେ। ଜାଲଟି ଏକ ବଡ଼ ପଥରରେ ଲାଖିଯିବାରୁ ବାଦଲ ଡଙ୍ଗାରୁ ଓହ୍ଲାଇ ପାଣି ଭିତରକୁ ଦେଖିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ବୁର୍ଲା ଦମକଳ ବାହିନୀ ପକ୍ଷରୁ ସେହିଦିନ ରାତି ହୋଇଯାଇଥିବାରୁ ଖୋଜା ଯାଇନଥିଲା। ଗତକାଲି ଉକ୍ତ ସ୍ଥାନ ଓ ତଳମୁଣ୍ଡରେ ବହୁତ ଖୋଜାଖୋଜି କରାଯାଇଥିଲେ ହେଁ ମିଳିନଥିଲା। ଆଜି ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଶବ ଉଦ୍ଧାର କରିଥିବାବେଳେ ବୁର୍ଲା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ହିଟ୍ ଆଣ୍ଡ ରନ ଘଟଣାରେ ଚାଳକ ଗିରଫ

**ସମ୍ବଲପୁର, ୧।୧୧(ସମିସ):**ଚାଉଁରପୁର ବ୍ରିଜ ନିକଟରେ ଗତକାଲି ହିଟ ଆଣ୍ଡ ରନ ମାମଲରେ ଅଭିଯୁକ୍ତ କାର ଚାଳକକୁ ବୁର୍ଲା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଧନୁପାଲି ଥାନା ମାୟାବଗିଚାର ସାୟଦ ସୟୋବ ଅଲି(୨୫)। ଏହା ସହ ଦୁର୍ଘଟଣା ଘଟାଇଥିବା କାର(ଓଡି୧୭ଏଡି୯୯୯୨)କୁ ମଧ ଜବତ କରିଛି। ସୂଚନା ଅନୁସାରେ ଗତକାଲି ବୈଦନାଥ ଛକ ନିବାସୀ ସ୍ୱାତୀ ଅଗ୍ରୱାଲଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପ୍ରତିଦିନ ପରି ସେ ସନ୍ଧ୍ୟାରେ ଚାଲିବାକୁ ଚାଉଁରପୁର ବ୍ରିଜ ଆଡକୁ ଯାଇଥିଲେ। ଘରକୁ ଫେରିବା ବେଳେ ଉକ୍ତକାରଟି ଧକ୍କା ଦେଇ ଫେରାର ହୋଇଥିଲା। ଫଳରେ ଘଟଣା ସ୍ଥଳରେ ସ୍ୱାତୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ସିସିଟିଭି ଆଧାରରେ ତଦନ୍ତ କରି ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

## ଫେକ୍ ପେମେଣ୍ଟ କରି ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧।୧୧(ସମିସ):**ପେଟ୍ରୋଲ ପମ୍ପରେ ତେଲ ପକାଇ ଅନଲାଇନରେ ଟଙ୍କା ପୈଠ କରିଥିବା ମିଛ ସ୍କ୍ରିନସଟ୍ ଦେଖାଉଥିବା ଅଭିଯୋଗରେ ସାଇବର ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ହୀରାକୁଦ ଥାନା ତରଙ୍ଗପଡ଼ାର ଶୁଭେନ୍ଦୁ ବେହେରା(୨୨)। ଏହା ସହ ବ୍ୟବହୃତ ବାଇକ(ଓଡି୧୫ଏଡି୩୬୬୬)କୁ ଜବତ କରିଛି। ସୂଚନା ଅନୁସାରେ ଶୁଭେନ୍ଦୁ ଗତ କିଛି ଦିନ ହେବ ଧରି ବରେଇପାଲି ସ୍ଥିତ ଜିଓ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଆସୁଥିଲେ। ତେଲ ପକାଇବା ପରେ ଅନଲାଇନ ମାଧ୍ୟମରେ ଟଙ୍କା ପୈଠ କରୁଥିବା ନେଇ ସ୍କ୍ରିନସଟ ଦେଖାଉଥିଲେ। ହେଲେ ପେଟ୍ରୋଲ ପମ୍ପକୁ ଟଙ୍କା ଯାଉନଥିଲା। ତେଣୁ ଶୁଭେନ୍ଦ ସର୍ଭର ଡାଉନ ଯୋଗୁଁ ଟଙ୍କା ଯାଉନଥିବା କହୁଥିଲେ। ଏପରି ବାରମ୍ବାର ହେବା ପରେ ପେଟ୍ରେଲ ପମ୍ପ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲେ। ପରେ ଗତକାଲି ତେଲ ପକାଇବା ପରେ ସେମାନେ ଯାଞ୍ଚ କରିଥିଲେ। ହେଲେ ଫେକ ଆପ୍ ମାଧ୍ୟମରେ ଏପରି ସ୍କ୍ରିନ ସଟ ଦେଖାଉଥିବା ଜାଣିବାକୁ ପାଇଥିଲେ। ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବସରକାଳୀନ ସମ୍ବର୍ଦ୍ଧନା

**କୁଚିଣ୍ଡା, ୧।୧୧(ସମିସ):**ବାମରା ସ୍ଥିତ ଗୋବିନ୍ଦପୁର ଥାନା ଓ ଗଡ଼ପୋଷ ପୁଲିସ ଫାଣ୍ଡିରେ କାର୍ଯ୍ୟରତ ତିନି ଜଣ ଗ୍ରାମରକ୍ଷୀ ଅବସରଗ୍ରହଣ କରିଛନ୍ତି।ତାଙ୍କୁ ପୁଲିସ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନା ଅନୁସାରେ ଗୋବିନ୍ଦପୁର ଥାନାରେ କାର୍ଯ୍ୟରତ ଗ୍ରାମରକ୍ଷୀ ବନମାଲି କିସାନ, ସୁନ୍ଦରମଣି ନାଏକ ଓ ଗଡ଼ପୋସ ଫାଣ୍ଡିରେ କାର୍ଯ୍ୟରତ ଚନ୍ଦ୍ରଭାନୁ ନାଏକ ଚାକରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଉଦ୍ଦେଶ୍ୟରେ ଗୁରୁବାର ସନ୍ଧ୍ୟାରେ ଗୋବିନ୍ଦପୁର ଥାନାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଗ୍ରାମରକ୍ଷୀ ବୈକୁଣ୍ଠ ମାକର, ରତନ କିସାନ, ମଧୁ ସୁଦନ, ଚିତ୍ରସେନ କର୍ସେଲ, ଅମରସେନ ନାଏକ ଓ ଗୋବିନ୍ଦ ସେଠଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ବିଦାୟୀ ଗ୍ରାମରକ୍ଷୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଜାତୀୟ ଏକତା ଦିବସ

**କୁଚିଣ୍ଡା, ୧।୧୦(ସମିସ):**କୁଚିଣ୍ଡା ପୁଲିସ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା। ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ସ୍ମୃତି ରେ ସରକାରୀ ବିଦ୍ୟାଳୟରେ ବଲ୍ଲବ ଭାଇଙ୍କ ଜୀବନୀ ଉପରେ କୁଚିଣ୍ଡା ପୁଲିସ ପକ୍ଷରୁ ରଚନା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିଏସପି ତଥା କୁଚିଣ୍ଡା ଥାନା ଦାୟିତ୍ୱରେ ଥିବା ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳ, ଏସଡ଼ିପିଓ ପ୍ରଦୀପ କୁମାର ଦାଶ, ଏସ୍ଆଇ ହାଡୁ ବେହେରା, ଚନ୍ଦ୍ରକାନ୍ତ ବରିହା, ଏଏସ୍ଆଇ ତ୍ରିନାଥ ପ୍ରଧାନଙ୍କ ସହ ସମସ୍ତ କନେଷ୍ଟବଳ ଉପସ୍ଥିତ ରହି କାର୍ଯ୍ୟକର୍ମକୁ ସମ୍ପାଦନ କରିଥିଲେ।

## ଗୋବିନ୍ଦପୁର ଡାକ୍ତରଖାନାରେ ଆୟୁଷ୍ମାନ ଆରୋଗ୍ୟ ଶିବିର

**କୁଚିଣ୍ଡା, ୧।୧୧(ସମିସ):**ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁର ଡାକ୍ତରଖାନା ପରିସରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜିତ ହୋଇଥିବା ଜଣାପଡ଼ିଛି। ବାମରା ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ନାରାୟଣ ରାଏଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସୁବୋଧ ନାଏକ, ମହିଳା ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁଦୀପ୍ତ ନାଏକ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନାରାୟଣ ରାଏ, ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ମହାପାତ୍ର, ଡାକ୍ତର ପ୍ରଭୁପାଦ ମିଶ୍ର, ଡାକ୍ତର ଦେବ କଲ୍ୟାଣ ସାହୁ, ଡ.କୈଳାଶ ପ୍ରଧାନ, ଆକାଂକ୍ଷ୍ୟା ମିଶ୍ର, ସୁଶାନ୍ତ ଦାସ ବିକାଶ ସ୍ୱାଇଁ, ଯୋଗ ଦେଇ ୨ ଶହ ୧୯ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ।ବିଏଏମ ଅମରନାଥ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଗୁରୁବାର ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଲଳିତ ମୋହନ ଦେହୁରୀ, ସୁଶାନ୍ତ କଲଟା ଓ ସ୍ୱପ୍ନେଶ୍ୱର୍ ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

**ବୀର୍ସା ମୁଣ୍ଡାଙ୍କ ମୂର୍ତ୍ତି ଚୋରି ଘଟଣା**

# ୭ରେ ସମ୍ବଲପୁର ବନ୍ଦ ଡାକରା ଦେଲା ଆଦିବାସୀ ଦଳିତ ସେନା

**ସମ୍ବଲପୁର, ୧।୧୧ (ସମିସ)**



ଲକ୍ଷ୍ମୀଟକିଜ ଛକ ନିକଟସ୍ଥ ମିଶନ କମ୍ପାଉଣ୍ଡ ମଧ୍ୟରେ ରହିଥିବା ବୀର ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ କାଟି ଚୋରିକରିବା ଘଟଣା ପ୍ରତିବାଦରେ ଓଡ଼ିଶା ଆଦିବାସୀ ଦଳିତ ସେନା ପକ୍ଷରୁ ଆସନ୍ତା ନଭେମ୍ବର ୭ ତାରିଖ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଏନେଇ ଆଜି ପୂର୍ବାହ୍ନରେ ମିଶନ କମ୍ପାଉଣ୍ଡରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସଂଗଠନ ସୂଚନା ଦେଇଛି। ଦୁର୍ବୃତ୍ତ ମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିଙ୍କୁ କାଟି ଚୋରି କରି ନେଇଥିଲେ। ଏନେଇ ଆଦିବାସୀ ସଂଗଠନ ପକ୍ଷରୁ ସମ୍ବଲପୁର ଟାଉନ ଥାନାରେ ଏତଲା ଦିଆଯାଇଥିଲା। ତେବେ, ପୁଲିସ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନଯିବାରୁ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଚୋରି ଘଟଣାର ପ୍ରତିବାଦ କରି ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବା ଆଦିବାସୀ ଦଳିତ ସେନା ସମ୍ପାଦକ ସାବିତ୍ରୀ ପାତ୍ର କହିଛନ୍ତି। ଆଦିବାସୀ ନେତା ଶ୍ୟାମ ସୁନ୍ଦର ମୁଣ୍ଡାଙ୍କ କହିବାନୁଯାୟୀ, ଗତ ୨୫ ତାରିଖରେ ଲକ୍ଷ୍ମୀ ଟକିଜ ମିଶନ କମ୍ପାଉଣ୍ଡ ଭିତରେ ଆଦିବାସୀ ମାନଙ୍କ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ନଭେମ୍ବର ୧୫ ତାରିଖ ତାହା ଉଦ୍‌ଘାଟନ କରାଯାଇଥାନ୍ତା। ତେବେ, ୨୬ ତାରିଖ ରାତିରେ ତାହା କାଟି ଚୋରି ହୋଇଗଲା। ଆଦିବାସୀ ସଙ୍ଗଠନ ପକ୍ଷରୁ ଜଣେ ବିଲ୍ଡରଙ୍କ ନାମରେ ଏତଲା ଦିଆଯାଇଥିଲା। ତେବେ, ପୁଲିସ ତିନିଦିନ ପରେ ବି କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି। ଧରତୀ ଆଭା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଶୀଘ୍ର ଉଦ୍ଧାର ନକଲେ ଆଦିବାସୀମାନଙ୍କ ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଶ୍ରୀ ମୁଣ୍ଡା ଚେତାବନୀ ଦେଇଛନ୍ତି।





ଦୁର୍ଘଟଣା ପରେ ଚାଉଁରପୁର ମହାନଦୀ ପୋଲରେ ଲାଗିଲା ବ୍ୟାରିକେଡ

## ଛାତ୍ରଙ୍କୁ ମାଡ଼ ଘଟଣାର ତଦନ୍ତ

**ସମ୍ବଲପୁର, ୧।୧୧ (ସମିସ) :** ଶିକ୍ଷାନୁଷ୍ଠାନ ଗୁଡ଼ିକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ତେବେ, ବହୁ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅମାନୁଷିକ ଭାବେ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା ଦେଖାଯାଉଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ବୃଦ୍ଧହିଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଜଣେ ଷଷ୍ଠ ଶ୍ରେଣୀ ଛାତ୍ରକୁ ଜଣେ ଶିକ୍ଷୟିତ୍ରୀ ଗତକାଲି ବାଡ଼ିରେ ପିଟିଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ସମ୍ପୃକ୍ତ ଛାତ୍ରଙ୍କ ଗୋଡ଼ରେ ନୋଳା ବସିବାସହ ସେ ଛୋଟେଇ ଛୋଟେଇ ଚାଲୁଛନ୍ତି। ଏନେଇ ଛାତ୍ରର ବାପା ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଇଓ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଗ୍ରହଣ କରିବାସହ ଏବିଇଓ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ଅଭିଭାବକ ଧନକଉଡ଼ା ବିଇଓଙ୍କୁ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଛାତ୍ର ଜଣକ ଗତକାଲି ମାଡ଼ ଯୋଗୁଁ ଭଲଭାବେ ଚାଲିପାରୁନାହିଁ। ତାର ଗୋଡ଼ରୁ ପିଠି ପର୍ଯ୍ୟନ୍ତ ବାଡ଼ିରେ ପିଟିଥିବାରୁ ନୋଳା ଦାଗ ରହିଛି। ଏନେଇ ତଦନ୍ତ କରିବାସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରଙ୍କ ବାପା ଦାବି ଜଣାଇଛନ୍ତି। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏବିଇଓ ତଥା ଡିଆରସିସି ତଦନ୍ତ ଆରମ୍ଭ କରିଛନ୍ତି। ତେବେ, ଆସନ୍ତାକାଲି ରବିବାର ଛୁଟି ଥିବାରୁ ସୋମବାର ଆନୁଷ୍ଠାନିକ ଭାବେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବ। ଏନେଇ ତଦନ୍ତ ରିପୋର୍ଟ (ଆକ୍ସନ ଟେକନ୍ ରିପୋର୍ଟ) ଜମା କରାଯିବ। ଏହାପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ଟ୍ରାକ୍ଟର

**ସମ୍ବଲପୁର, ୧।୧୧ (ସମିସ) :** ଆଜି ସକାଳ ପ୍ରାୟ ୧୦ଟା ସମୟରେ ସାହାସପୁର ନିକଟରେ ଏକ ଟ୍ରାକ୍ଟର ଜଣେ ମହିଳାଙ୍କ ଗୋଡ଼ ଉପରେ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ବାଇକ୍ ଆରୋହୀ ମହିଳା ଜଣକ ତଳେ ପଡ଼ିଯିବାପରେ ଟ୍ରାକ୍ଟର ଚକ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ମହିଳାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ ଧମା ଥାନା ପୁଲିସ ଟ୍ରାକ୍ଟରଟିକୁ ଜବତ କରିବାସହ ଚାଳକଙ୍କୁ ଅଟକ ରଖିଛି। ମହିଳା ଜଣକ ସୋନପୁର ଜିଲ୍ଲା ରୁସୁଡ଼ା ଜାମପାଲି ଅଞ୍ଚଳର ଯୋଗେଶ୍ୱରୀ ମହାକୁଡ଼ ବୋଲି ଜଣାପଡ଼ିଛି।

## ଶ୍ରେଷ୍ଠ ଆଇନସେବା ପ୍ରାଧିକରଣ ଭାବେ ସମ୍ବଲପୁର ପୁରସ୍କୃତ

**ସମ୍ବଲପୁର, ୧।୧୧(ସମିସ):**ଭୁବନେଶ୍ୱର ଲୋକସେବା ଭବନ ପ୍ରେକ୍ଷାଳୟରେ ଶନିବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିଶୁ ସୁରକ୍ଷା ଉପରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବଲପୁର ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ କରାଯାଇଛି। ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଥିଲେ।



## ରାଧାକୃଷ୍ଣ ମନ୍ଦିରରେ ଭାଗବତ ସପ୍ତାହ

**ସମ୍ବଲପୁର, ୧।୧୧(ସମିସ):** ସମ୍ବଲପୁର ମୁଦିପଡ଼ା ପାର୍କ ନିକଟସ୍ଥ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଆୟୋଜିତ ହେଉଛି। ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଲୋକନାଥ ପୂଜାରୀ ଓ ମମତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ସୂର୍ଯ୍ୟ କୁମାର ପାଢ଼ୀ ବ୍ୟାସ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ଶତାଧିକ ଭକ୍ତ ଭାଗବତ ଶ୍ରବଣ କରି ପ୍ରଭୁକୃପା ଲାଭ କରୁଛନ୍ତି। ଅନିତା ପାଢ଼ୀ, ନିରୁପମା ନାୟକ, ଆନନ୍ଦିନୀ ମିଶ୍ର, ଗୀତାଞ୍ଜଳି ମହାପାତ୍ର, କିରଣ ଜେନା, ରଞ୍ଜିତା ଦାଶ, ରାସେଶ୍ୱରୀ ଜେନା, ଶୈଳ ସେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ଜିଲ୍ଲାର ୫ ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର, ୧।୧୧ (ସମିସ):**ସମ୍ବଲପୁର ଜିଲ୍ଲାର ୫ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସେଗୁଡ଼ିକ ହେଲା ବାମରା, ଜମନକିରା, ନାକଟିଦେଉଳ, ଜୁଯୋମୁରା ଓ ମାନେଶ୍ୱର ତହସିଲ। ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଉପରୋକ୍ତ ୧୩ଟି ଜିଲ୍ଲା ମଧ୍ୟରେ କୋରାପୁଟ, ମୟୂରଭଞ୍ଜ, କଟକ, ଗଜପତି, କନ୍ଧମାଳ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ପୁରୀ, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲା ରହିଛି। ସମ୍ବଲପୁର ଓସ୍ୱାନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ସମ୍ବଲପୁର ଜିଲ୍ଲାର ଉଦ୍‌ଘାଟିତ ହୋଇଥିବା ୫ଟି ତହସିଲ କାର୍ଯ୍ୟାଳୟରେ ସମ୍ପୃକ୍ତ ତହସିଲଦାର ଓ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ଯୋଗ ଦେଇଥିଲେ।

# ଭିସୁଟ୍ ପକ୍ଷରୁ ଟେଡ୍-ଏକ୍ସ ଆୟୋଜିତ

**ସମ୍ବଲପୁର, ୧।୧୧ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପକ୍ଷରୁ ଟେଡ୍-ଏକ୍ସର ଚତୁର୍ଥ ସଂସ୍କରଣ ଆୟୋଜିତ ହୋଇଯାଇଛି। ଚଳିତବର୍ଷର ଥିମ୍ ଥିଲା 'ଦ ପାରାଲକ୍ସ ଅଫ୍ ପର୍ସପେକ୍ଟିଭସ୍'। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ବିଭୂତି ଭୂଷଣ ପତି, ଟେକ୍‌ନିକାଲ ସୋସାଇଟି ଉପସଭାପତି ପ୍ରଫେସର ତୃପ୍ତିରଞ୍ଜନ ମହାପାତ୍ର, ଇସିଏସ୍, ଡିଆର୍‌ଡିଓ ଡାଇରେକ୍ଟର ଜେନେରାଲ ଡଃ ବିନୟ କୁମାର ଦାସ ଓ ଇନ୍‌ଫୋସିସ୍ ପ୍ରିନ୍ସିପାଲ ଆର୍କିଟେକ୍ଟ ଚନ୍ଦନ ମାଲୁ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ଷେତ୍ରରୁ ଆସିଥିବା ବକ୍ତାମାନେ ସେମାନଙ୍କ ଅଭିଜ୍ଞତା ତଥା ପରିବର୍ତ୍ତନକାରୀ ଅର୍ନ୍ତଦୃଷ୍ଟି (ଟ୍ରାନ୍ସଫର୍ମେଟିଭ୍ ଇନ୍‌ସାଇଟ୍‌ସ) ବିଷୟରେ ଆଲୋକପାତ କରିଥିଲେ। ଡିଆର୍‌ଡିଓ ଡାଇରେକ୍ଟର ଜେନେରାଲ ଡଃ ବିନୟ କୁମାର ଦାସ, ଇନ୍‌ଫୋସିସ୍ ପ୍ରିନ୍ସିପାଲ ଆର୍କିଟେକ୍ଟ ଚନ୍ଦନ ମାଲୁ, ପ୍ରଥମ ୟୁଏଭି ପାଇଲଟ୍ ମେଜର ପ୍ରାଜକ୍ତା ଦେଶାଇ, ଓଡ଼ିଶାର ଜଳପୁରୁଷ ରଞ୍ଜନ କିଶୋର ପଣ୍ଡା, ଟେକ୍ କଣ୍ଟେଣ୍ଟ କ୍ରିଏଟର୍ ହିତେନ ଲୁଲ୍ଲା, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ବଲିଉଡ ଗାୟକ କ୍ରିଷ୍ଣା ବେଉରା ଓ ରାହୁଲ ଚୌଧୁରୀ ପ୍ରମୁଖ ତଥ୍ୟଭିତ୍ତିକ ଓ ଉତ୍ସାହପ୍ରଦାନକାରୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ବଲିଉଡ ଗାୟକ ଶ୍ରୀ ବେଉରାଙ୍କ ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଚଳିତବର୍ଷ ଟେଡ୍-ଏକ୍ସର ଏହି ସଂସ୍କରଣ ସମସ୍ତଙ୍କୁ ଅନେକ ଗୁଡ଼ାଏ ଧାରଣା, ନୂତନତ୍ୱ ଓ ପ୍ରେରଣା ଯୋଗାଇଥିଲା।

## ଏନ୍‌ଆଇଟି ରାଉରକେଲା ପକ୍ଷରୁ ମହିଳା ଉଦ୍ୟୋଗୀ ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୧୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟରେ ଏନ୍‌ଆଇଟି ରାଉରକେଲା ପକ୍ଷରୁ ଆଜି ଏକ ମହିଳା ଉଦ୍ୟୋଗୀ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭାପତିତ୍ୱ କରିବାସହ ପରିବର୍ତ୍ତିତ ପରିସ୍ଥିତିର ମହିଳା ଉଦ୍ୟୋଗୀଙ୍କ ଜାଗରୁକତା, ନିଷ୍ପତ୍ତି ଗ୍ରହଣ, ଉଦ୍ୟୋଗ ସ୍ଥାପନ ଓ ପରିଚାଳନା ଜନିତ କାର୍ଯ୍ୟଦକ୍ଷତା, ସଫଳତା ତଥା ଯୁବ ଉଦ୍ୟୋଗୀଙ୍କ ଭାଗିଦାରୀ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ପର୍ଯ୍ୟନ୍ତ ଦେଶକୁ ସର୍ବୋପରି ବିକଶିତ କରିବାର ଅନନ୍ୟ ଧାରା ବୋଲି ଉଦ୍ୟୋଗକୁ ଉଲ୍ଲେଖ କରି ଏବିଷୟରେ ଗଭୀର ଅନୁଶୀଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିରଞ୍ଜିବୀ ସାମଲ ମହିଳା ଉଦ୍ୟୋଗୀଙ୍କ ସମସ୍ୟା, ସୁଯୋଗ, ଆହ୍ୱାନ ଏବଂ ଆର୍ଥିକ ସହାୟତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପ୍ରଫେସର ସୁବ୍ରତ କୁମାର ପଣ୍ଡା ଦେଶର ବିକାଶରେ ଉଦ୍ୟୋଗ ସମୂହର ଅବଦାନ ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ଭାଗନେଇ ସଫଳ ହୋଇଥିବା ପ୍ରଥମ ପାଞ୍ଚଜଣ ଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।

**ପଶ୍ଚିମ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ**

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ

**ସମ୍ବଲପୁର, ୧।୧୧(ସମିସ):**ବୁର୍ଲାସ୍ଥିତ ସେଣ୍ଟ ଲୁକ୍ ସ୍କୁଲ୍ ଦ୍ୱାରା ଆୟୋଜିତ ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସ ପଶ୍ଚିମ ଓଡ଼ିଶା ଆନ୍ତଃ-ବିଦ୍ୟାଳୟ



ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ୨୦୨୫ରେ ସମ୍ବଲପୁରର ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ୍ ସଫଳତା ହାସଲ କରିଛି।ଏହି ଟୁର୍ଣ୍ଣାମେଣ୍ଟରେ ବିକାଶ କନ୍‌ସେପ୍ଟ ସ୍କୁଲ୍ (ଶାସନ), ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ୍, ସେଭେନ୍ ହିଲ୍ସ୍ ରେସିଡେନ୍ସିଆଲ୍ ସ୍କୁଲ୍, ଆଇଡିଏମ୍ ପବ୍ଲିକ୍ ସ୍କୁଲ୍, ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍, ଏକାଡେମିକ୍ ହାଇଟ୍‌ସ୍ ପବ୍ଲିକ୍ ସ୍କୁଲ୍ (ବଲାଙ୍ଗୀର), ଗୁରୁ ନାନକ ପବ୍ଲିକ୍ ସ୍କୁଲ୍, ଏବଂ ବେଥାନୀ କନଭେଣ୍ଟ ସ୍କୁଲ୍ ଭଳି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ଦଳ ବିଭାଗରେ, ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ବେଥାନୀ କନଭେଣ୍ଟ ସ୍କୁଲ୍ (ଝାରସୁଗୁଡ଼ା)କୁ ଫାଇନାଲ୍ ମ୍ୟାଚ୍‌ରେ ହରାଇ ଚାମ୍ପିଅନ୍ ହୋଇଛି। ସେହିପରି ବୈଦିକର୧୭ ବର୍ଷରୁ କମ୍ ବାଳିକା ଦଳ ମଧ ବେଥାନୀ କନଭେଣ୍ଟ ସ୍କୁଲ୍ (ବରଗଡ଼) ସହିତ କଡ଼ା ମୁକାବିଲା କରି ରନର୍ସ-ଅପ୍ ସ୍ଥାନ ହାସଲ କରିଛି।ଏହି ସଫଳତା ପାଇଁ ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ ଏବଂ କର୍ମଚାରୀ ମାନେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରୟାସ ଏବଂ କ୍ରୀଡ଼ା ମନୋଭାବ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ସହ କୋଚିଂ ଟିମ୍ ଏବଂ ପିତାମାତାଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ପ୍ରଶଂସା କରିଛନ୍ତି।

## ମହାନଦୀରୁ ମୃତଦେହ ଉଦ୍ଧାର

**ସମ୍ବଲପୁର, ୧।୧୧(ସମିସ):** ବୁର୍ଲା ପୁଲିସ ମହାନଦୀରୁ ଏକ ଅଜଣା ମୃତଦେହ ଉଦ୍ଧାର କରିଛି। ଯୁବକ ଜଣକର ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହୋଇଥିବା ନେଇ ପୁଲିସ ଅନୁମାନ କରୁଛି। ସୂଚନା ଅନୁସାରେ ମହନଦୀରେ ଶବ ଭାସୁଥିବା ପୁଲିସ ଖବର ପାଇଥିଲା।ପରେ ଅଗ୍ନିଶମ ବିଭାଗ ଦ୍ୱାରା ପାଣିରୁ ଉଦ୍ଧାର କରାଯାଇଥିଲା। ଉପରମୁଣ୍ଡରୁ ମୃତଦେହ ଭାସି ଆସିଥିବା ପୁଲିସ ଅନୁମାନ କରିଛି। ବ୍ୟକ୍ତି ଜଣକ ଧଳା ରଙ୍ଗର ଟିସାର୍ଟ ଓ ଧୋତି ପିନ୍ଧିଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହି। ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ବୁର୍ଲା ଆଇଆଇସି କହିଛନ୍ତି।

## ସ୍ମରଣିକା ପାଇଁ ପ୍ରବନ୍ଧ ଆବଶ୍ୟକ

**ସମ୍ବଲପୁର, ୧।୧୧ (ସମିସ) :** ଆଗାମୀ ନଭେମ୍ବର ମାସ ୧୫ ତାରିଖ ରୁ ଆରମ୍ଭ ହେବାକୁ ଥିବା ଜାତୀୟ ଆଦି-ଲୋକ-ସାମ୍ପ୍ରତିକ ସାଂସ୍କୃତିକ ମହୋତ୍ସବ, ସମ୍ବଲପୁର ମହୋତ୍ସବ -୨୦୨୫ ଅବସରରେ ଏକ 'ସୋର୍‌ରଖା' (ସ୍ମରଣିକା) ସମ୍ପୂର୍ଣ୍ଣ ସମ୍ବଲପୁରୀ ଭାଷାରେ ପ୍ରକାଶ ପାଇବାକୁ ଯାଉଛି। ସମ୍ବଲପୁର ମହୋତ୍ସବ ଆୟୋଜନ କମିଟି ତରଫରୁ ସୂଚନା ଦିଆ ଯାଇଛି ଯେ, ପ୍ରଫେସର ସୋମଦତ୍ତ ପ୍ରଧାନ ସ୍ମରଣିକା କମିଟିର ଆବାହକ ରହିଛନ୍ତି। କେବଳ ପଶ୍ଚିମାଞ୍ଚଳର ସାହିତ୍ୟ, ସଂସ୍କୃତି, ଇତିହାସ, ଐତିହ୍ୟ, ଗୀତ ନୃତ୍ୟ ବାଦ୍ୟ, ପରଂପରା, ଚଳଣୀ, ଲୋକଧାରା, ଲୋକ ବିଶ୍ୱାସ, ଲୋକ ଖାଦ୍ୟ ଇତ୍ୟାଦି ବାବଦରେ ପ୍ରବନ୍ଧ ଗୁଡ଼ିକ ଡିଟିପି ଆକାରରେ ଇ-ମେଲ୍ sambalpurmahotsav1@gmail.com ବା ହ୍ୱାଟ୍‌ସଆପ୍ ୯୪୩୯୨୨୩୪୭୭ ଜରିଆରେ ନଭେମ୍ବର ମାସ ୭ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ଜମନକିରା, ୧।୧୧(ସମିସ)**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲ୍ଲ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀ ଖେଳ କୁଦକୁ କିଭଳି ଭାବରେ ଭବିଷ୍ୟତରେ ବୃତ୍ତି କରି ହୁଏ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାମାଜିକ କର୍ମୀ ତଥା ସମ୍ବଲପୁର ଜିଲ୍ଲା ସ୍କାଉଟ୍ ଗାଇଡ୍ କମିଶନର କୁଳଧର ପ୍ରଧାନ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ର ମୁଖ୍ୟ କିରାଣୀ ପ୍ରହ୍ଲାଦ ରୋହିଦାସ, ସ୍କୁଲ ପରିଚାଳନା କମିଟିର



ସଭାପତି ଓଡ଼ିଶା ଖୋଖୋ ସଙ୍ଗଠନର ସହ ସମ୍ପାଦକ ତଥା ଅବସରପ୍ରାପ୍ତ ଖେଳ ଶିକ୍ଷକ ଲକ୍ଷ୍ମଣ କୁମାର ନାଥ ଯୋଗଦାନ କରିଥିଲେ।ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀରଞ୍ଜନ ନାଥ ଅତିଥି ସ୍ୱଗତ ଓ ପରିଚୟ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଉକ୍ତ କାର୍ଯ୍ୟକ୍ରମରେ ମୋଟ ୨୨ଟି ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।୧୪ ବର୍ଷରୁ କମ୍ ବାଳିକା ବର୍ଗରେ ମାନେଶ୍ୱର ବ୍ଲକ, ବାଳକ ବର୍ଗରେ ଯୁଯୁମୁରା ବ୍ଲକ, ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଯୁଯୁମୁରା ବ୍ଲକ ଏବଂ ବାଳକ ବର୍ଗରେ ନାକଟିଦେଉଳ ବ୍ଲକ ଦଳଗତ ଚାମ୍ପିଅନ ହୋଇଥିଲେ। ବ୍ୟକ୍ତିଗତ ବର୍ଗରେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ କେଜିଏମ୍‌ଏନ୍ ମହୁଲପାଲିର ଚନ୍ଦନ ମିର୍ଦ୍ଧା, ବାଳିକା ବର୍ଗରେ ଧମା ହାଇସ୍କୁଲର ରାନୀ ସେଠ୍, ୧୭ ବର୍ଷରୁ କମ୍ ବାଳକ ବର୍ଗରେ ପିଜିଏସ୍‌ଏସ୍ ଜରାବଗାର ମିଲନ୍ ଏକ୍କା ଏବଂ ବାଳିକା ବର୍ଗରେ ବଡ଼ସାହିର ଉଚ୍ଚ ବିଦ୍ୟାଳୟର ଝୁମୀ ମିର୍ଦ୍ଧା ଓ ଲୁହାପଙ୍କ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ଦେହୁରୀ ଯୁଗ୍ମ ଚମ୍ପିଅନ ହୋଇଥିଲେ।ପ୍ରତିଯୋଗିତାକୁ ସମ୍ପାଦକ ନିହାର ରଞ୍ଜନ ପଟେଲ ସହ ବିଦ୍ୟାଳୟର ଖେଳ ଶିକ୍ଷକ ବିକାଶ କିସାନ୍, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅବସରପ୍ରାପ୍ତ କିରାଣୀ ଜଟଭୂଷଣ ସାହୁ, ଶିକ୍ଷକ ଆଲୋକ ପଣ୍ଡା, ଶିକ୍ଷୟିତ୍ରୀ ଅଞ୍ଜୁଲତା ବାଗ୍, ପ୍ରଭଞ୍ଜନ ପଟେଲ, କରୁଣାକର ସାହୁ, କର୍ମଚାରୀ ବ୍ୟୋମରାଜ କୁସୁମ, ତରଣୀ ଦଣ୍ଡସେନା, ପରିଚାଳନା କମିଟିର ତଥା ସ୍କୁଲ ଉନ୍ନୟନ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ସରୋଜ କୁମାର ଗଡ଼ତିଆଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ଟି ଭାଷାର କବିତା ପାଠକଲେ ଛାତ୍ରଛାତ୍ରୀ



ବାଲେଶ୍ୱର,୧।୧୧(ସମିସ): 'ପ୍ରଜାପତି' ସଙ୍ଗଠନର ସାହିତ୍ୟ ଶାଖା 'ଅକ୍ଷର'ର 'ହରାଇଜନ' ମାତୃଭାଷା ସହ, ଲେଖକ, ପାଠକ, ଛାତ୍ରଛାତ୍ରୀଙ୍କୁ ଆଞ୍ଚଳିକ, ଜାତୀୟ, ଅନ୍ତର୍ଜାତୀୟ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ପ୍ରଥମଥର ପାଇଁ ହରାଇଜନର ବିଭିନ୍ନ ଭାଷାଭାଷୀର ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ସମ୍ପର୍କ ଯାତ୍ରାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହରାଇଜନ ମଲ୍ଟି ଲିଙ୍ଗୁଆଲ ଚିଲଡ୍ରେନସ ପୋଏଟ୍ରି ଫେଷ୍ଟିଭାଲସ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗଦାନ କରି ଓଡ଼ିଆ, ହିନ୍ଦୀ, ଇଂରାଜୀ, ସଂସ୍କୃତ, ବଙ୍ଗଳା, ତେଲଗୁ, ଭୋଜପୁରୀ, ପଞ୍ଜାବୀ, ଉର୍ଦ୍ଦୁ, ନାଗମି (ନାଗଲାଣ୍ଡ), ଅଲଚିକି ପ୍ରଭୃତି ଭାଷାରେ ଶିଶୁ କବିତା ପାଠ କରିଥିଲେ। ଶତାଧିକ ଅଭିଭାବକ, ଭାଷାପ୍ରେମୀ ଉକ୍ତ ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ହରାଇଜନ'ର ଏହି ଭାଷାର ମିଳନ ଉତ୍ସବକୁ ଡିଆରଡିଓର ଆଡିସ୍‌ନାଲ ଡାଇରେକ୍ଟର ବୈଜ୍ଞାନିକ ଡ ନୀଳାଦ୍ରି ରାୟ ଉଦ୍‌ଘାଟନ କରିଥିଲେ। ହରାଇଜନ ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ 'ହରାଇଜନ'ର ଆବାହକ ବିପ୍ଳବ ଦାସ ମହାପାତ୍ର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ ସୁଲଗ୍ନା ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମଧୁସ୍ମିତା ଦାସ ଯୋଗଦାନ କରିଥିଲେ। ଉକ୍ତ କବିତା ପାଠୋତ୍ସବରେ ସିଦ୍ଧିବିନାୟକ ପବ୍ଲିକ ସ୍କୁଲ, ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ, ସାଇ ଶିଶୁ ବିଦ୍ୟାମନ୍ଦିର, ଭି ଫାଉଣ୍ଡେସନ, ସୁଲଗ୍ନା ପବ୍ଲିକ ସ୍କୁଲର କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ 'ହରାଇଜନ ରେନବୋ୨୦୨୫' ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ରାଜେଶ ଗିରି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମରଜିତ ଦାସ, ପାର୍ଥସାରଥୀ ସାହୁ, ପ୍ରତିମା ତ୍ରିପାଠୀ ଓ ସରସ୍ୱତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### କ୍ରିଷ୍ଣା ଉଦ୍ୟୋଗର ପରିବହନ ଟେଣ୍ଡର ରାତି ଅଧିଆ ବାତିଲ କଲା ବାଲେଶ୍ୱର ଆଲୋଏଜ

# ପରିବହନ ଫାଟକ ସମ୍ମୁଖରେ ଉତ୍ତେଜନା

ବାଲେଶ୍ୱର,୧।୧୧(ସମିସ)







**ବକେୟା ଦୁଇକୋଟି ନ ମିଳିଲେ ଆତ୍ମହତ୍ୟା ଚେତାବନୀ**

ବାଲେଶ୍ୱର ବାଲଗୋପାଳପୁରସ୍ଥିତ ଆଲୋଏଜ କାରଖାନା ସମ୍ମୁଖରେ ଆଜି ଅଘଟଣ ଦେଖିବାକୁ ମିଳିଛି। କମ୍ପାନୀ ପକ୍ଷରୁ ଟେଣ୍ଡରକୁ ରାତି ଅଧିଆ ବାତିଲ କରିଦେବା ଫଳରେ କମ୍ପାନୀ ସମ୍ମୁଖରେ ଉତ୍ତେଜନା ଦେଖା ଦେଇଛି। ସୂଚନାଅନୁସାରେ, ମେସର୍ସ କ୍ରିଷ୍ଣା ଉଦ୍ୟୋଗ ପୂର୍ବରୁ ଏହି କମ୍ପାନୀର ମାଲ ପରିବହନ କରୁଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଏହି ପରିବହନ ସଂସ୍ଥାର ଟେଣ୍ଡରକୁ ରାତି ଅଧିଆ ବାତିଲ କରିବା ସହ ମାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ କଟକଣା ଲଗାଇ ଦେଇଛନ୍ତି। କେବଳ ସେତିକି ନୁହେଁ ରାତି ଅଧିଆ କେନ୍ଦୁଝର ଓ ବାରିପଦାରେ ଜିଏସଟି ପଞ୍ଜିକୃତ ହୋଇଥିବା ତେଜବୀର ମିନେରାଲ ଆଣ୍ଡ ପ୍ରାଇଭେଟ ଲିମିଟେଡ୍‌କୁ କମ୍ପାନୀକୁ ଏବେ ପରିବହନ କାମ କରିବା ପାଇଁ ଅନୁମତି ଦେଇଛନ୍ତି। କେବଳ ସେତିକି ନୁହେଁ ବରଂ କ୍ରିଷ୍ଣା ଉଦ୍ୟୋଗର କିଛି ଭଡ଼ା ଗାଡ଼ିକୁ ମଧ ତଞ୍ଚକତା କରି ତେଜବୀର ମିନେରାଲ ପାଇଁ ପରିବହନ କାମରେ କମ୍ପାନୀ ଅଧିକାରୀ ଲଗାଇଥିବା ଅଭିଯୋଗ କରାଯାଇଛି। କ୍ରିଷ୍ଣା ଉଦ୍ୟୋଗର ଟେଣ୍ଡରକୁ ବାତିଲ କରିଦିଆ ଯାଇଥିବାରୁ ତିରିଶରୁ ଉର୍ଦ୍ଧ୍ୱ ବିଭିନ୍ନ ଗାଡ଼ିର ଶତାଧିକ ଡ୍ରାଇଭର ଓ ହେଲପର ବେକାର ହୋଇଯିବା ଆଶଙ୍କା କରି ଆଜି ଭୋରଠାରୁ କାରଖାନାର ପରିବହନ ଫାଟକ ସମ୍ମୁଖରେ ଠୁଳ ହୋଇଥିଲେ ଏହାକୁ ବିରୋଧ କରୁଛନ୍ତି।

ଏପରିକି ପରିବହନ ସଂସ୍ଥାର ମାଲିକ ଜ୍ୟୋତ୍ସ୍ନା ଘୋଷ ଓ ତାଙ୍କ ପ୍ରତିନିଧି ଓ ପରିବାର ଲୋକେ ସେଠାରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ ଉଦ୍ୟମ କରିଥିଲେ ମଧ ସୁରକ୍ଷା କର୍ମଚାରୀ ସେମାନଙ୍କୁ ଯିବାକୁ ଦେଇନଥିଲେ। ତେବେ ପରିବହନ ସଂସ୍ଥାର ଡ୍ରାଇଭର ଓ ହେଲପର ପାଟି ତୁଣ୍ଡ କରିବାରୁ ବହୁ ବିଳମ୍ବରେ କମ୍ପାନୀର ଲଜିଷ୍ଟିକ୍ ମ୍ୟାନେଜର ସଞ୍ଜୀବ ମଲ୍ଲିକ ପହଞ୍ଚି ପରିବହନ ସଂସ୍ଥାର ମାଲିକ ଶ୍ରୀମତୀ ଘୋଷଙ୍କ ସହ ଆଲୋଚନା କରିଥିଲେ ଓ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଯାହାକିଛି ପ୍ରତିଶ୍ରୁତି ଦେବେ ବୋଲି କହିଥିଲେ। ଅନ୍ୟପଟେ ଶ୍ରୀମତୀ ଘୋଷ ଓ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ଯେ ଜଣେ ନେତାଙ୍କ ଷଡ଼ଯନ୍ତ୍ର ଯୋଗୁଁ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କ ପରିବହନ ସଂସ୍ଥାକୁ ସମୟସୀମା ପୂର୍ବରୁ ବାଦ ଦେଇଛନ୍ତି। ଏହାଛଡ଼ା କ୍ରିଷ୍ଣା ଉଦ୍ୟୋଗକୁ ୨୯ ମଇ ୨୦୨୫ରୁ ୩୦ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପରିବହନ ପାଇଁ ଟେଣ୍ଡର ଦିଆଯାଇଥିଲା ବୋଲି କହିଛନ୍ତି। ହେଲେ ରାତି ଅଧିଆ ତାକୁ ବାତିଲ କରିଦିଆ ଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାଛଡ଼ା ବିଗତ ପାଞ୍ଚ ମାସରେ ଦୁଇ କୋଟି ଟଙ୍କା କମ୍ପାନୀ ବକେୟା ଅର୍ଥ ଦେଇ ନାହିଁ। ତେଣୁ ଶତାଧିକ ଡ୍ରାଇଭର, ହେଲପର ଓ ସୁପରଭାଇଜରଙ୍କୁ ଦରମା ଦେଇହେଉ ନାହିଁ। ତୁରନ୍ତ ବକେୟା ଅର୍ଥ ପ୍ରଦାନ ଓ ଆଗାମୀ ଅପ୍ରେଲ ପର୍ଯ୍ୟନ୍ତ କାମ କରିବାକୁ ଅନୁମତି ନ ମିଳିଲେ ସଂସ୍ଥାର ମାଲିକାଣି ସପରିବାରେ କାରଖାନା ଫାଟକ ସମ୍ମୁଖରେ ଆତ୍ମହତ୍ୟା କରିବୁ ବୋଲି ଶ୍ରୀମତୀ ଘୋଷ କହିଛନ୍ତି। ଅପର ପକ୍ଷରେ କମ୍ପାନୀର ଲଜିଷ୍ଟିକ୍ ମ୍ୟାନେଜର ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଦୁଇ ଘଣ୍ଟା ମଧ୍ୟରେ ମ୍ୟାନେଜମେଣ୍ଟ ସହ ଆଲୋଚନା କରି ସେ ଘଟଣାର ଫଳାଫଳ ସମ୍ପର୍କରେ ଅବଗତ କରାଇବେ ବୋଲି କହିଥିଲେ। ପରେ ସେ କହିଥିଲେ ଯେ, କାରଖାନା କର୍ତ୍ତୃପକ୍ଷ, ରେମୁଣା ଥାନାଧିକାରୀ ବିମଳ କୁମାର ନାୟକ, ଏସଡିପିଓ ପ୍ରମୋଦ ମଲ୍ଲିକ ମିଳିତଭାବେ ଶ୍ରୀମତୀ ଘୋଷଙ୍କ ସହ ଆଲୋଚନା କରିଛନ୍ତି ଏବଂ କିଛି ନିଷ୍ପତ୍ତି ନିଆ ଯିବ ବୋଲି କହିଛନ୍ତି।

## 'ଭଲ କବିତାର ଖୋଜ୍' ପକ୍ଷରୁ ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧।୧୧(ସମିସ): କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିରେ ଆଜି ସ୍ଥାନୀୟ ରାଜାବଗିଚାସ୍ଥିତ କଲ୍ୟାଣ ମଣ୍ଡପ ଠାରେ 'ଭଲ କବିତାର ଖୋଜ୍' ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ 'ଭଲ କବିତାର ଖୋଜ୍'ର ଅନ୍ୟତମ ଆବାହକ କବି କୃଷ୍ଣକୁମାର ମହାନ୍ତି କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପରେ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ କବିଙ୍କ କବିତା ପାଠ କରିଥିଲେ। ଏହି ସ୍ମୃତି ସଭାରେ ସଭାପତିତ୍ୱ କରି ଶ୍ରୀ ମହାନ୍ତି କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଶୈଳୀ ଓ ଭିନ୍ନତା ବିଷୟରେ ଆଲୋଚନା କରିଥିଲେ। ଶବ୍ଦ ନିର୍ମାଣର ଜଣେ ଅସାଧାରଣ ଶିଳ୍ପୀ ଥିଲେ କବି ରାଜେନ୍ଦ୍ର ପଣ୍ଡା। 'ଭଲ କବିତାର ଖୋଜ୍' ପକ୍ଷରୁ କବି ଉତ୍ପଳ ମହାନ୍ତି ଏହି ଅବସରରେ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କବି ପ୍ରଶାନ୍ତ ଦାସ, ଗଙ୍ଗାଧର ବିଶ୍ୱାଳ, ଅଭୟ ଦାସ, ଶୁଭେନ୍ଦୁ ଦାସ, ସୀତାଂଶୁ ଲେଙ୍କା, ରଞ୍ଜନ ବାଗ, ଦୀପିକା ସେନାପତି, ଶୁଭଶ୍ରୀ ଦାଶ, ଦେବଯାନୀ ଦାସ, ପ୍ରୀତିଲେଖା ଦାସ୍, କମଳିନୀ କାନ୍ତ, ମଧୁସୂଦନ ମିଶ୍ର, ହିମାଂଶୁ ଦାସ, ଉତ୍ପଳ ମହାନ୍ତି ଓ କୃଷ୍ଣ କୁମାର ମହାନ୍ତି ନିଜ ନିଜର କବିତା ଆବୃତ୍ତି କରିଥିଲେ। ଶେଷରେ ଉତ୍ପଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ଡିଏସପି ଓ ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବାଲେଶ୍ୱର,୧।୧୧(ସମିସ): ବାଲେଶ୍ୱର ଜିଲ୍ଲାରେ ୩ଜଣ ଡିଏସ୍‌ପି ଏବଂ ୧୧ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ କରାଯାଇଛି। ସଦର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ମୁକୁନ୍ଦ ମୁରାରୀ ପାତ୍ରଙ୍କର ସୋର ଥାନାକୁ ବଦଳି ହୋଇଥିବାବେଳେ ଗୋପାଳପୁର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଅଶୋକ ବାରିକଙ୍କୁ ଜଳେଶ୍ୱର ଥାନାକୁ ବଦଳି କରାଯାଇଛି। ସେହିପରି ସୋର ଥାନାରେ କାର୍ଯ୍ୟରତ ଇନସପେକ୍ଟର ସୁବର୍ଣ୍ଣ ବେହେରାଙ୍କୁ ଖନ୍ତାପଡ଼ା ଥାନାକୁ ବଦଳି କରାଯାଇଥିବା ବେଳେ ଖନ୍ତାପଡ଼ା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ କମର୍ଦ୍ଦା ଥାନାକୁ ବଦଳି କରାଯାଇଛି। ସେହିପରି ଟାଉନଥାନାରେ କାର୍ଯ୍ୟରତ ଇନସପେକ୍ଟର ବିରଞ୍ଚି ସାହୁଙ୍କୁ ସହଦେବଖୁଣ୍ଟା ଥାନାକୁ ବଦଳି କରାଯାଇଛି। ସେହିପରି ଚାନ୍ଦିପୁର ଥାନାରେ କାର୍ଯ୍ୟରତ ଇନସକେପ୍ଟର କ୍ରିଷ୍ଣା ପିଙ୍ଗୁଆଙ୍କୁ ସିମୁଳିଆ ଥାନାକୁ ବଦଳି କରାଯାଇଥିବା ବେଳେ ଖଇରା ଥାନାରେ କାର୍ଯ୍ୟରତ ସୁଚିନ୍ଦ୍ର ମହାଲିକଙ୍କୁ ସିଂଲା ଥାନାକୁ ବଦଳି କରାଯାଇଛି। ସିମୁଳିଆ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଶ୍ରବଣ କୁମାର ମହାରଣାଙ୍କୁ ତାଳସାରୀ ମେରାଇନ ଥାନାକୁ ବଦଳି କରାଯାଇଥିବା ବେଳେ ତାଳସାରୀ ମେରାଇନ ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ଚମ୍ପାବତୀ ସୋରେନଙ୍କୁ ରାଇବଣିଆ ଥାନାକୁ ବଦଳି କରାଯାଇଛି। ସେହିପରି ସିଂଲା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଆଲୋକ କୁମାର ବେହେରାଙ୍କର ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ଶିଳ୍ପାଞ୍ଚଳ ଥାନାରେ କାର୍ଯ୍ୟରତ ଇନସପେକ୍ଟର ଶ୍ୟାମଘନ ବେହେରାଙ୍କର ଗୋପାଳପୁର ଥାନାକୁ ବଦଳି ହୋଇଛି। ସେହିପରି ସୋର ଥାନାରେ କାର୍ଯ୍ୟରତ ଥିବା ଡିଏସ୍‌ପି ସୁଦୀପ୍ତ କୁମାର ସାହୁ, ଜଳେଶ୍ୱର ଥାନାରେ କାର୍ଯ୍ୟରତ ଡିଏସପି ଜୟନ୍ତ କୁମାର ବେହେରା ଏବଂ ବାଲିଆପାଳ ଥାନାରେ କାର୍ଯ୍ୟରତ ଡିଏସ୍‌ପି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି।

## ବଳଦେବ ବିଦ୍ୟାଭୂଷଣଙ୍କ ଜୟନ୍ତୀ ନେଇ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧।୧୦(ସମିସ): ନଭେମ୍ବର ୨୧ ତାରିଖ ଭାଷ୍ୟକାର ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ଼. ସତ୍ୟରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଡ. ଭାଗବତ ପ୍ରସାଦ ଦାସ ଚଳିତବର୍ଷର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ନିରଞ୍ଜନ ସାହୁ, ଗିରିଶ କୁମାର ଷଡଙ୍ଗୀ, ଡଃ. ରତ୍ନାକର ସିଂହ, ଯୋଗେଶ ଚନ୍ଦ୍ର ବେହେରା, ମଧୁସୂଦନ ମାଝୀ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ପ୍ରଭାକର ସାହୁ, ତପନ କୁମାର ଦାସ, ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗର୍ଗପଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ ହାଇସ୍କୁଲ ଆଲୁମିନିର ବିବିଧ ପ୍ରତିଯୋଗିତା



ବାଲେଶ୍ୱର,୧।୧୧(ସମିସ): ବାଲେଶ୍ୱର ସହରସ୍ଥିତ ଟାଉନ ହାଇସ୍କୁଲର ପିଲାମାନଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆଲୁମିନି ଓ ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ଭୂୟାଁଙ୍କ ତତ୍ତ୍ୱାବଧାନରେ ସପ୍ତମ ଓ ଅଷ୍ଟମ ଏବଂ ଦଶମ(କ) ଓ ଦଶମ(ଖ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଜୁନିୟରରେ ସପ୍ତମ ଓ ସିନିୟରରେ ଦଶମ(ଖ) ବିଜୟୀ ହୋଇଥିଲେ। ଆରମ୍ଭରେ ପ୍ରଧାନ ଶିକ୍ଷକ ଶ୍ରୀ ଭୂୟାଁ, ଆଲୁମିନି ସଭାପତି ସୁବ୍ରତ କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଆଲୁମିନି ତଥା ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା, ଅତିଥି ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଦାମୋଦର ପଣ୍ଡା, ପୂର୍ବତନ ଶିକ୍ଷକ ପରେଶନାଥ କର, ଆଲୁମିନି ସଭ୍ୟ ହତିକ ପାୟକ, ପ୍ରଶାନ୍ତ ଦାସ, ଶ୍ୟାମସୁନ୍ଦର ମିସ୍ତ୍ରୀ, ମୋହିମ ଚାନ୍ଦ ନନ୍ଦୀ ପ୍ରମୁଖ ଉପସ୍ଥିତ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତିମ କୁମାରୀ ଦାସ ଏବଂ ଅନ୍ୟ ସହଯୋଗୀ ଶିକ୍ଷକ ଚକ୍ରଧର ମିଶ୍ର, ଗୋପୀନାଥ ପାଢ଼ୀ, ଭାରତୀ ରାଉଳ ପ୍ରମୁଖ ପରିଚାଳନା କରିଥିଲେ। ଏହାଛଡ଼ା ଆଲୁମିନି ସହଯୋଗରେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁମତି ରାଉତ, ମଧୁସ୍ମିତା ବାରିକ, ଜୟନ୍ତୀ ଚାଷୀ, ସୁସ୍ମିତା ପଣ୍ଡା, ସସ୍ମିତା ଗିରି, ସୁଲୋଚନା ଜେନା, ସତ୍ୟ ସାଗରିକା ରାଉତ, ଶିଖାରାଣୀ ପାତ୍ର, ନମିତା ନାୟକ, ତନୁଶ୍ରୀ କର, ଅଫିସ ସହକର୍ମୀ ରାଜେନ୍ଦ୍ର ଦେ, ରାମକୃଷ୍ଣ ପଣ୍ଡା, ଶଶଧର ନାୟକ, କାର୍ତ୍ତିକ ଜେନା, ଅଜିତ ପଟ୍ଟନାୟକଙ୍କ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଛିନ୍‌ତାଇ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧।୧୧(ସମିସ): ଏକ ଛିନ୍‌ତାଇ ଘଟଣାରେ ଚାନ୍ଦିପୁର ଥାନା ପୁଲିସ ଦୁଇଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଦରର ସେକ୍ ତାଜୁଦ୍ଦିନ (୨୪) ଏବଂ ଚାନ୍ଦିପୁର ରୋଡ୍ ସେକ୍ ବୁରହାନ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ସେକ ସକିଲ ବଳାରାମଗଡ଼ି ବରଫ କଳ ମାଲିକ ସେକ୍ ସକିଲ ରାତିରେ ଘରକୁ ଫେରୁଥିଲେ। ବାଲେଶ୍ୱର ସହରର ସୁନହଟସ୍ଥିତ ସକିଲଙ୍କ ଘର। ସକିଲ ରାତିରେ ଘରକୁ ଫେରିଲା ବେଳେ ଗଛମାଳିଆ ନିକଟରେ ତାଙ୍କୁ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଭୁଜାଲି ଦେଖାଇ ତାଙ୍କଠୁ ଛିନତାଇ କରିଥିଲେ। ତାଙ୍କ ମୋବାଇଲ ଓ ଟଙ୍କା ଆଦି ନେଇଯାଇଥିଲେ। ଏହି ନେଇ ସକିଲ୍ ଚାନ୍ଦିପୁର ଥାନାରେ ଅଭିଯୋଗ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ସଫେଇ ଉପକରଣ ପ୍ରଦାନ



ବାଲେଶ୍ୱର,୧।୧୧(ସମିସ): ରେମୁଣା ଏନ୍‌ଏସିରେ ସଫେଇ କର୍ମଚାରୀମାନଙ୍କୁ ପୋଷାକ, ଜୋତା, ଝାଡ଼ୁ, କୋଦାଳ,ଦାଆ ଆଦି ବିଭିନ୍ନ ସଫେଇ ଉପକରଣ ପ୍ରଦାନ କରାଯାଇଛି। ଏନେଇ ଏନ୍‌ଏସି ଚେୟାରମ୍ୟାନ ତୁନଜା ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହା ସମସ୍ତ ସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ,୨୦୨୧ମସିହାରେ ରେମୁଣା ଏନଏସସି ଗଠନ ହେବା ଠାରୁ ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କର ଆବଶ୍ୟକ ଉପକରଣ ପ୍ରଦାନ କରାଯାଇନଥିଲା। ଏଣୁ ସଫେଇ କର୍ମଚାରୀମାନେ ଏହି ସମସ୍ତ ଉପକରଣ ପ୍ରଦାନ କରିବା ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏହି ଦାବି ଅନୁସାରେ ନୂତନ କରି ଏଠାରେ ସଫେଇ ପାଇଁ ନେଇଥିବା ଏଜେନସି ବିମଳରାଜ ଆଉଟସୋର୍ସିଂ ପକ୍ଷରୁ ଆଜି ପାଖାପାଖି ୭୦ଜଣ ସଫେଇ କର୍ମଚାରୀଙ୍କୁ ଏହି ସବୁ ଉପରକଣ ପ୍ରଦାନ କରିଛନ୍ତି। ଏହି ଉପକରଣ ପ୍ରଦାନ ସମୟରେ ଏନଏସି କାର୍ଯ୍ୟ ନର୍ବାହୀ ଅଧିକାରୀ କମଳ ବିହାରୀ ଦାସ,ଉପାଧ୍ୟକ୍ଷ ଏହେସାନ ଖାନ,ଏଜେନସିର ତପନ ପାତ୍ର ଓ ଅନ୍ୟାନ୍ୟ କକର୍ମଚାରୀମାନେ ଉପସ୍ଥିତ ଥିଲେ।

## ରାସ୍ତା ଓ ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ

ବାଲେଶ୍ୱର,୧।୧୧(ସମିସ)






ସହରରେ ଦିନକୁ ଦିନକୁ ବର୍ଷା ପାଣି ନିଷ୍କାସନ ସମସ୍ୟା ବଢ଼ୁଛି। ବର୍ଷା ହେଲେ ସହରର ବିଭିନ୍ନ ତଳିଆ ଅଞ୍ଚଳ ସହ ମୁଖ୍ୟ ରାସ୍ତା ଜଳମଗ୍ନ ହୋଇ ରହୁଛି। ଏହାରି ଭିତରେ କିଛି ବର୍ଷ ହେବ ବାଲିଆ ନୂଆସାହି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂଆସାହି ରାସ୍ତାରେ ୧୦ କୋଟି ଟଙ୍କାର ପ୍ରକଳ୍ପର କାମ ଆରମ୍ଭ ହୋଇଛି। ଏବେ ତିନି ଦିନ ହେଲା ରାସ୍ତାର ଉଭୟ ପାଶ୍ୱର୍ରେ ଉଚ୍ଛେଦ କରାଯାଉଛି। ଆଜି ନୂଆସାହି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଥିବା ବାଲେଶ୍ୱର ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ସହରର ବିଭିନ୍ନ ଡ୍ରେନ୍ ଉପରେ ଦୋକାନ ଖୋଲି ଲୋକେ ବ୍ୟବସାୟ କରୁଛନ୍ତି। ଫଳରେ ଡ୍ରେନ୍ ଜାମ୍ ହେବା ସହ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଅନେକ ଡ୍ରେନ୍ ଉପରେ ସ୍ଲାବ୍ ନାହିଁ। ଫଳରେ ସହରବାସୀ ଡ୍ରେନ୍ ଭିତରେ ଅଳିଆ ଆବର୍ଜନା ପକାଉଛନ୍ତି। ଯାହାଦ୍ୱାରା ବର୍ଷା ପାଣି ଡ୍ରେନ୍‌ରେ ଭର୍ତ୍ତି ହୋଇ ରାସ୍ତାରେ ଭାସୁଛି। ସେହିପରି ସହଦେବଖୁଣ୍ଟାରୁ ରେମୁଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମା ହେଉଛି। ଜଳବନ୍ଦୀ ସମସ୍ୟା ଓ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ନୂଆସାହି ରାସ୍ତାରେ ୧୦ କୋଟି ଟଙ୍କାର କାମ ହେବା ନେଇ ନିଷ୍ପତ୍ତି ହୋଇଛି। ଶୋଭାରାମପୁର ଛକରୁ ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ ହେବ। ଏହି ଡ୍ରେନ୍ ହରିପୁରରେ ଶେଷ ହୋଇ ନୁଣିଆଯୋଡିରେ ସଂଯୋଗ ହେବ। ରାମେଶ୍ୱର ମନ୍ଦିର ନିକଟରୁ ଏହି ଡ୍ରେନ୍ ନୁଣିଆଯୋଡିକୁ କଟିଯିବ। ସହରର ବର୍ଷା ପାଣି ସେହିପଟ ଦେଇ ନୁଣିଆଯୋଡ଼ିରେ ମିଶିବ। ଫଳରେ ଜଳ ନିଷ୍କାସନ ସମସ୍ୟା ସମାଧାନ ହେବା ନେଇ ଆଶା କରାଯାଇଛି। ତେବେ ନିକଟରେ ମୋନ୍ଥା ପ୍ରଭାବରେ ବାଲେଶ୍ୱର ସହରରେ ବର୍ଷା ଲାଗିରହିଥିଲା। ଫଳରେ ସହର ସମେତ ନୂଆସାହି ରାସ୍ତା ପାଣି ଭର୍ତ୍ତି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ରାସ୍ତାର ଜବରଦଖଲ ଉଚ୍ଛେଦ କାମ ଗୁରୁବାରଠାରୁ ଆରମ୍ଭ ହୋଇଛି। ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଡ୍ରେନ୍ ଉପରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଡ୍ରେନ୍ ସଫେଇ କାମ ଜାରି ରହିଛି। ଯେହେତୁ ନୂଆସାହି ରାସ୍ତା ପିଡବ୍ଲୁଡି ହୋଇଥିବାରୁ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପିଡବ୍ଲୁଡି ପୌରପାଳିକା ସହଯୋଗରେ କରାଯାଉଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ପିଡବ୍ଲୁଡି ବିଭାଗ କର୍ମଚାରୀ, ପୌରପାଳିକା କର୍ମଚାରୀ, ଆର୍‌ଆଇ ପ୍ରମୁଖ ଉପସ୍ଥିତ ରହିଥିଲେ।

### ରାସ୍ତା ପାର୍ଶ୍ୱରୁ ଘର ଭାଙ୍ଗିଦେବାକୁ ବାରମ୍ବାର ଧମକ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଆଦିବାସୀ ମହିଳା

ବାଲେଶ୍ୱର,୧।୧୧(ସମିସ): ରାସ୍ତା ପାର୍ଶ୍ୱର୍ ସରକାରୀ ଜାଗାରେ ନିଜର ଭିନ୍ନକ୍ଷମ ପୁତ୍ର ସହ ଦୀର୍ଘବର୍ଷ ଧରି ବସବାସ କରି ଆସୁଥିବା ଆଦିବାସୀ ମହିଳାଙ୍କ ଘର ଭାଙ୍ଗିଦେବାକୁ ବାରମ୍ବାର ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ସେ ଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ମହିଳା ଜଣକ ହେଲେ କୁନୀ ସିଂ। ତାଙ୍କ କହିବା ଅନୁସାରେ ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଯିବା ପରେ ସେ ଫୁଲାଡ଼ି କାଳୀପୁର ଗ୍ରାମର ରାସ୍ତାପାଶ୍ୱର୍ ନୟନଯୋରିରେ ଏକ ଛୋଟିଆ ଝାଟିମାଟି ଘର କରି ଭିନ୍ନକ୍ଷମ ପୁଅ ଓ ଗୋଟିଏ ଝିଅକୁ ନେଇ ବସବାସ କରୁଥିଲେ। ସେଠାରେ ବସବାସ କରିବା ମଧ୍ୟରେ ଝିଅର ମୃତ୍ୟୁ ହୋଇଯାଇଥିଲା। ଏବେ ଦିନ ମଜୁରିଆ ଭାବେ ଲୋକଙ୍କ କାମ କରି ଏକମାତ୍ର ଭିନ୍ନକ୍ଷମ ପୁଅକୁ ନେଇ ସେ ସେଠାରେ ରହୁଛନ୍ତି। ତେବେ ଗତ କିଛିଦିନ ପୂର୍ବରୁ ସେ ରହୁଥିବା ଜାଗାର ପଛପାଖ ଜମିକୁ ସେ ଅଞ୍ଚଳର ଦୁଇଜଣ ବ୍ୟକ୍ତି ବାଡ଼ ଘେରିବା ସହିତ କୁନୀ ସିଂକୁ ସେଠାରୁ ଉଠିଯିବାକୁ କହିଛନ୍ତି। ସେ ଜମିକୁ ଯିବା ପାଇଁ ସମ୍ମୁଖରେ ପର୍ଯ୍ୟାପ୍ତ ସ୍ଥାନ ଥିଲେ ବି ତାଙ୍କୁ ସେଠାରୁ ଉଚ୍ଛେଦ ପାଇଁ ସେମାନେ ବାରମ୍ବାର ଧମକ ଚମକ ଦେଉଛନ୍ତି। ଏମିତିକି ତାଙ୍କୁ ଓ ତାଙ୍କ ପୁଅକୁ ଜୀବନରୁ ମାରିଦେବା ସହ ଡୋଜର ଚଳାଇ ଘର ଭାଙ୍ଗିଦେବେ ବୋଲି ଚେତାବନୀ ଦେଇଥିବା କୁନୀ ସିଂ ପ୍ରକାଶ କରିଛନ୍ତି। ଏ ବାବଦରେ କ୍ଷେତ୍ର ତଦନ୍ତ ସହ ତାଙ୍କୁ ନ୍ୟାୟ ଦେବାକୁ ସେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଏ ନେଇ ସେ ଏକ ନିବେଦନପତ୍ର ଜିଲ୍ଲାପାଳ ଓ ସଦର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।



## ମାଲକାନଗିରିରେ ସେକ୍ସ ରାକେଟ୍ ଠାବ

# ରାଣୀ ମହୁମାଛି, ପୁରୁଷ ମାଷ୍ଟରମାଇଣ୍ଡ ସମେତ ୬ ଗିରଫ

ମାଲକାନଗିରି, ୧।୧୧(ସମିସ)



ମାଲକାନଗିରି ସଦରରେ ସେକ୍ସ ରାକେଟ ଠାବ ହୋଇଛି। ଦେହ ବେପାର ଚାଲିଥିବା ବେଳେ ମାଡି ବସିଲା ମାଲକାନଗିରି ପୋଲିସ। ଜିଲ୍ଲା ସଦରରେ ଥିବା ପାତ୍ରଗୁଡ଼ାରେ ଏକ ଭଡା ଘରେ ଏହି ଦେହ ବ୍ୟାପାର ଚାଲିଥିବାବେଳେ ମାଲକାନଗିରି ଏସଡିପିଓ ଦିବ୍ୟ ଦଳେଇଙ୍କ ନେତୃତ୍ୱରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ତେବେ ଏହି ଦେହ ବ୍ୟାପାର ଅନେକ ଦିନ ଧରି ଏଠାରେ ଚାଲିଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଏହି ଖବର ପାଇ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ୨ ଦେହଜୀବୀଙ୍କୁ ଗିରଫ କରାଯାଇଛି। ସେହିପରି ୨ ଦେହ ବେପାରୀଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଜଣେ ପୁରୁଷ ମାଷ୍ଟର ମାଇଣ୍ଡ ସହ ରାଣୀ ମହୁମାଛି ମଧ୍ୟ ଗିରଫ ହୋଇଥିବା ବେଳେ ଗୋଟିଏ ସ୍କୋର୍ପିଓ ଗାଡିକୁ ମଧ୍ୟ ପୁଲିସ ଜବତ କରିଛି। ତେବେ ଏହି ରାଣୀ ମହୁମାଛି ପୂର୍ବରୁ ମଧ୍ୟ ଥରେ ଗିରଫ ହୋଇଥିବା ଜଣାପଡ଼ିଛି। ସେହିପରି ଗିରଫ ଦୁଇ ଦେହଜୀବୀ ଜଗତସିଂହପୁର ଓ ଭଦ୍ରକ ଅଞ୍ଚଳର ହୋଇଥିବା ବେଳେ ଗିରଫ ଗ୍ରାହକମାନେ ଛତିଶଗଡ଼ର ସୁକୁମା ଜିଲ୍ଲାର ବୋଲି ଜଣାପଡ଼ିଛି।

# ୮.୬ କେଜି ଗଂଜେଇ ଜବତ; ଜଣେ ଗିରଫ

ରାୟଗଡ଼ା, ୧।୧୧(ସମିସ): ଟ୍ରେନ୍ ଯୋଗେ ରାୟଗଡ଼ାରୁ ବିଶାଖାପାଟଣାକୁ ଚୋରା ଚାଲାଣ ହେବାକୁ ଥିବା ୮କେଜି ୬୦୦ଗ୍ରାମର ଗଂଜେଇକୁ ଜବତ କରିଛି ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପିଏସ)। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲ୍ଲା ଶେକାପଡ଼ା ଗ୍ରାମର ଅଶ୍ରାଉଲ ମୁଲା (୨୪)। ସୂଚନାଯୋଗ୍ୟ, ଜିଆରପିଏସ ଡିଏସପି ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ରେଳ ଷ୍ଟେସନର ପ୍ଲାଟଫର୍ମରେ ଜିଆରପି ଥାନା ପୋଲିସ ଯାଞ୍ଚ କରୁଥିଲେ। ଏହି ସମୟରେ ଦ୍ୱିତୀୟ ନମ୍ବର ପ୍ଲାଟଫର୍ମରେ ଅଭିଯୁକ୍ତ ଅଶ୍ରାଉଲ ନିକଟରେ ଥିବା ବ୍ୟାଗକୁ ସନ୍ଦେହଜନକ ଭାବେ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଗଂଜେଇ ଥିବା ପୋଲିସ ଜାଣିବାକୁ ପାଇବା ପରେ ଅଭିଯୁକ୍ତକୁ ଥାନାକୁ ଆଣି ଅଧିକ ପଚରାଉଚୁରା କରିଥିଲେ। ଅଭିଯୁକ୍ତ ଅଶ୍ରାଉଲ ନାଗାବଳୀ ଏକ୍ସପ୍ରେସ ଟ୍ରେନ୍ ଯୋଗେ ବିଶାଖାପାଟଣମକୁ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରୁଥିବା କହିଥିଲା। ଜବତ ଗଂଜେଇର ଓଜନ ୮.୬୦୦କେଜି ଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ୮୬ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଆଜିର ଏହି ଚଢ଼ଉ ବେଳେ ଜିଆରପି ଥାନା ଅଧିକାରୀ ବିନୟ କୁମାର ମିଂଜ, ଏସ୍‌ଆଇ ସନ୍ତୋଷ ପରିଡ଼ା, ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ, ବେଲାଲସେନ ହାଲଦାରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



## ● ପେଟା ଘାଟିରେ ୩ଶହ ଫୁଟ ତଳକୁ ଖସିଲା ଟ୍ରକ୍

# ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ବୈପାରୀଗୁଡ଼ା, ୧।୧୧(ସମିସ): ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ମହୁଲି ପଞ୍ଚାୟତ ପେଟା ଘାଟିରେ ୩ ଶହ ଫୁଟ ତଳକୁ ଖସିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର। ସୂଚନାନୁଯାଇ, ଗତକାଲି ବିଳମ୍ବିତ ରାତିରେ ଏକ କାଠ ବୋଝେଇ ଟ୍ରକ୍ ଲମତାପୁଟ ଠାରୁ ଆନ୍ଧ୍ର ପ୍ରଦେଶର ଭଦ୍ରାଚାଲାମ ଅଭିମୁଖେ ଯାଉଥିଲା। କୋଟା ଛକ ପେଟା ଘାଟି ମନ୍ଦିର ନିକଟରେ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ୩ ଶହ ଫୁଟ ତଳକୁ ଖସିଯାଇଥିଲା। ଗାଡ଼ିରେ ଡ୍ରାଇଭର ଏକା ଥିବା ବେଳେ ସେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଏଥିସହ ମନ୍ଦିର ନିକଟରେ ଶୋଇଥିବା ରାସ୍ତା କାମ କରୁଥିବା ଶ୍ରମିକମାନେ ମଧ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପେଟା ଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ କିଛି ମାସ ଭିତରେ ୨ ଟି ମାଣ୍ଡିଆ ଗାଡି, ୨ ଟି କାଠଗାଡି, ଚାଉଳ ଗାଡି ୨ ଟି ଦୁର୍ଘଟଣା ଘଟିଛି। ଆରଡି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ୧୧ ଚୋରି ମୋବାଇଲ ଉଦ୍ଧାର; ମାଲିକଙ୍କୁ ଫେରାଇଲା ପୁଲିସ



ମାଲକାନଗିରି, ୧।୧୧(ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ଓ ହଜିଯାଇଥିବା ୧୧ ଟି ମୋବାଇଲ ଫୋନକୁ ମାଲକାନଗିରି ସାଇବର ପୋର୍ଟାଲ ମାଧ୍ୟମରେ ଠାବ କରାଯାଇଛି। ସେ ମୋବାଇଲ ଫୋନ ଗୁଡିକୁ ପୁଲିସ ଉଦ୍ଧାର କରିବା ପରେ ଠିକ ମାଲିକଙ୍କୁ ପ୍ରଦାନ କରିଛି। ମାଲକାନଗିରି ଜିଲ୍ଲା ପୁଲିସ ପକ୍ଷରୁ ମାଲକାନଗିରି ଆଦର୍ଶ ଥାନା ପରିସର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍ଧାର ମୋବାଇଲ ଫୋନ୍‌ଗୁଡିକୁ ମୋବାଇଲର ଉପଯୁକ୍ତ ମାଲିକଙ୍କୁ ଡକାଯାଇ ହସ୍ତାନ୍ତର କରାଯାଇଛି। ହଜିଯାଇଥିବା ମୋବାଇଲ ଫେରି ପାଇ ଥିବାରୁ ମୋବାଇଲ ଫୋନ ମାଲିକଙ୍କ ମନରେ ପୁଲିସ ସାଇବର ସୁରକ୍ଷା ଓ ପୁଲିସ କୁ ପ୍ରଶଂସା କରିଛନ୍ତି।

# ଜିଲ୍ଲାରେ ୩ଟି ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ



ରାୟଗଡ଼ା, ୧।୧୧(ସମିସ): ଆଜି ଆଭାସି ମାଧ୍ୟମରେ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, ରାମନାଗୁଡ଼ା ଓ ପଦ୍ମପୁର ବ୍ଲକର ତିନୋଟି ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧନ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଜନସାଧାରଣ ନିଜ ତହସିଲ ଅଞ୍ଚଳରେ ହିଁ ଜମି କିଣାବିକା କରିବାର ସମସ୍ତ ସୁବିଧା ପାଇପାରିବେ। ସ୍ଲଟ ବୁକିଂ ନିମନ୍ତେ ଲୋକେ ଘରେ ବସି ଆବେଦନ କରିପାରିବେ। ଜମି କିଣାବିକା ଶୃଙ୍ଖଳିତ ଭାବରେ କରିପାରିବେ। ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାର ଓସ୍ୱାନ ହଲ୍‌ରେ ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ଉପନିବନ୍ଧକ, ସହକାରୀ ଜିଲ୍ଲାପାଳ ନିର୍ମଳ ସାହୁ, ମାନଭଞ୍ଜନ କହଁର, କୈଳାଶ ସ୍ୱାଇଁ, ସୁସ୍ମିତା ପଟ୍ଟନାୟକ, ଲିପ୍ସା ସାହୁ, ବିଚିତ୍ରା ସେଠି, ଅତିରକ୍ତ ତହସିଲଦାର, ଜିଲ୍ଲା ପରିଷଦ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ମା’ କାଳୀଙ୍କ ଭସାଣି ଉତ୍ସବ



ରାୟଗଡ଼ା, ୧।୧୧(ସମିସ): ରାୟଗଡ଼ା ବ୍ଲକ କଲୋନୀ ସ୍ଥିତ କାଳୀ ମଣ୍ଡପରେ ମା’ଙ୍କ ଦଶମହାବିଦ୍ୟା ଓ କାଳୀପୂଜା ଉତ୍ସବ ଗୁରୁବାର ଶେଷ ହୋଇଥିବା ବେଳେ ଶୁକ୍ରବାର ଏହାର ଭସାଣି ଉତ୍ସବ ଶେଷ ହୋଇଛି। ରାୟଗଡ଼ା ଫ୍ରେଣ୍ଡସ ୟୁଥ ଆସୋସିଏସନ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ରହି ମଣ୍ଡପରୁ ମା’ କାଳୀଙ୍କ ମୂର୍ତ୍ତିଙ୍କୁ ବାହାରଙ୍କୁ ଆଣିଥିଲେ। ଏହାପରେ ଘଣ୍ଟ, ଘଣ୍ଟା ଓ ବିଭିନ୍ନ ବାଦ୍ୟତାଳରେ ବିରାଟ ପଟୁଆରରେ ମା’କାଳୀଙ୍କ ମେଢ଼କୁ ହାଲୁଆ ଗ୍ରାମ ସ୍ଥିତ ପ୍ରବାହିତ ଝଞ୍ଜାବତୀ ନଦୀରେ ବିସର୍ଜନ କରାଯାଇଛି। ରାୟଗଡ଼ା ସହରର ବ୍ଲକ ଅଫିସ ନିକଟସ୍ଥ ମା’କାଳୀଙ୍କ ମନ୍ଦିରରେ ସ୍ଥାନୀୟ ଫ୍ରେଣ୍ଡସ ୟୁଥ ଆସୋସିଏସନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମରେ ଚଳିତ ବର୍ଷ ୪୩ତମ କାଳୀପୂଜା ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଥିଲା। ମଣ୍ଡପରେ ଦକ୍ଷିଣ କାଳୀ ଓ ଦଶ ମହାବିଦ୍ୟା ପୂଜା ଉତ୍ସବ ପାଳନ ହୋଇଥିଲା। ପୂଜା ମଣ୍ଡପ ନିକଟରେ ଆକର୍ଷଣୀୟ ତୋରଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଅକ୍ଟୋବର ମାସ ୨୧ ତାରିଖ ଦିନ ଗୁରୁତାରା ପୂଜାରୁ ଆରମ୍ଭ ହୋଇଥିବା ମା’ଙ୍କ ପୂଜା ୧୧ ଦିନ ଧରି ଚାଲିଥିଲା। ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମିନାବଜାରର ଆୟୋଜନ କରାଯାଇଥିଲା।

# ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ରାଧାରାଣୀ





ପଦ୍ମପୁର, ୧।୧୧(ସମିସ): ଅଁଳା ନବମୀ ଓ ରାଧାପାଦ ଦର୍ଶନ ଅବସରରେ ରାୟଗଡ଼ା ଜିଲ୍ଲାର ପଦ୍ମପୁର ବିଭିନ୍ନ ମଠ ମନ୍ଦିର ମଧ୍ୟରେ ଗୀରିଧାରୀ, ଗୋପିନାଥ, ବୃନ୍ଦାବନ ଚନ୍ଦ୍ର ଓ ଯୁଗୋଳକିଶୋର ମହାପ୍ରଭୁଙ୍କ ମଠରେ ରାଧାକୃଷ୍ଣ ମହାପ୍ରଭୁଙ୍କୁ ଅପୂର୍ବ ସୁନ୍ଦରରେ ସଜ୍ଜିତ କରାଯାଇଥିଲା। ଶ୍ରୀରାଧା ଓଡ଼ିଆଣି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀରାଧା ଙ୍କ ପାଦପଦ୍ମ ଓ ବେଶ ଦର୍ଶନ ପାଇଁ ମନ୍ଦିର ଗୁଡିକରେ ପ୍ରବଳ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ମହିଳାମାନେ ଅଁଳା ନବମୀ ଉପଲକ୍ଷେ ଅଁଳା ବୃକ୍ଷ ମୂଳରେ ଭୋଗ, ଦୀପ, ରୁପ ଓ ରଙ୍ଗ ବେରଙ୍ଗର ଚିତା ମୂରୁଜ ଦେଇ ହୁଳହୁଳି ଦେଇ ଅଁଳା ବୃକ୍ଷକୁ ଚୁଡ଼ି, ଲୁଗା ଓ ସିନ୍ଦୁର ଲଗାଇ ପୂଜା କରିଥିଲେ। ସେହିପରି ପଦ୍ମପୁର ଭାଗବତ ଟୁଙ୍ଗି ପରିସରରେ ରାଧାପାଦ ଦର୍ଶନ ସହ ଗୀତା ଯଜ୍ଞ ମହାଆଡ଼ମ୍ବରରେ ପାଳିତ ହୋଇଥିଲା। ଏଥିପାଇଁ ଭାଗବତ ଟୁଙ୍ଗି ତରଫରୁ ସକାଳ ୭ଟାରୁ ଗୀତା ଯଜ୍ଞ କରାଯିବା ସହ ଅଁଳା ବୃକ୍ଷ ମୂଳରେ ପୂଜା ପାଠ କରାଯାଇଥିଲା।

# ଗୁମ୍ମା ଘାଟିରେ ରାସ୍ତା ଜାମ; ୪ଘଣ୍ଟା ଧରି ଯାତ୍ରୀ ହଟହଟା



ରାୟଗଡ଼ା, ୧।୧୧(ସମିସ): ଗତକାଲି ମଧ୍ୟରାତ୍ରିରେ ଗୁମ୍ମା ଘାଟିରେ ପୁଣି ରାସ୍ତା ଜାମ ହୋଇଥିବା ସୂଚନା ମିଳିଛି। ଗତକାଲି ରାତିରେ ଗୁମ୍ମା ଘାଟିର ଏକ ବୁଲାଣିରେ ଏକ ଟ୍ରଲର ଅଟକି ରହିଥିବା ବେଳେ ତାକୁ ଆଉ ଏକ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଫଳରେ ରାୟଗଡ଼ା-କୋରାପୁଟ ମଧ୍ୟରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଗୁମ୍ମା ଘାଟିରେ ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଯାଉଥିବା ରାତ୍ରି କାଳୀନ ବସ୍ ସହ ଟ୍ରକ ସବୁ ଲମ୍ବା ଲାଇନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଘାଟି ରାସ୍ତାରେ ଶୀତ କାକରରେ ବସ୍‌ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଖବରପାଇ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ରାସ୍ତା ଉପରୁ ଟ୍ରକ୍‌କୁ ହଟାଇବାରେ ସହାୟତା କରିଥିଲେ। ଦୀର୍ଘ ୪ ଘଣ୍ଟା ପରେ ସେହି ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେଠାରେ ବାରମ୍ବାର ଏଭଳି ରାସ୍ତା ଜାମ ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗର ନିଦ ଭାଙ୍ଗୁନି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି, ୧।୧୧(ସମିସ): ତମସା କେନାଲ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରୁ ଏହା ପ୍ରେମ ଜନିତ ଆତ୍ମହତ୍ୟା ହୋଇ ଥିବା ନେଇ ପୁଲିସ ସନ୍ଦେହ କରୁଛି। ମୃତକ ଯୁବକ ଏମଭି-୮୬ ଗ୍ରାମର ସୁଜନ ରାୟ(୨୪) ବୋଲି ଜଣାପଡ଼ିଛି। ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତକ କିଛି ମାସ ହେଲା ମାଲକାନଗିରି ନିକଟ ଏମଭି ୪୨ ଗ୍ରାମରେ ରହୁଥିବା ଥାନା ଅଧିକାରୀ ଶ୍ରୀ କିଣ୍ଡୋ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ‘ସଜାଗ ଓ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ’




ମାଲକାନଗିରି, ୧।୧୧(ସମିସ)

ମାଲକାନଗିରି ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆବଶ୍ୟକତା ଠାରୁ ଅଧିକ ଲୋଭ ହିଁ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି। ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ପ୍ରଧାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ମାଲକାନଗିରି ଦୁର୍ନୀତି ନିବାରଣ ଶାଖା ଉପ ଆରକ୍ଷୀ ଅଧୀକ୍ଷକ ସଦାନନ୍ଦ ପାଣି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଦୁର୍ନୀତି ନିବାରଣ ରେଞ୍ଜ ଅଧିକାରୀ ରମେଶ ରାଉତ ମଞ୍ଚାସୀନ ଥିଲେ। ଶ୍ରୀ ପାଣି ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ମହାବିଦ୍ୟାଳୟ ସ୍ତରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ରାଲିରେ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟକୁ ସାମିଲ କରଯାଇଥିଲା। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର, ବାଲାଜୀ ପଟ୍ଟନାୟକ, ଭିଜିଲାନ୍ସ କ୍ଷୀପ୍ର ଲେଖକ ନିର୍ମଳ କୁମାର ବାଘଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଭିଜିଲାନ୍ସ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ଯୁବକଙ୍କୁ ହତ୍ୟା ଉଦ୍ୟମ ବେଳେ ଘେରିଲେ ମହିଳା

- ପୁଇନ୍ତଲା ଥାନା ଆଠଗାଁରେ ଉତ୍ତେଜନା ପରିସ୍ଥିତି
- ତିନି ଯୁବକ ମହିଳାଙ୍କ ଦ୍ୱାରା ଅଟକ
- ଗାଁରେ ବଢୁଛି ନିଶାଖୋରଙ୍କ ଉତ୍ପାତ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

ବଲାଙ୍ଗିର,୧।୧୧(ସମିସ) : ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ଥାନା ଆଠଗାଁରେ ଉତ୍ତେଜନା ଦେଖିବାକୁ ମିଳିଛି। ପୁଲିସ ଅବହେଳା ଯୋଗୁଁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଆଜି ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରୁଥିବା ବେଳେ ମହିଳାମାନେ ତିନି ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଇନ ନିଜ ହାତକୁ ନେବାକୁ ବାଧ ହେବେ ବୋଲି ମହିଳାମାନେ ଦାବି କରିଛନ୍ତି।

ପୁଇନ୍ତଲା ଥାନା ଆଠଗାଁରେ ଗତ କିଛି ମାସ ହେଲା ନିଶାଖୋର ଯୁବକଙ୍କ ଉତ୍ପାତ ଗାଁରେ ବଢ଼ି ବଢ଼ି ଚାଲିଛି। ଅଳ୍ପ ବୟସ୍କ ଯୁବକମାନେ ନିଶାଦ୍ରବ୍ୟ ଖାଇବା ପରେ ଗାଁରେ ମହିଳାମାନଙ୍କୁ କମେଣ୍ଟ ମାରିବା, ଲୋକଙ୍କ ସହ ଗଣ୍ଡଗୋଳ କରିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ମାନେ ପୁଇନ୍ତଲା ଥାନାକୁ ଜଣାଇଥିବା ବେଳେ ପୁଲିସ ନୀରବ ରହିଥିଲା। ପରେ ଗତ ପ୍ରାୟ ୧୫ ଦିନ ପୂର୍ବରୁ ଗାଁ ମହିଳାମାନେ ଏକତ୍ରିତ ହୋଇ କଡା ନିଷ୍ପତ୍ତି ନେଇଥିଲେ। ଗାଁରେ ଯିଏ ବି ନିଶା ଖାଇ ଉତ୍ପାତ ହେବ, ବିଶୃଙ୍ଖଳା ସୃଷ୍ଟି କରିବ ସେମାନଙ୍କ ନାମରେ ମହିଳାମାନେ ଥାନା ଅଭିଯୋଗ କରିବେ ବୋଲି କହିଥିଲେ। ଏହା ଜାଣିବା ପରେ ଗତ ଦୁଇ ଦିନ ହେଲା ଅପରାଧିକ ଶ୍ରେଣୀର ଯୁବକ ମାନେ ମହିଳାଙ୍କ ଏହିଭଳି ନିଷ୍ପତିକୁ ନେଇ ଟାହି ଟାପରା କରିଥିଲେ। ତେବେ ଯାହାକୁ ନେଇ ଶୁକ୍ରବାର ଗାଁରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ଶନିବାର ଗାଁର ସୁମନ୍ତ ମାଝୀ ନାମକ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଧରି ପ୍ରାୟ ୬ ଜଣ ଯୁବକ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ଦେଖି ମହିଳାମାନେ ଏକତ୍ରିତ ହୋଇ ଦୁଇ ଜଣ ଯୁବକଙ୍କୁ କାବୁ କରିଥିଲେ। ପରେ ଆଉ ଜଣେ ଯୁବକ ଘରକୁ ଯାଇ ଆଣି ଅଟକ ରଖିଥିଲେ। ଅଟକ ରଖିବା ପରେ ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚିବା ପରେ ମଧ୍ୟ ସେମାନେ ଅଭିଯୁକ୍ତମାନଙ୍କୁ ଛାଡି ନ ଥିଲେ। ମହିଳାମାନେ ପୁଲିସ ପାଖରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦାବି କରିଛନ୍ତି। ଏହିଭଳି ଯୁବକମାନଙ୍କ ନାମରେ ଅଭିଯୋଗ କଲା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ବେଆଇନ ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ



ଲୋଇସିଂହା,୧।୧୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ସମୟରେ ଚଢ଼ଉ କରାଯାଇ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଲୋଇସିଂହା ଥାନା ଅଧୀନ ଅଙ୍ଗନଦୀରୁ ନିୟମିତ ଭାବେ ବାଲି ବେଆଇନ ଭାବେ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଖୋଲାଖୋଲି ଭାବେ ବାଲି ଚାଲାଣ ଅଭିଯୋଗ ପରେ ଲୋଇସିଂହା ପୁଲିସ ପକ୍ଷରୁ ଇନ୍ସପେକ୍ଟର ମନୋଜ ମୁଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ବେଆଇନ ଭାବେ ସାଲେଭଟାରୁ ଲୋଇସିଂହା ଅଭିମୁଖେ ଆସୁଥିବା ଟ୍ରାକ୍ଟରକୁ ଜବତ କରାଯାଇ ଥାନାରେ ମାମଲା ରୁଜୁ ହୋଇଛି।

# ସମିତିସଭ୍ୟ ଆକ୍ରମଣକାରୀକୁ ଗିରଫ ଦାବି



ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଥାନା ଘେରଉ

ଗର୍ଜିଲା ଆଦିବାସୀ ଦଳିତ ସଂଘ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ

ସଇନ୍ତଲା,୧।୧୧(ସମିସ): ବଲାଙ୍ଗୀର ଜିଲ୍ଲା ସଇନ୍ତଲା ଥାନା ବୁଢ଼ାବାହାଲ ପଞ୍ଚାୟତ ସମିତିସଭ୍ୟ ମଦନ ନାଗଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଚୁପ୍ ରହିଛି। ଏହାକୁ ନେଇ ଦଳିତ ଆଦିବାସୀ ସଂଘ ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଉଭୟ ଅନୁଷ୍ଠାନ ପକ୍ଷରୁ ଥାନା ଘେରଉ ହୋଇଯାଇଛି। ଗତ ୬ ତାରିଖରେ ସମିତି ସଭ୍ୟ ମଦନ ନାଗ ସଇତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୫ ଦିନ ବିତିଯାଇଥିଲେ ସୁଧା ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିପାରିନାହିଁ। ଏ ନେଇ ସଇନ୍ତଲା ବ୍ଲକ୍ ଆଦିବାସୀ ଦଳିତ ସଂଘ ଓ ମାନବ ଅଧିକାର ସୁରକ୍ଷା ଅଭିଯାନ ମଞ୍ଚ ପକ୍ଷରୁ ଶତାଧିକ ଆଦିବାସୀ ସ୍ଥାନୀୟ ଡାକବଙ୍ଗଳା ପଡିଆରେ ଏକତ୍ରିତ ହେଇଥିଲେ। ପାରମ୍ପରିକ ବାଜା, ଅସ୍ତ୍ରଶସ୍ତ୍ର ଧରି ସମସ୍ତେ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ସଇଁତଳାର ଇଷ୍ଟଦେବୀ ମା' ଚଣ୍ଡେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ସହର ପରତକ୍ରମା କରି ଥାନା ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପୁଲିସ ବିରୋଧରେ ନାରାବାଜି କରିଥିଲେ। ପ୍ରତିବାଦ ସଭା କରି ମୁଖ୍ୟ ଅଭିଯୁକ୍ତ ବିନେଶ ଗହୀରକୁ ଗିରଫ କରିବାକୁ ଦାବି କରିଥିଲେ। ଟିଟିଲାଗଡ଼ ଏସଡିପିଓ ଯଶୋବନ୍ତ ପଧାନୀ ପହଞ୍ଚି ବୁଝାଶୁଝା କରିଥିଲେ। ଅଭିଯୁକ୍ତକୁ ଗିରଫ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ଆଦିବାସୀ ଦଳିତ ସଂଘ ସଭାପତି ପ୍ରେମ ଭୋଇ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ବଳଦେବ କୁମ୍ଭାର, ଆଦିବାସୀ କଲ୍ୟାଣ ସଇଁତଳା (ଶାଖା) ସଭାପତି ସନ୍ତୋଷ ପୁଟା, ଆଦିବାସୀ ନେତା ତଥା ସଇଁତଳା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଆଇନଜୀବୀ ଦିନେଶ ନାଗ, ଦେବେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ବୁଢ଼ାବାହାଲ ପଞ୍ଚାୟତ ସମିତିସଭ୍ୟ ମଦନ ନାଗ ଗତ ୬ ତାରିଖ ସୋମବାର ସନ୍ଧ୍ୟାରେ ଆମ୍ବପାଲିଠାରୁ ନିଜଘର ବାବୁକେଲ ଗାଁକୁ ବାଇକ ଯୋଗେ ଫେରୁଥିଲେ। ଲାଛନଦୀ ବ୍ରିଜ ନିକଟରେ ତାଙ୍କୁ ଅଭିଯୁକ୍ତ ବିଜେପି ନେତା ବିନେଶ ଗହୀର ଓ ତାଙ୍କ ସହଯୋଗୀମାନେ ଅଟକାଇ ଥିଲେ। ବୁଢାବାହାଲ ପଞ୍ଚାୟତ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ର କରି କଥା କଟାକଟି ହୋଇଥିଲା। ଏହାପରେ ଶ୍ରୀ ନାଗଙ୍କୁ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସେ ସଇନ୍ତଲା ଥାନାରେ ଏତଲା ଦେଇଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଏହାର ପ୍ରତିବାଦରେ ପୂର୍ବରୁ ଗତ ୮ ତାରିଖରେ ପ୍ରଥମେ ସଇଁତଳା ସମିତି ସଭ୍ୟ ସଂଘ ଅଭିଯୁକ୍ତକୁ ଗିରଫ ଦାବି କରିଥିଲା। ପରେ ଗତ ୧୦ ତାରିଖରେ ଆଦିବାସୀ ଓ ଦଳିତ ସଂଘ ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ଭେଟିଥିଲା। ଅଭିଯୁକ୍ତକୁ ଗିରଫ କରା ନ ଗଲେ ଥାନା ଘେରଉ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଥିଲା।

# ଅପହୃତ ଶିକ୍ଷକ ଉଦ୍ଧାର

ସିନାପାଲି,୧।୧୧(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସିନାପାଲି ସହରର ଶିକ୍ଷକ ଦୈତାରୀ ମେହେର (୫୨) ଅପହରଣ ହୋଇଥିବା ନେଇ ପରିବାର ଲୋକେ ସିନାପାଲି ଥାନାର ଦ୍ୱାରସ୍ଥ ହେବାର ୧୨ ଘଣ୍ଟା ନ ପୂରୁଣୁ ସିନାପାଲି ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ସିନାପାଲି ଥାନା ଅଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ୍ ତଦନ୍ତ କରିବା ସହ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରୁ ଶିକ୍ଷକଙ୍କୁ ଉଦ୍ଧାର କରିଥିବା ସିନାପାଲି ଥାନା ଅଧିକାରୀ ଶ୍ରୀ ବାଗ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଶନିବାର ସକାଳୁଆ ସ୍କୁଲ ଥିବାରୁ ବାଇକ୍ ଯୋଗେ ଯାଉଥିଲେ ପ୍ରାୟ ୭ ଘଣ୍ଟା ସମୟରେ ସରଧାପୁର- କର୍ଲାପାଣି କାଜୁ ବଗିଚା ନିକଟରେ ଦୁର୍ବୃତ୍ତମାନେ ଏକ ଧଳା ରଙ୍ଗର କାର୍‌ରେ ଆସି ମାରଣାସ୍ତ୍ର ଦେଖାଇ ନେଇଯାଇଥିଲେ। ସେମାନେ ଉଭୟ ଆଞ୍ଚଳିକ ଓ ଛତିଶଗଡ଼ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ଶିକ୍ଷକଙ୍କ ମୋବାଇଲ ନମ୍ବରରେ ଘରକୁ ଫୋନ କରି ଟଙ୍କା ମାଗି ଥିଲେ। ପରେ ଘର ଲୋକ ସିନାପାଲି ଥାନାରେ ଜଣାଇବା ପରେ ପୁଲିସ ତନାଘନା ଆରମ୍ଭ କରି ମୋବାଇଲ ଟ୍ରାକ୍ କରି ଉଦ୍ଧାର କରିଥିବା ଜଣାପଡିଛି। ପୁଲିସ ଶିକ୍ଷକ ଜଣଙ୍କୁ ଥାନାରେ ରଖି ପଚରା ଉଚୁରା ଚଳାଇଥିବା ବେଳେ ଦୁର୍ବୃତ୍ତମାନେ ଧରା ପଡ଼ି ନାହାନ୍ତି। ପ୍ରଭାକର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।



# ଚାଲାଣବେଳେ ୫ ଶିଶୁ ସମେତ ୧୧ ଦାଦନ ଶ୍ରମିକ ଉଦ୍ଧାର



ସର୍ଦ୍ଦାର ଗିରଫ

ଖପ୍ରାଖୋଲ, ୧।୧୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସ ଶନିବାର ସକାଳେ ୫ଜଣ ଶିଶୁଙ୍କ ସମେତ ୧୧ ଜଣ ଦାଦନ ଶ୍ରମିକଙ୍କୁ କର୍ଲାବାହାଲି ଛକରୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ନାଦୁପଲା ପଞ୍ଚାୟତ ଦୁଡୁମଦର୍ହା ଗାଁର। ଉଦ୍ଧାର ଶ୍ରମିକ ମଧ୍ୟରେ ୫ଶିଶୁ, ୫ମହିଳା ଓ ୬ ଜଣ ପୁରୁଷ ଅଛନ୍ତି। ଏହି ଶ୍ରମିକମାନେ ପାଟଣାଗଡ ଥାନା ବରବାହାଲ ଗାଁର ଦାଦନ ସର୍ଦ୍ଦାର ମନୁ ନାଗ (୩୧) ମାଧ୍ୟମରେ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିକୁ କାମ କରିବାକୁ ଯାଉଥିଲେ। କର୍ଲାବାହାଲି ଛକରେ ଏମାନେ ଗାଡି ପାଇଁ ଅପେକ୍ଷା କରିଥଲେ। ଏହି ସମୟରେ ପୁଲିସ ଚଢ଼ଉ କରି ଏମାନଙ୍କୁ ଉଦ୍ଧାର କରିଥିଲା। ସେଠାରୁ ଦାଦନ ସର୍ଦ୍ଦାରକୁ ଗିରଫ କରିଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ଦାଦନ ଶ୍ରମିକଙ୍କୁ ନିଜ ଘରକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି।

# କଳାହାଣ୍ଡି ପ୍ରତିଷ୍ଠା ଦିବସ

ଧର୍ମଗଡ,୧।୧୧(ସମିସ):ଜିଲ୍ଲାର ଇତିହାସ ଯେତିକି ରୋଚକ ଏହାର କଳା ଓ ସଂସ୍କୃତି ମଧ୍ୟ ସେତିକି ମଧୁର। ଜିଲ୍ଲାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ,ମେଡିକାଲ କଲେଜ,କୃଷି କଲେଜ, ପଲିଟେକନିକ୍ କଲେଜ,ଆଇଟିଆଇ,ନର୍ସିଂକଲେଜ,ନିର୍ମାଣ କରାଯାଇ ଆଞ୍ଚରେ ଅନେକ ବିକାଶ କରାଯାଇଛି।ନଭେମ୍ବର ୧ ତାରିଖ କଳାହାଣ୍ଡିର ପ୍ରତିଷ୍ଠା ଦିବସ ଚଳିତ ବର୍ଷ କଳାହାଣ୍ଡି ତାହାର ୭୬ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ସଦାଶିବ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ , ,ବିଡ଼ିଓ ପଙ୍କଜିନୀ ମାଝୀ,ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ,ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଇଁସାଲ,ଏଏଇ ସର୍ବେଶ୍ୱର ପ୍ରଧାନ, ସରପଞ୍ଚ ସଂଘ ସଭାପତି ହାତୀରମ ଦୁର୍ଗା, ଛୀଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ସମସ୍ତ ପିଆରଆଇ ମେମ୍ବର ସମେତ ବିଭିନ୍ନ ବିଭାଗର ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



# ଭୀମ ଭୋଇଙ୍କ ଦିବ୍ୟ ଚେତନା ଦିବସ



ବଙ୍ଗୋମୁଣ୍ଡା,୧।୧୧(ସମିସ): ସତ୍ୟ ମହିମା ଆଶ୍ରମରେ ଭୀମ ଭୋଇଙ୍କ ଦିବ୍ୟ ଚେତନା ଦିବସ ପାଳିତ ହୋଇଛି। ମଠାଧୀଶ ଅବଧୂତ କପିଳେନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଏହା ପାଳିତ ହୋଇଥିଲା। ଏଥିରେ ସନ୍ଥ ଭୀମଭୋଇ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ଚଉଷଠି ଯୁଗନୀ ସାହିତ୍ୟ କଳା ପରିଷଦର ସଭାପତି ଡ. ନାରାୟଣ ମିଶ୍ର, ସମ୍ପାଦକ ନିଗମାନନ୍ଦ ଦାସ, ଭୀମ ଭୋଇ ସାହିତ୍ୟ ପରିଷଦର ସମ୍ପାଦକ ନିଲାଞ୍ଚଳ ଥନାପତି ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲା ବିଦ୍ୟାଳୟ ସମୂହ ଫୁଟବଲ୍ ଚାମ୍ପିୟନସିପ୍ ଉଦ୍‌ଯାପିତ

# ବାଳିକାରେ ଟିଟିଲାଗଡ଼, ବାଳକରେ ବଲାଙ୍ଗିର ଚାମ୍ପିଅନ




ଦେଓଗାଁ,୧।୧୧(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ହାଇସ୍କୁଲ ଖେଳପଡିଆରେ ୩ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବୀଭାଗରେ ଟିଟିଲାଗଡ଼, ବାଳକ ବୀଭାଗରେ ବଲାଙ୍ଗିର ଚାମ୍ପିୟନ ହୋଇଛି। ଜିଲ୍ଲାର ୧୪ଟି ବ୍ଲକର ୨୦୭ଜଣ ଛାତ୍ର ଭାଗ ନେଇଥିଲେ। ବାଳିକା ବିଭାଗରେ ୧୧୨ଜଣ ଛାତ୍ରୀଙ୍କ ସହ ସର୍ବମୋଟ ୨୨ଟି ଦଳ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ୧୭ବର୍ଷରୁ କମ୍ ବାଳିକା ବିଭାଗରେ ଟିଟିଲାଗଡ ଦଳ ୪-୦ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ପୁଇଁନ୍ତଲା ଦଳ ରନର୍ସ ଅପ୍ ହୋଇଥିଲା। ସେହିଭଳି ୧୭ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗିର ଦଳ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଲୋଇସିଂହା ରନର୍ସ ଅପ୍ ହୋଇଥିଲା। ଏଥିରୁ ଉଭୟ ବିଭାଗରୁ ୧୬ଜଣ ଲେଖାଏଁ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ପାଇଁ ଚୟନ କରାଯାଇଛି।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବୀର ପଣ୍ଡା, ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଫୁଟବଲ ପ୍ରଶିକ୍ଷକ ପରାସର ବାଗ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତ ବାରିକ, ଅବଜରଭର ସୁନୀଳଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ଆଇପିଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବ୍ଲକ ସଂଗଠନ ସମ୍ପାଦକ ଉମେଶଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକ ସଭାପତିତ୍ୱ କରିଥିଲେ। ଭାଲେର ହାଇସ୍କୁଲର ଖେଳଶିକ୍ଷକ ହେମନ୍ତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ବନ୍ଧପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପାଲେଶ୍ୱର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

ସୁଶାନ୍ତ ନାଗ, ଆଶିଷ ସା ପ୍ରମୁଖ ଆବାହକ ଦାୟିତ୍ୱ ନିର୍ବାହ କରିଥିଲେ। ଏନ.ଏସ ନାଇଡୁ, ବୈକୁଣ୍ଠ ଜେନା, ବିନୋଦ ବେହେରା, ନବୀନ ସରାଫ, ଚୈତନ୍ୟ ସାହୁ, ରାଜ କୁମାର ପାଣିଗ୍ରାହୀ, ସୁଦର୍ଶନ ସେଠ, ରାଜେନ୍ଦ୍ର ସେଠ, ଦୋଳଗୋବିନ୍ଦ ମୁଣ୍ଡ, ମୋହନ ପ୍ରଧାନୀ, ଜ୍ୟୋତିରଞ୍ଜନ ମହାନନ୍ଦ, ଉପେନ୍ଦ୍ର ଚନ୍ଦନ, ପ୍ରଫୁଲ୍ଲ ନାଏକ, ଜିତୁ ଦଲାଇ, ପାଣ୍ଡବ ବିଶି ଓ ରଣଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

